# ମୁଖାଗ୍ନି

ବସନ୍ତ ଶତପଥୀ

Digitized by srujanika@gmail.com

# ମୁଖାଗ୍ନି

ବସନ୍ତ ଶତପଥୀ

ଫେସ୍, ରାଉରକେଲା

Digitized by srujanika@gmail.com

# ମୁଖାଗ୍ନି

(ଗଳ୍ପ ସଂକଳନ)

✦ ଲେଖକ : ବସନ୍ତ ଶତପଥୀ

✦ ପ୍ରଥମ ସଂସ୍କରଣ : ଡିସେମ୍ବର, ୨୦୦୦

✦ ପ୍ରକାଶକ : ଫେସ୍, ରାଉରକେଲା

✦ ମୁଦ୍ରଣ : ଆର୍‌ବୀ ପ୍ରିଂଟର୍ସ୍, ବାସନ୍ତୀ ନଗର, ରାଉରକେଲା-୧୨

ମୂଲ୍ୟ : ସତୁରୀ ଟଙ୍କା

**GIFTED BY**
**RAJA RAMMOHUN ROY LIBRARY FOUNDATION**
**D.D.- 34, Sector- I, Salt Lake**
**Kolkata for 2001- 2002**

# Mukhagnee

(Short Story Collection)

✦ Author : **Basanta Satapathy**

✦ First Edition : December 2000

✦ Publisher : FACE, Rourkela

✦ Print : aarbee printers, Basanti Nagar, Rourkela-12

Price : Rupees Seventy

Digitized by srujanika@gmail.com

# ପ୍ରାକ୍‌ଭାଷ

ସାହିତ୍ୟ ମଣିଷପାଇଁ ସବୁଠାରୁ ଏକ ନିରାପଦ ଆଶ୍ରୟସ୍ଥଳ । ମଣିଷ ବାସ୍ତବରେ ଯାହା କରିପାରେ ନାହିଁ, ତାହା ସାହିତ୍ୟ ଭିତରେ ନିର୍ଦ୍ୱନ୍ଦ୍ୱରେ କରିପାରେ । ଜଣେ ହୁଏତ ଅନ୍ୟଜଣକୁ ମାରିବାକୁ ଚାହିଁ ମାରି ନ ପାରେ, ଗାଳି ଦେବାକୁ ଚାହିଁଲେ ବି ଗାଳିଦେଇ ନ ପାରେ, ମାତ୍ର ସାହିତ୍ୟ ଭିତରେ ସେ ତାହା ଖୁବ୍ ସହଜରେ ସମ୍ପନ୍ନ କରିପାରେ । ଜଗତରେ ମଣିଷର ଅଭାବକୁ ଉପଲବ୍ଧି କରି, ବସନ୍ତ ଶତପଥୀ ସାହିତ୍ୟ ଭିତରେ ମଣିଷ ତିଆରି କରିବାର ପ୍ରଚେଷ୍ଟା କରିଥିଲେ ବା ମଣିଷ ଓ ମଣିଷପଣିଆର ସଂଧାନ କରିଥିଲେ ।

ବସନ୍ତ ଶତପଥୀ ଆମ ବାପା । ପୁଅ ଭାବରେ ଆମେ ତାଂକର ଯେତିକି ନିକଟରେ ଥିଲୁ, ପାଠକ ଭାବରେ ସେତିକି ଦୂରରେ । ବାପା ସବୁବେଳେ କହୁଥିଲେ - ''ମୋର ଏଇ ଅଧମ ପୁଅମାନେ ମୁଁ ମଲାପରେ ମୋ ଲେଖାର ମାହାତ୍ମ୍ୟ ବୁଝିବେ । '' ଜଣେ ସାହିତ୍ୟ ସ୍ରଷ୍ଟାର ସବୁଠୁଁ ପ୍ରିୟ ତାର ପାଠକ । କାରଣ ପାଠକ ସ୍ରଷ୍ଟାର ପ୍ରେରଣା ଓ ତା ସୃଷ୍ଟିର କେଂଦ୍ର ବିଂଦୁ । ବାପାଙ୍କ ଗଳ୍ପଲେଖା ସମୟରେ ଆମେ ତାଂକ ଲେଖାର ଗାଂଭୀର୍ଯ୍ୟ ସତରେ ବୁଝି ପାରିନଥିଲୁ ।

କିଛି ସାହିତ୍ୟିକ ବଂଧୁ, ଯେଉଁମାନେ କି ବସନ୍ତ ଶତପଥୀଂକୁ ଉଚିତ ସମ୍ମାନ ଦିଆ ହୋଇନାହିଁ ବୋଲି ସବୁବେଳେ କହି ଆସୁଥିଲେ - ସେଦିନ କହିଲେ, ''ବସନ୍ତ ବାବୁଙ୍କ ବହି ଆଉ ମାର୍କେଟ୍‌ରେ ମିଳୁନି ।'' ସେଇଦିନ ହିଁ ଆମେ ସ୍ଥିର କଲୁ, ତାଂକ ଲେଖାଗୁଡ଼ିକର ପୁନଃପ୍ରକାଶ ଯୋଜନା ଆରମ୍ଭ କରାଯାଉ । ''ମୁଖାଗ୍ନି'' ହେଉଛି ଆମକୁ ଚକିତ କରି ରଖିଥିବା ଏଗାରଟି ଗଳ୍ପର ସଂକଳନ, ଯାହା ବାପାଂକ ସ୍ମୃତିରେ ଉତ୍ସର୍ଗୀକୃତ ।

ଆଶା, ପାଠକ ମହଲରେ ଏଇଟି ଆଦୃତ ହେବ ।।

**ଶାନ୍ତନୁ, ସଞ୍ଜୟ, ସୁମନ୍ୟୁ ଓ ସୁରଜିତ୍**

Digitized by srujanika@gmail.com

# ସୂଚୀପତ୍ର


| କ୍ରମ | | ପୃଷ୍ଠା |
|---|---|---|
| ୧. | ବାପା | ୦୧ |
| ୨. | ମନିଅର୍ଡ଼ର | ୦୯ |
| ୩. | ମାଛ | ୨୩ |
| ୪. | ଗରିବୀ ହଟାଓ | ୩୫ |
| ୫. | ଶାନ୍ତି ପୁରସ୍କାର | ୪୦ |
| ୬. | ଗପ ନୁହେଁ ଗାଂଧୀ ଦର୍ଶନ | ୬୦ |
| ୭. | କ୍ଲାସିକାଲ କମେଡ଼ି | ୬୯ |
| ୮. | ଏଣ୍ଟି ରୋମାଣ୍ଟିକ୍ | ୭୮ |
| ୯. | ଭଡ଼ାଟିଆ | ୯୧ |
| ୧୦. | ଚାରିଚକ୍ଷୁ | ୧୦୫ |
| ୧୧. | ମୁଖାଗ୍ନି | ୧୧୭ |


Digitized by srujanika@gmail.com

# ବାପା

ଖିଅର ହେଉଥିଲି । ପାଖ ଘରେ ବାପା ପଡ଼ିଥାନ୍ତି । ଦିହଯାକ ଘାଆ ଛଉ । (ମୋର ବି ସିମିତି ପୋକଯୋକ ହୋଇ ମରଣ ହେବ ?) ଛଅ ମାସ ହେଲା ଠାଏଁ ପଡ଼ିଛନ୍ତି । ଧରି ଦେଲେ ଉଠନ୍ତି ବସନ୍ତି, ନ ହେଲେ କନ୍ଥା ସାଙ୍ଗରେ ମିଶି ଯାଇଥାନ୍ତି । ମୁମୂର୍ଷୁ । ଆଉ ବେଶୀ କାଳ ନାହିଁ ତାଙ୍କର । ଯେ କୌଣସି ମୂହୂର୍ତ୍ତରେ ତାଙ୍କର ଶେଷ ନିଶ୍ୱାସ ଚାଲିଯିବ ।

ଦୟା ହୁଏ । ଏଇ ଲୋକଟି ଦିନେ ନିଜେ ନ ଖାଇ ତା ପେଟରୁ କାଟି ମୋତେ ଖୁଆଇଥିଲା, ନିଜର ସୁଖ ସ୍ୱାଚ୍ଛନ୍ଦ୍ୟ ଏପରିକି ସ୍ୱାସ୍ଥ୍ୟକୁ ଜଳାଞ୍ଜଳି ଦେଇ ମୋ ଦିହକୁ ମାସ ମାସ, ବର୍ଷ ବର୍ଷ ଜଗି ରହିଥିଲା । ଖରା, ବର୍ଷା, ଶୀତ ମାଇଲ ମାଇଲ ଯାଇ ମୋ ପାଇଁ ଦୁଧ ଆଣୁଥିଲା, କାଖ କାନ୍ଧ କରି ତା'ର ଅଝଟ ଅମାନିଆ ମୂର୍ଖ ପୁଅକୁ ଚାଟଶାଳୀ ସ୍କୁଲକୁ ନେଉଥିଲା, ଗୋରୁ ଗାଈ ବିକି ପୁଅର ବଦଖର୍ଚ୍ଚ ମେଣ୍ଟାଉଥିଲା କଲେଜରେ । ଖୋଜାଖୋଜି କରି ଗୋଟିଏ ଚାଉଳରେ ଗଢ଼ା କନ୍ୟା ବିଭା କରାଇଥିଲା । ଅନ୍ଧର ଲଉଡ଼ି ଦରିଦ୍ରପସରା କରି ମୋତେ ବଞ୍ଚାଇ ରଖିବାକୁ ଦିଅଁ ଦେବତା ଆଗରେ ପୂଜାପଣା କରୁଥିଲା । ଯଦି ଦରକାର ପଡ଼ିଥାନ୍ତା ବାବର ପରି ପୁଅର ରୋଗ ନିଜ ଦେହକୁ ନେଇ ମୃତ୍ୟୁବରଣ କରିଥାନ୍ତା । ଆଜି ବିଚରା ଅସହାୟ ।

ଆଜି ତାଙ୍କ ରୂଢ଼ଗୁଡ଼ାକ (ଦାଢ଼ି ନ କହି ସେ ରୂଢ଼ କହନ୍ତି) କାଟି ଦେଉଥିଲି । ସେ ପଙ୍ଗୁ, ନିଜେ ଖିଅର ହୋଇପାରନ୍ତି ନାହିଁ । ସାତ ଆଠ ଦିନରେ ଥରେ ମୁଁ ମୋ ସେଫ୍‌ଟି ରେଜରରେ କାଟିଦିଏଁ, ଯେଉଁଦିନ ସେ ଗାଲରେ ହାତମାରି କହନ୍ତି "ବାପାରେ, ବେଳ ହବ ? ରୂଢ଼ ଗୁଡ଼ାକ ସଫା କରିଦେବୁ ?"

ତାଙ୍କୁ ଖିଅର କରି ସାରିବା ପରେ ମନ ହେଲା, ସରଞ୍ଜାମ ସବୁ ତ ପାଖରେ ; ମୁଁ ବି ଏଇ ପାଖ ଘରେ ବସି କାମଟା ସାରିଦିଏଁ । ତିନିଟଙ୍କା ପଚିଶ ପଇସିଆ (ଏବେ ଦାମ୍ ବହୁତ ବଢ଼ିଯାଇଛି) ଗୋଲ ସାଇଜର ଛୋଟ ଆଇନାଟା ମୋର ଭାରି ପ୍ରିୟ । ପ୍ରାୟ ଅଧଇଞ୍ଚ ବହଳ ବେଲଜିୟମ୍ କାଚଟା, ଏତେଦିନ ହେଲା କାହିଁ ଟିକିଏ ଗାର ବା ଦାଗ ପଡ଼ିନାହିଁ । ଚେହେରାଟା ଠିକ୍ ଠିକ୍ ଦେଖାଏ । ଆଜିକାଲିକା ନକଲି ଆଇନା ପରି ବିକୃତ'ବା ରାକ୍ଷସ ମୁହଁ ଦେଖାଏ ନାହିଁ ।



Digitized by srujanika@gmail.com

ଆଇନାଟା ଆଗରେ ଥୋଇ ଦେଇ ଗାଲ ଦୁଇଟା ଆଉଁସି ପାଣିରେ ବ୍ରାଶଟା ବୁଡ଼ାଉଛି, ଚେହେରାଟା ଦେଖିଦେଲି । ଏ କ'ଣ ? ଆଜି କିମିତି ଭିନେ ଦିଶୁଛି । ଏମିତି ତ କେବେ ଦିଶୁ ନଥିଲା । ଆରେ ! ବାପାଙ୍କ ମୁହଁଟା ଏଇ ମାତ୍ର ଦେଖିଛି ବୋଲି କ'ଣ ତାଙ୍କରି ସେଇ ଛବିଟା ମୋ ଆଖିରେ ଲାଖିଯାଇଛି, ଆଉ ତାରି ଭିତର ଦେଇ ଦେଖିବାରୁ ମୋ ମୁହଁଟା ବି ବାପାଙ୍କ ମୁହଁ ପରି ଦିଶୁଛି ।

ଅଥଚ ମୁଁ ସବୁଦିନ ଭାବି ଆସିଛି ମୋ ମୁହଁ ମାଆଙ୍କ ମୁହଁ ପରି ଏବଂ ଧନ୍ୟ ମାତୃମୁଖଃ ସୁତଃ (ମା'ର ମୁହଁପରି ଯାହାର ମୁହଁ ସେ ପୁଅ ଧନ୍ୟ) ଶ୍ଳୋକରେ ବିଶ୍ୱାସ କରି ମୋର ଯାହା ଯାହା ଜୀବନରେ ସାଫଲ୍ୟ ସେଥିପାଇଁ ମାଆଙ୍କୁ କୃତଜ୍ଞତା ଜଣାଇଛି । ମୋର ମନେ ଅଛି ମୋର ପିଲାଦିନେ ବାପା ମାଆ ଯୁକ୍ତିତର୍କ କରୁଥାନ୍ତି ମୁଁ କାହା ପରି ହେଲି । ବାପା ମାଆଙ୍କୁ କହୁଥାନ୍ତି, ''ଆମର ଶରତ ଅବିକଳ ତୁମ ପରି ହେଲା,'' ମାଆ ଅସ୍ୱୀକାର କରି କହନ୍ତି, ''ନା, ନା, ସେ ତ ଗୋଟିକ ଯାକ ତୁମ ପରି ତାଳୁରୁ ତଳିପା ପର୍ଯ୍ୟନ୍ତେ ।''

ଯେବେ ହେତୁ ହେଲା ଓ ସବୁ କଥା ବୁଝିପାରିଲି ସେତେବେଳେ ଜାଣିଲି କାହିଁକି ସେଦିନ ବାପା ମାଆ ପରସ୍ପରକୁ ଏତେ ଟେକାଟେକି କରୁଥିଲେ ଓ ମୋରି ଚେହେରାରେ ନିଜ ନିଜ ରୂପ ଦେଖୁଥିଲେ । ମାଆ ବଞ୍ଚିଥିଲାବେଳେ ମୋ ଗୋଲଗାଲ ମୁହଁଟା ଅନେକାଂଶରେ ତା ମୁହଁପରି ଦିଶୁଥିଲା, ଅନ୍ତତଃ ଚୂଳଗୁଡ଼ାକ । ସେ ମରିବା ପରେ ପରେ ସାମଞ୍ଜସ୍ୟ ସବୁ ଉଭେଇଗଲା, ଗୁଣ ସବୁକୁ ବି ବୋଧହୁଏ ଓ୍ୱାପସ ନେଇଗଲା । ଠକରା ଗାଲରୁ ମୋର ପ୍ରକୃତ ସ୍ୱରୂପ ଦିଶିଲା ।

ମୁହଁଯାକ ପାମୋଲିଭ୍ ସେଭିଂ କ୍ରିମ୍ ଲଗାଇ ଦେଇ ଗୁଡ଼ାଏ ଫେଣ ବାହାର କରି ମୁହଁଟାକୁ ବଡ଼ କରିଦେଲି । ଗାଲ ଦୁଇଟା ଫୁଲା ଫୁଲା ଦିଶିଲା । ନାକ ଆଗରେ ବି ତୂଳା ଟିକିଏ ଲାଗିଲା ପରି ଫେଣ ଖଣ୍ଡିଏ ଲାଗି ରହିଲା । (ସରକସ ଜୋକର ଚେହେରା) ମୁହୂର୍ତ୍ତେ ପାଇଁ ବାପାଙ୍କ ଅସହାୟ ଅବସ୍ଥା ଓ ଆସନ୍ନ ସଙ୍କଟ ମନେ ପକାଇଛି । ସେଭିଂକ୍ରିମ୍‌ର ଛିଟିକା ହେଉ ବା ଆଖି ଚୂଳଟାଏ ହେଉ ମୋ ଆଖିରେ ବୁନ୍ଦାଏ ପାଣି ଆଣିଦେଲା ।

ବ୍ଲେଡ୍‌ଟାଏ ଫ୍ରେମ୍‌ରେ ଲଗାଇବାକୁ ଯାଉଛି, ଦାଣଘର ବୈଠକ ଖାନାରେ ଚପଲ ଘୋଷାରି ଘୋଷାରି କେତେ ଜଣ ଯୁବକ ହୋ ହୋ ହୋଇ ପଶି ଆସିଲେ । ବାପା କାଳେ ବିରକ୍ତ ହେବେ ବା ତାଙ୍କ ବିଶ୍ରାମ ବ୍ୟାହତ ହେବ ଏଇ ଭୟରେ ଯିମିତି ଅବସ୍ଥାରେ ଥିଲି ସିମିତି ଉଠିଗଲି । ଦେଖିଲି କଳିଆ, ଚୂଳିଆ, ନିଶୁଆ ଓ ଘଣ୍ଟିତଳିଆ ବା ବେଲ୍‌ବଟମିଆ



Digitized by srujanika@gmail.com

ଚାରିଜଣ ପଶି ଆସୁଛନ୍ତି । ରାଜା ପୁଅ, ମନ୍ତ୍ରୀ ପୁଅ, ସାଧବ ପୁଅ ଓ କଟୁଆଳ ପୁଅ ଅଥବା ମୋ ପୁଅ, ତମ ପୁଅ, ତାଙ୍କ ପୁଅ ଏବଂ ଆଉ କାହା ପୁଅ । ମୁହୂର୍ତ୍ତକେ ଜାଣିଗଲି ଏମାନେ ବି ବେଁ ବେଁ ଲମ୍ବ ଖଣ୍ଡାଧରି ବାହାରିଛନ୍ତି କେଉଁ ଅଗନାଅଗନି ବନସ୍ତରେ କେଉଁ ରାକ୍ଷସ ବା ଅସୁରକୁ ସଫା କରିବେ, ଯାହା ବ୍ଲେଡ୍ ଧରି ମୁଁ କରିବାକୁ ଯାଉଛି । ଘର ଭିତରର ନୀରବ ଶୋକାବହ ବାତାବରଣ ଚାହୁଁ ଚାହୁଁ କୋଳାହଳମୟ ଓ ଅଟ୍ଟହାସ୍ୟମୁଖର ହୋଇଗଲା ।

ବାଁ ଗାଲରୁ ଖିଅର କାମ ଆରମ୍ଭ କଲି । ଶୁଣୁଥାଏ, ଡାହାଣ କାନରେ ପାଖ ଘରୁ ବାପାଙ୍କ ଖୁଁ ଖୁଁ ଘଡ଼ର ଘଡ଼ର ଶବ୍ଦ ବାଁ କାନରେ ଝର ଝର ଦିଆସିଲି କାଠିର ଶବ୍ଦ ସାଙ୍ଗକୁ 'ଚ୍ୟା' 'ଚ୍ୟା' ଚିତ୍କାର ।

ଜଣେ ଆରମ୍ଭ କଲା "Oh these fathers" (ଓଃ ଏହି ବାପାଗୁଡ଼ାକ !) ଆଉ ଜଣେ କହିଲା "what an escape !" (ମଣିଷ ରକ୍ଷା ପାଇଲା ।) ବୁଢ଼ା ଘରକୁ ପଶିଲା ତ ଶ୍ମଶାନ । ଗୋଟାଏ ରାକ୍ଷସ । କିଏ ଯେ କୁଆଡ଼େ ପଳାନ୍ତି ।

ମୁଁ ଫାଳେ ଗାଲରୁ ମୋଞ୍ଚାଏ ବୃକ୍ଷ (ବାପାଙ୍କ ଶବ୍ଦ) କାଟିଛି ଦେଖିଲି ଗାଲଟା ଅବିକଳ ବାପାଙ୍କ ଗାଲ । ତାଙ୍କର ଯେଉଁଠି ଯେତୁଟା ଦାଢ଼ି ମୋର ସେଇଠି ସେତୁଟା; ତାଙ୍କ ଗାଲ ଯେଉଁଠି ପଶିଛି ମୋର ବି ସେଇଠି ଗାତ । ବାପାଙ୍କ କପାଳରେ ପାଞ୍ଚଟା ଗାର, ମୋର ବି ଏକ ଦୁଇ, ତିନି, ଚାରି, ପାଞ୍ଚ । ତାଙ୍କର ପ୍ରଥମେ ଯେଉଁ ଦାନ୍ତଟି ପଡ଼ିଥିଲା ମୋର ସେଇଟି ହଲିଲାଣି । ଖାଲି ସେତିକି ? ଠୋଲା କାନ, ଗୋଜିଆ ନାକ, ବୁଦାଳିଆ ଭୁରୁ, ହାଡୁଆ ହନୁଗାଲ, ଟେରା ଆଖି, ବହଳ ଓଠ - ଆରେ ! ଗୋଟାକୁ ଗୋଟା ବାପାଙ୍କ ସେହିସବୁ ଅଙ୍ଗପ୍ରତ୍ୟଙ୍ଗ ସହିତ ମିଳି ଯାଉଛି । ସର୍ବତୋଭାବେ ସମାନ । ଆରସିକୁ ନ ଚାହିଁ ଦିହ ଆଡ଼କୁ ଚାଲିଗଲି । ମୁହଁ ତଳକୁ ଛାତିର ବୃକଗୁଡ଼ାକର ବଣ୍ଟନ ପ୍ରଣାଳୀ ତାଙ୍କରି ଛାତିର ପରି । ପାଦ, ନଖ, ଶିରାପ୍ରଶିରା, ଏପରିକି ଦିହର ଚମଡ଼ା ଓ ତା'ର ରଙ୍ଗ ଠିକ୍ ତାଙ୍କରି ପରି । ଭୁଲ ଆଇନା ଆଣି ନାହିଁ ତ ? ଆଖିରେ ପରଳ ପଡ଼ିଗଲା ?

ଏଣେ ବାପାଙ୍କ ଉଁ ଉଁ ଶବ୍ଦ । ତେଣେ ଗର୍ଜନ 'ବେ ଶଳା ! ୟାଡ଼କୁ ଗୋଟେ ବଢ଼ା । ଶଳା ପୂରା ଗୋଟେ ପାକିଟ୍ ରଖିଛି । କିବେ ! ତୋ ବାପା ପରି ଏବେଠୁ ହେଲୁଣି, ଢେର ରଖିବୁ ବେ ଜୀବନରେ ।" "ଆଉ ପଇସା ରଖି କି ଲାଭ ! ମୁଣ୍ଡ ବାପାଙ୍କ ପରି ଏବେଠୁଁ ଚନ୍ଦା ।" "ମୋର ବି ବାପାଙ୍କ ପରି ଠିଆ ଠିଆ ବୃକ ।" "ବେ ମୋର ଜମା କଲି ନାହିଁ, ବାପାଙ୍କ ପରି ।" "ମୋର ଛାତିରେ ଜମା ବାଳ ନାହିଁ ବାପାଙ୍କ ପରି ।" ଶେଷରେ ମୋ



Digitized by srujanika@gmail.com

ପୁଅର ଗଳା ଶୁଭିଲା । ସେ କହିଲା, "the sins of the fathers will descend upon the children" ବାପାଙ୍କ ସବୁ ପାପ ପୁଅ ମୁଣ୍ଡକୁ ଆସିବ ।"

ପୁଣି ଆରମ୍ଭ କଲି ଯେଉଁଠୁ ଛାଡ଼ିଥିଲି । ଅନ୍ୟ ଗାଲକୁ ଚାଞ୍ଛି ସଫା କରିଦେଲାରୁ ବାପାଙ୍କ ସହିତ ସାମଞ୍ଜସ୍ୟ ଆହୁରି ସ୍ପଷ୍ଟତର ହେଲା । ଉଠି ପାଖ ଘରେ ବାପାଙ୍କ ମୁହଁକୁ ନିକିଟି ଦେଖି ମିଳାଇବାକୁ ଯାଉଛି, ବାପା ଚାହିଁ ଦେଇ ଖୁବ୍ ଅସ୍ପଷ୍ଟ ଗଳାରେ ଧୀରେ ଧୀରେ କହିଲେ, "କିରେ ! ମୋତେ ଡରାଉଛୁ ? ତୋ ମୁହଁଟାକୁ ଇମିତି କରିଛୁ କାହିଁକି, ରୁଢ଼ଗୁଡ଼ାକ କାଟି ଦେ ତୋର ବି ବଢ଼ି ଯାଇଥିଲା । ତୋ ମୁହଁ ଦେଖି ଡରି ଯାଇଥିଲି ।" ସେ ବି ମୋ ମୁହଁରେ ତାଙ୍କ ମୁହଁ ଏତେ ଦିନେ ଦେଖି ପାରି ଚମକିଗଲେ ବୋଧହୁଏ । ଆଉ ମାଆ ମୁହଁ ବୋଲି ଭ୍ରମ କରୁ ନ ଥିଲେ ।

ଫେରି ଆସି ପୁଣି କାମ ଧଇଲି, ଆପେ ଆପେ ଚିନ୍ତାର ଖିଅ ବି ଧରି ହୋଇଗଲା । ବାପାଙ୍କ ଚେହେରା ସହିତ ସୌସାଦୃଶ୍ୟ ଆଉ ବାହାର ନ କରି ତାଙ୍କର ବଦ୍ ଅଭ୍ୟାସ ଓ ଦୁର୍ଗୁଣ ସବୁ କିମିତି ମୋତେ କ୍ରମେ କ୍ରମେ ଆଶ୍ରା କରୁଛି ଭାବିଲି । ସେ ଯିମିତି ଉଚ୍ଚପାହିଆ ଲୋକ ଆଗରେ ହାତଯୋଡ଼ି କାକୁସ୍ଥ ହେଉଥିଲେ ମୁଁ ବି ସିମିତି ହେଉଛି । ତାଙ୍କରି ପୁରୁଣା ଗୀତ ସବୁ ମୋତେ ବି ଭଲ ଲାଗୁଛି । ସେ ଭିଖାରିଙ୍କି ଭିକ୍ଷ ନ ଦେଇ ଦୁଆର ମୁହଁରୁ ତଡୁଥିଲେ, ମୋର ବି ସିମିତି କରିବାକୁ ଇଚ୍ଛା ହେଉଛି । ସେ ଯିମିତି ନ ଖାଇ ନ ପିଇ ସଞ୍ଚୁଥିଲେ ମୁଁ ବି ସେଇୟା କରି ପାସ୍ ବହି ସକାଳ ସନ୍ଧ୍ୟା ଦେଖୁଛି । ମୋର ସତ୍‌ସାହାସ, ଅନୁକମ୍ପା, ସେବା ଆଦି ଗୁଣ ଗଲା କୁଆଡ଼େ ? ମଣିଷର ରକ୍ତ ମଣିଷ ଦେହକୁ ଏମିତି ଗଡ଼ି ଆସେ ! ମୋର ଏମିତି ଚାରିତ୍ରିକ, ବ୍ୟାବହାରିକ ପରିବର୍ତ୍ତନ, ବିବର୍ତ୍ତନ ହେଲା କିମିତି ? ବାପା ମୋତେ ଏଆଡ଼କୁ ନେଉଛନ୍ତି ।

ଓଠତଳ ଦାଢ଼ିଗୁଡ଼ାକ ଓଲଟାପଟ୍ଟ କାଟୁ କାଟୁ ଦେଖିଲି ବେକର ଶିରା ଓ ଭାଙ୍ଗ ଅବିକଳ ବାପାଙ୍କ ଶିରା ଓ ଭାଙ୍ଗ ପରି । ଶାରୀରିକ ସାମଞ୍ଜସ୍ୟଜନିତ ଆତ୍ମଗ୍ଲାନିକୁ ବଳି ପଡ଼ିଥାଏ ମୋର ମାନସିକ ଅଧଃପତନଜନିତ ଦୁଃଖ ଓ କ୍ରୋଧ ।

ବାପାଙ୍କ କାଶ ତଣ୍ଟିରେ ଅଟକିଲା ବୋଧହୁଏ ; ସେ ଜୋରରେ ଖୁଁ ଖୁଁ ହେଉଁ ହେଉଁ ଘଡ଼ ଘଡ଼ ହେଲେ । ଦାଣ୍ଡଘରୁ ସିଗାରେଟ୍ ଧୂଆଁ ଓ ଜରଦାର କଡ଼ା ମହକ ଘରଯାକ ପୂରି ଯାଇଥାଏ ଓ ନିଶ୍ୱାସ ମାରିବା ମୋ ପକ୍ଷରେ ବି କଷ୍ଟ ହେଉଥାଏ । ପୁଅମାନଙ୍କ ଆଲୋଚନା ସମାଲୋଚନା ପୂରା ଦମ୍‌ରେ ଚାଲିଥାଏ ।



Digitized by srujanika@gmail.com

''ବୁଢ଼ାର ପ୍ରକୃତି ଛାଡ଼ିଲାଣି, ଥରିଟାଏ ଧରାଇ ଦେଇ କହିଲା, 'ଯା କଣ୍ଟ୍ରୋଲ ଥାଣିବୁ' । ମୋତେ ଗଧ ଭାବିଛି, ଦଶ କେଜି ଗହମ ବୋହି ବାଣ୍ଡରେ ପେରେଡ୍ କରିବି ।'' ''ଆମ ବୁଢ଼ାର ବି ମଥା ଖରାପ, ଗୋଡ଼ରେ ଗୋଡ଼ ଥୋଇ ଉପେନ୍ଦ୍ର ଭଞ୍ଜ, ବନମାଳୀ, ଗୋପାଳକୃଷ୍ଣ ଶୁଣୁଛି, କଟକ ଷ୍ଟେସନରୁ କେତେବେଳେ ରେଡ଼ିଓ ଶିଲୋନ୍ ଧରି ପାରେନି ।'' ''ଆମ ବୁଢ଼ା ବି ପାଗଳ; ଗୋଟେ ଜଗନ୍ନାଥ ଫଟୋ ରଖି ଧୂପଦୀପ ଦେଇ ସକାଳ ସନ୍ଧ୍ୟା ମାତିଛି ; କି ବିରକ୍ତିକର !'' ''ଆମ ବୁଢ଼ାର ଧର୍ମ ଛାଡ଼ିଲାଣି, ଶୋଲେ ପରି ଛବି ଦେଖିବାକୁ ତିନିଟା ଟଙ୍କା ଦେଲାନି ।''

ଖିଅର କାମ ମୁଁ ଦଣ୍ଡେ ବନ୍ଦ କଲି । ଏମାନେ ସମସ୍ତେ ମୋ ପୁଅ ବୋଲି ଦଣ୍ଡେ ଭ୍ରମ ହେଲା । କାନ ଡେରି ଦଣ୍ଡେ ପରେ ଜାଣିଲି ସେମାନେ ଅଲଗା ଅଲଗା ହେଲେ ବି ସ୍ୱର ପ୍ରାୟ ଏକା । ଯେଉଁ ବାପାମାନଙ୍କ କଥା ସେମାନେ କହୁଛନ୍ତି ସେମାନେ ସମସ୍ତେ ମୋରି ପରି । ମୋ ବାପା ପରି ମଧ୍ୟ ।

କାରଣ ମୋ ବାପା ତ ଜଗନ୍ନାଥ ଫଟୋ ପୂଜା କରୁଥିଲେ । ତାଙ୍କରି ପରି ଜନ୍ମଯାକ ସଂଶୟ, ନୈରାଶ୍ୟବାଦ, ନିରୀଶ୍ୱରବାଦତା ଭିତରଦେଇ ଏବେ ମୁଁ ବି ସେଇ ଜଗନ୍ନାଥଙ୍କୁ ଧଇଲିଣି । ବାପାଙ୍କ ଅନ୍ଧବିଶ୍ୱାସ, ଧର୍ମଧାରଣା କ୍ରମେ ମୋତେ ବି ଗ୍ରାସ କରୁଛି । ତେବେ କ'ଣ ତାଙ୍କ ଦିହ, ମନ, ଆତ୍ମା ସବୁ ମୋତେ ଯାବଜ୍ଜୀବନ ଜାବୁଡ଼ି ଧରିଥିବ ? ମୋର ସ୍ୱାଧୀନତା ବୋଲି କିଛି ନାହିଁ ? ମୋର ସ୍ୱତନ୍ତ୍ର ଅସ୍ତିତ୍ୱ, ବ୍ୟକ୍ତିତ୍ୱ ବୋଲି କିଛି ନାହିଁ । ସେଇ ବାପା, ବାପା, ବାପା । ଏ ବୁଢ଼ାର ରକ୍ତ ... ମନେ ମନେ ଉତ୍ତ୍ୟକ୍ତ ହେଲି । ଗାଲର ଗୋଟିଏ ଦୁଇଟା ବ୍ରଣ ମୋର ଅନ୍ୟମନସ୍କ ଅବସ୍ଥାରେ କଟିଗଲା ।

''ଯାହା କହ ଭାଇ ସବୁ ମେଣ୍ଡେଲଙ୍କ ଆଇନ୍ । ଜୀବନଯାକ ଆମକୁ ଏଇ ବାପା ନାମକ ଜାନୁଆର ବିରୁଦ୍ଧରେ ସଂଗ୍ରାମ କରିବାକୁ ପଡ଼ିବ ।'' ''ନାଇମ ! ହେରିଡ଼ିଟି କହ, ପରମ୍ପରା କହ - ସେଇ ହେଲା ରାକ୍ଷସ । ସେଇ ଆମକୁ ଖାଇବ । ବାପା ତ ତା'ର ପ୍ରତୀକ । ସବୁ ମାରି ହବ । ତାକୁ ମାରି ହବନି । ବାପା ଥରେ ରକ୍ତରେ ପଶିଗଲେ ସେ ଅଚ୍ଛେଦ୍ୟ, ଅଦାହ୍ୟ, ଅକ୍ଳେଦ୍ୟ, ଅଶୋଷ୍ୟ । ଆମେ ମଲୁ ଜାଣି ଥା ।''

ଆଉ କେବଳ ଗାଲୁଆ ସ୍ଥାନଗୁଡ଼ାକରେ ଖୁଣ୍ଟି ମାରିବାର ଥାଏ । ବାପାଙ୍କ ସେଇ ସେଇ ଜାଗା ସଫା କରିବା ବେଳେ ସେ ଜିଭରେ ପେଲି ସେ ସ୍ଥାନଗୁଡ଼ାକ ସମାନ କରନ୍ତି, ଭଲ ପାଲିସ୍ ହୁଏନି । ମୋତେ ବି ସେଇ ସେଇ ସ୍ଥାନଗୁଡ଼ାକୁ ଜିଭରେ ପେଲି ପେଲି ଖୁର ଚଳାଇବାକୁ ପଡୁଥାଏ ।



Digitized by srujanika@gmail.com

ଭାବୁଥାଏଁ ଯୁଗେ ଯୁଗେ ଏଇ ପୁଅମାନେ ବାପାଙ୍କ ବିରୁଦ୍ଧରେ ଲଢ଼ିଛନ୍ତି । ରାମଚନ୍ଦ୍ର ସହିତ ଲବକୁଶ, ଅର୍ଜ୍ଜୁନ ବବ୍ରୁବାହନ, ସୋରାବ ରୁସ୍ତାମ, ଏପରିକି ବିଶୁ ଧରମା ସମସ୍ତେ ବାପାମାନଙ୍କ ସଙ୍ଗରେ ଟକ୍କର ଦେଇଛନ୍ତି ଏବଂ ସବୁ କ୍ଷେତ୍ରରେ ବାପାଙ୍କୁ ପରାସ୍ତ କରିଛନ୍ତି । ଏ ଯୁଗରେ ଆମ ପୁଅମାନେ କ'ଣ କହୁଛନ୍ତି ଶୁଣନ୍ତୁ ନା ।

''ମୋର ବେଳେ ବେଳେ ଇଚ୍ଛା ହୁଏ ଏ ବୁଢ଼ାଙ୍କୁ ସଫାକରି ଦିଅନ୍ତି । ଏମାନେ ପ୍ରଗତି ସଭ୍ୟତା ସବୁର ଅନ୍ତରାୟ । ଯାଙ୍କ ରାଜତ୍ୱ ନ ସରିଲେ ଆମର ଗତିମୁକ୍ତି ନାହିଁ ।'' ''ଥରେ ଏମିତି ଅବସ୍ଥା ହେଲା ବୁଢ଼ା ସାଙ୍ଗରେ ପ୍ରାୟ ହାତାହାତି ହୋଇ ଯାଇଥିଲି ।'' ଏମାନଙ୍କୁ ଯୀଶୁଙ୍କ ଭଳି କ୍ରୁଶରେ ଚଢ଼ାଇ କଣ୍ଟାରେ ବଦ୍ଧ କରିଦେବା ଦରକାର । ବରଂ ବାଷ୍ଟାର୍ଡ଼ ହେବା ଭଲ, ତେବେ ଏମିତି ବାପକୁ ନେଇ ଗର୍ବ କରିବାର କିଛି ନାହିଁ ।''

ମୋର ଖିଅର କାମ ସରିଗଲା । ମୁହଁଟାକୁ ଦେଖି ଦେଇଛି, ମୁଁ ଭୀଷଣ କ୍ରୁଦ୍ଧ ଓ ଅତିଷ୍ଠ ହୋଇ ଉଠିଲି । ମୋ ମୁହଁରେ ଆଉ ବାପାଙ୍କ ମୁହଁ ବି ଦିଶୁ ନ ଥିଲା । ଦିଶୁଥିଲା ଆଦିମ ମାନବର ମୁହଁ ପଶୁର ମୁହଁ, ଲମ୍ୱା ଆଲୁକାୟିତ ଚୂଳ, ବଡ଼ ବଡ଼ ଦାନ୍ତ, ଠିକ୍ ଜାନୁଆର । ମୁଁ ଭୀଷଣ ହୋଇ ଉଠିଲି । କ୍ରୋଧ ପ୍ରଜ୍ଜ୍ୱଳିତ ହେଲା । ଥରକୁ ଥର ଦିଶିଲା ସେଇ ଆଦିମ ପିତାର ମୁହଁ, କେତେବେଳେ ହନୁ ପରି, କେତେବେଳେ ପାତି ପରି, କେତେବଳେ କଳା, କେତେବେଳେ ଲାଲ । ପିତା ଧର୍ମ, ପିତା ସ୍ୱର୍ଗ, ପିତା ଦେବତା । ପାଗଳ ପରି ଜୋରରେ ଖତେଇ ହୋଇ ଚିତ୍କାର କଲି । ଆଇନାରେ ଥିବା ବାପା ଦାନ୍ତ କଡ଼ମଡ଼ କରି ଆହ୍ୱାନ ଦେଲେ ''କ'ଣ ମାରିବୁ ? ମାର୍ ! କେତେ ପରାକ୍ରମ ଦେଖେଁ !''

ମୁଁ ଆଉ ଅଟକି ରହି ପାରିଲି ନାହିଁ । ପୂରା ଜୋରରେ ଖୁର ସହିତ ହାତକୁ ମୁଠାକରି ଏକ ବଜ୍ରମୁଷ୍ଟି ତାଙ୍କ ପ୍ରତି ପ୍ରୟୋଗ କଲି ଠିକ୍ ବାଷ୍ଟାର୍ଡ଼ମାନଙ୍କ ପରି ।

ଆରସିଟାର କାଚ ଟୁକୁରା ଟୁକୁରା ହୋଇ ଚଟାଣଯାକ ଭିଣି ହୋଇଗଲା । ବାପାଙ୍କ ଚେହେରା ଓ ମୋ ଚେହେରା ଓ ସେଇଠି ତଳେ ଭିନ୍ନ ଭିନ୍ନ ହୋଇ କ୍ଷଣକେ ଅଦୃଶ୍ୟ ହୋଇଗଲା । ଆରସିର ଝଣଝାଣ ଶବ୍ଦ ସହିତ ତାଳ ରଖି ଉଭଳ ହାସ୍ୟମିଶ୍ରିତ ସମବେତ ଚିତ୍କାର ଦାଣ୍ଡଘରୁ ଶୁଭୁଥିଲା 'ପିତାଜୀ ମୁର୍ଦାବାଦ' ।

ପାଖ ଘର ଶୂନଶାନ୍ । ଖୁଁ ଖୁଁ ନାହିଁ, ଘଡ଼ ଘଡ଼ ନାହିଁ । ଅହେତୁକୀ ଭୟରେ ଦୋଷୀଟି ପରି ଉଠିଯାଇ ଦେଖିଲି ବାପା କରୁଣ ଆଖିରେ ଚାହିଁ ରହିଛନ୍ତି । ନିର୍ବାକ୍ ନିସ୍ପନ୍ଦ, ନିଶ୍ୱାସ ନାହିଁ ଜୀବନ ନାହିଁ । ଚାହିଛନ୍ତି ମୋ ଆଡ଼କୁ, ଯିମିତି କହୁଛନ୍ତି ''ମାରି ଦେଲୁ !''



Digitized by srujanika@gmail.com

ହଁ ମାରିଦେଲି । ନ ହେଲେ ମୋର ଗତିମୁକ୍ତି ନାହିଁ ପରା ।

କିନ୍ତୁ ସର୍ବାଙ୍ଗ ଦୁର୍ବଳତା ଘାରିଗଲା କାହିଁକି ? ଏତେ ନିଃସ୍ୱ ଅସହାୟ ବୋଧ ହେଲା କାହିଁକି ?

ଦଣ୍ଡେ ଯାଏ ମୁଁ କାଠ ହୋଇଗଲି । ତଣ୍ଟି ରୁନ୍ଧି ହୋଇଗଲା କୋହରେ । ତାପରେ ଥଗନାଥଗନି ବନସ୍ତରେ ଛେଉଣ୍ଡ ଛୁଆଟି ପରି ଭେଁ ଭେଁ କାନ୍ଦିଲି ।

ପାଖଘରୁ ଚାରିସଙ୍ଗାତ ଧାଇଁ ଆସିଲେ, କଣ ହେଲା କଣ ହେଲା ଚିତ୍କାର କରି ସେମାନଙ୍କୁ ଦେଖି ମୁଁ ଆହୁରି ଜୋର୍‌ରେ କାନ୍ଦିଲି । ସେମାନେ ବାରମ୍ବାର ସମସ୍ୱରରେ ପଚାରିଲେ, 'କ'ଣ ହେଲା ? ଗୋଟାଏ କ'ଣ ଶବ୍ଦ ଶୁଭିଲା, ହେଲା କ'ଣ ?'

''ମୁଁ ବାପାଙ୍କୁ ମାରି ଦେଇଛି ।'' କାନ୍ଦ ବନ୍ଦ କରି ରୋକଠୋକ କହିଲି ।

''ହାତରେ ରକ୍ତ ?''

''ବାପାଙ୍କ ରକ୍ତ ।'' ମୁଁ କହିଲି ଛାଏଁ ଛାଏଁ ଯଦିଓ ମୁଁ ମୋ ହାତର ରକ୍ତ ସେଯାକେ ଦେଖି ନ ଥିଲି କି କଷ୍ଟ ଅନୁଭବ କରୁ ନଥିଲି ।

ସେମାନେ ନିଷ୍ଠୁର କର୍କଶ ଗଳାରେ ପ୍ରଶ୍ନକଲେ ''ମାରି ତ ଦେଲେ, ତେବେ କାନ୍ଦୁଛନ୍ତି କାହିଁକି ?''

ଫେର୍ କାନ୍ଦିଲି । କହିଲି, ''ବାପା ବୁଢ଼ା ହେଉନ୍ତୁ, ଅଥର୍ବ ହେଉନ୍ତୁ, ମୋତେ ଚଢ଼େଇ ପରି ଶ୍ୟେନ ଶାଗୁଣା ହାବୁଡ଼ରୁ ବଞ୍ଚାଇ ରଖିଥିଲେ । ବର୍ତ୍ତମାନ ସେ ତାଙ୍କୁଣି ନାହିଁ, ମୋତେ କୁଆଟାଏ ବି ଖୁମ୍ପି ମାରିଦେବ । ମୁଁ ଆଉ ବାପା ଥିଲା ପୁଅ ନୁହେଁ ।

''ବାପା କ'ଣ ସବୁ ଦିନ ଆପଣ ମଲାଯାକେ ବଞ୍ଚିଥାନ୍ତେ ?''

କାନ୍ଦୁ କାନ୍ଦୁ କହିଲି, ''ସେ କଥା ମୁଁ ବୁଝିଛି । ବାପା ବଞ୍ଚିବା ମରିବା ସମାନ ଥିଲା । ତଥାପି ଆମେ ତ ଗୋଟାଏ ଶାଳଗ୍ରାମ ରଖି ସବୁ ନୈବେଦ୍ୟ କରିଦେଉଁ, ଯାହା ଭଲ ମନ୍ଦ ଦୋଷତ୍ରୁଟି ତା ଉପରେ ଛାଡ଼ି ଦେଉଁ । ଏବେ ବାପା ଚାଲିଗଲେ ଅପରାଧ ସବୁ କାହା ମୁଣ୍ଡରେ ବୋଳିବି ? ବାପା କିଛି କହୁ ନ ଥିଲେ ବି ମୁଁ ପଚାରି ଦେଉଥିଲି ''ବାପା ! ତା'ହେଲେ ଏମିତି କରିବା ?'' ''ଏମିତି କଲେ ଭଲ ହେବ ?''



Digitized by srujanika@gmail.com

ସେମାନେ ଆଉ କିଛି  ନ କହି ମୋ ହାତର କ୍ଷତକୁ ପୋଛାପୋଛି ବନ୍ଧା ବନ୍ଧି କରିବାରେ ବ୍ୟସ୍ତ ରହିଲେ ।

ମୁଁ ମୋ କ୍ଷତର ଗୁରୁତ୍ୱ ଯେତିକି ଉପଲବ୍ଧ କରୁଥାଏଁ, ସିମିତି ପାଟିକରି ନିଜକୁ କହିଚାଲିଥାଏଁ, ''ମୁଁ ପିତୃହନ୍ତା, ମୋର ରକ୍ଷା ନାହିଁ, ମୋର ପୁଅ ନାତିଙ୍କର ମଧ ମଙ୍ଗଳ ନାହିଁ, ମୋର ସାମ୍ରାଜ୍ୟର ପତନର ଏଇ ଆରମ୍ଭ । ପୁଅକୁ ଜୀବନ ଦେଇ ବାବର ଯେଉଁ ମୋଗଲ ସାମ୍ରାଜ୍ୟ ଗଢ଼ିଥିଲେ ଆଉରଙ୍ଗଜେବ ବାପାଙ୍କୁ ବନ୍ଦୀକରି ତା'ର ପତନ ଘଟାଇ ଥିଲେ । ମୁଁ ଯେ ତାଙ୍କୁ ମାରି ଦେଇଛି, ଏଇ ତ ବାପାଙ୍କ ରକ୍ତ । କି ଲାଜ, କି ଉଷୁମ !''

ମୁଁ କାନ୍ଦୁଥିଲି, ବାପାଙ୍କୁ ଦେଖୁଥିଲି, ନା ମୋତେ ଦେଖୁଥିଲି, ନା ମୋ ଆଗରେ ଥିବା ପୁଅକୁ ଦେଖୁଥିଲି ?

ବାପା ସିମିତି କ୍ଷମାଶୀଳ ଆଖିରେ ଚାହିଁ ଥାନ୍ତି ।

●

Digitized by srujanika@gmail.com

# ମନି ଅର୍ଡ଼ର

କେତେ ଆଡ଼କୁ ବା ମଣିଷ ନଜର ଦେବ ? କେତେ ଅବା ସବୁ କଥାରେ ଧନ୍ଦି ହେବ ? ସବୁବେଳେ ତ ବ୍ୟସ୍ତତା, ଅବ୍ୟବସ୍ଥା ଆଉ ଅବ୍ୟବସ୍ଥିତତା ଲାଗି ରହିଲା । ଚାକିରୀ କରିବ, ପଇସା ରୋଜଗାର କରିବ, ଭାବିଚିନ୍ତି ଜଗି ବସି ଖର୍ଚ୍ଚ କରିବ, ଆଗକୁ ଚାହିଁ ନିଜ ପାଇଁ ନ ହେଲେ ବି ଛୁଆଙ୍କ ପାଇଁ ଟଙ୍କା ପଇସା ସଞ୍ଚିବ, ପୁଣି ବ୍ୟାଙ୍କକୁ ଯାଇ ପଇସା କାଢ଼ିବ, ଫେର୍, ପୋଷ୍ଟ ଅଫିସ ଯାଇ ମନିଅର୍ଡ଼ର କରିବ । ପୁଅ ପାଖକୁ । ପୁଣି କିମିତି ପୁଅ ? ଯେଉଁ ପୁଅକୁ ଠିକ୍ ବେଳରେ ପଇସା ନ ଦେଇ ପାରିଲେ ବା ଟଙ୍କାଏ ମସାଏ ଊଣା ଦେଲେ ସିଧା କହିଦେବ - ''ଆମକୁ ପଢ଼ାଉଛ କାହିଁକି ? ଉକ୍ତି ପ୍ରତ୍ୟୁକ୍ତି ଚାଲିଲେ, ଚୂଡ଼ାନ୍ତ କଥା ବି କହି ଦେବ - ''ଆମକୁ ଜନ୍ମକଲେ କାହିଁକି ? ପଇସା ଦେବାକୁ ଯଦି ଏତେ ଖୁନ୍ତ ଖାନ୍ତ ହେଉଛ ?''

ଛାଡ଼ । ଭୁଲ ତ ହୋଇ ଯାଇଛି, ଯେଉଁ ଭୁଲ ଆଉ ସୁଧାରି ହବନି । ଏବେ ସେ କଥା ଭାବି ସମୟ ନଷ୍ଟ କଲେ ମନିଅର୍ଡ଼ର ବି ହୋଇ ପାରିବ ନାହିଁ । ସାଢ଼େ ତିନି ହୋଇଗଲାଣି । ବସ୍ ଟ୍ରେନ୍ କିଏ ବା ସମୟ ରଖୁଛି ? ହେଲେ ଭାରି ଟାଇମବାଜ୍ ଏଇ ପୋଷ୍ଟଅଫିସ ବାଲାଏ । ବ୍ୟାଙ୍କବାଲା ଟିକିଏ ଏପାଖ ସେପାଖ ହେଲେ ମୁହଁ ଚାହିଁ, ଚେହେରା ଦେଖି, ଏକୋମୋଡ଼େଟ୍ କରନ୍ତି, ମେନେଜ୍ କରନ୍ତି, ସମ୍ଭାଳି ନିଅନ୍ତି । କିନ୍ତୁ ଆମ ପୋଷ୍ଟଅଫିସବାଲା ବିଶେଷ କରି ସେଇ ଗଧମୁହାଁ ଲୋକଟା । ଛାଡ଼, ତାକୁ ଦୋଷ ଦେଇ ବା ଲାଭ କଣ ? ନିଜର ଗପଲତି ଢ଼ଙ୍କାଇ ... ଧରମକୁ ଚାହିଁ ଚାହିଁ ଦିନ ଗଡ଼ି ଗଲା ।

ଆଜି ଯିମିତି ହେଉ ପଠାଇବାକୁ ପଡ଼ିବ । ଛଅ ତାରିଖ ହେଲା । ଗଲା ମାସ ଯାହା ପଠାଇଥିଲି ତାହା କେଉଁ ଦିନୁ ସାରି ଦେଇ ଧାର ଉଧାର କେଉଁଠୁ କରିଥିବ । ବିଦେଶ ଜାଗା, କିଏ ବା କେତେ ଧାର ଦେବେ । ମେସ୍‌ରେ ମିଲ୍ ଷ୍ଟପ୍ ହୋଇଯାଇଥିବ । ପରୀକ୍ଷା ଦେଉଛି, ନା, ପଇସାପତ୍ର ଅଭାବ ହେଲେ ମଥା ଠିକ୍ ରହିବ ନାହିଁ, ପରୀକ୍ଷାରେ ଖରାପ କରିବ । ଛିଦ୍ର ପାଇଲେ ଅନର୍ଥ ବଢ଼େ । ଫେର ଖବର କାଗଜରୁ ଯେଉଁ ଅଚାନକ ଅଘଟଣ ପଢ଼ିଲି । କଲେଜ ହତାପାଖରେ କୁଆଡ଼େ ସେ ରହେ । ଟିଅର ଗ୍ୟାସ, ଲାଠିମାଡ଼, ଫାଙ୍କା ଆବାଜ । ମୁଣ୍ଡଟା ଦୈବାତ୍ ଥିଲେ ବି ବିଗିଡ଼ି ଯାଇ ନାହିଁ ତ ? ପୁଣି 'ହଷ୍ଟେଲ ଛାଡ଼ି ଚାଲିଯାଅ' ସାଙ୍ଗକୁ ଯଦି ପୋଲିସ୍ ହୁକୁମ କରିଥାଏ । 'ଫାଟକ' ଛାଡ଼ । ସମ୍ବଲପୁରରେ ଥିବ ନା ରାଉରକେଲା ଆସି ଯାଇଥିବ ? କେଉଁଠାକୁ ପଠାଇବି ।



Digitized by srujanika@gmail.com

ଶଳା । (ମାଫ ଦେବେ ।) ଆମକଥା ପୁଅ ବୁଝୁଛି, ନା ସରକାର, ନା ଇଉନିଭରସିଟି କିଏ ବୁଝୁଛି ? ଦୁଇବର୍ଷ ଜାଗାରେ ଦୁଇ ବର୍ଷ ଆଠମାସ ପରେ, ଯଦି ବା ପରୀକ୍ଷା ହେଲା ଚାରିଟା ପେପର ଯାଇଛି କି ନାହିଁ ଲାଠି ଚାର୍ଜ, ଟିଅର ଗେସ୍ । ପରୀକ୍ଷା ବନ୍ଦ । ଗୋଟାଏ ରାସ୍ତାର ନୂଆ ନାଆଁ ହେବ, କେତୃଟା ପିଲା ଆଇ.ଏ.ଏସ୍., ଓ.ଏ.ଏସ୍., ବ୍ୟାଙ୍କ ପରୀକ୍ଷା ଦେବେ, ବେଶୀ ଖରାପ ହେଲା, ବେଶୀ ଥଣ୍ଡା ହେଲା, ବନ୍ୟା ବାତ୍ୟା ହେଲା, 'ଜୟ ବାଂଳା' ଆଖିବେମାର ଧରଲା, ସେଇଥିପାଇଁ ''ପରୀକ୍ଷା ଘୁଞ୍ଚ୍' ପରେ ପରେ ହେଡ୍‌ଲାଇନ୍ 'ପରୀକ୍ଷା ଘୁଞ୍ଚିଲା' । ଜୁନର ପରୀକ୍ଷା ଡ଼ିସେମ୍ବରକୁ । ଯଦିବା ପରୀକ୍ଷା ଚାଲିଲା, ଚାଲିଲା ଦୁଇମାସ ଧରି । ଏଇ ଶେଷ ମାସ ପାଇଁ ତିନିଶଟି ଟଙ୍କା ପଠାଇ ଦେଇଥିଲେ ବାପାର କର୍ତ୍ତବ୍ୟ ଚତୁର୍ଥ ପୁତ୍ରଟି ପ୍ରତି ସରିଥାନ୍ତା । ପୁଅ ଲେଖିଥିଲା ଅନ୍ୟ ମାସ ପାଇଁ ଯାହା (ଫିସ୍) ଦେଉଥିଲ, ଏଥର ତା'ଠୁ ପଚାଶ ଅଧିକା ଦେବେ । ''ଟୁ ରିଟାର୍ଣ୍ଣ ଉଇଥ୍ ଏ ଗୁଡ୍ ଫେଶ୍ ।'' ନେଉ, ବିଚାରା କେଉଁଠି କେତେ ଧାର ଉଧାର (ଚା' ବିଡ଼ି, ସିଗାରେଟ୍, ଗୁଲି, ହାସିସ୍, ସାଲଭେଶନ୍, ଟେବ୍‌ଲେଟ୍ ଏବଂ 'ଦେଶୀ' ପାଇଁ ହୁଏତ ।) କରିଥିବ । ପଠାଇ ଦିଅ ଯାହା ମାଗିଛି । ଶେଷ ମାସ ତ ନା, ଦୈବ ତା ବି କରାଇ ନାହିଁ । କେବେ ରାଜନୈତିକ ନାଟକ ସରିବ, ଶାନ୍ତି ଶୃଙ୍ଖଳା ପୁଣି ଫେରିବ । ତେବେ ଯାଇ ପରୀକ୍ଷା ନୋଟିସ ବାହାରିବ । ଅର୍ଥାତ୍ ଏ ତିନିଶ ଉପରେ ଅନ୍ୟ ଏକ ମାସର (ସାତ ଦିନ ପାଇଁ ହେଲେ ବି) ପୁଣି ତିନିଶ । ଲାଠି ଚାର୍ଜ କଲ କଲ, ଅଭିଭାବକମାନଙ୍କୁ ମନି ଚାର୍ଜ କରୁଛ କାହିଁକି ? (ଏବେ ଦେଖୁଛି ଚାରି ପାଞ୍ଚ ମାସ ପରେ ପରୀକ୍ଷା ଫଳ ବାହାରି ଆଉ ଛଅ ମାସ ଗଲାଣି । ଚାକିରି ନ ପାଇ ଘରେ ବସିବା ଅର୍ଥ ମାସିକ ପୁଅ ପିଛା ଦୁଇଶ । ଯଦି କେହି ଅପୁତ୍ରିକ ପୁଅ ଖୋଜୁଥାଏ । ତେବେ ଏଇଥିରୁ ଗୋଟିଏ ତାକୁ ଦେଇ ଦେଲେ ସେ ତିନି ଚାରି ମାସରେ ଫେରାଇଦେବ, ଆଉ ଜୀବନରେ କେବେ ପୁଅ ନାଆଁ ଧରିବ ନାହିଁ ।)

''ଦେ, ଦେ, ଶୀଘ୍ର ଟଙ୍କା ବାହାର କରିଦେ । ଚା' କପେ ଶୀଘ୍ର କର । ଡେରି ହୋଇ ଯାଉଛି ।'' ''ଟିମା । ଯାଆ ତ ଏଇ ପାଞ୍ଚ ପଇସିଟା ନେଇ ଶୀଘ୍ର ପାଖ ପୋଷ୍ଟଅଫିସରୁ ଫର୍ମଟାଏ ନେଇ ଆସିବୁ । ଆରେ ଯା । କ'ଣ ବୋକାଙ୍କ ପରି ଛିଡ଼ା ହୋଇଛୁ ? କ'ଣ ଆଣିବୁ ? ଭୁଲି ଗଲୁ ? ବେ, ମନିଅର୍ଡ଼ର ଫର୍ମ, ଟଙ୍କା ପଠାଯିବ, ମନେ ରହିଲା ? ପାଞ୍ଚ ପଇସା ନବ ।''

ଝିଅ ଖୁବ୍ କାମିକା । ଘର ଚଳାଇବାରେ ନିପୁଣା । ପାଠ ବି ଗୁଡ଼ାଏ ପଢ଼ିଛି । ଏମ୍.ଏ. ସେକେଣ୍ଡ କ୍ଲାସ୍, ଏକାବନ ପରସେଣ୍ଟ । ହେଲେ ଚାକିରି ନାହିଁ । ଚାକିରି ନ ଥିଲା ନାହିଁ ବର



Digitized by srujanika@gmail.com

ବି ନାହିଁ । ଏବେ ସମସ୍ତେ ହିସାବି, ସମସ୍ତେ ଚାହୁଁଛନ୍ତି ଥର୍ଷ୍ଟିଂ ୱାଇଫ୍ । ଆନ୍ତର୍ଜାତିକ ନାରୀ ଜାଗରଣ ବର୍ଷରେ ନାରୀମାନଙ୍କ ପାଇଁ ପଚାଶ ପରସେଣ୍ଟ ଚାକିରି ସଂରକ୍ଷିତ କରିଦେଲେ ହୁଅନ୍ତାନି ? ଯିମିତି ଦଳିତ ନିଷ୍ପେଷିତ, ତଫସିଲଭୁକ୍ତ ଜାତି, ଆଦିବାସୀଙ୍କ ପାଇଁ ସମ୍ବିଧାନ ସମ୍ମତ ସଂରକ୍ଷଣ ବ୍ୟବସ୍ଥା ଅଛି । କାମଧନ୍ଦା ନ ଥିଲେ ପୁଅଗୁଡ଼ାକ ଅନ୍ତତଃ ରାସ୍କେଲ ହୁଅନ୍ତି, ଝିଅମାନେ କଣ ହେବେ ? ରେଡ଼ିଓ ଶୁଣି, ସିନେମା ଦେଖି, ଫେମିନା ପଢ଼ି କେତେ ମନ ଭୁଲାଇବ ? ସେ କଣ ବୁଢ଼ୀ ହୋଇଛି ଯେ ହବିଷ କରି ଭାଗବତ ପରାୟଣରେ ବଞ୍ଚିବ ? ମୁଁହଟି ବିଷାଦ ଛାଇରେ ଢଙ୍କାଇ ନୋଟ୍‌ଗୁଡ଼ାକ ଯନ୍ତ୍ରଚାଳିତ ପରି ଝିଅ ଟେବୁଲ ଉପରେ ଥୋଇଦେଇ କାଲ୍‌ଗେସ୍‌ରେ ଚା କରିବାକୁ ବାହାରି ଗଲା ପାଖ କୋଠରୀକୁ । ଟିମା ସେତେବେଳକୁ 'ମନିଅର୍ଡ଼ର' ଫର୍ମ, ଅର୍ଡ଼ର ଫର୍ମ, ଫର୍ମ, ଭଜି ଭଜି ଖାଲି ଦେହରେ ଘର ପଛ ପୋଷ୍ଟ ଅଫିସକୁ ବାଡ଼ି ଦରଜା ଦେଇ ଚାଲି ଯାଇଥାଏ ।

ଚଉଦ ବର୍ଷର ଏଇ ଟିମାଟି ବିଚିତ୍ର ପିଲା । ଠିଆ ହେଲେ ଢୁଳାଏ, ବସିଲେ ଘୁଙ୍ଗୁଡ଼ି ମାରେ, ଶୋଇଲେ ମରିଯାଏ । ତାର ବି ମନ ଭଲ ନାହିଁ । ତା କାକା ଚିଠି ଦେଇଛି ତା ବାପାର ଅବସ୍ଥା ଭଲ ନାହିଁ, ଦିନେ ଦି'ଦିନରେ ଯିବ ।

କିଏ ଯିବ ପୋଷ୍ଟ ଅଫିସ ? ଘର ପଛ ପୋଷ୍ଟ ଅଫିସ ତ ଟି.ଏମ୍.ଓ. ନବନି । ଯିବାକୁ ପଡ଼ିବ ବଡ଼ ପୋଷ୍ଟ ଅଫିସକୁ ।

''ଯିବୁ କିରେ ?'' ପଚାରିଦେଲି ପଞ୍ଚମ ପାଣ୍ଡବଙ୍କୁ । ସେ ସେତେବେଳେ ହକି ଷ୍ଟିକ୍‌ଟାକୁ ଦୁଇ ଗୋଡ଼ ଭିତରେ ରଖି ନଇଁ ପଡ଼ି ଜୋତାର ଫିତା ଆଣ୍ଟୁଥାଏ । ଯିମିତି ମୋ ପ୍ରଶ୍ନ ଶୁଣିଛି (ସେ ଠିକ୍ ଜାଣିଥିଲା ବୁଢ଼ା ନିଶ୍ଚୟ ତାକୁ ଏ ପ୍ରଶ୍ନ ପଚାରିବ) ସିମିତି ଫଁ କରି ଗର୍ଜି ଉଠି ବିଷୋଦ୍‌ଗାର କରିଗଲା ''ମୋତେ ଆଗରୁ କହିଲ ନାହିଁ ? ତୁମ ଦସ୍ତଖତ ମେଳ ନ ଖାଇବାରୁ ବ୍ୟାଙ୍କବାଲାଙ୍କ ସଙ୍ଗେ ଝଗଡ଼ା ହେଲା । ଫେର୍ ଆଜି ଇଣ୍ଟାରନାଲ ଏସେସ୍‌ମେଣ୍ଟ ପରୀକ୍ଷା ଥିଲା, ଦଣ୍ଡେ ଖେଳାବୁଲା ବି କରି ପାରିବ ନାହିଁ ମଣିଷ'' ଏବଂ ସିଧା ହକି ଷ୍ଟିକ୍ ହଲାଇ ହଲାଇ (ଇଏ ବି ଏକ ପ୍ରକାର ଲାଠି ଚାର୍ଯ୍ୟ ) ବାହାରିଗଲା । ଧଡଡ଼ା ସାଇକେଲଟାକୁ ନିର୍ଦ୍ଦୟ ଭାବରେ ଧଡ୍ ଧାଡ୍ କଚାଡ଼ି ତଳକୁ ନେଲା ଏବଂ 'ଷ୍ଟାଇଲ'ରେ ଚଢ଼ି 'ହାମ୍ ତୁମ୍ କମରେ ମେ ବନ୍ଦ ହୋ' ଗାଇ ଗାଇ ଚାଲିଗଲା ।

ତରବରରେ ଓଠ ଜିଭ ପୋଡ଼ି ଯାଇଥାଏ ଚା ପିଇଲା ବେଳେ । ପଚାରିଲି, ''କେତେ ଦେଇଛୁ ?''



Digitized by srujanika@gmail.com

''ତିନିଶ''

''ମନିଅର୍ଡ଼ର ଖର୍ଚ୍ଚ ?''

''ଦୁଇ ଟଙ୍କା ଅଧିକ ଅଛି''

''ତିନିଶ ଦଶ ଅଛି ତେବେ ?''

''ହଁ, ଦଶ ଟଙ୍କାରେ ମନି ଅର୍ଡ଼ର ଖର୍ଚ୍ଚ ଚଳିଯିବନି ? ଗଲାଥର ଅଢ଼େଇଶ ଟଙ୍କାରେ କେତେ ଖର୍ଚ୍ଚ ପଡ଼ିଥିଲା ?''

''ମୋର ମନେ ନାହିଁ । ଯାହା ପଡ଼ିବ ରସିଦ ଦବ ତ । ବୋଧହୁଏ ହୋଇଯିବ ।''

ଆଶ୍ଚର୍ଯ୍ୟ କଥା ! ଆମେ ଏତେ ଉଚ୍ଚ ଶିକ୍ଷିତ, କେତେ କେତେ ଅଦରକାରୀ କଥା ବି ମନେ ରଖିପାରୁଁ । ମାତ୍ର ବ୍ୟାଙ୍କ, ରେଳ, ପୋଷ୍ଟ ଅଫିସ ସହିତ ଆମର ନିତ୍ୟ ନୈମିତିକ ସମ୍ପର୍କ ରହି ମଧ ରେଜେଷ୍ଟ୍ରି, ଟେଲିଗ୍ରାମ, ମନିଅର୍ଡ଼ର ଖର୍ଚ୍ଚ (ସୁଧହାର କିନ୍ତୁ ମନେ ରଖୁଁ) କିଛି ମନେ ରଖି ପାରୁନୁ । ଡାଇରୀ, ଟାଇମ୍ ଟେବୁଲ ଦେଖିଲେ ମିଳିଯାନ୍ତା । କିନ୍ତୁ ଜାନୁଆରୀ ଡାଏରୀର ଲେଖା ବା ଅକ୍ଟୋବର ଟାଇମ ଟେବୁଲର ଟାଇମ ଏପ୍ରିଲ ବେଳକୁ ନଥାଏ । ସବୁ ବଦଳ ଅଚଳ ଅକାମୀ ।

''ଆଉ ଥରେ ଭଲ କରି ଗଣି ଦେ । କାଳେ 'ଅଫ୍ ମୁଡ୍'ର ଗଣାଗୁନ୍ଥା ଠିକ୍ ହୋଇ ନଥିବ ।''

ଆହୁରି ଟିକିଏ ବେଶୀ 'ଅଫ୍ ମୁଡ୍' ହୋଇ ମୋହରି ଆଖି ଆଗରେ ଖଟ ବାଡ଼କୁ ଆଉଜି ପଡ଼ି ଏକ ଦୁଇ କରି ଗଣି ବିଛଣା ଉପରେ ଥୋଇଲା । କହିଲା, ''ଠିକ୍ ଅଛି ।'' ମୁଁ ସବୁ ଦେଖୁଥାଏ କିନ୍ତୁ ଆଖି ଭିତର ପଟେ ଥାଏ ।

''ନେବି କିମିତି ଏତେ ଗୁଡ଼ା ନୋଟ ଛାତି ପକେଟରେ ? ଖାଲି ଦଶ ଟଙ୍କିଆ ଦେଲୁନି ? ଶହେ ଟଙ୍କିଆ ତିନିଟା ଦେଇଥିଲେ ତ ଚୁମ୍ବକରେ କାମ ଛିଡ଼ିଥାନ୍ତା ।''

''ଟୁନୁ ବ୍ୟାଙ୍କରୁ ସିମିତି ଆଣିଥିଲେ ତ । ସେ ତ ମିଶାମିଶି ଆଣିଛି ।''

''ଗୁଡ଼େଇ ଦେ' ସୂତାରେ ବା ଫିତାରେ ।''



Digitized by srujanika@gmail.com

ଟିମା ଆସିଗଲା । ମନି ଅର୍ଡ଼ର ଫର୍ମ ପୂରଣ କରିବାରେ ଲାଗିଲି । ପୋଷ୍ଟ ଅଫିସର ଥଣ୍ଡଓସାରିଆ କାଉଣ୍ଟରରେ ଅଥବା ପୁରୁଣା ଅଠାକାଳି ଲାଗିଥିବା ଟେବୁଲ ଉପରେ ଝାଳୁଆ ଅସନା ଲୋକଗୁଡ଼ାକ ସହିତ ଦିହକୁ ଦିହ ମିଶାଇ ଛିଡ଼ା ହୋଇ (ସତରେ ପୋଷ୍ଟ ଅଫିସଗୁଡ଼ାକ ଏମିତି ଅସନା ଆବର୍ଜନାମୟ ଯେ ରେଳବାଇ ପାସେଞ୍ଜର ଡବାଗୁଡ଼ିକ ବରଂ ଭଲ କହି ହେବ । ଏତେ ରୋଜଗାର ଅଥଚ କି ଦୈନ୍ୟ ! କି ଅଠା ! ଛେପ ବରଂ ଭଲ) ଲେଖିବା ଅପେକ୍ଷା ଘରୁ ପେନ୍ ତକେ ନିଜେ ଟେବୁଲରେ ବସି ଲେଖି ନେଇଯିବା ଭଲ ।

ଦୁଇ କିସମର ଅକ୍ଷର ଲେଖୁଛି । ଗୁଡ଼ାଏ ବଡ଼ ଗୁଡ଼ାଏ ସାନ । ବଡ଼ ଅକ୍ଷରରେ ନାଆଁ ଓ ଠିକଣା ଲେଖିବା ଭଲ । ତରବରିଆରେ ପାଞ୍ଚ ଟଙ୍କା ଦଶଟଙ୍କା ନୋଟ୍ ଗୁଡ଼ାକ ଏକାଠି ମିଶି ଯିମିତି ଅଡୁଆ ତଡୁଆ କରନ୍ତି ସିମିତି କ୍ୟାପିଟାଲ ଆଉ ସ୍ମଲ ଅକ୍ଷର ଗୁଡ଼ାକ ମିଶାଇ ଲେଖିଲେ ଭୁଲଭାଲ ହୋଇଯାଏ । କଟାକଟିରେ ଫର୍ମଟା କଦର୍ଯ୍ୟ ଦିଶିଲାଣି । ମାସକେ ଥରେ ତ । ଏ ମାସର ଭୁଲ ଅନ୍ୟ ମାସକୁ ବି ପୁଣି ଆସିଯାଏ ।

ମନିଅର୍ଡ଼ର ଲେଖା ସରିଲା ବେଳକୁ ଦେଖିଲି ଝିଅ ନୋଟ ବିଡ଼ା ଗୁଡ଼ାଇବା ପାଇଁ କିଛି ନ ପାଇ ନିଜର ଲମ୍ବା ଚୁଳର ଅଧା ଅଧିରେ ଯେଉଁ ରବର ରିଂ ଲଗାଇ ଚଅଁର ପରି କରିଥିଲା ତାକୁ ଫିଟାଇଲା । ଲମ୍ବା ଲମ୍ବା ନଖ ଥିବା ଆଙ୍ଗୁଳି ପୁଞ୍ଜାକର ଓଡ଼ିଶୀ ନାଚର ଦୁଇ ତିନିଟା ମୁଦ୍ରା କରି ନୋଟ ବିଡ଼ାକୁ ମଝିରେ ଭାଙ୍ଗି ଲମ୍ବା କରି ରଖିଦେଲା । ଏତେ ସୁନ୍ଦର ଆଙ୍ଗୁଳିର ଏତେ ଚମତ୍କାର କ୍ରୀଡ଼ାନୈପୁଣ୍ୟ ସତ୍ତ୍ୱେ ନୋଟବିଡ଼ାଟା ଭଲ ଦିଶିଲା ନାହିଁ । ଥରେ ଅଧେ କୁଣ୍ଢାଇ ନୋଟବିଡ଼ା ଉଠାଇଲି । ବଡ଼ ବଡ଼ ପୁରୁଣା ଦଶଟଙ୍କିଆ ନୋଟ ସହିତ ମୋଟାଏ ଛୋଟ ନୋଟ୍ ଛାତି ପକେଟକୁ ଫୁଲାଇ ଦେଲା । କେତେ ଗୁଡ଼ାଏ ପକେଟ ଉପରକୁ ବି କେତେ ଇଞ୍ଚଯାଏ ବାହାରି ରହିଲା ।

ବାଟରେ ଯାଉଁ ଯାଉଁ ଜଣେ ଅଧେ ମୋତେ ସତର୍କ କରି କହିବାର ଶୁଣିଲି, ''ଆଜ୍ଞା' ନୋଟ୍ ବାହାରକୁ ଦିଶୁଛି, ପଡ଼ିଯିବ । ସାବଧାନ, ପକେଟମାର ହୋଇଯିବ ବାବୁ ।''

ମୋର ଗର୍ବ ଯେ ଦିଲ୍ଲୀ କଲିକତା ପରି ସହରରେ ଛାତି ପକେଟରେ ଶହ ଶହ ଟଙ୍କା ଧରି ବୁଲିଚି ଚୋରି ବା ପକେଟମାର ହୋଇନାହିଁ, ଖସି ବି ପଡ଼ିନି । ମୋର ଆଉ ଏକ ଗର୍ବ ଯେ ମୁଁ ପଇସା କେବେ ଗଣେ ନାହିଁ, ଯଦିଓ ଜୀବନଯାକ ''ପାଣି ପିଇବ ଛାଣି ପଇସା ନେବ ଗଣି'' ହିତୋପଦେଶ ଶୁଣି ଆସିଛି । କେବଳ ଥରେ ଯଦୁବାବୁଙ୍କଠାରୁ ଦଶଟଙ୍କା ଅଧିକା ଆଣିଥିଲି, ସେ ମାଗିନେଲେ । ଆଉ ଥର ମୁଁ ତାଙ୍କୁ ଭୁଲରେ



Digitized by srujanika@gmail.com

ଦଶଟଙ୍କା ଦେଇଥିଲି ସେ ଫେରାଇ ଦେଲେ । ମୋ ପାଇଁ ତ ଲୋକ ଅଛନ୍ତି ଗଣିବାକୁ । ମୁଁ ଅଯଥା କାହିଁକି ପରିଶ୍ରମ କରିବି ?

ତରବରରେ ସାଇକେଲ ଚାବି ଠିକ୍ ଜାଗାରେ ଲାଗିଲା ନାହିଁ । ଚକର ତାର ଉପରେ ବାରମ୍ବାର ଠକ୍ ଠକ୍ ହେଲା ପୁଣି ଚକକୁ ଠିକ୍ ସ୍ଥାନକୁ ଆଣି ତାଲା ପକାଇଲି ।

ତାଲା ଦେଉଁ ଦେଉଁ ଡାକଘର ପ୍ରଧାନ ଦରଜା ଦେଇ ନଇଁ କରି କାନ୍ଥ ଘଡ଼ିକୁ ଚାହିଁଲି ତିନିଟା ପଞ୍ଚାବନ । ଷ୍ଟାଣ୍ଡକୁ ଗୋଡ଼ରେ ସଙ୍କଶ କରି ସାଇକେଲକୁ ଠିଆ କରିବାକୁ ଯାଉଛି, ଦେଖିଲି, ବାଲିଆ ମାଟିରେ ସେ ଛିଡ଼ା ହେବାକୁ ନାରାଜ । ଯଦିଓ ଥାପୁଡ଼େଇ ଠିଆକଲି ଅଣ୍ଟା ଭାଙ୍ଗି ବିଚିତ୍ର ଭଙ୍ଗୀରେ ଛିଡ଼ା ହେଲା । ଦୁଇ ତିନିଟା ପାହୁଣ୍ଡ ଧପ୍ ଧାପ୍ ହୋଇ ଉଠିଛି ତାର ପତନ ଶବ୍ଦ ବି ଶୁଣିଲି ।

ଅବିଳମ୍ବେ ମନିଅର୍ଡ଼ର କାଉଣ୍ଟରରେ ଛିଡ଼ା ହୋଇ ନୋଟ ବିଡ଼ାକୁ ଅପର ପାର୍ଶ୍ୱକୁ ବଢ଼ାଇ ଦେଲି । କୌଣସି ମୋଟା ପଞ୍ଜାବୀ ଡ୍ରାଇଭରର ବାଳୁଆ କଙ୍କଣ ପିନ୍ଧା ହାତ ସେ ଫାଙ୍କା ଦେଇ ଯିବନି । ପୋଷ୍ଟଅଫିସବାଲା ଖୁବ୍ ସତର୍କ, ସାବଧାନ : କାହାକୁ ତାଙ୍କର ବିଶ୍ୱାସ ନାହିଁ । ରେଲିଂ ଫାଙ୍କରେ ମନିଅର୍ଡ଼ର ଫର୍ମଟିକୁ ଫଡ୍ ଫଡ୍ କରି କହିଲି, ''ଆଜ୍ଞା, ଏ ଟି.ଏମ୍.ଓ. ଟା ନେବେ ?''

ପୋଷ୍ଟ ଅଫିସ୍ ସରିଆସିବା ବେଳ । ସମସ୍ତେ ଲାଗିପଡ଼ି କନା, ବାଉଁଶ, ଆଦି ମଶାଣି ଭୂଇଁକୁ ଯିବା ଚିଜ ସଂଗ୍ରହ କରୁଛନ୍ତି । ଅନ୍ୟ କାଉଣ୍ଟରର କିରାଣୀମାନେ ସେମାନଙ୍କ ଉଚ୍ଚ ଆସନରୁ ତଳକୁ ଖସିଗଲେଣି । ଦୁର୍ଭିକ୍ଷ ମହାମାରୀରେ ସ୍ୱେଚ୍ଛାସେବକମାନେ ବା ଯୁଦ୍ଧ ଶେଷରେ ଖାକୀ ପୋଷାକର ସୈନିକମାନେ ଯିମିତି ସର୍ଦ୍ଦାର ଗୁଡ଼ାକୁ ଯାଦୁ ସିୟାଦୁ ଆଣି ସମୂହ ସମାଧି ଦେବା ଉଦ୍ଦେଶ୍ୟରେ ଏକାଠି ଜମା କରନ୍ତି ସିମିତି କାମ ଭିତରେ ଚାଲିଲାଣି । ବାହାରେ ଲାଲି ରଙ୍ଗର ଗାଡ଼ି ଛିଡ଼ାହେଲାଣି ମଧ୍ୟ । ଲୁହାବାଡ଼ଦିଆ ଭିତର କୋଠରୀ ଭିତରେ କେସିୟର ପୁଷ୍ଟା ପୁଷ୍ଟା ଲାଲି ଷ୍ଟାମ୍ପ ଗଣା ଗୁନ୍ଥା କରୁଛି, ଆଇଲା କେତେ ଗଲା କେତେର ହିସାବ ନିକାଶ ।

''ଆଜ୍ଞା ! ଦୟାକରି ଟି.ଏମ୍.ଓ.ଟା ନିଅନ୍ତୁ ।''

ଲୋକଟା କାଲ ନୁହେଁ । କଥା ଶୁଣିଲା । ମାତ୍ର ପଛ କାନ୍ଥର ଘଡ଼ି ଆଡ଼କୁ କଣେଇ ଚାହିଁ ପୁଣି କାମରେ ଲାଗିଗଲା ।

Digitized by srujanika@gmail.com

( ୭ ) ଜୋତା ଅଗରେ ଟିପ ରଖି ରେଲିଂ ଦେଇ ଦେଖିଲି କଣ କରୁଛି, ଥାଉ କେତେ [illegible] କାଲ୍ଲ ପରେ ସେ କ୍ୟାସ ବୁଝିବ । ଦିନ ଯାକର କେତେ ମନିଅର୍ଡ଼ର ହୋଇଛି [illegible] କରୁଛି । ହିସାବକିତାବ ଯୋଡ଼ିବ ତାପରେ ମୋ କଥା । ଛଅ ତାରିଖ, ଗୁଡ଼ାଏ ଫର୍ମ ଦିଶୁଛି, ପୃଷ୍ଠା ଉପରତଳ ଦୁଇଥାକ ଲେଖା ସରିଲାଣି । ଏ କାମ ସରିବ ନା ମୋତେ ଚାହିଁବ ? ଦେଖାଯାଉ କେତେ ଦୂର ଯାଉଛି ।

ଆପଣ ଯାହା ଭାବନ୍ତୁ ନା କାହିଁକି ଏ ପୋଷ୍ଟ ଅଫିସ ଲୋକ ଗୁଡ଼ାକୁ ମୋତେ ଭଲ ଲାଗେ ନାହିଁ । ବଡ଼ ଟାଇମବାଜ୍, ଆଇନବାଜ୍ ବି । ତିଳେ ଏ ପଟ ସେପଟ ହେବେ ନାହିଁ । କର୍ତ୍ତବ୍ୟ କର୍ତ୍ତବ୍ୟ । କାଁ ଭାଁ ଚିଠି ବାଣ୍ଟୁ ଥିବା ବା ଟେଲିଗ୍ରାମ ଦେଇଥିବା ପୋଷ୍ଟମ୍ୟାନ ପର୍ବପର୍ବାଣି ବା ଶୁଭ ଖବର ଦେବା ଅବକାଶରେ ଟଙ୍କାଏ ମଣାଏ ନିଅନ୍ତି ସିନା ନ ହେଲେ ଏଇ ଲୋକ ଗୁଡ଼ା ସରକାରଙ୍କ ସବୁଠାରୁ ନିଃସ୍ୱାର୍ଥ, ସଚ୍ଚୋଟ କର୍ମଚାରୀ । ସେଥିପାଇଁ ସେମାନେ ମଣିଷ ମୁହଁ ଦେଖନ୍ତି ନାହିଁ, ବେରିଂ ଡେଡ଼୍‌ଲେଟର ଦୁନିଆଁ ଯା'ଙ୍କର ।

ବେଙ୍କ୍‌ବାଲା ଯିମିତି ବାଛି ବାଛି ବଢ଼ିଆ ଚେହେରାବନ୍ତ ଟୋକାଙ୍କୁ ରଖନ୍ତି ପୋଷ୍ଟାଲ ଡିପାଟମେଣ୍ଟ ସିମିତି କରେନି । ବେଙ୍କଗୁଡ଼ା ଯିମିତି ପରିଷ୍କାର ପରିଚ୍ଛନ୍ନତା, ପୋଷାକ ପରିଚ୍ଛଦ, ଚେହେରା ଚାକଚକ୍ୟର ଆଦର୍ଶ ମିଳନ ସ୍ଥଳୀ ସିମିତି ପୋଷ୍ଟାଲରେ ନାହିଁ । ଏକ କଥାରେ ବେଙ୍କ୍‌ର ପଏଣ୍ଟ୍ରି ପୋଷ୍ଟଅଫିସରେ ନାହିଁ । ପୋଷ୍ଟ ଅଫିସକୁ କେନ୍ଦ୍ର କରି ଗପ ଉପନ୍ୟାସ କେଉଁଠି ପଢ଼ିଛନ୍ତି ? ରବି ଠାକୁରଙ୍କ ପୋଷ୍ଟମାଷ୍ଟର ଜଣେ ପ୍ରେମିକ, ଯଥାର୍ଥ ପୋଷ୍ଟମାଷ୍ଟର ନୁହେଁ । ଯେଉଁ ବେଙ୍କ୍‌ରେ ଲକର ଅଛି ସେଠାକୁ ଅନେକ ସୁନ୍ଦରୀ ଆସନ୍ତି, ଲକର ରୁମର ସୋଫା ସେଟ୍‌ରେ ବସନ୍ତି, ପୁରା ଆଇନାରେ ଗହଣା ସବୁ ଝଲସାଇ ନିଜ ଚେହେରା ଦେଖନ୍ତି (ସମ୍ଭବ ହେଲେ ଦେଖାନ୍ତି) ଏବଂ ବେଙ୍କ ତରଫରୁ କପେ କପେ ଚା ଖାଇ ଘରକୁ ଗାଡ଼ିରେ ଫେରନ୍ତି । ପୋଷ୍ଟ ଅଫିସ ସ୍ତ୍ରୀ ଲୋକଙ୍କୁ ନିଏ ନାହିଁ ବୋଧ ହୁଏ, ଅନ୍ତତ ଛୋଟ ଛୋଟ ମଫସଲ ସହରରେ । ଟେଲିଫୋନ ଏକ୍‌ସ୍‌ଚେଞ୍ଜ ତାଙ୍କ ପାଇଁ ପ୍ରଶସ୍ତ ସ୍ଥାନ । ପୋଷ୍ଟ ଅଫିସ ଲୋକ ବେଙ୍କବାଲାଙ୍କ ପରି ମୋଟେ ରୋମାଣ୍ଟିକ ନୁହନ୍ତି । ପୁରା ଦରମା ଯିଏ ବେଙ୍କରେ ରଖି ନ ପାରିଲା ତାର କେବେ ସ୍ୱାସ୍ଥ୍ୟ ହବ ନା ଚେହେରା ଫୁଟିବ ? ତେବେ ଦୁନିଆଁରେ ଯେ ସ୍ତ୍ରୀଲୋକ ଅଛନ୍ତି ଏବଂ ପୋଷ୍ଟ ଅଫିସରେ ମଧ୍ୟ ପୁରୁଷଙ୍କ ସହିତ କାନ୍ଧକୁ କାନ୍ଧ (ଛ'ଇଞ୍ଚ ବଡ଼ ସାନ ହବ) ମିଳାଇ ରହିପାରନ୍ତି ତାକୁ ପ୍ରମାଣ କରିବା ପାଇଁ ବୋଧହୁଏ ମୋ ଆଖି ଆଗରେ ଯା ଆସ କରୁଥିବା ସ୍ତ୍ରୀ ଲୋକଟିକୁ ରଖାଯାଇଛି । ପରିବେଶ ସହିତ ସେ ଆଦୌ ନିଜକୁ ଖାପ



Digitized by srujanika@gmail.com

ଖୁଆଇ ପାରୁନାହିଁ । ଗରିବ ଚେହେରା, ଗରିବାନା ପୋଷାକ, ଚୂଳ ଗୁଡ଼ାକ ବି ସଜାଡ଼ିବାକୁ ବେଳ ପାଇନାହିଁ । ବେଣୀର ଅଗଚୁଳ ଚଅଁର ପରି ହୋଇ ଫୁରୁ ଫୁରୁ ଉଡୁଛି ।

''ଥାଉ''

ଲୋକଟା ଏଥର କଟମଟ କରି ଚାହିଁଲା । ମୁଁ ତାରି ଆଖି ଆଗରେ ଦିଥର ନୋଟବିଡ଼ାକୁ ନଚାଇ ଫେରାଇ ଆଣିଲି ମୋ ଆଡ଼କୁ । ଦେଖାଯାଉ ଥାଉ କେତେ ଦୂର ଯାଉଛି ।

ଗରାଖମାନଙ୍କ ସହିତ କିପରି ବ୍ୟବହାର କରିବାକୁ ହେବ ସେଇ ଲୋକଟାର ପାଖ କାନ୍ଥରେ ଟଙ୍ଗା ଯାଇଛି ! ଆପଣ କଣ Please କହନ୍ତି ? ଆପଣ କ'ଣ Thank You କହନ୍ତି ? 'ଆପଣ' ଅର୍ଥ ଗରାଖ ନା ପୋଷ୍ଟ ଅଫିସ୍ ବାଲା ? ଠେଙ୍ଗା ଧରି ଛିଡ଼ା ହୋଇଥିବା ବୁଢ଼ାଟାର ଫଟୋ ସେଇ କାନ୍ଥରେ ଝୁଲୁଛି । ସେ କାହିଁକି ଓହ୍ଲାଇ ଆସି ଏଗୁଡ଼ାକୁ ଲାଠିଚାର୍ଜ କରୁନାହିଁ ? ସେ ପରା ଜାତିର ଚିର ଜାଗ୍ରତ ପ୍ରହରୀ ।

ଦଶବର୍ଷ ହେଲା ସେଭିଙ୍ଗ୍ ବେଙ୍କ୍ ଏକାଉଣ୍ଟ ବନ୍ଦ କରି ଦେଇଛି । ଏମାନେ ମୋ ପ୍ରତି ଭଲ ବ୍ୟବହାର କଲେ ନାହିଁ, ଚାକର ଚପରାସିଙ୍କ ସଙ୍ଗରେ ଛିଡ଼ା କରେଇଲେ ଏବଂ ଘଣ୍ଟାଏ ଛିଡ଼ା କରିଦେଲେ । ହେଲେ ତୁମେ ଯାହାକୁ ଚିଡୁଛ, ଯାହାପ୍ରତି ଅଭିମାନ କରୁଛ ଦିନେ ନା ଦିନେ ତା ପାଖକୁ ଫେରିବ ।

ଦିନେ ଷ୍ଟେଟ ବେଙ୍କର କିରାଣୀଟିଏ ସମ୍ବେଦନଶୀଳ ହୋଇ ପଚାରିଲା, ସାର୍, ଆପଣ ନିଜେ କାହିଁକି ଆସନ୍ତି ? କାହାକୁ ପଠାଇ ଦେଲେ ତ ଚଳିବ । ମୁଁ ଚିଡ଼ି ଯାଇ କହିଲି, କଅଣ ? ମୋ ମୁହଁ କଣ ତୁମକୁ ଭଲ ଲାଗୁନି ? ମୋ ନିଜ ପଇସା ଯେଉଁ ବେଙ୍କ୍‌ରେ ଥାଏ ସେଠାକୁ ଆସି ଗର୍ବ, ଉଷୁମ ପାଇବାରେ ଆପଣଙ୍କ ଆପତ୍ତି କଣ ? ଏ ପରା ମୋ ବେଙ୍କ୍ । ମୋ ଘରେ ନ ରହି ଏଇ ଭଡ଼ା ଘରେ ରହୁଛି ମୋ ଟଙ୍କା । ପୋଷ୍ଟ ଅଫିସ୍‌ବାଲା ସିମିତି ଆମ ବ୍ୟକ୍ତିଗତ ଉପସ୍ଥିତି କାମନା କରନ୍ତି ନାହିଁ ବୋଧହୁଏ ।

ସେଇ କଥା ଭାବୁଥିଲି ଆଉ ଭାବୁଥିଲି ପ୍ରଥମାଷ୍ଟମୀ ଲୁଗା ବାବଦ ପଜୁଆଁ ଝିଅ ପାଖକୁ ଯେଉଁ ସତୁରି ଟଙ୍କା ପଠାଇଲି ତାର ପ୍ରାପ୍ତି ସ୍ୱୀକାର ପତ୍ର ପନ୍ଦର ଦିନ ବିତିଗଲେ ବି ଆସିନାହିଁ, ଚିଠିରେ ବି ଝିଅ ଟଙ୍କା କଥା ଲେଖିନି । ଏଇ ପୋଷ୍ଟ ଅଫିସ ... ... ମଣିଷ ମୁଣ୍ଡ ବିଗାଡ଼ି ଦବ ।



Digitized by srujanika@gmail.com

ସବୁ କାଗଜ ଗୋଛା ଗୋଛି କରି ଡ୍ରୟର ବନ୍ଦକରି ଚାବି ଦେଇ କିରାଣୀଟି ଅନ୍ତର୍ଦ୍ଧାନ ହୋଇଗଲା । ପୋଷ୍ଟମ୍ୟାନ ଆଉ ପୋଷ୍ଟାଲ ବେଗ୍‌ର ଖାକୀ ରାଜ୍ୟରେ । ଦି ତିନିଜଣ ମିଶନ ସ୍କୁଲ ଝିଅ ଥାକ ଥାକ ବହି ଛାତିରେ ଜାକି ନିଃସଙ୍କୋଚରେ ପଶି ଆସିଲେ । ସତ୍‌ସାହସରେ କହିଲେ, ''ଅନ୍ତର୍ଦ୍ଦେଶୀୟ ପତ୍ର ଦିଅନ୍ତୁ ।'' 'ମୋତେ ଗୋଟେ' 'ମୋତେ ଦୁଇଟା''ମୋତେ ବି ଗୋଟେ' । ଏମାନେ ବି କଣ ପୋଷ୍ଟାଲ କାରବାର ଆରମ୍ଭ କରିଦେଲେଣି ନା କ'ଣ ।

''ଏଥର ଦିଅନ୍ତୁ'' ନ କହି ଫେରି ଆସି ପୁଣି ସିଟ୍‌ରେ ବସି ଆଙ୍ଗୁଳିରେ ଇଙ୍ଗିତ ହେଲା ଯାହାର ଅର୍ଥ, ଟଙ୍କା ବଢ଼ାଅ ।

ଆଜ୍ଞା ପାଳନ କଲି । ଏତେ ଅଣଓସାରିଆ ରାସ୍ତା ଯେ ହାତ ଓ ନୋଟ ଏକା ବେଳକେ ଭିତରକୁ ଦେବା ପାଇଁ ବୁଦ୍ଧି ଖରଚ କରିବାକୁ ପଡ଼ିଲା । ମୁଁ ବିରକ୍ତିର ଶେଷସୀମାରେ ପହୁଂଚି ଦେଖିଲି ସାମ୍‌ନା ବନ୍ଧୁଟି ନିର୍ବିକଳ୍ପ ।

ଅତି ନିର୍ଦ୍ଦୟ ଭାବରେ ରବର ରିଂକୁ ଟାଣି ଆଣି ନୋଟ ଗୁଡ଼ାକ ପ୍ରଥମେ ଏପଟ ସେପଟ ମୋଡ଼ି ସଳଖ କଲେ । ତାପରେ ପ୍ରତ୍ୟେକ ନୋଟକୁ ଏପାଖ ସେପାଖ ଓଲଟା କରି ଭଲ ଖରାପ ଦେଖି କରି ସବୁଗୁଡ଼ାକୁ ସମାନ ବାଗକୁ ଆଣିଲେ । ତାପରେ ଗଣାଗଣି ଆରମ୍ଭ କଲେ, ପାଟିରୁ ସାମାନ୍ୟ ଛେପ ନେଇ ଆଙ୍ଗୁଳିରେ ଲଗାଇ, ପାଣିଥିବା ରବର ପେଡ୍ ଶୁଖିଯାଇଥିଲା ବୋଧ ହୁଏ । ତାପରେ ଗଣାଗଣି ଆରମ୍ଭ । ଏକ ଦୁଇ ତିନି କରି ନୂଆ ଗଣି ଶିଖୁଥିବା ପିଲା ବା କୌଣସି ଦରିଦ୍ର ଅପାଠୁଆ ସ୍ତ୍ରୀ ଲୋକ ଯିମିତି ଗଣନ୍ତି ସେଇ ରୀତିରେ ସେ ଗଣୁଥାନ୍ତି । ମୁଁ ଆଖି ଡିମା ଓଲଟାଇ ମନେ ମନେ ଏକ ଦୁଇ ତାଳ ଦେଉଥାଏଁ । କେଡ଼େ ସ୍ଲୋ । ଥରେ ଏଲାହାବାଦ ରେଳଷ୍ଟେସନରେ ବୁକିଂ କ୍ଲାର୍କ ତାସ ସାଫ୍‌ଲ କଲାପରି ପଇଞ୍ଚାଳିଶଟା ଟିକେଟ ଭଡ଼ ଭଡ଼ କରି ପାଞ୍ଚ ସେକେଣ୍ଡରେ ଦେଇଥିଲା ନିର୍ଭୁଲରେ । ବେଙ୍କବାଲାଏ ସିମିତି ମେଜିକ୍ ପରି ହଜାର ହଜାର ଟଙ୍କା ମିନିଟକେ ଗଣି ଆପଣଙ୍କ ହାତକୁ ବଢ଼ାଇ ଦେବେ ସାବଲୀଳ ଭଙ୍ଗୀରେ । ଅଥଚ ଏଇ ଲୋକଟା ...

ଦଶ । ରବର ରିଂ ଟି ଉଠାଇ ମେଲାକରି ଦଶଟି ଶେଯକୁ ପୁଣି ଭାଙ୍ଗି ତା ଭିତରେ ଗଳାଇ ଆଗରେ ଥୋଇଲେ । ତାପରେ ଅବଶିଷ୍ଟ ନୋଟକୁ ସିମିତି ଟ୍ରୀଟମେଣ୍ଟ ଦେଇ ସାରି ପୁଣି ଆରମ୍ଭ କଲେ ଏକ ଦୁଇ ତିନ ଚାରି । ତାଙ୍କ ସାଙ୍ଗରେ ପୂର୍ବ ପରି ତାଳ ଦେଉଁ ଦେଉଁ ସାଇକେଲଟା ଅଛି କି ନାହିଁ ଦେଖିବା ପାଇଁ ପଛକୁ ଚାହିଁ ଦେଲି । ଗଣିବା ଆଉ ଅନୁସରଣ କରି ପାରିଲି ନାହିଁ ।



Digitized by srujanika@gmail.com

'କୋଡ଼ିଏ' କହି ସେ ପୂର୍ଣ୍ଣଚ୍ଛେଦ ଦେଲେ ଏବଂ ପୂର୍ବ ଦଶଟି ସହିତ ଏ କୋଡ଼ିଏକୁ ଯୋଡ଼ି ରବର ରିଂ ଭିତରେ ଜାକି ଜୁକି ରଖି ଦେଲେ ।

ମନି ଅର୍ଡ଼ର ଖର୍ଚ୍ଚ ବାବଦ୍ ନୋଟ ଅଲଗା ରଖିଲେ ।

''ଦେଖି, ଫର୍ମଟା ଦିଅନ୍ତୁ ।'' ବହୁ ପ୍ରତୀକ୍ଷା ପରେ ଫର୍ମଟି ମୋ ହାତରୁ ତାଙ୍କ ହାତକୁ ଗଲା ।

''ଉପରେ ବାଇ ଟେଲିଗ୍ରାମ (By Telegram) ଲେଖ ।'' ଫେରାଇ ଆଣି ସେଇୟା କଲି । ପୁଣି ବଢ଼ାଇଦେଲି ତାଙ୍କ ହାତକୁ ।

ଟେଲିଗ୍ରାମ ଖର୍ଚ୍ଚ କେତେ ପଡ଼ିବ ତାହା ହିସାବ କରିବା ପାଇଁ ସେ ଶବ୍ଦ ଗୁଣିବାକୁ ଯାଉଥିଲେ ହଠାତ୍ କଣ ଭୁଲଟାଏ ପୁଣି ଆବିଷ୍କାର କଲା ପରି ଚମକି ପଡ଼ି ଖୁବ୍ ରୁକ୍ଷ ଗଳାରେ କହିଲେ, ''ଥ୍ରି ହଣ୍ଡରେଡ଼ କଣ ଲେଖିଛନ୍ତି ?''

- ହଁ ତିନିଶ । ତିନିଶ ମନି ଅର୍ଡ଼ର ହେବ ।

- ଆଉ ଶହେ ?

- ''ଦେଲି ...।'' ଗଳାଟା ସ୍ୱତଃ କିମିତି ଅସ୍ୱାଭାବିକ ସ୍ୱର ନେଲା । ପୁଣି କହିବା ପାଇଁ ଯାଉଥିଲି ''ଆପଣଙ୍କୁ ....'' ରହିଗଲି ।

ଲୋକଟା ସିଧା ମୋ ଆଡ଼କୁ କଟମଟ କରି ଚାହିଁ ରହିଥାଏ ।

- କେତେ ଟଙ୍କା ଦେଲେ ?

- ତିନି

- ଆଉ ଶହେ ଦିଅନ୍ତୁ - ହାକିମାତି ରୋକଠୋକ୍ ଗଳା ।

- ମୁଁ କଣ ତିନିଶ ଦେଇନି ? ଆଉ ଥରେ ଗଣନ୍ତୁ ।

- ଗଣିବା ଦରକାର ନାହିଁ । ଦୁଇଶ ଦେବେ ତିନିଶ ମନି ଅର୍ଡ଼ର ହବ । ତଥାପି ସେ ରିଂ ଫିଟାଇ ପୁଣି ଗଣିଲା । ଯେତିକି ସେତିକି ।

- କି ଡେଙ୍ଗାରାସ୍ ଲୋକ ।



Digitized by srujanika@gmail.com

ସମସ୍ତଙ୍କ ଧ୍ୟାନ ଆକର୍ଷଣ କରିବା ଗଳାରେ କହିଲା,

- ଏ ସବୁ ଲୋକ ମଣିଷର ମୁଣ୍ଡ ଖରାପ କରିଦେବେ । ଦୁଇଶ ଦେଇ ତିନିଶ ମନିଅର୍ଡ଼ର କରିବେ ।

ପୋଷ୍ଟ ଅଫିସର ଏକମାତ୍ର ନାରୀ କର୍ମଚାରୀଟି ପାଖ ଦେଇ ଯାଉ ଯାଉ ବୁଲି ପଡ଼ି ପଚାରିଲା - କଣ ହେଲା ?

କିନ୍ତୁ ଯିମିତି ମୋତେ ଦେଖିଛି ହାତଯୋଡ଼ି  ନମସ୍କାର ଜଣାଇଲା ଏବଂ ଉତ୍ତରକୁ ଅପେକ୍ଷା ନ କରି ଚାଲିଗଲା । କିରାଣୀଟି କିନ୍ତୁ ଉତ୍ତର ଦେଲା, ହବ କଣ ? ଭଦ୍ରଲୋକ ଦୁଇଶ ଟଙ୍କା ଦେଇ ତିନିଶ ମନି ଅର୍ଡ଼ର କରିବେ । ଦେଲେ ଦି'ଶ, ଲେଖିଛନ୍ତି ତିନିଶ ।''

ମୁଁ ହତବାକ୍ ହୋଇ କେଉଁଠି କଣ ଭୁଲ ହେଇଗଲା ତାହା ଗବେଷଣା କରୁଥାଏ । କଣ ହେଲା ? ମୋରି ଆଖି ଆଗରେ ତିରିଶଟା ନୋଟ ଗଣିଲା । ଗୋଟାଏ ଅଧେ ନୋଟ ଝିଅ ଭୁଲରେ ନ ଦେଇଥିବ କିନ୍ତୁ ଏକାବେଳେ ଶହେ ଟଙ୍କା !

କିନ୍ତୁ ପର ମୁହୂର୍ତ୍ତରେ ଯିମିତି ଭାବିଲି ଯେ ମୁଁ ଏକ ଠକ, ଭଣ୍ଡ, ଜୁଆଚୋର ବୋଲି ସାମନା ଲୋକଟା ଧରି ନେଲାଣି ସିମିତି ଭୟାର୍ତ୍ତ ହୋଇ ଛିଡ଼ା ହେଲି । ଜଣାଗଲା ପୋଷ୍ଟାଲ ଇଉନିୟନର ସବୁ କର୍ମଚାରୀ ଏକଯୁଟ ହୋଇ ମୋତେ ମାଡ଼ିବସିବେ କାରଣ ତାଙ୍କର ଜଣେ ସହକର୍ମୀର ଚାକିରି ଖାଇବା ବା ତାକୁ ବିପଦରେ ପକାଇବା ମତଲବରେ ମୁଁ ପୋଷ୍ଟ ଅଫିସକୁ ଯାଇଥିଲି ।

ଟଙ୍କା ପଇସା ମନିଅର୍ଡ଼ର ଫର୍ମ ସବୁ ଛାଡ଼ିଦେଇ ପଳାଇ ଆସିବି ନା କଣ କରିବି ଭାବୁଛି (ଟଙ୍କା ଶହେ କୁଆଡ଼େ କିମିତି ଉଭେଇ ଗଲା ସେ କଥା ଭାବିବାର ବେଳ ନାହିଁ ବର୍ତ୍ତମାନ) ଲୋକଟା ପାଟି କରି ଆଦେଶ କଲା, ''ଯଦି ଦୁଇଶ ମନିଅର୍ଡ଼ର କରିବେ ତେବେ ତିନିଶ କାଟି ଦୁଇଶ କରନ୍ତୁ ଶୀଘ୍ର । ମୁଁ ଏକାଉଣ୍ଟ କ୍ଲୋଜ କରିବି ।'' ଦଣ୍ଡେ ରହି ଭ୍ରୂ କୁଞ୍ଚିତ କରି ପଚାରିଲା, ''କାହିଁକି ଭଲା ଏମିତି କରୁଥିଲେ ? ମୁଁ ଶହେ ଟଙ୍କା ମାରିନେଲି ଏଇ କଥା ପ୍ରମାଣ କରିବା ପାଇଁ ? କି ଆଶ୍ଚର୍ଯ୍ୟ ।''

ଝିଅ ଭୁଲଗଣିଛି ? ବାଟରେ ପଡ଼ିଗଲା ? ପକେଟମାର ହେଲା ? ନା ହାତ ସଫେଇ କରି କିରାଣୀଟା ମାରି ନେଲା ? କିରାଣୀର ତୀବ୍ର ଚାହାଣିର ଦଂଶନରେ ମୁଁ ଛଟପଟ



Digitized by srujanika@gmail.com

ହେଉଥିଲି, ତେଣୁ ଏ ସବୁ ପ୍ରଶ୍ନ ନିଷ୍ପତ୍ତିର ବେଳ ପାଇଲି ନାହିଁ । ପୁଣି ତା ପ୍ରଶ୍ନର ଉତ୍ତର ଦେବାକୁ ହବ ।

କହିଲି, 'ମୁଁ ଠକ ନୁହେଁ, ଭଣ୍ଡିବାକୁ ଆସିନି, ଜୀବନରେ କେବେ କାହାକୁ ମୁଁ ଠକିନି । ବରଂ ନିଜେ ଠକିଛି ।''ନିଜକୁ ଅପରାଧି ଧରି ନେଇ ସଫେଇ ଦେଲି ।

''ଧର ଟଙ୍କା, ନିଅ ଫର୍ମ ।' ନୋଟ ବିଡ଼ା ଓ ଫର୍ମ ତାଚ୍ଛଲ୍ୟରେ ମୋ ଆଡ଼କୁ ବଢ଼ାଇ ଦେଲା । ସେ ଜିଣିଗଲେଣି ଏ ଯୁଦ୍ଧରେ, ଏଇ ଭଙ୍ଗୀ ଦେଖାଇ ।

''ବିଶ୍ୱାସ କରନ୍ତୁ । ଶହେ ଅଧେ ଟଙ୍କା ବଡ଼ ନୁହେଁ । ମୁଁ ଜଣେ ... (କଣ କହିବି ? ପ୍ରଫେସର ? ପ୍ରିନ୍‌ସିପାଲ ? ଡ଼ାକ୍ତର ? ଇଞ୍ଜିନିୟର ? ଡେ଼ପୁଟି ? ଏମିତି ମେଜିକ ୱାର୍ଡ଼ କାହିଁ ଯାହା କହିଦେଲା ମାତ୍ରେ ସମାଜର ଯେ କେହି ଲୋକ କହିବ ... ... ଥାଉ ଥାଉ ଆପଣ ନିର୍ଦ୍ଦୋଷ, ଆପଣ ସାକ୍ଷାତ୍ ଧର୍ମରାଜ ଯୁଧିଷ୍ଠିର, ଆପଣ ସାକ୍ଷାତ୍ 'ସତ୍ୟ' ।'') କ୍ଷମା କରିବେ, ମୋର ଭୁଲ ହୋଇଯାଇଛି । ଆପଣଙ୍କୁ ବିପଦରେ ପକାଇବା ମୋର ମତଲବ୍ ନଥିଲା ।

ବୁଲିପଡ଼ି ପୁଣି କହିଲି, ''ମୁଁ ଘରକୁ ଯାଉଛି । ଆଉ ଶହେ ଆଣିବି । ମୋର ଭୁଲ ହୋଇଯାଇଛି । ଆଚ୍ଛା, କେତେ ସମୟ ଯାଏ ଆପଣ ଅଛନ୍ତି ?''

ସେଇ ନାରୀ କର୍ମଚାରୀଟି ଫେରି ଆସୁଁ ଆସୁଁ ମୋ କଥା ଶୁଣିପାରି ଆଶ୍ୱାସ ଦେଲା ଗଳାରେ କହିଲା, ''ଆପଣ ଯାଆନ୍ତୁ ସାର୍, ଆମେ ଅଧ ଘଣ୍ଟାଏ ଅପେକ୍ଷା କରିବୁଁ ।''ଏତକ କହି ସେ କିରାଣୀଟି ପାଖକୁ ଆସି ତା କାନ୍ଧ ଉପରେ ମୁହଁ ରଖି କାନ ପାଖରେ କଣ କହିବାକୁ ଯାଉଥାଏ ମୁଁ ଠକ୍ ଠାକ୍ ଶବ୍ଦ କରି ମୁଣ୍ଡ ନୁଆଁଇ ଫେରିଲି ।

ସାଇକେଲଟା ଉଠାଉଛି ନୋଟ ବିଡ଼ା ମନିଅର୍ଡ଼ର ଫର୍ମ ସବୁ ଛାଡ଼ି ପକେଟରୁ ତଳ ବାଲିରେ ଥପ୍ ଥପ୍ ହୋଇ ପଡ଼ିଲାଣି । ଝାଡ଼ିଝୁଡ଼ି ପୁଣି ଯଥାସ୍ଥାନରେ ରଖି ତରବରରେ ଚାଲିଲି ଘରମୁହାଁ ।

ବାହାରର ଥଣ୍ଡା ହାୱାର ପ୍ରଭାବରେ ମୋର ଉତପ୍ତ ମସ୍ତିଷ୍କ କ୍ରମେ କ୍ରମେ ଟିକିଏ ଥଣ୍ଡା ହେବାକୁ ଲାଗିଲା, ନରମ ଖରାରେ ଧୀରେ ଧୀରେ କୁହୁଡ଼ି ସଫା ହେବା ପରି ଜଣାଗଲା ।



Digitized by srujanika@gmail.com

ଅଧ କିଲୋମିଟର ଯିବା ପରେ ଭୁଲଟା ଧରି ପାରିଲି । ରୁମାଲ ଅଥବା ସାଇକେଲ ଚାବି ପକେଟରେ ରଖି ବା ଚଷମାଟା ନିଜ ନାକ ଉପରେ ପିନ୍ଧି ବି ଆମେ ଥରେ ଥରେ ଯିମିତି ଘରଯାକର ଜିନିଷ ପତ୍ର ବ୍ୟସ୍ତତାରେ ଫୋପଡ଼ା ଫୋପଡ଼ି କରି ଏକାକାର କରି ଦେଉଁ ସିମିତି ହାସ୍ୟାସ୍ପଦ ଘଟଣାର ଏ ଏକ ପୁନରାବୃତ୍ତି ।

ଘରେ ଝିଅ ସହିତ ଏମିତି କଥୋପକଥନ ଚାଲିପାରେ ବୋଲି କଳ୍ପନା କରି ନେଲି - ଝିଅ ମୁହଁ ଦେଖି ଜାଣିପାରିବ, ପଚାରିବ 'ମନିଅର୍ଡ଼ର ହେଲା ନାହିଁ ?''

''କେମିତି ହବ ? ତୋର ମୁଣ୍ଡ ଠିକ୍ ଥିଲେ ତ ! ମୋତେ ତିନିଶ ଟଙ୍କା ଦେଇଥିଲୁ ?''

''ତୁମ ଆଗରେ ଗଣିଦେଲି ପରା ! ପଡ଼ିଗଲା ? ପକେଟ ... ?''

''ମଥା ଠିକ୍ ରଖି କଥା କହ । ତୁ ମୋତେ ଦୁଇଶ ଦେଇଥିଲୁ ତିନିଶ ନୁହେଁ ।''

ହାର୍ଟଫେଲ୍ ।

ନା, ନା, ଏମିତି କଥାବାର୍ତ୍ତା ଠିକ୍ ନୁହେଁ । ଆଜିକାଲି ସମସ୍ତେ ଏଇ ଟେନସନ ଉପରେ ରହୁଛନ୍ତି । ଟୋକାଟୋକି ଟେନସନରେ ରହିଲେ ବୁଢ଼ାବୁଢ଼ୀ ହାଇପରଟେନସନରେ ।

ଘରେ ପହୁଞ୍ଚି ସିଧା ପଶିଗଲି । ଝିଅ ପଚାରିଲା, ''ଟି.ଏମ୍.ଓ. ହେଲା, ମୁଁ ଠିକ୍ ଭାବିଥିଲି, ହବନି ।''

ମୁଁ ସେଇ ସ୍ୱର ଧରି କହିଲି, ''କିମିତି ହବ ? ଦଶଟା ଦଶଟଙ୍କିଆ ନୋଟରେ ଶହେ ହେଲା ବୋଲି କୋଡ଼ିଏଟା ପାଞ୍ଚ ଟଙ୍କିଆ ନୋଟରେ କଣ ଦୁଇଶହ ହେବ ?''

ଜିଭଟାକୁ ହାତେ ବାହାର କରି ପାଖ ଖଟଟାରେ ଦଣ୍ଡେ ବସିଗଲା ଝିଅ ।

ଆତ୍ମଗ୍ଲାନିରେ କହିଲା. ''କେତେ ହଇରାଣ ନ ହେଲ ! ମୋର ସାମାନ୍ୟ ଭୁଲରେ ?''

''ହଇରାଣ ସରିନାହିଁ ଆହୁରି ଅଛି ।''

ଏଥର ରବର ରିଂରେ ଯତ୍ନରେ ନୋଟଗୁଡ଼ାକ ନ ଗୁଡ଼େଇ ସେ ମୋ ହାତକୁ ଯିମିତି ସିମିତି ବିପର୍ଯ୍ୟସ୍ତ ଅବସ୍ଥାରେ ବଢ଼ାଇ ଦେଲା ।



Digitized by srujanika@gmail.com

କାଉଣ୍ଟରରେ କିରାଣୀ ଆଉ ତା ପାଖକୁ ଲାଗି ସେଇ ଦୟାବତୀ ନାରୀ କର୍ମଚାରୀଟି ଛଡ଼ା ଆଉ କେହି ବୋଧହୁଏ ନ ଥିଲେ ପୋଷ୍ଟ ଅଫିସ ଭିତରେ । ଲାଲି ଗାଡ଼ିଟାରେ ମୁର୍ଦ୍ଦାରଗୁଡ଼ାକ ଆଉ ତା ପାଖରେ ଚାରିଜଣ ଶବବାହକ ଛିଡ଼ା ହୋଇଥିବାର ଦେଖିଲି ଯାଇକେଇ ରଖୁଁ ରଖୁଁ ।

ନୀରବ ନିସ୍ତବ୍‌ଧ ବିରାଟ ପ୍ରକୋଷ୍ଠରେ କିରାଣୀଟା ପୁଣି ନୋଟ ଗୁଡ଼ାକ ଗଣୁଥିଲାବେଳେ (ଏଥର ସେ ଯିମିତି ସିମିତି କରି ଗଣୁଥିଲା) ମୁଁ ପରିଶ୍ରମରୁ ଧଡ଼ପଡ଼ କରୁଥିବା ଗତି ଭିତରର ସ୍ପନ୍ଦନ ଅନୁଭବ କରୁଥିଲି । ଝିଅଟି ସେଇ ନୋଟଗୁଡ଼ାକୁ ଚାହିଁଥାଏ ।

ନୋଟ ଅକ୍ଳେଶରେ ଗଣି ସାରି ମୋତେ କ୍ଷମା ଦେବା ଚାହାଁଣି ଚାହିଁ ପୁଣି ମୁହୂର୍ତ୍ତରେ କ୍ଷମାପ୍ରାର୍ଥୀ ଚକ୍ଷୁରେ (ସେ ଝିଅଟା କଣ ମୋତେ ଚିହ୍ନେ ? ସେ କଣ ମୋ ବିଷୟରେ କିଛି କହିଛି ତାକୁ ? ସେ ଦୁହିଁଙ୍କ ସମ୍ପର୍କ ?) ସନ୍ତୁଷ୍ଟ ହୋଇ ପଚାରିଲା, ''ସାର୍ । ସେ ରବର ରିଂଟା କ'ଣ ଆଣି ନାହାନ୍ତି ?''

ସେଇ ମୁହୂର୍ତ୍ତରେ ମୋ ମୁଣ୍ଡଟା ନାସ୍ତିସୂଚକ ଭଙ୍ଗୀରେ ଆପେ ଆପେ ହଲିଗଲା ।

ପର ମୁହୂର୍ତ୍ତରେ ନଜର କଲି ସେଇ ସ୍ତ୍ରୀ ଲୋକଟିର ଆଖି ଖୁବ୍ କରୁଣ ଦିଶିଲା, ମୁହଁଟା ଫିକ୍‌କା ପଡ଼ିଗଲା । ଚଅଁର ପରି ଆଲୁଳାୟିତ ଚୂଳଗୁଡ଼ାକୁ ସେ ବାଁ ହାତରେ ସାଉଁଳେଇ ନେଲା ।

''ସାର୍ । ରବର ରିଂଟା କଣ ଆଣି ନାହାନ୍ତି ?'' - ରବର ରିଂ, ରବର ରିଂ ! ଠୋ ଠୋ ମନଖୋଲି ହସିବାକୁ ମନ ହେଲା । ''କେଡ଼େ କ୍ଷୁଦ୍ର ବୀଜରୁ କେଡ଼େ ବଡ଼ ବଟବୃକ୍ଷ ହୁଏ '' - ଶିଶୁବୋଧର କଥା ପଦକ । ପଶୁ ପକ୍ଷୀ ଫୁଲିଥିବା ଲୋମ ବା ଡ଼େଣାକୁ ସାଉଁଳେଇ ନେଲାପରି ମୁଁ ମୋ ମୁଣ୍ଡ ଭିତରେ ଶିରା ପ୍ରଶିରାକୁ ଶୁଆଇ ଦେଲି ।

ଦ୍ରୌପଦୀଙ୍କ ବେଣୀବନ୍ଧନ ହେଲା ନାହିଁ । ସୂର୍ଯ୍ୟଦେବ ଅସ୍ତ ଗଲେ ।

●



Digitized by srujanika@gmail.com

# ମାଛ

ଟୁନୁ ବି ଗପ ଶୁଣୁଥିଲା । ଗପ ନୁହେଁ ତ ବଜାରରୁ ସଦ୍ୟ ଉପାର୍ଜିତ ନିଛକ ତିକ୍ତ ଅଭିଜ୍ଞତା ।

ହିମ ପ୍ରବାହରେ (ଯାହା ସାତ ଦିନ ଭିତରେ ବିହାରର ପାଞ୍ଚଶ ଲୋକଙ୍କୁ ମାରି ମେଦିନୀପୁରର ଗରିବ କାଙ୍ଗାଳଙ୍କୁ ଛଟପଟ କରୁଥାଏ) ବି ଦିହରୁ ମାଠିଆ ମୁହଁରେ ଝାଳ ବହି ଯାଉଥାଏ । ମାଛ ଥଳିଟାକୁ ଅଗଣା ମଝିକୁ ଫୋପାଡ଼ି ଦେଇ ଦରଭଙ୍ଗା ଚେୟାର ଗୋଟାକରେ ବସି ପଡ଼ିଲି । ମୁଣ୍ଡଟା ବୁଲାଉଥାଏ ।

କପାଳରୁ ଝାଳ ସବୁ ପୋଛୁ ପୋଛୁ ମନେ ମନେ କହୁଥାଏଁ, କେତେ ପରା ତୁମେ ସବୁ ମାଛ ମାଛ ଭଜୁଥିଲ, ନିଅ ଖାଅ ଏଥର । ମନ ମାନୁ ।

ଥଳି ମୁହଁ ମେଲା କରି ଟୁନୁ ଦେଖିଲା ଏବଂ ସଙ୍ଗେ ସଙ୍ଗେ ଥଳିଟାକୁ ତାଚ୍ଛଲ୍ୟରେ ଫୋପାଡ଼ି ଦେଇ ମନ୍ତବ୍ୟ ଆରମ୍ଭ କଲା, ଭାକୁର ପିଲାଟାଏ, ଛିଃ । ଏଇ ମାଛ ଛଡ଼ା ବଜାରରେ ଆଉ କିଛି ମାଛ ନଥିଲା ? ଯାର ମୁଣ୍ଡଟା ତ ସବୁ, ଛୋଟ ଛୋଟ କଣ୍ଟା, କେତେ ଅଛି ପାଏ ନା ତିନିଶ ।

ମୁଣ୍ଡ ବୁଲାଇବା କମି ନ ଥାଏ । କହିଲି, ଟିକିଏ ଭଲ କରି ଦେଖ୍ । ପାଞ୍ଚଶ ମାଛକୁ ଅଢ଼େଇଶ କଲୁଣି । ତୁମେ ସବୁ ମାଛ ମୁଣ୍ଡ ଖାଅ, ମୋ ମୁଣ୍ଡକୁ ଆଉ ଜଣେ ଖାଇ ସାରିଲାଣି । ଏଥର ତୁମେ ବଜାର କରିବ । ଭଦ୍ରଲୋକ ବଜାରକୁ ଯାଆନ୍ତି ? କେଉଁ ଗେଜେଟେଡ଼ ଅଫିସର ଥଳିଟାଏ ଝୁଲାଇ ବଜାରରେ ବୁଲିବାର ଦେଖିଛ ? ଚାକର ଚପରାସିଙ୍କ କାମ ମୋତେ କରିବାକୁ ପଡୁଛି । ଦିନ ଦି'ପହରେ ଯୋଡ଼ାଏ ଟଙ୍କା ମାରି ନେଲା । ଗଣ୍ଡିକଟା ଚୋର । ଯେଉଁ ମାଛ ତ ଦେଖୁଛ । ବରଫ କଳ ବସିଲାରୁ ଏ ମହଜୁଦକାରୀଙ୍କୁ ସୁବିଧା ହେଲା । ବ୍ରେନ ଟାଇମିଂ ବି ରପ୍ତାନି କି ସୁଯୋଗ ଦେଇଛି ।

କିଏ ମାରିନେଲା ? କାହା କଥା କହୁଛ ? କିଏ ସେ ଲୋକ ?

ଆଉ କିଏ ? ସେଇ ସୁରୁମାଆଖିଆ ମାଛ ବେପାରୀଟା । ଥରେ ଅଧେ ହେଲା, ପାଞ୍ଚ ପାଞ୍ଚ ଥର ଠକେଇଲାଣି । ମୋରି ଦେଖନ୍ତ ତା ବାପା ପୂର୍ବ ପାକିସ୍ଥାନରୁ ଏଠାକୁ ଆସିଥିଲା । କେତୁଟା ବର୍ଷ ତା ବାପାର ଦରଭଙ୍ଗା ରିକ୍ସା ଟଣାଟଣି କରିସାରି ମାଛ ବେପାର



Digitized by srujanika@gmail.com

ଧଇଲା । ଦୁଇ ତିନି ବର୍ଷରେ କେପିଟେଲିଷ୍ଟ ବନିଯାଇଛି ! ଓଦା ସରସର ହୋଇ ଶୀତ କାକରରେ ଥରି ଥରି ଜାଲୁଆମାନେ ଖାଳୋଇ ଧରି ବଜାରରେ ପହୁଞ୍ଚିଲେ ତ ଝାଂପି ପଡ଼ିଲା, ମୂଲାଇ ନେଲା । ସବୁ ମାଛ ସମସ୍ତଙ୍କଠୁ କିଣି ନେଇ ମନ ଇଛା ଦରକଷି ବେପାର ଆରମ୍ଭ କଲା । ଗୋଟାଏ ବଡ଼ ସରକାର ପାଲଟି ଯାଇଛି ଯିମିତି । ନିଜେ ତ ଗହମ ବୁଣେ ନାହିଁ କି କାଟେ ନାହିଁ । ଶସ୍ତା ନୋଟ ବଦଳରେ ଯାଠୁ ତାଠୁ ସବୁ ଧାନ ଗହମ କିଣି ନେଇ ଗୋଟିଏ କୃତ୍ରିମ ବଜାର ସୃଷ୍ଟି କରେ । ଠିକ୍ ସମୟରେ ଠିକ୍ ଦରରେ ଠିକ୍ ଲୋକଙ୍କୁ ଦେଇ ପାରେନି । ଲୋକେ ବାଧ ହୋଇ ବିଦ୍ରୋହ ବିକ୍ଷୋଭ କରନ୍ତି, ଗୁଳିରେ ମରନ୍ତି, ଦଲାଲି କରି କେତେ ଦିନ ତିଷ୍ଠିବ ? ହେଲେ ଏ ସୁରୁମା ଆଖିଆ ତିଷ୍ଠିଛି । ପକ୍କା କୋଠା ବି କରିଗଲାଣି ଶୁଣିଲି । ରାମାନନ୍ଦୀ ସିନ୍ଦୂର ଚିତା କାଟି ଚିଲା ଆଖିରେ ସୁରମା ଲଗାଇ ଭଣ୍ଡ ତପସ୍ୱୀ ସାଜିଛି । ମାଛିଆଟାଏ ପକାଇ ବସିଯାଇଛି କେବିନେଟ ଭିତରେ ମୁଖ୍ୟମନ୍ତ୍ରୀ ପରି ।

କିଏ ସେ ମାଛବାଲା ? ତାକୁ ଏତେ ଇମ୍ପଟେନ୍ସ ଦଉଛ କାହିଁକି ?

ଠକ୍, ଭଣ୍ଡ, ମହଜୁଦକାରୀ ମୁନାଫାଖୋର ଦଲାଲଟାଏ । ହାକିମସ୍ତାନ ହେବାକୁ ବେଶି ଡେରି ନାହିଁ । ଦେଖିବ ଆଉ ମାସେ ଦିମାସ ପରେ ସାରା ବଜାରକୁ ଗିଳିଯିବ ।

କିଏ ସେ ଲୋକ ? କୁହ ଆମେ ଟିକିଏ ଚିହ୍ନି ରଖୁ ଭବିଷ୍ୟତକୁ କର୍ମରେ ଆସିବ ।

ସମସ୍ତେ ତାକୁ ଜାଣନ୍ତି । କିଏ ତା'ର କ'ଣ କରି ପାରିଲେ ? ତୁମେ ତାକୁ ଜବଦ କରିବ ? ତମ ବାପାକୁ ସିଏ ଥରେ ଅଧେ ନୁହେଁ ପାଞ୍ଚ ପାଞ୍ଚ ଥର ଠକାଇଲାଣି । ଓ, ତାରି କଥା ସେଥର କହୁଥିଲ । ଯେ ପବତା ମାଛ କହି କଣ୍ଟିଆ ଦେଇଥିଲା, ବଚା ମାଛ କହି ବାଳିଆ ଛୁଆ ଦେଇଥିଲା ସାତଟଙ୍କା କିଲୋରେ ?

କାହିଁକି ତା ଗୁଣ ବଖାଣୁଛ ? ତାର ମହିମା ଅପାର । ତାର ଚକ୍ରବ୍ୟୂହ ଭେଦିବାକୁ ଅଭିମନ୍ୟୁ ଜନ୍ମିନି, ବାଲେଶ୍ୱରରେ । ଯଦି ବା କେହି ଭେଦିବ ଫେରିବାକୁ ବାଟ ପାଇବ ନାହିଁ । ସପ୍ତରଥୀ ତାକୁ ଶେଷ କରିଦେବେ । ସେ ଏକା ନୁହେଁ, ଯେତେ ମେଳିଆ କଳିହା ସମସ୍ତଙ୍କର ସେ ଗୁରୁ । ଦୁର୍ବୁଦ୍ଧିରେ ସେ ସମସ୍ତଙ୍କୁ  ହାତମୁଠାରେ ରଖିଛି । ମାପ ଓଜନ କର୍ମଚାରୀ ତାକୁ ଧରି ସାବାଡ଼ କରି ପାରନ୍ତେ । କିନ୍ତୁ ଧରନ୍ତି ନାହିଁ । ସୁନା ତଉଳିବା ପାଇଁ ବଣିଆମାନେ କାଚ ବାକ୍ସ ଭିତରେ ଯେଉଁ ନିକିତି ରଖିଥାନ୍ତି ଦେଖିଥିବ, ଠିକ୍ ପଙ୍ଖା ତଳେ । କେଶାଗ୍ର ଓଜନ ଏ ପାଖ ସେପାଖ ହେଲେ ବା ହାବୁକାଏ ପବନ ପଶିଲେ କଣ୍ଟା



Digitized by srujanika@gmail.com

କିମିତି ଚମକି ପଡ଼ି ଏପଟସେପଟ ହୁଏ ଦେଖିଥିବ । ଯାର ତରାଜୁ ସିମିତି । କହୁଣୀର କରଉଁ ପର୍ଯ୍ୟନ୍ତ ହାତଟି ଓଜନ ଡଙ୍ଗାକୁ ଢଙ୍କାଇ ରଖିଥାଏ । ଇଚ୍ଛାମତେ ସେ ଓଜନ ଯନ୍ତ୍ରକୁ ଖେଳାଇପାରେ ଯାଦୁ ବଳରେ । ଗରାଖ ସବୁବେଳେ ଭାବେ ସେ ବେଶୀ ପାଇଲା । କୌଣସି ଖାନ୍‌କୀର ଆଖି ବି ଏତେ ଚଟୁଳ ଚପଳ ନୁହେଁ । ଛାଡ଼ କଣ ନା କଣ ପାଟିକୁ ଆସି ଯାଉଛି । ହାତରେ ମୁଣ୍ଡଫଟା ରଙ୍ଗ ରଖି ମାଛ କାଟେ । ତିନି ଦିନର ବରଫ ଦିଆ ମାଛରୁ ଲାଲ ଟକ୍ ଟକ୍ ରକ୍ତ ବାହାର କରିପାରେ । ମାଛ ଯେତେ ପଚିଥିଲେ ବି ସେ ତୁମକୁ ଦେଖାଇ ଦେବ 'ଗାଲି' ଲାଲ ରଙ୍ଗରେ ଫାଟି ପଡୁଛି ।

ବଢ଼ିଆ ଲୋକଟା ତ ! ଇଣ୍ଟାରେଷ୍ଟିଂ !

ହଁ । ତୁମ ପାଇଁ ଏ ବଢ଼ିଆ କେରେକ୍ଟରଟାଏ । ସେଥିର ଯେଉଁ ପାଞ୍ଚପା ଓଜନର ଇଲିଶି ଆଣିଥିଲି ସେଇଟି ତାରି ଅବଦାନ, ଯେଉଁଟା ଚକଟି ଧୋଇ ଦେଲା ବେଳକୁ ଗାଡ଼ିଆଯାକ ପାଣି ଉପରେ ଧଳା ଧଳା ଚିଜ ଖେଳିଗଲା, ଘରକୁ ଖାଲି ମୁଣ୍ଡ କଣ୍ଟା ଫେରିଲା । ନଅଟଙ୍କା କିଲୋରେ ସେ ''ଆପଣଙ୍କୁ ବୋଲି ଦେଲି ଏତେ ଶସ୍ତାରେ କହି'' ଥଳିରେ ପୁରାଇ ଦେଇଥିଲା । ଶଳା ଦଣ୍ଡିରେ ମାରେ, ଦରରେ ମାରେ, କଥାରେ ବି ମାରେ । ହଣାକଟା ରକ୍ତପାତରେ ତ ଶଳାର ଜନ୍ମ ! ଛୁରା ବନ୍ଧୁକର କାରସାଦି ସେ ମାଆ ପେଟରେ ଥାଇ ଦେଖିଛି ।

ଏମିତି କଣ ପାଗଳ ପରି ବକି ଯାଉଛ । ଲୋକେ ଶୁଣିଲେ କଣ କହିବେ ? ତୁମେ କେତେ ଦରର ସିଏ କେତେ ଦରର ! କ୍ରୋଧଂ ପ୍ରଭୋ ସମ୍ବର ସମ୍ବର । ମାଛବାଲା ତ ଧର୍ମଯାଜକ, ଅଧ୍ୟାପକ ନୁହେଁ । ସେ ନୀତିଶାସ୍ତ୍ର ପଢ଼ି ନାହିଁ କି କାହାକୁ ପଢ଼ାଇ ନାହିଁ । ଏମିତି ଅନର୍ଗଳ ବକ୍ତୃତା କରିବାରେ ଲାଭ କଣ ? ହାଇପରଟେନସନ୍ ବଢ଼ିବା ସାର ହେବ । ଆମେ ଆଉ ମାଛ ଖାଇବା ନାହିଁ, ତୁମର ବଜାର ଯିବା ଦରକାର ନାହିଁ । ମାଛ ଖାଇବାର ଇଚ୍ଛା ହେଲେ ମୁଁ ଯିବି । ଚୁମ୍ବକରେ କଥାଟା କହିଦିଅ ତ ।

କାହାକୁ କହିବା, କପାଳରେ ସିନା - କଣ କହିବି ? ବାଲେଶ୍ୱର ବଜାରରେ ବି ମାଛ ନାହିଁ, ଏ କଥା କିଏ ବିଶ୍ୱାସ କରିବ ? ଟିଣଟିଣ ଇଲିଶି, ବାର୍‌ଦା ଚିଙ୍ଗୁଡ଼ି ଭଜା ପୁରୀ, କଟକ, ରାଉରକେଲା ନେଉଥିଲି । ବାରଅଣାରୁ ଦୁଇଟଙ୍କା ଭିତରେ ଫିରିକିଠାରୁ ଇଲିସି ପର୍ଯ୍ୟନ୍ତ ଖାଇଛି । ଏଇ କେତେବର୍ଷ ତଳେ । ଏଇ ଶସ୍ତା ମାଛ ଖାଇବା ପାଇଁ କେତେ ବଡ଼ ବଡ଼ ସମ୍ଭ୍ରାନ୍ତ ପରିବାର ଦେଶାନ୍ତରୀ ହୋଇଛନ୍ତି, ମେଲେରିଆ ବିପଦକୁ ଖାତିର ନ କରି



Digitized by srujanika@gmail.com

ସମୁଦ୍ର କୂଳର ଜମି ଜମା ନେଇ ଚିରସ୍ଥାୟୀ ବାସିନ୍ଦା ହୋଇଯାଇଛନ୍ତି । ଆଜି ଇଏ କି ଅବସ୍ଥା ? ଛାଡ଼ ! ହଁ, ବଜାରରେ ମାଛ ନ ଥିଲା ।

ମିଳିଲା କେମିତି ତେବେ ?

କହୁଛି ଶୁଣ । ଲୁଣୀମାଛ ତ ତୁମେ ଖାଇବ ନାହିଁ, ମଧୁର ମାଛ ନହେଲେ ତୁମ ନାହି ଭେଇଁବ । ସାରା ବଜାରରେ ଜଣକ ପାଖରେ ମାଛ ଥିଲା । ଅଛ, ଲୁଣୀ ଗୋଳିକଡ଼ମା । ସେଇ ଲମ୍ବା ଗୋଳିଆ ଚୁଚୁନ୍ଦ୍ରାମୁହାଁ ମାଛ ଗୁଡ଼ାକ । ଟିକିଏ ସଢ଼ିଗଲେ ଅନ୍ତବୁଜୁଳା ପଦାକୁ ବାହାରିପଡ଼େ । ଟିପାଟିପି ଚିପାଚିପି କରି ଦେଖିଲି ଚଳିବ, ବରଫ ଦିଆ ନୁହେଁ, ମୁହାଣ ମାଛ । ଝୋଳ ନ ହେଲା ନାହିଁ ଭଜା ଖାଇବା । ଫିଶ୍ ଫ୍ରାଏ ତୁମେ ସବୁ ଭଲ ପାଅ । ସଅଶ୍ ବୋତଲ ତ ଖୋଲା ହୋଇନି । ସାଢ଼େ ତିନି ଟଙ୍କା କିଲୋ । ହଅ, ଦିନେ ଅଧେ ଖଣ୍ଡେ ଦିଖଣ୍ଡ ଲୁଣୀମାଛ ଭଜା ଖାଇଦେଲେ କଣ ଏଲାର୍ଜି ହେବ ? ପ୍ରୋଟିନ ତ ଅଛି । ଖାଦ୍ୟ ଅଭ୍ୟାସ ବଦଳ ବି କରିବା ଦରକାର । ଦେଖୁନ ଗୁଜୁରାଟର ଲୋକେ ଗହମ ବଦଳରେ ବାଜରା ଭଳି ମୋଟା ଖାଦ୍ୟଶସ୍ୟ ବ୍ୟବହାର କରୁଛନ୍ତି । ଏଇ ଗୋଳିକଡ଼ମା ମାଛ ଭାରତରେ ପାଇଛନ୍ତି କେତେ ଖାଇଛନ୍ତି କେତେ ? ବଡ଼ ବଡ଼ ହୋଟେଲରେ ଯେଉଁ ଫିଶ୍ ଫ୍ରାଏ ମିଳେ ତାହା ଦୁଇମହଣିଆ କଚିମ ମାଂସର ଫ୍ରାଏ । କି ମାଛ କେତେ ଶସ୍ତାରେ ଏଠି ମିଳୁ ନ ଥିଲା ? ଏବକୁ ଭାତୁଆ ଗୁଣ୍ଡ ଚିଙ୍ଗୁଡ଼ି, କାଠୁଆ କଣ୍ଟିଆ, ପୋଚରା ପାଣିଆଖିଆ ବି ଉଭାନ ହେଲାଣି । ଏଡ଼ିକି କଡ଼ା ଖୋଦ ପୋଲିସ ସାହାବଟା ବି ହାର ମାନିଲା ଏ ସୁରୁମାବାଲାର ଦଳ ଆଗରେ ।

ସତରେ ବାପା ! ମୁଁ ହାର ମାନୁଛି ତୁମ ପାଖରେ । କେତେ ସାନ କଥାକୁ କେତେ ବଢ଼ାଇ କହିପାର । ମୋର ଧୈର୍ଯ୍ୟ ନାହିଁ ଆଉ ।

ଶୁଣ ଏଥର କହୁଛି । ଅଧକିଲେ କିଣିଲି ଗୋଳିକଡ଼ମା କାହା ପାଖରୁ ? ସୁରୁମାବାଲା ନା ଆଉ କାହା ପାଖରୁ ? ସୁରୁମାବାଲା ଆସି ନଥିଲା । ଆସ୍ଥାନ ଛାଡ଼ି କୁଆଡ଼େ ଘୁରା ଫେରା କରୁଥିଲା ହୁଏତ । ତାରି ପାଖ ବେପାରୀ ପାଖରୁ କିଣିଲି । କିଲୋ ସାଢ଼େ ତିନି । ଅଧ କିଲୋକୁ ଟଙ୍କାଏ ବାରଣା ।

ସାଢ଼େ ତିନି ହେଲେ ଅଧକିଲୋକୁ ଟଙ୍କାଏ ବାରଣା ହୁଅନ୍ତାନି କି ?

ପାଞ୍ଚଟଙ୍କିଆ ନୋଟଟା ବଢ଼ାଇ ଦେଲି । ଭାଗ୍ୟକୁ ତାଠି ରେଜା ଥିଲା । ସେ ଫେରାଇଲା ଗୋଟିଏ ଦୁଇ ଟଙ୍କିଆ ନୋଟ, ଗୋଟିଏ ଟଙ୍କାକିଆ ନୋଟ ଆଉ ରଜାମୁଣ୍ଡ ବା ବାଘମାର୍କା



Digitized by srujanika@gmail.com

(ବାଲେଶ୍ୱର ଛଡ଼ା ପୃଥିବୀର ସର୍ବତ୍ର ଅଚଳ) ସୁକିଟିଏ । କଣା ପେଣ୍ଟ ପକେଟରେ ସୁକିଟିକି ନ ରଖି ଛାତି ପକେଟରେ ଅନ୍ୟାନ୍ୟ ଜିନିଷ - ଯଥା ଦୁଇଟଙ୍କିଆ ନୋଟ, ଇଲେକ୍ଟ୍ରି ବିଲ, ମନିଅର୍ଡ଼ର ରିଶିଟ, ଚିଠିପତ୍ର, ଏମିତି କି ଖଣ୍ଡିଏ ଚକଖଡ଼ି - ସହିତ ରଖିଦେଲି ଏବଂ ଥଳି ଧରି ଅନ୍ୟାନ୍ୟ ଦ୍ରବ୍ୟ ଓ ପନିପରିବା କିଣିବା ପାଇଁ ବାହାରି ଗଲି । ମନ ଭଲ ନ ଥାଏ । ଏତେ ଦିନରେ ଯଦିବା ଭଲ ମାଛ ଖାଇବା ଖୁଆଇବା ଚେଷ୍ଟା କରୁଥିଲି ତାହା ହେଲାନି । ସଶ୍ ବୋତଲ ଠିପି ଅଖୋଲା ରହିଯିବ ବୋଧହୁଏ । ଯାହା ବା ମିଳିଲା ତାହା ତୃତୀୟ ଶ୍ରେଣୀର ମାଛ । ତୁମେ ସବୁ ପସନ୍ଦ କରିବ ନାହିଁ, ବିରକ୍ତ ହବ । ଧନିଆଁ ପତ୍ର, ବିଲାତୀ, ଅଦା, ଲଙ୍କା, ସୋରିଷ ଆଦି ଆନୁଷଙ୍ଗିକ ଦ୍ରବ୍ୟ କିଣିବା କଥାକୁ ମନ ଦେଲି ନାହିଁ । ଅନ୍ୟମନସ୍କ ହୋଇ ବୁଲୁ ବୁଲୁଁ ଦେଖିଲି ଦ୍ୱିତୀୟା ଚାନ୍ଦ (ପ୍ରତିପଦା ଜହ୍ନ କିଏ ଦେଖିଛି ବୋଲି ଉପମା ଦେଉନାହିଁ) ପରି କଖାରୁ ଖଣ୍ଡକ କୋଡ଼ିଏ ପଇସା । ଚାଖିଲି, ତା ବି ମିଠା ନୁହେଁ, ଫସକା । ମେଜାଜ୍ ବିଗିଡ଼ି ଯିବ ମଣିଷର ।

ବ୍ୟସ୍ତ ହେଉଛ କାହିଁକି ? କିଛି ନ ଆଣିଛ ନାହିଁ, ଆମେ ପରେ ଆଣିବା । ମାଛ ତ ଆଣିଛ, ଭାତ ମାଛ ଝୋଳ ଯଥେଷ୍ଟ ।

ତୁମେ ସବୁ ଆଉ ଝୋଳ ନାଆଁ ଧରନି । ଭଜାରେ ତେଲ, ଝୋଳରେ ତେଲ । ଡବଲ ଖରଚ । ଭଜା ବି ନ ଖାଅ । ତେଲ ଦର ଏଗାର ପଚାଶ । କିଲେ ମାସେ ଯିମିତି ଯାଏ । ସୋରିଷ ବଟାରେ କଞ୍ଚା ମାଛ ବଢ଼ିଆ ହୁଏ । ଭିଟାମିନ୍ ନଷ୍ଟ ହୁଏନି । ଭାରି ଭଲ ବି ଲାଗେ । ଅରିଜିନାଲ ଟେଷ୍ଟ ମିଳେ ।

ଗୋଟିକଡ଼ମା କିଣିଥିଲ ପରା । ଭାକୁଡ଼ ଥଳିକି ପଶିଲା କିମିତି ?

ସେଇଥିା ତ କହୁଥିଲି । ସେ ପୁଣି ଏକ ମହାଭାରତ । କଥାଟା ଅନ୍ୟ ଆଡ଼େ ଚାଲିଗଲା । ମନ ଭଲ ନ ଥିଲେ ଏମିତି ହୁଏ । ଫେରୁଥିଲି, ପୁଣି ମାଛ ବଜାରକୁ ଚାହିଁ ଦେଲି । ଦେଖିଲି, ସୁରୁମା ଆଖିଆ ଦିଟା ଥଳିରୁ ପାକୁ ପାକୁ କରୁଥିବା କେତେ ଗୁଡ଼ାଏ ଭାକୁର ଛୁଆ ଚଟାଣରେ ଅଜାଡ଼ି ଦେଲା । ବାଲିଟିଏ ପାଣି ଛାଏ ଛାଏ ମାରି ମାଛିଆ ଉପରେ ବସି ଚିତ୍କାର ଆରମ୍ଭ କଲା ''ରସଗୁଲ୍ଲା, ରସଗୁଲ୍ଲା'' (ବୁଢ଼ା ବାଘ ବାଟୋଇଙ୍କି ଏମିତି ଡାକୁଥିଲା, ନିଅ ସୁନା କଙ୍କଣ ନିଅ, ଗାଧୋଇ ପାଧୋଇ, ମସ୍ତପକେ ସୁଦୁସ୍ତରେ) ସବୁ ମାଛ ସମାନ ଓଜନର ଅଧକିଲିଆ, ଆଷାଢ଼ ମାସର ଜାଆଁଳ । ଏଇ ଲୋକଟା ବାସ୍ତବିକ ମେଜିକ ଜାଣେ । କେଉଁଠି କିଛି ନାହିଁ । ହଠାତ୍ ପ୍ରାଚୁର୍ଯ୍ୟ ।



Digitized by srujanika@gmail.com

ଦର ?

ସାତ ଟଙ୍କା ।

ସରକାରୀ ମତ୍ସ୍ୟ ବିକ୍ରୟ କେନ୍ଦ୍ରରୁ ଲୋକ ଲଗାଇ ଜଗାଇ ଚାରିଟଙ୍କାରେ ଆଣି ଏଠି ସାତରେ ବିକ୍ରୀ କରୁଛି । କଳାବଜାରୀ ! ଚାରିକୁ ସାତ ! ଆମର ବା କିଏ ଅଛି ଯେ ଧାଡ଼ିରେ ଠିଆ ହୋଇ ଧସ୍ତାଧସ୍ତିକି ଯିବ ?

ଟୁନୁ ପଚାରିଲା ଯାକୁ ତୁମେ ମାଛ କୁହ । ମାଛର ଆପୋଲଜି ନା କେରିକେଚର, କାଳେ ପଛକୁ ମିଳିବ ନ ମିଳିବ ଏଇ ଆଶଙ୍କାରେ ସେ ମାଛ ଓଜନ କରୁ ନକରୁଣୁ ଦିଟଙ୍କିଆ ନୋଟଟା ତାକୁ ଧରାଇ ଦେଇ ଗୋଟିଏ ମାଛ ଓଜନ କରିବାକୁ କହିଲି । ସେ ଦିଟଙ୍କିଆ ନୋଟକୁ ନେଇ ମୁଣ୍ଡରେ ଛୁଆଁଇବା ପୂର୍ବରୁ ଦଣ୍ଡିଟାକୁ ବି ସଲାମ କରି ସାରିଥିଲା । ଥଳିରେ ମାଛ ପୂରାଇବା ପୂର୍ବରୁ ପକେଟକୁ ଚାହିଁ ଦେଖିଲି ଟଙ୍କାଏ ଆଉ ସୁକିଟିଏ ଅଛି । ଆହୁରି ଆଠଣା ନିଅଣ୍ଟ । ମାଛଟାକୁ ଚଟାଣର କାଛପଟକୁ ରଖି ସୁରୁମାଆଖିଆ ନବାଗତ ଗରାଖ ମାନଙ୍କ ଆଡ଼କୁ ମନ ଦେଲା ।

ପ୍ରଥମେ ଭାବିଥିଲି ଗୋଳିକଡ଼ମା ଭାକୁଡ଼ ଉଭୟ କିସମ ମାଛ ନେବି । ସଅଶ୍ ଆଉ ଅନିଅନ ଦେଇ ଗୋଳିକଡ଼ମା ଭଜା, ଆଉ ଭାକୁଡ଼ ଝୋଳ । କିନ୍ତୁ ପଇସା ନିଅଣ୍ଟ । ଚାରିଅଣା ଅଭାବ ପଡୁଛି ହେଲେ ସେ ଛାଡ଼ି ଦେବନାହିଁ କି ବାକୀ ରଖିବ ନାହିଁ ।

ଦ୍ୱିତୀୟ ବାର ଚିନ୍ତା କଲି, ଗୋଳିକଡ଼ମା ତ କିଣି ସାରିଛି । ଦେଖେଁ ଯଦି ସେ ଫେରାଇ ନବ, ନ ହେଲେ ଭାକୁଡ଼ ନ ନେବି ।

ସନ୍ତର୍ପଣରେ ଭଦ୍ରାମି ଓ ନମ୍ରତା (ଖୋସାମତି ?) ର ଚରମ ସୀମାକୁ ଯାଇ ତାରି ଡାହାଣ ପାଖରେ ଖଣ୍ଡେ ଦୂରରେ ବସିଥବା ମାଛ ମହାଜନ ପାଖକୁ ପୁଣି ଗଲି ଏବଂ ଆଉ କେହି ନ ଶୁଣିବା ଗଳାରେ କହିଲି, ଶୁଣ, ଦୟାକରି ତୁମ ମାଛତକ ଫେରାଇ ନବ ? ଥରେ କିଣି ସାରିଛି, ଫେରାଇବା କଥା ନୁହେଁ, ତୁମର ବି ନ ନବାର କଥା । ତେବେ ବି କହୁଛି, ଫେରାଇ ନବ ? ଘରେ ଆମର କେହି ଲୁଣିମାଛ ଖାଆନ୍ତି ନାହିଁ, କାହାର ଏଲାର୍ଜି, କାହାର ଏଜ୍‌ମା, କାହାର ଏକ୍‌ଜିମା, ଆଉ କାହାର କୁଷ୍ଠ ...(ଏସବୁ ରୋଗ କଣ ସେ ଜାଣୁ ପଛକେ) ଛାଡ଼ କଣ କହୁଛ, ଫେରାଇନେବ ?

ଏମିତି କଣ କହୁଛନ୍ତି ବାବୁ ? ଆପଣ କଣ ଦିନେ ଅଧକର ଗରାଖ । ପନ୍ଦର ବର୍ଷ ହେଲା ଆପଣ ଆମଠୁ ମାଛ କିଣୁଛନ୍ତି । ଦିଅନ୍ତୁ, କିଛି ଆପରି ନାହିଁ । ଥଳିଟା ହାତରୁ



Digitized by srujanika@gmail.com

ଟାଣି ନେଲା, ବୁକୁନା ବାହାରିଥିବା ତିନିଟା ମାଛ ଥପ ଥାପ ହୋଇ ପଡ଼ିଲେ ତାଙ୍କ ସାଥୀମାନଙ୍କ ଉପରେ ।

ଆପଣଙ୍କୁ ଯେଉଁ ସ୍ଲିପ୍‌ଟା ଦେଇଥିଲି ଦିଅନ୍ତୁ । ଦିଟଙ୍କିଆ ନୋଟଟା ଦେଉଛି । ଭଦ୍ରାମିର କରାମତି ଅଛି ଭାବି ଖୁସିରେ ଯନ୍ତ୍ରଚାଳିତ ପରି ଛାତି ପକେଟରୁ ସ୍ଲିପ୍‌ଟି ବାହାର କରି ତାକୁ ଦେଲି । ସେ ଦିଟଙ୍କିଆ ନୋଟଟିଏ ଦେଲା ।

ଖାଲି ଥଳିଧରି ଭାକୁରବାଲା ପାଖକୁ ଗଲି, ତାରି ପାଦ ପାଖରେ ପାକୁ ପାକୁ ହେଉଥିବା ମାଛଟାକୁ ଲାଞ୍ଜପଟୁ (ସିମିତି ଧଇଲେ କୁଆଡ଼େ ମାଛର ମିଠା କମିଯାଏ) ଧରି ଥଳିରେ ପୂରାଇଲି ।

ଟୁନୁ ମାଛଟାକୁ ଧରି ଦୁଇ ତିନିଥର ନଚାଇ କହିଲା, ଏଇ ମାଛର ଓଜନ କିଲେ ହବ ? ତିନିଶରୁ ଗ୍ରାମେ ବି ବେଶୀ ହବନି । ତୁମେ ଅନ୍ଦାଜରେ ଆଣିଛ  ନା ଓଜନ କରାଇଛ ?

କି ଆଶ୍ଚର୍ଯ୍ୟ ! ଏତେ ଦିନ ବଜାର କରୁଛି । ମରିବାଯାକେ ମୋର ପସନ୍ଦ ଅନ୍ଦାଜ କଣ ଆସିବନି ? ଅଧ କିଲୋରୁ ବରଂ ବେଶି ହେବ କମ୍ ନୁହେଁ ।

ଠକି ଯାଇଛ । ମାଛ ନିଶ୍ଚୟ ବଦଳ କରିଦେଇଛି ତୁମେ ଅନ୍ୟ ମାଛ ବାଲା ପାଖକୁ ଯାଇଥିଲାବେଳେ । ଫେର ଓଜନ କଲେ ଜଣାପଡ଼ନ୍ତା ।

ମାଛ ଓଜନ କମ୍ ବେଶୀ ହେଲେ କିଛି ଭାବନ୍ତି ନାହିଁ କିନ୍ତୁ ସେ ଯାହା କଲା ... । ଦିଟଙ୍କିଆ ନୋଟଟା ତାକୁ ବଢ଼ାଇ ଦେଇ ହାତପାତି ରହିଲି ସେ ମୋତେ ଆଠଅଣା ଫେରାଇବ କେତେବେଳେ । କିନ୍ତୁ ଆଠଣି ଫେରାଇବାର ନାମଗନ୍ଧ ନାହିଁ । ସେ ମାଛ ଗୋଟାକୁ ଗୋଟା ବିକି ଚାଲିଛି । ପ୍ରାୟ ପାଞ୍ଚ ମିନିଟ ଅପେକ୍ଷା କରି ଆଠଅଣା ମୋତେ ଫେରାଅ ଯିମିତି କହିଛି ସେ ସୁରୁମା ଅଙ୍କା ଚାହାଣିରେ ମୋ ଆଡ଼କୁ ଓଲଟି ହାତ ପତାଇ କହିଲା, ଦିଅନ୍ତୁ ଆଉ ଦେଢ଼ ଟଙ୍କା ।

କଣ ! ତୁମକୁ ମାଛ କିଣିବା ପୂର୍ବରୁ ଦିଟଙ୍କିଆ ନୋଟଟା ଦେଇଥିଲି ପରା ! ଏବେ ଦିଟଙ୍କିଆ ନୋଟ ଦେଲି । ଚାରିଟଙ୍କାରୁ ତିନିଟଙ୍କା ଆଠଣା ଗଲେ ବାକୀ ମୋର ଆଠଣା ପାଇବାର କଥା । ଡ୍ରୟାର ଖୋଲି ଦେଖାଅ, ମୋ ନୋଟ ମୁଁ ବାଛି ଦେବି, ସାହାସକରି କହିପାରିଲି ନାହିଁ । ଆପଣଙ୍କ ମଥା ଖରାପ ନା କଣ ! ପକେଟ ଅଣ୍ଡାଳନ୍ତୁ, ହେଇ ଦେଖନ୍ତୁ



Digitized by srujanika@gmail.com

ମୁଁ ଡ୍ରୟାର ଖୋଲି ଦେଖାଇ ଦେଉଛି । ସେ ଦେଖାଇଲା, ମୁଁ ଦେଖିଲି ମୋ ନୋଟକୁ, କିନ୍ତୁ ଏଇ ଯେ ମୋ ନୋଟ କହି ପାରିଲି ନାହିଁ । କଣ ସନ୍ତକ ଥିଲା ଯେ ମୋର ବୋଲି ପ୍ରମାଣ କରି ପାରିବି ।

ମୁଁ କହୁଛି ପରା ଆପଣଙ୍କ ମଥା ଖରାପ । ବଜାର ଭିତରେ କେଉଁଠି ପଡ଼ି ଯାଇଥିବ । ଛାତି ପକେଟରେ କେହି ଟଙ୍କା ରଖେ ।

ମୋର ମଥା ଖରାପ ହୋଇଗଲା ପରି ଲାଗିଲା । ପକେଟକୁ ପୁଣି ଚାହିଁଲି, ସେଇ ଟଙ୍କିକିଆ ନୋଟଟି ସାଥୀହୀନ ଅସହାୟ ଅବସ୍ଥାରେ ରହିଛି ।

ସନ୍ଦିଗ୍ଧ ମାତ୍ର ବିନମ୍ରତମ ଗଳାରେ କହିଲି, ଦୁଇଟଙ୍କିଆ ନୋଟଟାଏ ଦେଇଥିଲା ପରି ଲାଗୁଛି ।

ପଚାରୁ ନାହାନ୍ତି ଏଇ ଭଦ୍ରଲୋକମାନଙ୍କୁ । ସେମାନେ ତ ଦେଖିଥିବେ, ତୁମେ ତ ଥାଆ ଭଦ୍ରଲୋକ । ଆପଣରୁ ସେ ତୁମକୁ ଖସିଲାଣି ଆଉ ଟିକିଏ ତଳକୁ ଖସିଲେ ମୋର ଭଦ୍ରାମିର ସମାଧି । ପ୍ରକୃତରେ ସେଠି ମୁଁ ନୋଟଦେବା ବେଳର କେହିଲୋକ ନ ଥିଲେ । ଯେଉଁମାନେ ଥିଲେ ସେମାନେ ସମସ୍ତେ ମୋତେ ଏକ ପ୍ରାଗଐତିହାସିକ ଜାନୁଆର ଭାବି ତାଳୁରୁ ତଳିପା ଦେଖିଲେ ।

ମୁଁ ଯିବାକୁ ଉଦ୍ୟତ ହୁଅନ୍ତେ ସେ ସଦମ୍ଭେ କହିଲା, ମାଛର ଦାମ ଦେଇଯାଆନ୍ତୁ । ଦିଟଙ୍କା ଦେଲେ, ଆଉ ଦେଢ଼ ଟଙ୍କା ।

ଟଙ୍କିକିଆ ନୋଟଟି ବଢ଼ାଇଦେଲି । କାନ୍ଦ କାନ୍ଦ ହୋଇ କହିଲି ଆଉ ନାହିଁ ପରେ ଦେଇଯିବି ।

ଜିତିବା ଗଳାରେ ଏଥର କହିଲା, ସେଇକଥା କୁହନ୍ତୁ । ଭୁଲିବେ ନାହିଁ । ସଞ୍ଜବେଳକୁ ନିଶ୍ଚୟ ଦେଇଯିବେ ।

ଚୋରଟିଏ ଭଳି ଘର ମୁହାଁ ହେଲି । ପୁଣି ହିସାବ ଯୋଡ଼ିଲି ମୂଳରୁ । ଘରୁ ପାଞ୍ଚଟଂକିଆ ନୋଟ ଆଣିଥିଲି, ପ୍ରଥମେ ମାଛବାଲା ଟଙ୍କାଏ ବାରଣା କାଟିନେଇ ମୋତେ ଦେଲା ତିନିଟଙ୍କା ଚାରିଅଣା - ଦୁଇଟଙ୍କିଆ ନୋଟ, ଟଙ୍କାକିଆ ନୋଟ ଆଉ ସୁକିଟିଏ । ସେଥିରୁ ଦୁଇଟଙ୍କିଆ ନୋଟଟି ମାଛ କିଣିବା ପୂର୍ବରୁ ସୁରୁମାବାଲାକୁ ଧରାଇଦେଇ ପଇସା ନିଅଣ୍ଟ ହେଲା ବେଳକୁ



Digitized by srujanika@gmail.com

ପ୍ରଥମ ମାଛବାଲା ପାଖକୁ ଗଲି । ସେ ସୁକି ନେଇ ଦିଟଙ୍କିଆ ନୋଟ ଫେରାଇଲା, ପାଞ୍ଚକୁ ପାଞ୍ଚ ହେଲା । ପକେଟରେ ତେବେ ତିନିଟଙ୍କା ରହିଲା କେମିତି ? ବଜାରର ଗୋଟିଏ କଣରେ ଛିଡ଼ାହୋଇ କାଗଜପତ୍ର ସବୁ ବାହାର କଲି । କି ଆଶ୍ଚର୍ଯ୍ୟ କଥା ! ଛାତି ପକେଟରୁ ବାହାରି କେଉଁଠି ପଡ଼ିଗଲା ନା ପକେଟମାର ହୋଇଗଲା । ଜୀବନରେ ସାଇକେଲ ଦୁଇଟା, ଛତା ପାଞ୍ଚଟା ଆଉ ପଞ୍ଜାବୀ ତଳ ପକେଟରୁ ରୁମାଲ ସହ ଦୁଇଟଙ୍କା ଦଶଣା ୧୯୩୩ ସାଲରେ କଲେଜରେ ପଢୁଥିବାବେଳେ ହରାଇଛି । କିନ୍ତୁ ଛାତି ପକେଟରୁ କେବେ କିଛି ହଜାଇ ନାହିଁ । କଲିକତା ଦିଲ୍ଲୀ ବଜାରରେ ବି କେତେକେତେ ଟଙ୍କା ଛାତି ପକେଟରେ ରଖି ଟ୍ରାମ୍, ଟେକ୍ସି, କାରରେ କେତେ ଘୁରିଛି, କେବେ କାଗଜ ଟୁକୁରାଏ ହଜାଇ ନାହିଁ, ହଜିବ, ପଡ଼ିବ କେମିତି ? ସେ ମାଛବାଲାକୁ ସତରେ କଣ ଦେଇନାହିଁ ?

ବାବା ! ତୁମ ମୁଣ୍ଡ ପ୍ରକୃତରେ ଖରାପ । ସେ ମାଛବାଲା ଠିକ୍ କହିଛି । କେଉଁ କଥାକୁ କେତେ ଦୂର ଟାଣିଲଣି ?

ଫେରି ଆସୁଥିଲି, କଅଣ ଖିଆଲ ପଶିଲା ଚିଡ଼ିଆ ପୋଲ ପାଖରୁ ପୁଣି ଫେରିଗଲି । ଭାବିଲି ମାଛ ବିକ୍ରି ସରିଥିବ, ଗରାଖ ନଥିବେ ତାକୁ ପୁଣି ଥରେ ଅପିଲ କରି ଦେଖିବି । ତାରି ପାଖ ମାଛବାଲା ଏତେ ଭଦ୍ର, ଏତେ ବିନୀତ । ଅଥଚ ଇଏ ଏତେ ... । ଭଦ୍ରାମି ଅହିଂସା କିଛି କଣ ତା ଛାତି ଭିତରକୁ ପଶିବ ନାହିଁ ? ତା ଛଡ଼ା ମୁଁ ହୁଏତ ସିନ୍ଦୂରକୁ ରକ୍ତ ଭାବୁଛି, ଜୟ ବାଂଲା ଆଖି ରୋଗକୁ ଯେଉଁ ସୁରୁମା ତାକୁ ରସିକତାର ଚିହ୍ନ ଭାବୁଛି ।

ଫେରିଲି । ସତକୁ ସତ କେହି ନଥିଲେ, ତରାଜୁ ବଟକରା ଧୂଆପୋଛା ସାରି ସେ ଟଙ୍କା ପଇସା ଗଣାଗୁନ୍ଥା କରୁଥିଲା ଆଉ ହିସାବ ଯୋଡୁଥିଲା ଲାଭକ୍ଷତି (କ୍ଷତି ?) ଜାଣିବା ପାଇଁ ।

କହିଲି, ଦେଖ ରାଣନିୟମ ପକାଇ ମୁଁ କହିବି ତୁମକୁ ଦିଟଙ୍କିଆ ନୋଟଟା ଦେଇ ୟାଙ୍କ ପାଖକୁ ଆସିଲି, ଗୋଜିକଡ଼ମା ଫେରସ୍ତ ଦେଇ ପଇସା ୱାପସ ଆଣିବା ପାଇଁ । କାରଣ ତୁମକୁ ଦିଟଙ୍କା ଦେବା ପରେ ମୋଠି ଆଉ ଟଙ୍କାଏ ଚାରିଅଣା ଥିଲା । ତୁମେ ମୋତେ ବିଶ୍ୱାସ କର ।

କଳିଷଠା ତୁମେ ପାର ହେଲଣି, ତେବେ ବି ଏତିକି ଜାଣିନାହଁ ଯେ ବେଉସା, ଟାଉଟରି, ମାଲମକଦ୍ଦମା, ପାଲଟିକ୍ସରେ ବିଶ୍ୱାସ ବୋଲି କଥା ନାହିଁ । ବିଶ୍ୱାସରେ ବିଷ ଦେଇ ଲୋକେ ବଡ଼ ହଉଛନ୍ତି । ସେମାନେ ସବୁ ତୁମରି ପରି ବଡ଼ଲୋକ । ମୁଁ ଆପଣଙ୍କୁ



Digitized by srujanika@gmail.com

ଭଲରେ କହିଲି ଆପଣ ଆଉ କଣ କିଣିଥିବେ ବା କାହାକୁ ଦେଇଥିବେ । ଆପଣ ଦୟା କରି ମୋତେ ହିସାବ ନିକାଶ କରିବାକୁ ଦିଅନ୍ତୁ । ମୋର ଢ଼େର କ୍ଷତି ହୋଇଯାଇଛି, କିଏ କେତେ ମାଠି ଦେଇଗଲେଣି, ଆଚ୍ଛା ବେପାର ଧଇଲି ।

ତୁମେ ଟିକିଏ ଭଲ କରି ମନେ ପକାଅ, ଏଇ ଦେଖ ମୋ ଥଳିରେ ତମର ମାଛ ଛଡ଼ା ଆଉ କିଛି ନାହିଁ, ମୁଁ ଆଉ କିଛି କିଣିନି, ମୋର ମନେ ହେଉଛି କଂସେଇକି ଛେଳି ଚାହିଁଲା ପରି ଚାହିଁଥାଏ ।

ତୁମର ମନେ ହେଉଛି ବୋଲି କଣ ତାହା ସତ ? ଯିଏ ଯାହା ମନେ ପକାଇବ ତାକୁ ସତ କୁହ ତୁମେ ? ମୋର ଭୁଲ ହୁଏ ନା । କୋଟି କୋଟି ଲୋକ ସାଙ୍ଗରେ ଆମର ବେପାର । ତୁମେ ତିନିଟଙ୍କା ମୋତେ ଦେଇଛ, ଆଉ ଆଠଣା ପକାଅ, ପାଖରେ ନାହିଁ ତ କାହାଠୁ ଧାର ଉଧାର କରି ଅବି ଆଣ । ନାହିଁ ତ ଥଳି ରଖ । ମାଛ ବାହାର କରି ଥୁଅ । ତମ ଆଖି ଆଗରେ ଦଶଟଙ୍କା ଦରରେ ବିକି ଦେବି । ଦେଖ ବଜାରରେ ମାଛ କାତି ବି ନାହିଁ ।

ସର୍ବନାଶ । ଥଳି ରଖ, ମାଛ ଥୁଅ । ଲୋକଟା କ'ଣ କହୁଛି, କେତେ ନିର୍ମମ ।

ଫୋପାଡ଼ି ଦେଲିନି ତା ମୁହଁକୁ ଥଳି ମାଛ ସବୁ । ମାଛ ଏବେ ନ ଖାଇଥାନ୍ତୁ । କାହା ସାଙ୍ଗରେ କିପରି ବ୍ୟବହାର କରାଯାଏ ତା ତୁମେ ଜାଣିଲନି ଏ ଯାକେ ।

ମୋ ବ୍ୟବସ୍ଥା ତୁମେ ବୁଝୁନ । ଟଙ୍କା ତ ଗଲା । ଝଗଡ଼ା ଗଣ୍ଡଗୋଳ କଲେ ସାଙ୍ଗ ମାଛବାଲା, ସାରା କେବିନେଟ ଭିଡ଼ି ଆସିବେ ମୋ ଆଡ଼କୁ, "କଣ ହେଲା ? କଥା କଣ ? ଝଗଡ଼ା କାହିଁକି ?" ଇମିତି କେତେ ପ୍ରଶ୍ନ ପଚାରିବେ, ଗୋଳମାଳ ବଢ଼ିବ । ଯାଉ ବରଂ ଦୁଇଟଙ୍କା ଛୋଟଲୋକଙ୍କ ସାଙ୍ଗରେ କଳିଗୋଳ କରି ଲାଭ ନାହିଁ । ମାନସମ୍ମାନ ଯିବ, ସେମାନଙ୍କ ମୁହଁ ଖରାପ, ବାଡ଼ବତା ନାହିଁ, ଦୋ-ଅକ୍ଷରି କହିଯିବେ । କ୍ଷତି ଆମର । ହରାଇବାକୁ ତାଙ୍କର ବା କ'ଣ ଅଛି ? ତ୍ରୁମ୍ଭକରେ ବଶ୍ୟତା ସ୍ୱୀକାର କରି କହିଲି, ବ୍ୟସ୍ତ ହୁଅନି, ଥାଉ ସଞ୍ଜବେଳକୁ ମିଳିଯିବ ।

ସାଇକେଲ ବୁଲାଉଛି ଶୁଣିଲି ଭଦ୍ର ମାଛବାଲାଟି ସୁରୁମା ବାଲାକୁ କହିବାର-ବାବୁର ଦୁଇଟଙ୍କିଆ ନୋଟଟା ଫେରାଇ ଦେଲୁନି । ଏମିତି ସମ୍ପତ୍ତି କରିବୁ ? ଉତ୍ତରରେ ସୁରୁମାବାଲା କହିବାର ଶୁଣିଲି ମାଛ ବଜାରର ଭାଷାରେ "ଶଳା । ବେଶୀ ଭଦ୍ର ସାଜୁଛୁ କି ବେ ? ଶଳା ତୋ ଜୀବନରେ ଓଜନଡାଙ୍ଗ କେବେ ହାତରୁ ଛାଡ଼ିବ ନାହିଁ । ତୋ ଚଉଦ ପୁରୁଷ ପଲା ଘରେ



Digitized by srujanika@gmail.com

ଟୁଙ୍ଗିରେ ପଡ଼ିଥିବେ । ଚୁପ୍‌କର, ବେଶି ବକ ବକ ହେଲେ ଏଇ ଓଜନ ଡାଙ୍ଗରେ ତୋ ଖପୁରୀ ଫୁଟାଇ ଦେବି ।

ମୋ ପଛକୁ ଲକ୍ଷ୍ୟ କରି ଶୁଣାଇ କହିଲା, ଥାଉ । ସଞ୍ଜ ବେଳକୁ ଯିମିତି ପାଏ ।

ମୋ ଗପ ସରି ଆସିଲା ବେଳକୁ ପଡ଼ିଶା ଘର ରେଡ଼ିଓଟା ସମ୍ବାଦ ପରିବେଷଣ କରୁଥାଏ । ବିକ୍ଷୁବ୍ଧ, ବୁଭୁକ୍ଷୁ ଜନତା ଉପରେ ମୃଦୁ ଲାଠି ଚାଳନା, ଟିଅରଗେସ୍ ଓ ଗୁଳି ପ୍ରୟୋଗ, ସାନ୍ଧ୍ୟ ଆଇନ ।

ମୋରି ଅପମାନ ତଥା ବଞ୍ଚନ କେବଳ ମୋ ବଂଶ ଉପରେ ନୁହେଁ ସାରା, ରାଜ୍ୟ ଦେଶ ଉପରେ ବୋଲି ଉପଲବ୍ଧି କରି ଏତେ ମାନସିକ ଆନ୍ଦୋଳନ ଭିତର ଦେଇ ଯାଉଥିଲେ ଯେ କେଉଁଠି ଏ ଦୁର୍ଘଟଣା ତାହା ଜାଣିବାକୁ ଚାହିଁଲେ ନାହିଁ ।

ଏଥର ତୁମ ଗପ ସଇଲା ତ ବାପା ! ବେଶ୍ ସାନବଡ଼ର ଉପଦେଶ ନବା କଥା । ମୋ ଉପଦେଶ ନିଅ । ସୁନା ପିଲାଟି ପରି ଭଦ୍ରାମିର ଖାତିରିରେ ଆଜି ସଞ୍ଜବେଳକୁ ଆଠଣା ସେ ସୁରୁମାବାଲାକୁ ଦେଇ ଆସିବ । ନା କଣ ଭାବୁଛ ?

ନା ବାବା, ଆଉ ବଜାରକୁ ଯିବି ନାହିଁ । ବିର୍ ବଜାରରେ ଅପଦସ୍ତ କରି ଦବ ବୋଲି ଯେତେ ଡର ମାଡୁଛି ଠକ ଭଣ୍ଡ ବୋଲି ସମସ୍ତଙ୍କ ଆଗରେ ପ୍ରମାଣ କରି ଦେବ । ତା ଦଳବଳ ତା କଥାରେ ହଁ ଭରିବେ । ପଛରୁ ଡ଼ାକିଦେବ, ଏ ବାବୁ ଏ ଭଦ୍ରଲୋକ, ଆଠଣା ପଇସା ଦେଇଯାଅ, ଆଚ୍ଛା ଭଦ୍ର ତ । ଧାର ନବ, ବାକୀ ରଖିବ, ମାଗିଲାବେଳକୁ ପଛ କରି ଆଡ଼ ହୋଇ ଚାଲିଯିବ । ମାଛ ଖାଇବ ପଇସା ଦବ ନାହିଁ । ସମସ୍ତି ଲୁଟତରାଜ କରିବା ଲୋକ ।

ମିଛେ ମିଛେ ଦିଟା ଟଙ୍କା ଫୋପାଡ଼ି ଦେଲ ଗୋଟେ ରାସ୍କେଲକୁ । ବୁଢ଼ାଙ୍କ ରାଜୁତିରେ ମାଛ ପିଶ୍‌କୁ ପଞ୍ଚସ୍ତରି ପଇସା ପଡ଼ିବ, ଇଞ୍ଚେ ଲମ୍ବ ପାଏ ଇଞ୍ଚ ଓସାରକୁ । ଏଥର ଗାଧୁଆପାଧୁଆ କରି ମୁଣ୍ଡ ଥଣ୍ଡା କର । ବିଶ୍ରାମ ନିଅ । ଢେର ଖଟିଲ ଦଶ ପାଇଁ ଦେଶ ପାଇଁ । ହେଲେ ପାଏ ଭାକୁଡ଼ ପିଲା ପାଇଁ ସଅଶ ବୋତଲ ଖୋଲିବାକୁ ଦେବିନି ।

କଣ ଗୋଟାଏ ନୂଆ ଦିଗ ତା ଆଗରେ ଖୋଲିଗଲା ଯିମିତି । ସେ କହିଲା, ତୁମେ ନ ଯିବ ତ ନ ଯାଅ । ମୋତେ ଆଣିଦେବ । ମୁଁ ତୁମ ଋଣ-ପିତୃଋଣ ପରିଶୋଧ କରି ଦେବି । ଭଦ୍ରାମିରେ ବାପା ମାଛ ଖାଇ ହୁଏ ନାହିଁ । ସେଥିପାଇଁ ପ୍ରଥମେ ଲୋକଙ୍କୁ ଜନତାକୁ ଭଦ୍ରାମି ଶିଖାଇବାକୁ ହୁଏ । ଥଣ୍ଡା ରକ୍ତରେ ନୀତିଶାସ୍ତ୍ର ପଢ଼ାଇବାର ଚେଷ୍ଟା କଲେ ଖାଲି ପିଉ



Digitized by srujanika@gmail.com

ଉଗ୍ର ହେବ, ହାଇପରଟେନ୍‌ସନ୍ ବଢ଼ିବ । ତୁମେ ଘରେ ବସ, ଦେଖ । ଯୁବଶକ୍ତିର ଏ ଦୁନିଆ । ସେମାନେ କିମିତି ସଜାଡ଼ି ପାରୁଛନ୍ତି ଦେଖ ।

ସଞ୍ଜ ସାତଟା ପନ୍ଦରର ସମ୍ବାଦ ଶୁଣୁଥାଏ । ମନରେ ଅଶ୍ୱସ୍ତି । ସକାଳର ଘଟଣା ଉପରେ ପୁଣି ଟୋକାଟା ବଜାରକୁ ଯାଇଛି । କ'ଣ କାଣ୍ଡ କାରଖାନା ଭିଆଇ ଦେଇ ପାରେ । ରକ୍ତ ଉଷୁମ । ପୁଣି ଆଜିକାଲିକା ପିଲା ତ । ଖବର ଯାହା ଶୁଣୁଥାଏ ସେଥିରେ କେତେଗୁଡ଼ାଏ ସହରର ପୁଞ୍ଜିପତିଙ୍କ ମାଲଗୋଦାମ ଲୁଟତରାଜ ସମ୍ବାଦ ପରିବେଷିତ ହେଉଥାଏ ।

ଚମକି ପଡ଼ି ବୁଲିପଡ଼ି ଦେଖିଲି ଟୁନୁ ପଶି ଆସୁଛି । ଦୁଇ ହାତରେ ଅନ୍ଦାଜ ଦେଢ଼ ଦେଢ଼ କିଲୋ ଓଜନର ଯୋଡ଼ାଏ ପେଟୁଆ ଇଲିଶି । ତା ପଛକୁ ପଛ ଧାଡ଼ି ଧରି ପ୍ରସେସନରେ ଲାଗି ରହିଛନ୍ତି ମନ ଭାଇ, ମଣ୍ଟୁ, ପ୍ରସାଦ, ରବିନ, କାର୍ତ୍ତିକ, ଜ୍ଞାନ ଆଉ କେତେ ଜଣ । ସମସ୍ତଙ୍କ କଣ୍ଠ କପାଳରେ ସିନ୍ଦୂର ଧସ୍ତାଧସ୍ତିରେ ଲୁଗାପଟା ଦିହ ଟୁକୁରାଟୁକୁରା, ଖଣ୍ଡିଆ ଖାବରା ।

କଟକ ଷ୍ଟେସନର ମଝିରେ ମଝିରେ ଘର୍ଘର ଶବ୍ଦକୁ ଦୂର କରି ଟୁନୁ ଯାହା କହିଲା ସେଥିରୁ ବୁଝିଲି ସେ ସୁରୁମାବାଲାର ଧାର ଶୁଝି ଦେଇଛି । ମାଛବଜାର କୁଆଡ଼େ ଲୁଟତରାଜ ହୋଇଯାଇଛି, ପୋଲିସ ପଇତରା ମାରୁଛନ୍ତି, ସାନ୍ଧ୍ୟଆଇନ ଜାରି ହୋଇଛି । ମୁଖ୍ୟ ମୁଖ୍ୟ ସମ୍ବାଦରେ ଘୋଷକ କହିଲା, କେଉଁଠି ଗୋଟାଏ ରାଜ୍ୟରେ ମୁଖ୍ୟମନ୍ତ୍ରୀ ଇସ୍ତଫା ଦେଇଛନ୍ତି ମନ୍ତ୍ରୀମଣ୍ଡଳର ପତନ ଘଟିଛି ।

ପୂର୍ବ ପାକିସ୍ଥାନର ଜେନେରାଲ ନିଆଜୀ ଯେତେବେଳେ ଅରୋରାଙ୍କ ନିକଟରେ ଆତ୍ମସମର୍ପଣ କଲେ, ସେତେବେଳେ ଯିମିତି କୋଟିକୋଟି ଭାରତବାସୀଙ୍କ ବିକ୍ଷୁବ୍ଧ ମାନସରେ ପ୍ରଶାନ୍ତି ପ୍ରସାରିତ ହେଲା, ସିମିତି ଏଇ ସୁରୁମାବାଲାର ପତନ ସମ୍ବାଦ ମୋର ଠିଆ ଠିଆ ଶିରାପ୍ରଶିରାକୁ ସାଉଁଳାଇ ଦେଲା ।

●



Digitized by srujanika@gmail.com

# ଗରିବୀ ହଟାଅ

''ଏୟ୍, ତୁ ସେଇ ଲୋକ ନା ସେଦିନ ସଞ୍ଜବେଳେ ଏଇଠି ବସି ମୋତେ ଡରାଇଥିଲୁ ?'' ବାଡ଼ି ପଛପଟ ଗଡ଼ିଆ ଘାଟର ସିମେଣ୍ଟ ବେଞ୍ଚରେ ବସୁଁ ବସୁଁ ତାକୁ ପଚାରିଲି ।

କିଛି ଉତ୍ତର ଦେଲା ନାହିଁ ସେ । ଟର୍ଚ୍ଚ ଆଲୁଅ ସେଦିନ ସଞ୍ଜରେ ତା' ମୁହଁରେ ଯେଉଁ ମାୟା ରଚିଥିଲା ଆଜି ସକାଳ ନଅଟା ବେଳର ତୀବ୍ର ସୂର୍ଯ୍ୟାଲୋକରେ ତାହା ଅପସରି ଯାଇଥିଲା । ତେଣୁ ଦେହମୁହଁର ସର୍ବମୟ କୁତ୍ସିତତା ଅତ୍ୟନ୍ତ ସ୍ପଷ୍ଟ ହେଉଥିଲା । ଦଣ୍ଡେ ପରେ ଭଲକରି ନିରିଖି ଜାଣିଲି ଏ ନିଶ୍ଚୟ ସେଇ ଲୋକ ।

ଆଖି ଦୁଇଟାରେ ପ୍ରଜ୍ଜ୍ୱଳିତ ବୁଭୁକ୍ଷା ଓ ପିପାସା ସାଙ୍ଗକୁ ଥିଲା ନିର୍ନିମେଷ ଭୟ ଓ ଆତୁରତା । ଜେଲ ଭେନ୍‌ର କଏଦୀଗୁଡ଼ାକ ଯିମିତି ଚିଡ଼ିଆଖାନାର ଅସହାୟ ହିଂସ୍ର ଜାନୁଆରଙ୍କ ପରି ଜୁଳୁଜୁଳୁ ବାହାର ଦୁନିଆଁଟାକୁ (ଯେଉଁ ଦୁନିଆଁଟା ତାକୁ ଅପରାଧୀ ବା କ୍ରୀଡ଼ନକ ବୋଲି ବିବେଚନା କରିଛି) ଚାହିଁଥାନ୍ତି ଠିକ୍ ସେମିତି ଆଖିରେ ସେ ମୋ ଆଡ଼କୁ ଚାହିଁଲା, ଚାପା କ୍ରୋଧରେ ମୋ ପ୍ରଶ୍ନର ଜବାବ୍ ନ ଦେଇ । ଓଠର ଦି' ଚାରି ଗଣ୍ଡା ଦାଢ଼ି ଥର ଥର ହେଲା, ମୁଣ୍ଡର ଚୂଳଗୁଡ଼ାକ ଠିଆ ଠିଆ ବେବାଗିଆ ହେଲା । ଚେହେରା ସହିତ ମେଳ ଥିବା ଅପରଛନିଆଁ ଜାଗାଟା ତାକୁ ଅଳିଆଗଦାର ଏକ ଅଂଶ ବା ଏକ ଅପାର୍ଥିବ ପାପଜୀବରେ ପରିଣତ କରିଥିଲା ।

ଦଣ୍ଡେ ପରେ ସାମାନ୍ୟ ମୁଣ୍ଡ ଟେକି ମୋ ଆଡ଼କୁ କଣେଇ ଚାହିଁଲା ଓ ପୁଣି ମୁଣ୍ଡ ତଳକୁ କରି ତା' କାମରେ ଲାଗିଗଲା । ଦାଆଟାଏ ଧରି ଠୁକୁରୁ ଠୁକୁରୁ ପାଉଁଶ-ଅଳିଆ ଗଦାକୁ ସେ ଚିରିଭିଣି ପକାଉଥାଏ, ଯିମିତି ଘୁଷୁରି ବା କୁକୁଡ଼ା ଖାଦ୍ୟପାଇଁ ନିର୍ମମଭାବରେ ଭୂଇଁକୁ ବିଦାରି ଦିଅନ୍ତି । ଟୁକୁରା କାଚଖଣ୍ଡେ ପାଇଗଲେ ତା ଆଖିରେ ନୂତନ ମୂଲ୍ୟବାନ୍ ପଦାର୍ଥ ପ୍ରାପ୍ତିରେ ଆବିଷ୍କାରକଙ୍କ ଆଖିର ଆଭା ଓ ଜ୍ୟୋତି ଉକୁଟି ଉଠେ । ନବାବିଷ୍କୃତ ସମ୍ପଦକୁ ଆଦରରେ ଗୋଟାଇ ନେଇ ଛିଣ୍ଡା ଅଖାଟାରେ ସେ ପୂରାଇ ଦିଏ । କି ନିଷ୍ଠା, କି ଅଭିନିବେଶ ! କି ଅମୂଲ୍ୟ ଦ୍ରବ୍ୟ !

ଦିନେ ମୁହଁ ସଞ୍ଜରେ ଘରେ ମୁଁ ଏକା ଥାଏ । ପିଲାଝିଲାଏ ମୋତେ ବାରମ୍ବାର କହିଥାନ୍ତି ଘରେ କେହି ନ ଥିଲେ କିଏ ଗୋଟାଏ ଛାୟାମୂର୍ତ୍ତି ପରି ଘରଭିତରେ ଘୂରାଫେରା କରେ, ଏ କୋଠରୀରୁ ସେ କୋଠରୀକି ଯାଏ । ପରଦାତଳକୁ ତା' ନଳୀ ଗୋଡ଼ଟା ସ୍ପଷ୍ଟ ଦିଶେ ।



Digitized by srujanika@gmail.com

ଭୂତ, ପ୍ରେତ, ଅଶରୀରିଙ୍କ ଭୟ କ'ଣ, ବିଶ୍ୱାସ ନ ଥିଲେ ବି,ଏକୁଟିଆ ଥିଲାବେଳେ ବାଡ଼ି ଦୁଆର ପରଦାଟା ଧୀର ପବନରେ ଦୋହଲିଲେ ମୋତେ ବି ଜଣା ପଡୁଥିଲା ଯେମିତି କିଏ ପ୍ରକୃତରେ ଯା'ଆସ କରୁଛି । ବେଳେବେଳେ ଛନକା ବି ପଶୁଥିଲା । ଜଲି ବୋଲି କୁତୀଟା ଗୋଡ଼ ପାଖରେ ଶୋଇଥିବାରୁ ମୋତେ ସେତେ ଏକୁଟିଆ ଲାଗୁ ନ ଥାଏ । ଟିକିଏ ଅହେତୁକୀ ଭୟ ପଶିଲେ ତା'ସହିତ କଥାବାର୍ତ୍ତା ଆରମ୍ଭ କରି ପଚାରେଁ ''କିରେ ଜଲି, ମଶା କାମୁଡୁଛନ୍ତି ?''

ଗୋଟିଏ ଗଳ୍ପ ଉଭାରୁ ଥାଏଁ । ହଠାତ୍ ଭୋ ଭୋ କରି ଜଲି ଭୁକି ଉଠିଲା । ଦଡ଼ାମ୍ ଚମକି ପଡ଼ିଲି । ଦେଖିଲି ସେ ସିଧା ଅଗଣା ଦୁଆରକୁ ଗଲା ଏବଂ ତୁହାକୁ ତୁହା ଭୁକିଲା । ପ୍ରଥମେ ଭାବିଲି ବିରାଡ଼ି ବା କଟାଶର ଗନ୍ଧ ବାରିଥିବ । ଉଠିଲି ନାହିଁ । ମୁଁ ନ ଗଲାରୁ ସେ ଫେରି ଆସିଲା ଏବଂ ପୁଣି ଦୁଆରକୁ ଯାଇ, ପୁଣି ଭୁକିଲା । ମୁଁ ଭାବିଲି ବୋଧହୁଏ ସେ ମୋତେ ଠାରୁଛି ବାଡ଼ି କବାଟ ଫିଟାଇବା ପାଇଁ ବା ବାହାରକୁ ଯାଇ ଦେଖିବା ପାଇଁ । (କୁତୀଟା ବୋଲି ଘରର ସମସ୍ତେ ଛି'ଛାକର କଲାରୁ ତାକୁ ବିଦାୟ ଦେଇ ତା ପୁଅ ଜୀମ୍‌କୁ ରଖିଛି । ଏବେ କିନ୍ତୁ ଦେଖୁଛି ତା ମାଆ ଯଦି ବାହାର ଲୋକଙ୍କୁ ଦେଖି ଭୁକୁଥିଲା ପୁଅ ମୋତେ ଓ ଘର ଲୋକଙ୍କୁ ଭୁକୁଛି ।)

ଅଗଣାର ଆଲୁଅ ଜାଳି ଟର୍ଚ୍ଚ ଧରି ଜଲି ସାଙ୍ଗରେ ଦୁଆର ପର୍ଯ୍ୟନ୍ତ ଯାଇ ଧୀରେ କବାଟ ଫିଟାଇଲି । ଜଲି ଭିଡ଼ିଗଲା ନଡ଼ିଆଗଛ ଆଡ଼କୁ । ଛାତି ଧପ୍ ଧପ୍ କରୁଥିଲେ ବି ଜଲି ଉପରେ ନିର୍ଭର କରି ଟର୍ଚ୍ଚଟା ଫୁଟାଇଲି । ଦେଖିଲି ପାଚିରୀ କାନ୍ଥକୁ ଲାଗି କଳା ଜୀବଟାଏ । ହାଉଳି ଖାଇବା ଗଳାରେ ଭୟ ଓ ମିଥ୍ୟା ସାହସ ସୂଚାଇ ଚିତ୍କାର କରି ଉଠିଲି ''କିଏ ସେ ?'' ଭାବିଲି ଚୋରଟିଏ ଧରିଛି, କିନ୍ତୁ ଟର୍ଚ୍ଚ ଆଲୁଅରେ ପର ମୁହୂର୍ତ୍ତରେ ଦେଖିପାରିଲି ଲୋକଟା ଭଙ୍ଗାକାଚ ହାତରେ ଅନୁଭବ କରି କରି ଗୋଟାଇବାରେ ଲାଗିଛି । ସୁନା ଖଣିରେ ଠିକାରେ ଓଭରଟାଇମ୍ ଅଧିକା ମଜୁରି ନେଇ ବି ଏତେ ଆଗ୍ରହ ଓ କର୍ତ୍ତବ୍ୟନିଷ୍ଠା ଦେଖାଇ ଏତେ ସମୟ ଯାଏ କେହି କାମ କରିବ ନାହିଁ । ଫେର୍ ଖୋଜିବା ଚିଜ କ'ଣ ନା ଭଙ୍ଗାକାଚ । ଯେଉଁଗୁଡ଼ାକୁ ଅତି ସତର୍କ ଓ ସାବଧାନ ହୋଇ ଆମେ ଚଲା ରାସ୍ତାରୁ ଦୂରକୁ ଅନ୍ତର କରି ଦେଉଁ, କାଳେ ମାଡ଼ି ଦେଲେ ଦୁରାରୋଗ୍ୟ ଧନୁଷ୍ଟଙ୍କାର ବ୍ୟାଧି ଜୀବନକୁ ବିପନ୍ନ କରିଦେବ ।

ବହେ ଗାଳି ଦେଲି ଲୋକଟାକୁ । କହିଲି, ''ଖବରଦାର୍ ! କେବେ ଆଉ ଏମିତି ଅନ୍ଧାରରେ, ଏଠି କ'ଣ କାହା ବାରିପଟେ ବସି ଏ ବେପାର କରିବୁ ନାହିଁ । ଲୋକେ ଭୂତ



Digitized by srujanika@gmail.com

ପ୍ରେତ ବୋଲି ଚମକି ମରିବେ ନ ହେଲେ ଚୋର ଭାବି ଥାନାରେ ପୂରାଇବେ । ବୁଝିଲୁ ? ଯାଆ, ପଳା !''

ଆଜି ଫେର୍ ସେଇ ଲୋକ ସେଇଠି । କିନ୍ତୁ ସକାଳେ ଆସିଛି ନଡ଼ିଆଗଛ ମୂଳ ଅଳିଆ ପାଉଁଶଗଦା ଉପରେ ବସି ଏକ ଧ୍ୟାନ ଏକ ମନରେ ଖୋଳାବଛା କାମ କରି ଚାଲିଛି । ମନେ ମନେ ଭାବିଛି ଅଳିଆ ଗଦାଟା ଭଙ୍ଗାକାଚର ଅସରନ୍ତି ଖଣି । ଲୋକଟା ଖାଣ୍ଟି ବେକାର ନ ହେଲେ ବୃଦ୍ଧ ଅଳସୁଆ । କାମଧନ୍ଦା ନ ଥିବାରୁ ଏଇ ଅପରଛନିଆ ଜାଗାଟାରେ ସକାଳ ସନ୍ଧ୍ୟା ବସି ଠୁକୁଠାକ୍ କରି ଚାଲିଛି । ତା'ର ସମୟର ମୂଲ୍ୟ ନାହିଁ କି କାମର ମୂଲ୍ୟ ନାହିଁ । କୌତୁହଳ ହେଲା ତା ବିଷୟରେ କିଛି ଜାଣିବା ପାଇଁ ।

ବହୁଦିନ କ୍ରମାଗତ ବର୍ଷା ପରେ ଆଜି ରବିବାର ସକାଳଟାରେ ଗାଡ଼ିଆକୂଳର କାଶତଣ୍ଡୀ ଫୁଲର ମେଳାରୁ ଶରତ୍‌କାଳର ଆଗମନ ଜଣା ପଡୁଥାଏ । କାଳୀମନ୍ଦିର ସାମ୍ନା ତାଳଗଛରେ ବସା ବାନ୍ଧିଥିବା ବାଇଚଢ଼େଇଗୁଡ଼ାକ ଥରକୁ ଥର ଉଡ଼ି ଆସି କାଶଫୁଲର ଅଗଗୁଡ଼ାକ ଚୁକି ଥଣ୍ଟରେ ଧରି ବ୍ୟସ୍ତରେ ଉଡ଼ିଯାଉଛନ୍ତି, ଛୁଆଙ୍କ ପାଇଁ ନରମ କୁଶନ ଶେଜ କରିବେ ଏବଂ ଛୁଆଙ୍କୁ ଝୁଲାଇ ଝୁଲାଇ ଶୁଆଇବେ; ''ବାୟାର କି ଯାଏ, ବାଆ କଲେ ବସା ଦୋହଲୁଥାଏ'' ଗୀତ ଗାଇ ।

ଅପର ପାର୍ଶ୍ୱ ଘାଟରେ ଲୁଗାପଟା ସଫାକରି ଆରାମରେ ନିର୍ମଳ ଜଳରେ ସ୍ନାନ ପରେ ଲୋକେ ମନ୍ଦିର ମୁହାଁ ହେଲେଣି । ସର୍ବତ୍ର ସଫେଦ୍ ପ୍ରତି ଶ୍ରଦ୍ଧା ଥିଲେ ବି ମୋ ଆଖି ସାମନାରେ ଲୋକଟାର ସେଥିପ୍ରତି ଆଗ୍ରହ ଭ୍ରୂକ୍ଷେପ ନାହିଁ । ଏକେ ତ କଳା, ଦୁଜେ ଧୂଳିମଳି ପାଉଁଶ-ପ୍ରଲେପ-ବୋଳା । ଦାଆ ଖଣ୍ଡିକରେ ଅଇଁଠାପତ୍ର, ପୋଡ଼ା କୋଇଲା, ପାଉଁଶ, ଭଙ୍ଗା ହାଣ୍ଡିଖପରା, ପିଲାପିଲିଙ୍କ ଗୁହଳେଣ୍ଡା ଏପାଖ ସେପାଖ ଖେଳାଇ ଚାଲିଛି । କେତେବେଳେ କିମିତି ଭଙ୍ଗା ଆଇନାଟିଏ, ଗିଲାସ ଟୁକୁରାଟିଏ, କେଉଁ ସଦ୍ୟବିଧବାର ଭଙ୍ଗାଚୁଡ଼ି ଖଣ୍ଡେ ମିଳିଯାଉଛି ତ ଅଖା ଭିତରକୁ ସେ ପୂରେଇ ଦେଉଛି । କଳ ପରି ତା ହାତ । କେତେବେଳେ ଚୋର ପରି, କେତେବେଳେ ବୋକା ପରି ଆଉ କେତେବେଳେ ପାଗଳ ପରି ଦିଶୁଛି ।

ପଚାରିଲି ''ସେଦିନ ତ ଅଣ୍ଡାଳି ଦରାଣ୍ଡି ସବୁତକ ନେଇ ଯାଇଛୁ । ପାଂଚ ସାତଦିନରେ ଏତେ କାଚ କାହା ଘରେ ଭାଙ୍ଗିବ ଯେ ତୁ ପୁଣି ଖୋଳାଖୋଳି ଆରମ୍ଭ କରି ଦେଇଛୁ ? ଏଇଟା କ'ଣ କାଚଭଙ୍ଗା ବୋତଲର ଖଣି ? ଆହୁରି ଅଛି ଭାବିଛୁ ?''



Digitized by srujanika@gmail.com

ଖୁବ୍ କ୍ଷୀଣ ସ୍ୱରରେ କିନ୍ତୁ ଆତ୍ମପ୍ରତ୍ୟୟ ସହିତ କହିଲା, ''ଅଛି'' । ପ୍ରମାଣ ଦେବାପାଇଁ ବୋତଲର ମୁହଁ ଖଣ୍ଡିଏ ଉଠାଇ ଠଣ୍ ଠାଣ୍ କରି ବୋରା ଭିତରକୁ ଫୋପାଡ଼ି ଦେଲା ।

''ଏ ସବୁ ନେଇ କ'ଣ କରୁ ?''

''ବଜାରରେ ବିକେ ।''

''କିଏ କିଣେ ?''

''ମହାଜନ ଅଛି ।''

''କେମିତି ଦାମ୍, ଦର ।''

''କିଲ ଦର । କୋଉଁ ଦିନ କେମିତି । ପାଞ୍ଚ ପଇସା, ଛଅ ପଇସା, ଜିନିଷ ଦେଖି ଦାମ ।''

''ଦିନକରେ କେତେ ପାଉ ?''

''ଟଙ୍କାଏ ଦେଢ଼ ଟଙ୍କା ।''

କାମ ବନ୍ଦ କରେନାହିଁ । ଠୁକ୍ ଠୁକ୍ ଶବ୍ଦର ଅନ୍ତର୍ବର୍ତ୍ତୀ କାଳରେ ସେ ପ୍ରଶ୍ନଟା ଶୁଣେ, ପର ଅନ୍ତର୍ବର୍ତ୍ତୀ ମୁହୂର୍ତ୍ତଗୁଡ଼ାକରେ ତା'ର ଉତ୍ତର ଦିଏ । ଜଣାପଡୁଥାଏ ଯିମିତି ମୋ ପ୍ରଶ୍ନଗୁଡ଼ାକ ତା' ପକ୍ଷରେ ଅବାନ୍ତର, ଅଯଥା ତା କାର୍ଯ୍ୟରେ ବାଧା ବ୍ୟାଘାତ ସୃଷ୍ଟି କରୁଛି । ତା' ଛଡ଼ା ତା' ବ୍ୟକ୍ତିଗତ ଜୀବନ ଜୀବିକା ଓ ସ୍ୱାଧୀନତା ଭିତରେ ଅପରର ଅନୁପ୍ରବେଶ ବୋଧହୁଏ ସେ ଆଦୌ ପସନ୍ଦ କରୁ ନ ଥାଏ । ଗରିବଙ୍କ ଜୀବନ କାହାଣୀ ପ୍ରତି ଧନୀଲୋକଗୁଡ଼ାଙ୍କର କୌତୂହଳ, ସେମାନଙ୍କ ଆତ୍ମଶ୍ଲାଘା ଓ ଆତ୍ମତୁଷ୍ଟିର ପରିବୃଦ୍ଧି ନିମନ୍ତେ ।

ତଥାପି, ଯେଣୁ ସେ ମୋ ଅଳିଆଗଦାରୁ ଧନ ବା ଦାନାପାଣି ସଂଗ୍ରହ କରୁଛି, ମୋ ପ୍ରତି କୃତଜ୍ଞତା ଜଣାଇବାରେ ସେ ତ୍ରୁଟି କରିବା ଅପରାଧ ବୋଲି ମୁଁ ବିବେଚନା କରୁଥାଏ ।

ଦେଖିଲି, କାଚଖଣ୍ଡଗୁଡ଼ାକୁ ଗଣି ଓ ତାଳିଦିଆ ଅଖା ଭିତରକୁ ଫୋପାଡ଼ିବା ସଙ୍ଗେ ସଙ୍ଗେ ଖଣ୍ଡେ ଖଣ୍ଡେ ଦରପୋଡ଼ା କୋଇଲା ମଧ୍ୟ ପାଉଁଶ ଅଳିଆ ଭିତରୁ ମିଳିଲେ ଉଠାଇ ନେଉଛି, ମାତ୍ର ନିଜେ ସେଗୁଡ଼ାକ ନ ରଖି ଝାଡ଼ିଝୁଡ଼ି ଦେଇ ନଡ଼ିଆଗଛ ଆଡ଼କୁ ଫୋପାଡ଼ି ଦେଉଛି । ପ୍ରଶ୍ନୋତ୍ତର ଜରିଆରେ କର୍ମଚାରୀମାନେ ଯିମିତି ପରିବାରର ଇତିହାସ ସଂଗ୍ରହ କରନ୍ତି ସେଇ ରୀତି ଅନୁସରଣ କରି ପରବର୍ତ୍ତୀ ପ୍ରଶ୍ନ ପଚାରିଲି ''ଘରେ କେତେ ପ୍ରାଣୀ, କୁଟୁମ୍ବ ?''



Digitized by srujanika@gmail.com

ବୋକାଙ୍କ ପରି ଚାହିଁଲା ମୋ ଆଡ଼କୁ । ପ୍ରଶ୍ନଟା କଷ୍ଟ ହେଲା ବୋଧହୁଏ । ସହଜ କରି ଦେଇ ପଚାରିଲି, ଘରେ ଖାଇବାକୁ କେତେ ଜଣ ?''

ଉତ୍ତର ଦେଲା, ''ଇୟେ, ମାଆ ଆଉ ଭଉଣୀ ।''

ଏତେବେଳଯାଏ ଜାଣି ନ ଥିଲି ତା' ସାଙ୍ଗରେ ଆଉ ଜଣେ କେହି ଅଛି ବୋଲି । ବେଞ୍ଚରେ ପଛପଟକୁ ଆଉଜି ବେକ ଲମ୍ବାଇ ନଡ଼ିଆ ଗଛ ଆରପାଖକୁ ଚାହିଁଲି । ପାଉଁଶ ଗଦା ଓ ନଡ଼ିଆଗଛ ଗଣ୍ଡିର ସମାନ ରଙ୍ଗର ଲୁଗା ପିନ୍ଧି ସେ ଇମିତି ନିସ୍ତବ୍ଧ ନିଶ୍ଚଳ ହୋଇ ବସିଥିଲା ଯେ ଜଣା ଯାଉଥିଲା ଯିମିତି ସେ ବି ଧରିତ୍ରୀର ଏକ ପ୍ରାକୃତିକ ଅଙ୍ଗ । 'ଇୟେ' ଶବ୍ଦଟା ଶୁଣି ସେ ସାମାନ୍ୟ ଚଳପ୍ରଚଳ ହେଲାରୁ ମୁଁ ଜାଣିଲି ସେ ବି ଗୋଟିଏ ଜୀବ ।

ଦରପୋଡ଼ା କୋଇଲା ଖଣ୍ଡ ସବୁ ଗଛର ଅନ୍ୟ ପାଖ ପାଉଁଶଗଦାରୁ ସଂଗ୍ରହ କରୁଥିଲା 'ଇୟେ' ଏବଂ 'ସିଏ' କାଚ ସାଙ୍ଗକୁ ମିଳୁଥିବା ଦରପୋଡ଼ା କୋଇଲାଗୁଡ଼ାକୁ 'ଇୟେ' ଆଡ଼କୁ ଫୋପାଡ଼ି ଦେଉଥିଲା । ଦରଭଙ୍ଗା ଆମ୍ବଝୁଡ଼ି ଗୋଟାକରେ ସେସବୁ ସଂଗ୍ରହ କରୁଥିଲା 'ଇୟେ' ।

ଅନାବନା ଡାହାଣୀ ଲଟିକୁ ଲାଗି ସେ ବସିଥିଲା । କୋଇଲା ପାଉଁଶ ବୋଳି ହୋଇଥିବାରୁ ତା' ଦେହରେ ସ୍ୱାଭାବିକ ରଙ୍ଗ ବାରି ହେଉ ନଥିଲା । 'ଇୟେ' ପିନ୍ଧିଥିଲା ମୋଟା ମସିଆ ଧୋତିଟାଏ ଯାହାର ଧଡ଼ିର ନାଲି ଗାରଟା ଅନବରତ ବ୍ୟବହାରରେ ଫିକ୍କା ପଡ଼ି ଯାଇଥିଲା । ଜଣା ପଡୁଥିଲା 'ସିଏ' ଯିମିତି ଅଳିଆ ଗଦାରୁ ଟୁକୁରାଏ କନା ଅକସ୍ମାତ୍ ପାଇ ନିଜେ ପିନ୍ଧି ଦେଇଛି ଏବଂ ନିଜେ ପିନ୍ଧିଥିବା ଛ'ଗଜୀ ଧୋତିଟାକୁ ପାଲଟି 'ଇୟେ' କୁ ପିନ୍ଧିବାକୁ ଦେଇଛି ।

ମୁଁ ତାକୁ ଦେଖିବାକୁ ଯେତେ ଆଗ୍ରହୀ ଓ କୌତୂହଳୀ ନ ଥିଲି 'ଇୟେ' ମୋତେ ଦେଖିବାକୁ ତା'ଠାରୁ ବହୁତ ବେଶୀ ଉତ୍ସୁକ ଥିଲା । ମୋତେ ଭଲକରି ଦେଖିବାପାଇଁ ସେ ଛିଡ଼ା ହେଲା । ମୋ ପେଟର ତ୍ରିବଳି, ସ୍ତନଦ୍ୱୟର ଅସ୍ୱାଭାବିକ ଅଭିବୃଦ୍ଧି ଓ ଦେହର ପାଚିଲା ଆମ୍ବ ପରି ରଙ୍ଗ ସାଙ୍ଗକୁ ବ୍ରିଲକ୍ରିମ୍ ଦିଆ ଚହଟ ଚିକ୍‌କଣ ଚୁଳ ତା ଆଖିରେ ବିସ୍ମୟ ସୃଷ୍ଟି କଲାପରି ସ୍ପଷ୍ଟ ଜଣା ପଡୁଥିଲା । ଚିଡ଼ିଆଖାନାର ମଖମଲଦେହୀ ବାଘଗୁଡ଼ାକୁ କେହି ଦର୍ଶକ ଏତେ ନିର୍ନିମେଷ ନୟନରେ ଅନାଇ ନ ଥିବେ ।

କ'ଣ ଭାବିଲା କେଜାଣି ଧୀରେ ଧୀରେ ବୁଲି ଆସି ଗାଧୁଆ ଘାଟର ପାହାଚ ଡେଇଁ ଗଡ଼ିଆ ପାଣିରେ ଗୋଡ଼ ହାତ ଭଲ କରି ଧୋଇଲା ଏବଂ ମୋ ସାମ୍ନା ବେଞ୍ଚରେ ମୁହାଁମୁହିଁ



Digitized by srujanika@gmail.com

ନିର୍ବିକାର ବସିଗଲା । ମୋ ପାଦ ଦୁଇଟା ଆରାମରେ ବାଟା ଚପଲରେ ରହିଥିଲାବେଳେ ତା ଛୋଟ ଗୋଡ଼ଦୁଇଟା ବେଞ୍ଚର ଅଧା-ଅଧିରେ ଝୁଲୁଥାଏ, ଭୂଇଁ ପହୁଞ୍ଚିବାକୁ ପ୍ରାୟ ଛଅଇଞ୍ଚ ଥାଏ । ବେଞ୍ଚକୁ ଉଠିବା କଷ୍ଟସାଧ ହେବାରୁ ସେ ହାତରେ ଭରାଦେଇ, ଛୁଆଂକ ପରି ହାମୁଡ଼େଇ ଉଠିଲା । ଦେଖିଲି, ତା'ହାତରେ ଦାଆ କଟୁରୀ କିଛି ନାହିଁ, ଆଙ୍ଗୁଳିରେ ବା କାଠ ଖଣ୍ଡିକରେ ସେ କୋଇଲାଖଣ୍ଡ ବାନ୍ଧୁଥିଲା ।

ତା'ର ଚୂଳ ଓ ଆଖିରୁ ଅନୁମାନ କଲି 'ଇୟେ' ଝିଅ, ପୁଅ ନୁହେଁ । ବୟସ ଦଶ କି ଏଗାର ହୋଇପାରେ ଆକାର ପ୍ରକାର ଅନୁସାରେ । ଗାଲ ଦୁଇଟା ଫୁଲ୍‌କା ଫୁଲ୍‌କା, ରକ୍ତକଣିକା ବା ଚର୍ବିର ପ୍ରାଚୁର୍ଯ୍ୟରୁ ନୁହେଁ ପୁଷ୍ଟିହୀନତା ଓ ଶୋଥ ଯୋଗୁଁ, ଦେହରେ ଜଳ-କଣିକାର ଆଧିକ୍ୟ ଯୋଗୁଁ । ହୁଏତ ଚିପିଦେଲେ ଆଙ୍ଗୁଳି ପଶିଯିବ । ଦେହଯାକରେ ସୁନ୍ଦର ବୋଲି ଥିଲା ଆଖିଯୋଡ଼ିକ । ଗୋଲଗୋଲ, ଛୋଟ, କୁଳୁକୁଳୁ । ଇରାନୀ ଝିଅର ଆଖି ପରି ନୀଳ । ମୁହଁ ହସିଲା ପରି ନୁହେଁ କି କାନ୍ଦିଲା ପରି ନୁହେଁ । ଛୋଟ ଛୁଆଟି ପରି ବସି ନିପଲକ ଆଖିରେ ଚାହିଁଥାଏ ମୋ'ରି ଆଡ଼େ । ଜଣାପଡୁଥାଏ, ଯିମିତି ସେ ଚାହେଁ କେହି ତାକୁ ଟିକିଏ ଶରଧା କରୁ, ପଦେ ମଧୁର କଥା କହୁ । ତେଣେ କାଚ ଗୋଟାଉଥିବା ଲୋକଟା ତା'ର ଏ ଆଚରଣକୁ କେଉଁ ଆଖିରେ ଦେଖିବ, ସେ କଥା ସେ ଆଦୌ ଭାବୁ ନ ଥିଲା ପରି ଜଣା ପଡୁଥିଲା ।

ବହୁତ ଗବେଷଣା ପରେ ଏତକ ଜାଣିଲି ଯେ 'ଇୟେ'ପୁଅ ନୁହେଁ ଝିଅ । ତେବେ ଲୋକଟା ସହିତ ତା'ର ସମ୍ପର୍କ କ'ଣ ? ସାନ ଭଉଣୀ ? କିନ୍ତୁ ଚେହେରା, ରଙ୍ଗ, କାହିଁରେ କୌଣସି ସୌସାଦୃଶ୍ୟ ନ ରହିବ କିମିତି ? ଭାବିଲି କିଏ ଦୂରସମ୍ପର୍କିତା ଭଉଣୀ, କି ଶାଳୀ, କି ଭାଣିଜୀ ହୋଇପାରେ । ତା ବିଷୟରେ ମୋର କୌତୁହଳର ତୁରନ୍ତ ଅବସାନ ପାଇଁ ମୁଁ ଅନୁଚ୍ଚ ଗଳାରେ ପଚାରିଲି, ସିଏ ତୋର କ'ଣ ହୁଏ ?'' ଆଦୌ ସମୟ ନ ନେଇ ଲାଜ ଲାଜ ଭାବ ନ ଦେଖାଇ କହିଲା ''ସିଏ ମୋତେ ବାହା ହୋଇଛି'' । ମୋର ପରବର୍ତ୍ତୀ ପ୍ରଶ୍ନ ହେଲା 'ତୁମ ଜାତିରେ କ'ଣ ଏତେ ସାନବେଳୁ ବାହାଘର ହୁଏ ?'' ସେ ଏ ପ୍ରଶ୍ନର କିଛି ଉତ୍ତର ଦେଲା ନାହିଁ । ପାଖରେ ପଡ଼ିଥିବା ଚାରିପାଞ୍ଚଟା ମଲା ଗେଣ୍ଡା ଖୋଳପାକୁ ଏକାଠି କରି ଛୋଟ ଛୋଟ ଝିଅମାନେ ଯିମିତି ପାପୁଲି ଏପଟ ସେପଟ କରି ଗୋଡ଼ି ଖେଳନ୍ତି ସିମିତି ତା ଟିକି ଟିକି ହାତରେ ଫୋପଡ଼ାଫୋପଡ଼ି କରି ଖେଳ ଆରମ୍ଭ କରିଦେଲା - ଯିମିତିକି ଦୁନିଆରେ ତା'ର ଦାୟିତ୍ୱ ବୋଲି କିଛି ନ ଥିଲା ।



Digitized by srujanika@gmail.com

ପଚାରିଲି, ''ଦରପୋଡ଼ା କୋଇଲା ସବୁ କ'ଣ କର ?'' ପ୍ରଶ୍ନର ଉତ୍ତର ଜଣାଥିଲେ ବି ପଚାରିଲି ।

''ସିଏ ବଜାରରେ ନେଇ ବିକିଦିଏ, ବେଶୀ ହେଲେ ।'' ଗେଣ୍ଡାଖୋଳପା ଖେଳ ଚାଲିଥାଏ, ସେ ମୋ ପ୍ରଶ୍ନର ଉତ୍ତର ଦେଉଥାଏ । ଦୈବାତ୍ ବଡ଼ ଖୋଳପଟିଏ ଛୋଟ ହାତପାପୁଲି ପିଠିରେ ନ ରହି ତଳକୁ ଗଡ଼ିଗଲା । ବେଞ୍ଚରୁ କଷ୍ଟେମଷ୍ଟେ ଓହ୍ଲାଇ ନଇଁପଡ଼ି ଗୋଟାଇବାକୁ ଯିମିତି ସେ ହାତ ବଢ଼ାଇଛି, ସିମିତି ମୋଟା ବହଳ ଧୋତିଟା ତା ଉପର ଦେହରୁ ତଳକୁ ଗୋଟିକଯାକ ଖସିଗଲା ।

କି ଆଶ୍ଚର୍ଯ୍ୟ ! ସୁସ୍ଥା ବିବାହିତା ଯୁବତୀର ପଦ୍ମକୋଷରେ ଅଭିଳୀନ ଭ୍ରମରର ଭ୍ରମ ସଞ୍ଚାର କରୁଥିବା ପଦ୍ମଯୋଡ଼ିକ ଗଲା କୁଆଡ଼େ ? କେବଳ ବଡ଼ ବଡ଼ ଭ୍ରମର ପରି ଯୋଡ଼ିଏ ଚୁଚୁକାଗ୍ର । କାଳିଦାସଙ୍କ ପୁରାଣ ପ୍ରସିଦ୍ଧା ରୋମାଣ୍ଟିକ୍ ନାୟିକାର ପଙ୍କଜ ବନରେ ବଢ଼ୁଥିବା ମାର୍ଜ୍ଜାରମୁଖୀର ଦିଓଟି ଗୁବାକ ବା 'ଇଯେ' ଖେଳୁଥିବା ଯୋଡ଼ାଏ ଗେଣ୍ଡା ଆସିଲା କେମିତି ? ତରୁଣୀ ନାରୀ ପ୍ରତି ଭଗବାନଙ୍କର ଏ କି ବିଦ୍ରୂପ ! ଯେତିକି ବିଭତ୍ସ ସେତିକି କରୁଣ । ଏତେ କମ୍ ବୟସ ଅଥଚ - ବିଚିତ୍ର ଦେଶ ଆମର ! 'ସୋନା' ସାରରେ କେଉଁଠି ଛୋଟ ଛୋଟ କଲମୀ ଗଛରେ ବଡ଼ ଆମ୍ବ, ଆଉ କେଉଁଠି ନଡ଼ିଆ ସ୍ଥାନରେ ଗୁବାକ, କି ବିଡ଼ମ୍ବନା !

''କେତେ ବର୍ଷ ହେଲା ତୁମେ ବାହା ହୋଇଛ ?'' ପଚାରିଲି ।

''ଚାରି''

ଆଉ ଗବେଷଣା ଅନୁସନ୍ଧାନ କରିବାକୁ ଇଚ୍ଛା ହେଲା ନାହିଁ । ଏତିକି ହୃଦବୋଧ ହେଲା ନାନା ବିପ୍ଳବ ବିକ୍ଷୋଭ ପରେ ମାନବଜାତି ଯେତେ ଯେତେ 'ବାଦ' ପ୍ରତିଷ୍ଠା କରିଛି ବା ପ୍ରକୃତ ଅଧ୍ୟବସାୟ ଓ ତ୍ୟାଗ କରି ଯେତେଯେତେ ବୈଜ୍ଞାନିକ ଆବିଷ୍କାର ଓ ଉଦ୍ଭାବନ କରିଛି, ତା'ର ସୁଫଳ ମାନବଜାତିର ଅନେକ ଭାଗ ଲୋକ ପାଇନାହାନ୍ତି । ଗାନ୍ଧୀ, କାର୍ଲ ମାର୍କସ, ମାଓ, ସବୁଜ ବିପ୍ଳବ ବା 'ହରମୋନ' ଆମର ଅସହାୟ ଅବସ୍ଥାକୁ ଦୂର କରି ନାହାନ୍ତି ।

ଭାବିଲି, ଏ ଦୁଇଟାକୁ କୌଣସିମତେ କିଛି ସାହାଯ୍ୟ ଦେଇ ପଠାଇ ଦେଲେ ଦୁଃଖିତା ଯାଆନ୍ତା, କରୁଣ ଦୃଶ୍ୟ ମର୍ମଭେଦୀ ହୁଅନ୍ତା ନାହିଁ । କିଛି ଖାଦ୍ୟ ପଦାର୍ଥ ବା କିଛି ପଇସା



Digitized by srujanika@gmail.com

ଦେଇ ବିଦା କରିଦେଲେ ତ ହୁଅନ୍ତା । ନା, ନା, ଦେଶରେ ଆଳସ୍ୟ ବଢ଼ିବ, ଭିକ୍ଷାବୃତ୍ତି ଉତ୍ସାହିତ ହେବ, ପରମୁହୂର୍ତ୍ତରେ ଭାବିଲି ।

ହଠାତ୍ ମନେପଡ଼ିଲା ମୁଁ ତ ଜଣେ ପୁଞ୍ଜିପତି, ଅନ୍ତତଃ ବୋତଲରେ; ଫମ୍ପା ବୋତଲର ମୁଁ ଜଣେ ବେଙ୍କର୍ । ଧାର ଉଧାର ଦାନ ଦକ୍ଷିଣା ଯେତେ ଦେଲେ ବି ମୋ ପୁଞ୍ଜି ଅସରନ୍ତି । ଖୋଜି ବସିଲେ ଶହ ଶହ ଅଦରକାରୀ ବିଭିନ୍ନ କିସମର ଶିଶି ବୋତଲ ବାହାରି ପଡ଼ିବ । ଭଙ୍ଗା ଟୁକୁରା କାଚ ଅପେକ୍ଷା ଗୋଟା କାଚ ବୋତଲ ଦାମ୍ ହୁଏତ ବେଶୀ ହୋଇପାରେ ।

ଚୈତନ୍‌କୁ ଡାକିଲି । ବଡ଼ ବଡ଼ ଲୋକଙ୍କ ଜୀବନ ଚରିତରେ ଯିମିତି କୁହାଯାଇଥାଏ ''ସେ ଏକାଧାରରେ କବି, ଚିତ୍ରକର, ସଙ୍ଗୀତଜ୍ଞ ଓ ଯୋଦ୍ଧା ଥିଲେ'' ସିମିତି ଚୈତନ୍ ସମ୍ପର୍କରେ କହିଲେ କୁହାଯିବ ''ସେ ଏକାଧାରରେ ପୂଜାରୀ ଚାକର, ଗାଈଦୁହାଁଳି, ସାଥୀ ଓ ପୁତ୍ର ଆଦି ।'' ସେ ବଜାରରୁ ଫେରି ରବିବାରିଆ ମାଂସ କଷିବାକୁ ଆରମ୍ଭ କରିଦେଇଥିବାର ଜାଣିପାରିଲି, ମହକରୁ ।

'ଇୟେ'କୁ ପଚାରିଲି ''ଗୋଟା ଶିଶି ବୋତଲ ନବ ।''

'ଇୟେ' 'ସିଏ'କୁ ପଚାରିଲା - ମୋ ପ୍ରଶ୍ନଟାକୁ ତା'ଠାର ବା ଭାଷାରେ ରୂପାନ୍ତରିତ କରି ଏବଂ ସଙ୍ଗେ ସଙ୍ଗେ ଉତ୍ତରଟା 'ରିଲେ' କରିଦେଲା । ''ହଁ ନବା । ପଇସା ଆଣିନି । ବଜାରରେ ବିକି ପଇସା ଦେଇଦବା ।''

ପଚାରିଲି, 'ବୋତଲ ଗୋଟା ଦରରେ ନବ ନା ଓଜନ ଦରରେ ।''

ପୁଣି 'ଇୟେ' 'ସିଏ'କୁ ପଚାରିଲା । ଉତ୍ତର ମିଳିଲା''ଓଜନରେ, କିଲ ପାଞ୍ଚ ପଇସା ।''

ଟିଣ ଡବା ଆଉ ଶିଶି ବୋତଲଗୁଡ଼ାକ କାଳକ୍ରମେ ଗୃହସ୍ଥକୁ ବୋଝ ହୋଇପଡ଼ନ୍ତି । ଏ ସବୁ ରଖିବାପାଇଁ ଜାଗା ଦରକାର । ଫୋପାଡ଼ି ଦେବା ସମ୍ଭବ ହୁଏ ନାହିଁ । କାରଣ ଫମ୍ପା ହେଲେ ବି ଦେଖିବାକୁ ସୁନ୍ଦର । ଠିକ୍ ସମୟରେ ଗରାଖ ମିଳନ୍ତି ନାହିଁ । ମିଳିଲେ ବା ଯାଚିକରି ବିକ୍ରି କଲେ ଏତେ କମ ଦାମ୍ ମିଳେ ଯେ ବିକିବାକୁ ଇଚ୍ଛା ହୁଏ ନାହିଁ । ଟଙ୍କାଏ ଟିଣକୁ ପଚିଶି ପଇସାରେ, ଆଠଣା ଶିଶିକୁ ଦଶପଇସାରେ କିଏ ବିକିବ ? ବରଂ ଘରେ ପଡ଼ିଥାଉ ।

ମାଂସରେ ପାଣି ଢାଳି ଡେକ୍‌ଚିରେ ଢାଂକୁଣି ଦେବାର ଶବ୍ଦ ଶୁଭିଲା । ଧୂଆଁରେ ଆଖି ଲାଲଲାଲ ଛଳଛଳ କରି ଚୈତନ୍ ଆସି ଠିଆ ହେଲା ଆଦେଶ ଅପେକ୍ଷାରେ । ସତର



Digitized by srujanika@gmail.com

ଅଠର ବର୍ଷର ଟୋକା । ନିଶ ଗାରେ ସ୍ପଷ୍ଟ । ଯାତ୍ରା ଥିଏଟର ସିନେମା ଦେଖେ । ସିସିରି ଫୁଙ୍କି ସିନେମା ଗୀତର ସ୍ୱର ଦିଏ । ମୋର ଅଠରଇଞ୍ଚିଆ ଡ୍ରିଲାପେଣ୍ଟକୁ କଟାକଟି କରି ନ' ଇଂଚିଆ ନଳୀ କରି ପିଂଧେ । ଷ୍ଟାଇଲିଂଗ ଦେଖିଲେ ତା' ଛାତି ଧଡ଼ପଡ଼ ହେବା ସ୍ୱାଭାବିକ, ମାତ୍ର ଦେଖିଲି 'ଇୟେ' କୁ ଦେଖି ତା'ର କୌଣସି ସ୍ନାୟବିକ ପ୍ରତିକ୍ରିୟା ହେଲା ନାହିଁ । ଥରେ ଚାହିଁ ଅଦରକାରୀ ଚିଜ ବୋଲି ମୁହଁ ଫେରାଇ ମୋ ଆଡ଼କୁ ଚାହିଁଲା । ସେ ଭାବିଥିଲା ମୁଁ କଫି ବା ହର୍ଲିକ୍ସ ବରାଦ କରିବି ଏବଂ ପ୍ରତିଦିନ ପରି ଗଡ଼ିଆ ଘାଟରେ ପାନୀୟ ଉପଭୋଗ କରିବି ।

ପଚାରିଲି, ''ଚୈତନ୍ ! କାଚ ବୋତଲ ସବୁ ବଜାରକୁ ନେଇ ବିକିବାକୁ କହିଥିଲି । ବିକି ଦେଇଛୁ ନା ଅଛି ?''

ଦୋଷୀ ଅପରାଧୀର ଗଳାରେ ସେ କହିଲା ''ଅଛି ?''

ମୁଁ ବୁଝିଗଲି । ସେ ବିକିବାକୁ ନେବ ନାହିଁ । କାରଣ ଚପଲ ଲଗାଇ, ନଳୀପେଣ୍ଟ ପିନ୍ଧି, ମଫସଲ ହାଟରେ କିଣା ଗୋ-ଗୋ ଗଗଲ୍ସ୍ ଆଖିରେ ଦେଇ ଶିଶି ବୋତଲଭରା ଅଖାଟାଏ କାନ୍ଧରେ ପକାଇ ବଜାରକୁ ଗଲେ ତା'ର ମାନସମ୍ମାନ ଉପରେ ଆଞ୍ଚ ଆସିବ । ବଜାରରେ ତା'ର କେତେ ସାଙ୍ଗସାଥି ଚିହ୍ନା ପରିଚୟ ଚପରାଶି ଅଛନ୍ତି । କିଏ ସଙ୍ଗାତ ତ କିଏ ମଇତ୍ର । କାହା ବାବୁ କାହା ସାଇବ କେତେ ବଡ଼ ସେ ବିଷୟରେ ସେମାନଙ୍କ ପ୍ରତିଯୋଗିତା ଚାଲେ । ବାବୁ ବଡ଼ ତ ଚପରାଶି ଚାକର ବଡ଼ । ପୁଣି, ଚତୁର୍ଥ ପାହିୟା କର୍ମଚାରୀ ଘରକାମ କରୁଛି ଦେଖିଲେ ସଂଘର ସଭାପତି ବିଗିଡ଼ିଯିବେ । ବୋତଲବିକା ପଇସାରେ ମୋର ଲୋଭ ନ ଥିଲା । ସେଇ ପଇସାରେ ହୁଏତ ପୂଜାକୁ ତା'ପାଇଁ ହାଫ୍‌ପେଣ୍ଟଟାଏ କରି ଦେଇଥାନ୍ତି ।

କହିଲି, ''ତୁ ଝୋଲା ବୋହି ବଜାରକୁ ଯିବୁ ନାହିଁ, ଏଇ ତ ? ବେଶ୍ । କେଉଁଠି ଅଛି ସବୁ ଆଣି ଜମା କର ।''

ଚୈତନ୍ କହିଲା, ''ଏଇଠି ସବୁ ଅଛି, ମୁଁ ଜମାକରି ରଖିଛି । ପାଚିରୀ କଣର କାଠବାକ୍ସରେ ଆଉ ପୁରୁଣା ଫଟା ବଡ଼ ପାଣିଟବ୍ ଭିତରେ ।''

ମୁଁ 'ଇୟେ' କୁ କହିଲି, ''ଆ' ବୋତଲ ନବୁ ପରା । ଡାକ୍ ତାକୁ ।''

'ଇୟେ' 'ସିଏ'କୁ ଡାକିଲା । ଅଗଣାକୁ ଯାଇ କଣରେ ଥିବା ଆବର୍ଜନାକୁ ହାତ ବଢ଼ାଇ କହିଲି ''ନିଅ, କେତେ ନେଉଛ ନିଅ । ଚୈତନ୍ । ବଡ଼ ବୋରାଟାଏ ଦେ ତ ।''



Digitized by srujanika@gmail.com

ଚୈତନ ବଡ଼ ବୋରାଟାଏ ତାଙ୍କ ଆଡ଼କୁ ଫୋପାଡ଼ି ଦେଲା । 'ସିଏ' ଗୋଟାକୁ ଗୋଟା ଶିଶି ବୋତଲ ବାହାର କରି 'ଇୟେ' ହାତକୁ ବଢ଼ାଇ ଦେଉଥାଏ । ପ୍ରତିଟି ଅଖା ଭିତରେ ପୂରାଇବା ପୂର୍ବରୁ 'ଇୟେ' ଠିପି ଖୋଲି କେଉଁଟାରେ କଣ ଥିଲା ତାହା ଶୁଙ୍ଘି ପୁଣି ଠିପି ବନ୍ଦ କରି ଅଖାରେ ପୂରାଉଥାଏ । ଜିନ୍, ବିଅର ବୋତଲଗୁଡ଼ାକ ସଙ୍ଗେ ସଙ୍ଗେ ଅଖାକୁ ଫୋପାଡ଼ି ଦିଏ, କିନ୍ତୁ ବ୍ରିଲକ୍ରୀମ୍ ବା କୋଲଗେଟ୍ ବୋତଲରୁ ଟୋପାଏ ଦୁଇଟୋପା ତେଲ ମିଳିଗଲେ ଜୀବନରେ କେବେ ତେଲ ଲାଗି ନଥିବା ଚୂଳରେ ବୋଳିଦିଏ । ସଶ୍ ବା ଜେଲି ବା ଜାମ୍ ବା ସିରାପ୍ ବୋତଲରୁ ଯାହା ମିଳେ ତାକୁ ଆଙ୍ଗୁଳିରେ ପୋଛିନେଇ ଜିଭରେ ଚାଟି ଦିଏ । ''ସିଏ'' ମନେ ମନେ ବୋତଲ ସଂଖ୍ୟା ଗଣୁଥିଲା; ମୋ'ରି ତରଫରୁ ହୁଏତ ମୁଁ କହିଲି ''ଗଣିବା ଦରକାର ନାହିଁ ।''

ଦଣ୍ଡେ ଛିଡ଼ା ହୋଇ ଚୈତନ୍ ଦେଖିଲା କିମିତି ମାନସମ୍ମାନ ଜଗିବାକୁ ଯାଇ ଯାହା ସେ ହରାଇଲା ତାହା ଅନ୍ୟ ଜଣକ (ଦୁଇତିନି ଜଣଙ୍କ)ର ପେଟ ପୋଷିବାକୁ ଯାଉଛି । ତା'ପରେ ନିଜକୁ ଧିକ୍କାର ଓ ସେ ଦିହିଁଙ୍କି ଈର୍ଷା କରି ରାଗରେ ଗର୍ ଗର୍ ହୋଇ ମାଂସରେ ନୈନିତାଲ ଆଳୁ ପକାଇବାକୁ ବାହାରିଗଲା ।

'ସିଏ' ଅଖା ଉଠାଇ କାନ୍ଧରେ ପକାଇ ଆଗେ ଆଗେ ଚାଲିଲା ବାଡ଼ିଦୁଆର ଦେଇ ବଜାରମୁହାଁ । 'ଇୟେ' ଯିମିତି ତା' ପଛେ ପଛେ ଯିବାକୁ ଉପକ୍ରମ କଲା ମୁଁ ଭାବିଲି ଦୁହେଁଯାକ ଯଦି ଆଗପଛ ହୋଇ ଚାଲିଯିବେ ତେବେ ମୁଁ ସବୁ ହରାଇ ବସିବି ସିନା । ମୁଁ ପଚାରିବାକୁ ଯାଉଥିଲି ''କଅଣ । ତୁ ବି ଯିବୁ ତା'ସାଙ୍ଗରେ ? ନା, ନା, ସେ ଚାଲାକି ପଟିବ ନାହିଁ ।'' 'ଇୟେ' ବୁଲିପଡ଼ି ପୁଣି ସେଇ ସିମେଣ୍ଟ ବେଞ୍ଚ ଉପରକୁ ଉଠିଗଲା ଏବଂ ଗେଣ୍ଡା ଖୋଳପା ଖେଳ ଆରମ୍ଭ କରିଦେଲା । ମୋ ଆଡ଼କୁ ଏମିତି ଚାହାଁଣି ଦେଲା ଯହିଁରୁ ମୁଁ ବୁଝିଲି, ''ଡରିବୁ ନାଇଁ ବାବୁ । ମୁଁ ଏଇଠି ବସିଛି 'ସିଏ' ଫେରିବା ଯାଏ; ବନ୍ଧା ପଡ଼ିଛି ତୋ ପାଖରେ ।'' ଛୋଟଲୋକିରୁ ରକ୍ଷା ପାଇଗଲି ଭାବି ମନେ ମନେ ତାକୁ ଧନ୍ୟବାଦ ଦେଲି ।

ଦଣ୍ଡେଯାଏ ଦୁହେଁ ମୁହାଁମୁହିଁ ଚୁପ୍‌ଚାପ ବସିବା ପରେ ଆରମ୍ଭ କଲି ''ରହ କେଉଁଠି ?''

ଗୋଟାଏ ଦିଗକୁ ହାତ ବଢ଼ାଇ 'ଇୟେ' କହିଲା, ''ସେଇ ଯେ ସରକାର ବାବୁର ବସା ଦେଖୁଛୁ ତା'ରି ବାଡ଼ି କୁଣରେ ଆମର ଘର କରିଛି ।''

''ନିଜ ଘର ନା ସରକାର ବାବୁର ?''



Digitized by srujanika@gmail.com

ପ୍ରଶ୍ନଟା ବୁଝିଲା ନାହିଁ । କହିଲା ଆମର ତିଆରି କରିଛି ଝାଟିମାଟିରେ । ତା'ର ବାଗାନ୍ ଜଗିବା ବୁଲି ଜାଗାଟା ଦେଇଛି ସରକାର ବୁଢ଼ା ।''

''ଘରେ ଆଉ କିଏ ଅଛି ?''

''ଏ ବାବୁ ! ତୁ କେଡ଼େ ଚଟ୍ ଭୁଲି ଯାଉଛୁ ।'' ସିଏ କହିଲା ''ତତେ ଟିକେ ଆଗରୁ ଆଉ ଭଉଣୀ ଅଛି ବୁଲି କହିଥିଲି ଯେ ।''

ଟିକିଏ ଘନିଷ୍ଠତା ଦେଖାଇ ପଚାରିଲି, ''ତୋତେ ସିଏ ଭଲ ପାଏ ?''

''ନାଇଁ, ତା'ର ମାଆ ଭଉଣୀ କଥାରେ ଚାଲେ ।''

ଗେଣ୍ଡାଖୋଳ ଦେଖୁଁ ଦେଖୁଁ ମନେ ପଡ଼ିଲା ଆଉ ଗୋଟିଏ ପ୍ରଶ୍ନ । ଟିକିଏ ଅଭଦ୍ରାମି ଓ ଅସଭ୍ୟତାର ପରିଚୟ ଦେଲେ ବି ପ୍ରଶ୍ନଟାର ଉତ୍ତର 'ଇୟେ' ଦେବାକୁ କୁଣ୍ଠାବୋଧ କରିବନି ବା ଗାଳିଗୁଲଜ କରିବନି ଭାବି ପଚାରିଦେଲି ''ତୋର ଛୁଆପିଲା ହେଇନି ?''

''ହୋଇଥିଲା ଗୁଟେ, ଗଲା ଖରା ଦିନରେ ମରିଗଲା; ପୁଅଟା ଦୁଧ ଦେଲେ ସିନା ବଞ୍ଚିବ । ଖାଇତେ ପେଜ ବି ମିଳିଲାନି । ଦୁଧ ଶୁଖିଗଲା । ପାଣିରେ କେତେ ଦିନ ବଞ୍ଚିବ ? ରଥଯାତରା ଦିନ ମରିଗଲା ।''

କଥାଗୁଡ଼ାକ କହିଲାବେଳେ ତା' ଆଖିରେ ଆର୍ଦ୍ରତା ନ ଥିଲା ବା କୌଣସି ଶୋକର ଚିହ୍ନ ପ୍ରକାଶ ନ ଥିଲା । ମାତୃତ୍ୱ ତା' ହୃଦୟରୁ ଶୁଖି ଯାଇଥିଲା । ସ୍ତନ୍ୟପାନ କରୁଥିବା ଶିଶୁର ଟହଟହ ମୁଖ ତା'ର ମନେ ପଡୁ ନ ଥିଲା । ସଭ୍ୟ ଅଭିଜାତ ଦୁନିଆଁର ଭାବପ୍ରବଣତାର ଲେଶ ନ ଥିଲା ସେତେବେଳେ ତା'ପାଖରେ ।

ପ୍ରଶ୍ନଟା ନ ପଚାରିବା ଉଚିତ ଥିଲା ଭାବିଲି । ଅପରର ଜୀବନ ସମ୍ବନ୍ଧରେ ଅତି ବେଶୀ ଅନୁସନ୍ଧିତ୍ସାର କୁଫଳ ମିଳିଗଲା ମୋତେ । ବନ୍ଧା ପଡ଼ିଥିବା 'ଇୟେ'କୁ ଜଗିବା ଦ୍ୱାରା ମୁଁ ଯେ ସେମାନଙ୍କ ପାଖରେ ବନ୍ଧା ପଡ଼ିଛି ଏ ଭାବ ମନରେ ଉଦିତ ହେଲାମାତ୍ରେ ମୁଁ ଉଠିଆସିଲି ଘର ଭିତରକୁ । ବରଂ 'ଇୟେ' ଆଉ 'ସିଏ' ବୋତଲ ଦାମ ନେଇ ଖସି ଯାଆନ୍ତୁ ।

ଖବରକାଗଜର ରବିବାସରୀୟ ମେଗାଜିନ୍ ବିଭାଗରୁ ବ୍ରିଜ୍ ଟିପ୍‌ପଣୀ ପଢ଼ିସାରି ଗାଧୁଆପାଧୁଆ କରିବାକୁ ଯାଉଛି ବାରିପଟୁ ଠକ୍ ଠକ୍ ଶବ୍ଦ ଶୁଭିଲା । ମନେ ପଡ଼ିଲା 'ଇୟେ' ଆଉ 'ସିଏ' ସହିତ, ଶିଶିବୋତଲ ବିକାକିଣା କରିବାର କାରବାର । ବାହାରକୁ ଯାଇ ଦେଖିଲି



Digitized by srujanika@gmail.com

'ଇୟେ' ସିମେଣ୍ଟ ବେଞ୍ଚରେ ଯେଉଁଠି ବସିଥିଲା ସେଇଠି କାଠପିତୁଳି ପରି ବସିଛି । ନଡ଼ିଆଗଛ ମୂଳ ଅଳିଆଗଦାରେ 'ସିଏ' ବସି ଯିମିତି କାଚ ବାଛୁଥିଲା ସିମିତି ଖୋଳାତଡ଼ାରେ କଳପରି ଲାଗିଯାଇଛି । ଏତେ କାଚ ଦେଲି, ସନ୍ତୋଷ ନାହିଁ । ଭରତଙ୍କ ଅଭିଶାପ ।

ପାଖକୁ ଯାଇ ଦେଖିଲି ବାଆଁ ପାପୁଲିଟି ବେଞ୍ଚରେ ପାତି 'ଇଏ' ବସିଛି । ପାପୁଲିର ଛୋଟ ଛୋଟ ରେଖାକୁ କିୟଦଂଶ ଢଙ୍କାଇ ପଡ଼ିଛି ଗୋଟିଏ ନେହେରୁ ମାର୍କା ପଚାଶ ପଇସି, ପାଖକୁ ଲାଗି, କଷ୍ଟତ ରାମରାଜ୍ୟର ଧାନଶୀଷାଁଥିବା ପଚିଶ ପଇସିଟିଏ । ଠିକ୍ ଯେମିତି 'ସିଏ' ଆଉ 'ଇୟେ' ଲଗାଲଗି ହୋଇ ବସିଥିଲେ ଦିଶିଥାନ୍ତେ । ପାଉଁଶଅଙ୍ଗାରରେ କାଳିଝୁଆ ପାପୁଲିଟା ଉପରେ ଅଶୋକଚକ୍ର ଧାନକେଣ୍ଡା ଚିହ୍ନିତ ମୁଦ୍ରା ସୁନ୍ଦର ଦିଶୁଥାନ୍ତି । ମୋର ଅନୁମାନ ହେଲା 'ଇୟେ' ସେଇଠି ସେଇ ଭଙ୍ଗୀରେ ଘଣ୍ଟା ଘଣ୍ଟା ବସିଲାଣି, ସିମିତି ଅନନ୍ତକାଳ ପର୍ଯ୍ୟନ୍ତ ବସିଥିବ ହୁଏତ ।

ମୁଁ ପାପୁଲି ଆଡ଼କୁ ଚାହିଁ ତା' ମୁହଁକୁ ଅନାଇଲି । ସେଠି ଚିନ୍ତା ଭାବନା ବା ଅନୁଭୂତିର କିଛି ପ୍ରକାଶ ଦେଖିଲି ନାହିଁ । ନିଶ୍ଚଳ ଡୋଳାଦୁଇଟାକୁ ଥରେ ମାତ୍ର ମୋ ଆଡ଼କୁ ବୁଲାଇ ପୁଣି ପାପୁଲି ଆଡ଼କୁ ଫେରାଇନେଲା । ଯହିଁରୁ ମୁଁ ବୁଝିଲି ''ତୁ ଯେଉଁ ଶିଶିବୋତଲ ଆମକୁ ବିକିବାକୁ ଦେଇଥିଲୁ, ସେଥିରୁ ଏତିକି ମିଳିଛି, କେତେ ନବୁ ନେ, କେତେ ଦବୁ ଦେ ।''

ଏତେ କମ୍ ଦାମରେ ପ୍ରାୟ କୋଡ଼ିଏ କିଲୋ ନିଖୁଣ ଅଭଙ୍ଗା କାଚ ବିକ୍ରି ହେବ ଏ ଧାରଣା ମୋର ନ ଥିଲା । ଯିମିତି ଭାବରେ ପାପୁଲିରେ ଆଠଣି ଚାରଣିକୁ 'ଇୟେ' ସଜାଇ ରଖିଥିଲା ସେଥିରୁ ମୋତେ ସ୍ପଷ୍ଟ ଇଙ୍ଗିତ ମିଳୁଥିଲା ଯିମିତି ମୁଁ ଆଠଣିଟା ନେଇ ତାକୁ ପରିଶ୍ରମ ବାବଦ୍ ଚାରଣିଟା ଦେବି । ବଡ଼ ଅଡୁଆ ପରିସ୍ଥିତିରେ ପଡ଼ିଲି ।

ପାଖଦଶ କିଲୋ ଓଜନର ସାମାନ୍ୟ ବୋଝଟାଏ ପ୍ଲାଟଫର୍ମରୁ ରିକ୍ସା ଷ୍ଟେଣ୍ଡ୍ ପାଖକୁ ଏମିତିକି ୱେଟିଂ ରୁମ୍‌ର ବାହାରକୁ ନେଲେ ଦୁଇ ତିନି ମିନିଟ୍‌ରେ କଟକର ରେଲବାଇ କୁଲି ଚାଳିଶ ପଇସା ପାଏ । ଯାକୁ ଚାରିଅଣା ଦେବି କିମିତି ?

ମୁଁ ଯେତେବେଳେ କ'ଣ ଦେବି କ'ଣ ନେବି ଦ୍ୱନ୍ଦ୍ୱ ଦେଇ ଗତି କରୁଛି, 'ଇୟେ' ସ୍ଥାଣୁ ନିର୍ବିକାର ହୋଇ ପାପୁଲି ପାତି ଏକା ଧ୍ୟାନରେ ମୋ ଆଡ଼କୁ ଚାହିଁ ନିଷ୍ପତ୍ତିର ଅପେକ୍ଷା କରୁଥାଏ । ଭାବିଲି ତା' ମୁଦ୍ରା ତା' ହାତରେ ଥାଉ । ଆଠଣି ଚାରଣିଟାଏ କେତେ ଥର ହୁଏତ ପକେଟରୁ ରୁମାଲ କାଢ଼ିଲା ବେଳେ ଗଳି ପଡ଼ିଥିବ ବାଟଘାଟରେ । ମୁଦ୍ରା ଦୁଇଟା



Digitized by srujanika@gmail.com

ପୁଣି ଏତେ କମ୍ ଦାମର ଯେ ଫାଣ୍ଟା ବୋତଲେ ପିଇଲେ କୋକାକୋଲାକୁ ନିଅଣ୍ଟ ହେବ । ଘରଭିତରକୁ ପଶି ଆସିଲି ।

ଅଗଣାରେ ଦଣ୍ଡେ ବୁଲାବୁଲି କଲି । କୁକୁଡ଼ାପଲଙ୍କ ଆଡ଼େ ଚାହିଁଲି, କାଲେ କିଛି ନିଷ୍କରି ଚିର ବୁଭୁକ୍ଷୁଗୁଡ଼ାକ ଦେଇ ପାରିବେ କି ନା, କାହିଁ କିଛି ସୂଚନା ପାଇଲି ନାହିଁ । ଏକତରଫା ନିଷ୍କରି ନେଲି ସେମାନଙ୍କୁ ଚାରଣିଟା ଦେବି କାରଣ 'ସିଏ' ନିଶ୍ଚୟ ବୋତଲ ବିକା ପଇସାରୁ ବେଶ୍ କିଛି ଭାଗ ମାରି ନେଇଥିବ । ଏତେଗୁଡ଼ା ଶିଶି ବୋତଲର ଦାମ୍ କ'ଣ ମାତ୍ର ପଞ୍ଚସ୍ତରି ପଇସା ! ଲୋକଟାର ଚେହେରା ସୁବିଧା ନୁହେଁ, ସାଧୁତା ସଚ୍ଚରିତ୍ରତା ବା କୃତଜ୍ଞତାର କାହିଁ କିଛି ଲକ୍ଷଣ ନାହିଁ । ତା'ଛଡ଼ା 'ଇୟେ'କୁ ସେ ଭଲପାଏ ନାହିଁ, ଯନ୍ତ୍ରଣା ଦେଉଥିବ ବୋଧହୁଏ ।

ବାହାରକୁ ଗଲି । 'ଇୟେ' ସିମିତି ବସିଛି । ସେଇ ଏକା ଭଙ୍ଗୀ । ଆଠଣି ବା ଚାରଣିରୁ ଗୋଟିଏ କିଛି ନ ନେଲାଯାଏ ସେ ହାତ ପାପୁଲି ବନ୍ଦ କରିବ ନାହିଁ ଦେଖୁଛି । ହାତବଢ଼ାଇ ଆଠଣିଟା ଉଠାଇବାକୁ ଯାଉଥିଲି ଆଙ୍ଗୁଳି ଦୁଇଟା ଆପେ ଆପେ ପଚିଶି ପଇସିଟାକୁ ଉଠାଇ ନେଲେ । 'ଇୟେ'ର ପାପୁଲି ବନ୍ଦ ହୋଇଗଲା, ଛୁଇଁଲା ମାତ୍ରେ ଲାଜକୁଳିର ମେଲା ପତର ବନ୍ଦ ହେଲା ପରି ବା ଫଳ ମିଳିଲେ ଗର୍ଭାଶୟର ମୁହଁ ଆପେ ଆପେ ବଂଦ ହେଲାପରି ମୋ ଆଡ଼କୁ ଚାହିଁ ତୃପ୍ତି ଓ କୃତଜ୍ଞତାର ଚାହାଣି 'ଇୟେ' ଦେବ ଭାବି ତା'ଆଖି ଆଡ଼କୁ ଚାହିଁଲି । କିଛି ସୂଚନା ପାଇଲି ନାହିଁ । ବରଂ ଭୟ ଓ ଆଶଙ୍କାର ଅସ୍ପଷ୍ଟ ରେଖା ମୁହଁରେ ଖେଳୁଥିବାର ଲକ୍ଷ୍ୟ କଲି ।

ଟିକିଏ ଆଶ୍ୱସ୍ତି ଲଭି ଭିତରକୁ ଆସିଲି । ଲେଖା ଟେବୁଲର ସବୁଜ କଭର ଉପରେ ପଚିଶି ପଇସିକୁ ଥୋଇ ଦେଲି । ବାକ୍ସ ଭିତରର ପାଣ୍ଠି ସହିତ ମିଶାଇବାକୁ ମନ ବଳିଲା ନାହିଁ, ହାତ ଗଲା ନାହିଁ । ଗାଧୋଇବା ପୂର୍ବରୁ ଓ ପରେ ଖାଇବା ପୂର୍ବରୁ ଯେତେବେଳେ କୋଠରୀ ଭିତରକୁ ପଶିଲି ଦେଖିଲି 'ଇୟେ'ର ଛୋଟ ଆଖିଭଳି ଚାରଣିଟି ମୋ ଆଡ଼େ ଚାହିଁ ଯେମିତି କହୁଛି କ'ଣ କରିବୁ କର, ଏଠି ସର୍ବସାଧାରଣ ଜାଗାରେ ମୋତେ ଲଙ୍ଗଳା ଫୁଙ୍ଗୁଳା କରି ଶୁଆଇ ରଖିଛୁ କାହିଁକି ? ଚୈତନ୍ ହାତକୁ ବଢ଼ାଇ ଦେଲେ ସବୁକଥା ଶେଷ ହୁଅନ୍ତା, ମାତ୍ର ବାରମ୍ବାର କହିବା ସତ୍ତ୍ୱେ ସେ ଶିଶିବୋତଲ ସବୁ ବଜାରକୁ ବିକିବାକୁ ନେଉ ନାହିଁ । ଅନ୍ୟର ପରିଶ୍ରମଲବ୍ଧ ଧନ ତାକୁ ସମର୍ପିବି କାହିଁକି ? ଦୋ'ଦୋମନା ହୋଇ ଇତସ୍ତତଃ ହେଉଥାଏ । ଚୈତନକୁ ଦେଖିଦେଲି ସାଇକେଲ ବାହାର କରୁଛି । ତା' ଆଡ଼କୁ ଲକ୍ଷ୍ୟ କରି



Digitized by srujanika@gmail.com

ଚାରଣିଟାକୁ ଢୋରରେ ଫୋପାଡ଼ି ଦେଲି । ସେ ଦାନ୍ତ ନିକୁଟି ଆନନ୍ଦରେ ଉଠାଇନେଲା । ଯଥାଲାଭ ।

ପରଦିନ ସକାଳେ ବାଡ଼ି ଦୁଆରକୁ ଯାଇ ଦେଖେଁ 'ସିଏ' ତା କାମ ଆରମ୍ଭ କରିଦେଇଛି ; 'ଇଯେ' ନଡ଼ିଆମୂଳ ଅଳିଆଗଦାର ଆସ୍ଥାନକୁ ନ ଯାଇ ସିମେଣ୍ଟ ବେଞ୍ଚରେ କାଲି ଯେଉଁଠି ବସିଥିଲା ସେଇଠି ବସିଛି । ପାଖକୁ ଯାଇ ଦେଖିଲି ଗୋଟିଏ ରାତି ଭିତରେ ତା'ର ଚେହେରାର ଅଭାବନୀୟ ଦୁର୍ଗତି ଘଟିଛି । ନୁଖୁରା ଚୂଳଗୁଡ଼ାକ ଅତି ମାତ୍ରାରେ ଅବିନ୍ୟସ୍ତ ବିପର୍ଯ୍ୟସ୍ତ, ବିମଳିନ ଗାଲ ଦୁଇଟାରେ ଗୁଡ଼ାଏ ନଖ ବା ଦାନ୍ତ ବା ଆଙ୍ଗୁଳିର ଦାଗ । ଆଖି ଦୁଇଟା ପେଚୁଆ ।

ଶୁଭିବା ନ ଶୁଭିବା ସ୍ୱରରେ ପଚାରିଲା ''ବାବୁ, ଆଉ ବୁତଲ ଅଛି ?'' ମୁଁ କହିଲି 'ଥିବ' । ପଚାରିଲି, ''ଚେହେରା ଏମିତି ହେଲା କାହିଁକି ? ରାତିରେ ଖାଇ ନାହୁଁ କିଛି ? ପଇସା ନେଇଥିଲ ଯେ !'' ଖୁବ୍ ବିକଳ କଣ୍ଠରେ ଉତ୍ତର ଦେଲା ''ନାଇଁ ବାବୁ ! ଢ଼େର ପଇସା ତତେ ଠକେଇ କରିଥିଲା । ରାତିରେ ମଦ ଖାଇ ସବୁ ଉଡ଼ାଇ ଦେଲା, ମତେ ବହୁତ ମାରିଛି । ଏଇ ଦେଖ ।'' କହି ଗାଲ ଦୁଇଟାକୁ ଆଙ୍ଗୁଳିରେ ଦେଖାଇ ଛାତିର ସେଇ ମୋଟା ମସିଆ ଦାଗ ଦାଗ ଲୁଗାଟାକୁ ଖୋଲି ଦେଇ କହିଲା, ''ଏଇ ଦେଖ, ଏଇ ଦେଖ ବାବୁ !''

''ଥାଉ ଥାଉ, ଆଉ ଦେଖିବା ଦରକାର ନାହିଁ'' କହି କହି ପଛକୁ ଘୁଞ୍ଚି ଯାଉ ଯାଉ ଦେଖିଲି 'ଇଯେ'ର ଖେଳିବା ଗେଣ୍ଡା ଖୋଳପା ଦୁଇଟା ମାଡ଼ି ମକଚି ହୋଇ ଯାଇଛି । ରକ୍ତର ଦାଗ ବି ...

ଅଫିସ ବେଳ ହୋଇଯାଇଛି ଭାବି ତରବର ହୋଇ ଘରକୁ ଯାଉଁ ଯାଉଁ 'ଇଯେ'କୁ ପଚାରିଦେଲି, ''କାଲି ଏତେ ମାଡ଼ ଖାଇଲୁ, ଆଜି ଫେର୍ ଆସିଲୁ ଯେ ?''

ଚୁପେ ଚୁପେ ବିଶ୍ୱାସରେ ସେ କହିଲା, ''ବାବୁ ! ମୋତେ ସାଙ୍ଗରେ ଆଣିଛି ଆହୁରି କାଚବୋତଲ ତୋ ପାଖରୁ ମଗେଇ ଦେବି ବୋଲି ।'' ତଦ୍ଦଣ୍ଡେ ଯୋଡ଼ିଲା, ''ଏ ବାବୁ ! ତତେ ଜୁହାର ହେଉଛି ଆଉ ତାକୁ ଶିଶିବୋତଲ ଦବୁ ନାହିଁ । ଫେର୍ ପିଇବ, ମାରିବ, ମରିଯିବି ।''

ଯନ୍ତ୍ରଣାରେ ଛଟପଟ ହେଉଥାଏଁ । ସେତିକିବେଳେ ଚୈତନକୁ ସାମନାରେ ଦେଖିଲି । ଦୁଃଖ ଅନୁଶୋଚନା ଏଡ଼ାଇବାକୁ ଯାଇ ଖାମଖିଆଲ ପ୍ରଶ୍ନଟାଏ ତାକୁ ପଚାରିଦେଲି



Digitized by srujanika@gmail.com

''କିରେ ! କାଲି ରାତି ସିନେମା ଯାଇଥିଲୁ ପରା ? କି ଛବି ଦେଖିଲୁ ? କିମିତି ଲାଗିଲା ?'' ଲମ୍ବା ଚଉଡ଼ା ହସ ମୁହଁରେ ଖେଳାଇ ଚୈତନ କହିଲା ''ବଢ଼ିଆଁ ହେଲା ବାପା ! ମେରେ ନାମ ଜୋକର । ଖୁବ୍ ଭିଡ଼ । ସେହି ବୋତଲବିକା ଚାରିଅଣିଟା ଅଧିକ ଦେଇ ବ୍ଲାକରେ ଟିକଟଟା ପାଇଗଲି । ବଢ଼ିଆ ଫିଲିମ୍ । ହସି ହସି ପେଟ ବଥା କରିଗଲା ।''

'ଇୟେ'ର ଖେଳନା ସେଇ ଗେଣ୍ଡାଖୋଳପା ଦୁଇଟା ଅଜାଣତରେ ଭାଙ୍ଗିଦେଇଥିବାରୁ ଆଉ ରାତାରାତି ଚୈତନର ଚାରିଛଅଟା ଡ୍ରେଗନ ଦାନ୍ତ ଗଜୁରାଇବାରେ ସାହାଯ୍ୟ କରିଥିବାରୁ ଦିନଯାକ ମନଟା କିମିତି କିମିତି ଲାଗିଲା । ସେଇଦିନ ରାତି ବୋତଲ-ବେଙ୍କରେ ଲାଲବତୀ ଜଳୁଥିଲା ।



Digitized by srujanika@gmail.com

# ଶାନ୍ତି ପୁରସ୍କାର

ସରସ୍ୱତୀ ପୂଜା ଆହୁରି ଦୁଇମାସ ଅଛି ନିରଞ୍ଜନ ମାଇତି ଆସିଗଲା । ମୋର ଭଡ଼ାଘରର ଶୋଇବା କୋଠରୀକି ପ୍ରାୟ ଲାଗି ଯେଉଁ ପରିତ୍ୟକ୍ତ ମୋଟର ଗେରେଜ୍‌ଟା ଭୂତପରି ଆଁ କରି ପଡ଼ିଥିଲା, ତାରି ଭିତରେ ପଶି ପାଖ କାରଖାନାରୁ ତାରଟାଏ ଟାଣିଆଣି ସେ ଅନ୍ଧାରକୁ ଆଲୁଅ କଲା ଏବଂ ଖରକା ଖରକି କରି ମଇଳା-ଆସନକୁ ସଫାସୁତୁରା କଲା । ଧୂଳି, ବୁଢ଼ିଆଣୀ ଜାଲ ଲାଗିଥିବା ସଅପ ଖଣ୍ଡି କଣରୁ ଟାଣିଆଣି ଝଡ଼ାଝଡ଼ି କରି ଶୋଇଗଲା ଚିତ୍‌ହୋଇ ଚଟାଣରେ । ମୁଣ୍ଡ ପାଖରେ ଆଲୁଅ ତଳେ ଛୋଟ ଟ୍ରାନ୍‌ଜିଷ୍ଟରଟି ରଖି କଲିକତା ଷ୍ଟେସନ ଧରି ବିବିଧ ଭାରତୀ କାର୍ଯ୍ୟକ୍ରମ ଶୁଣିବାକୁ ଲାଗିଲା ।

ଝରକା ଦେଇ ପାଟିକରି ଡାକି ମୁଁ କହିଲି, ''ନିରଞ୍ଜନ, ଅସମୟରେ ଆସିଗଲ କିମିତି ?''

ସେ ପ୍ରାୟ ଚମକି ଧଡ଼ପଡ଼ ହୋଇ ଉଠିବସି କହିଲା, ''ସମୟ ହୋଇଗଲାଣି ସାର୍ ! ମାତ୍ର ଦୁଇଟା ମାସ । ଏ ବର୍ଷ ମୁଁ ବହୁତ ମୂର୍ତ୍ତିର ଅର୍ଡ଼ର ଆଶା କରୁଛି । ଆପଣଙ୍କ ଦୟାରୁ ଗଲାବର୍ଷ ଆମର ଟିକିଏ ନାଆଁ ହୋଇଯାଇଛି । ଫେର୍ ଏବର୍ଷ ମୁଁ କଲିକତାରୁ ମିସ୍ତ୍ରୀ ଆଣୁଛି । ନାଁକରା ଆଟିଷ୍ଟି ସେ । ଏ ବର୍ଷ ନୂଆ ନୂଆ ଷ୍ଟାଇଲ୍‌ରେ ମୂର୍ତ୍ତି ହବ । କମ୍ପିଟିସନ-ମାର୍କେଟ ତ ! ପ୍ରାୟ ଚାରିଶହ ଅନ୍ଦାଜ ମୂର୍ତ୍ତି ହବ ବୋଲି ଆମର ଏଷ୍ଟିମେଟ୍ ।''

ପରଦିନ ଭୋର ସକାଳୁ ଉଠି ମୋ ଘରୁ ଟେବୁଲଟାଏ ନେଇ ଫାଟକରେ ଲାଲିକନାରେ ଧଳା ଅକ୍ଷରରେ ଲେଖା ବିଜ୍ଞାପନଟା ଝୁଲାଇ ଦେଲା । ଲେଖାଥିଲା ''କାଛି ମୃତ୍‌ଶିଳ୍ପାଗାର '' । ତଳକୁ ଛୋଟ ଅକ୍ଷରରେ ''ଏଠାରେ ନାନା ଡିଜାଇନ୍‌ର ସରସ୍ୱତୀ ମୂର୍ତ୍ତି ମିଳେ ।''

ଆଠଟା ବେଳକୁ ଦୁଇ ଶଗଡ଼ ବାଉଁଶ, ଶଗଡ଼େ ପାଲବିଡ଼ା ଏବଂ ଦି'ଶଗଡ଼ ବଳଙ୍ଗମାଟି ଘର ଆଗ ସାମନା ଫାଙ୍କା ପଡ଼ିଆରେ ଜମା ହୋଇଗଲା । ଗଣେଶ, ଖୁଦୁରୁକୁଣୀ, ଦୁର୍ଗା, ଲକ୍ଷ୍ମୀ, କାଳୀ, ବିଶ୍ୱକର୍ମା, ଜଗଦ୍ଧାତ୍ରୀ ମୂର୍ତ୍ତିଙ୍କ ଆଗମନ ପ୍ରତ୍ୟାଗମନର ଚିହ୍ନ ପୂରାପୂରି ଲିଭି ନ ଥାଏ ପଡ଼ିଆରୁ ।

ପରଦିନକୁ ଆସିଗଲେ ନିରଞ୍ଜନର ବେଟାଲିଅନ, ଦଳବଳ । ଅତିକମ୍‌ରେ ସାତ ଆଠ ଜଣ ଯୁବକ । ସମସ୍ତଙ୍କ ବୟସ ଚଉଦରୁ କୋଡ଼ିଏ ଭିତରେ । କଳା କଳା ଲୋକ



Digitized by srujanika@gmail.com

ଗୁଡ଼ାକ । ଲମ୍ବା ଚୂଳ । ଓଡ଼ିଆ ବଙ୍ଗଳା ମିଶାମିଶି ଭାଷା ଓ ବେଶଭୂଷା ସମସ୍ତଙ୍କର । ନିରଞ୍ଜନ ବୟସ ଛବିଶ ଉପରକୁ । ମୁରବୀ ପରି ଦିଶେ, ଆଚରଣ କରେ । କଲିକତୀ ମିସ୍ତ୍ରୀ ତାରି ବୟସର । ରଙ୍ଗବେରଙ୍ଗ ପୋଷାକ; ଆର୍ଟିଷ୍ଟ ପରି ଦିଶିବାକୁ ସେ ଚେଷ୍ଟାକରେ । ସେ କୁହେ ଏ ବର୍ଷ ଖାଲି ଓରିଏଣ୍ଟେଲ ମୂର୍ତ୍ତି କରିବ । ସିନେମା ଷ୍ଟାଇଲରେ ମଡ଼ର୍ଣ୍ଣ ମୂର୍ତ୍ତି । ମୁଁ ବୁଝିଗଲି ଏ ବର୍ଷର ନୂଆ ସରସ୍ୱତୀ 'ସ୍ତନଯୁଗ ମୁକୁତା ହାରେ' ସଜ୍ଜିତା ହୋଇ ଆସିବେ ।

କାହିଁକି କେଜାଣି ନିରଞ୍ଜନ ଓ ତାର ଦଳବଳର ଅଭିଯାନରେ ମୁଁ ଆତଙ୍କିତ ହେଲି । ପୂର୍ବବର୍ଷ ମୁଁ ତାଙ୍କୁ ଆଦରଣୀୟ ଶିଳ୍ପୀ ଓ କଳାକାର ରୂପେ ଗ୍ରହଣ କରିଥିଲି ଓ ନିଜକୁ ଲେଖକ ଓ କଳାପ୍ରେମୀ ରୂପେ ତା ପାଖରେ ପରିଚୟ ଦେଇଥିଲି । ମୂର୍ତ୍ତିଶାଳାକୁ ବାରମ୍ବାର ଯାଇ ତାର ଶିଳ୍ପ ଓ କାମର ଅଗ୍ରଗତିର ତାରିଫ୍ କରୁଥିଲି । ସେ ମୋର ମନ୍ତବ୍ୟ ଓ ପରାମର୍ଶ ସାଦରେ, ସମ୍ମାନରେ ଗ୍ରହଣ କରୁଥିଲା ମଧ୍ୟ । ଅବଶ୍ୟ ମୁଁ ଉପରୁ ତଳକୁ ଚାହୁଁଥିଲି ସମ୍ବେଦନଶୀଳ ଚକ୍ଷୁରେ । ଏଥର ମୋର ଭୟ ହେଲା ସେ ମୋତେ ଉଚ୍ଚ ଆସନ ଦେବ ନାହିଁ । ସେ ନିଜେ ଉପରେ ଥାଇ ମୋତେ ତଳେ ରଖିବ । ଗତବର୍ଷ ଯେଉଁ ଖ୍ୟାତି ଓ ଅର୍ଥ ପାଇଛି ସେଥିରେ ସେ ଫୁଲି ଉଠିଛି । ବଜାରକୁ ଆସି କଳାକୁ ଏକ ଲାଭକ୍ଷମ ପେଶା ଆକାରରେ ଦେଖି ଶିଳ୍ପାଗାରକୁ ଏକ ଫେକ୍ଟରୀ କରିବ ଏବଂ ଏକଚାଟିଆ ମାଲିକ ହେବ ।

ପ୍ରଥମଦିନ ସନ୍ଧ୍ୟାରେ ତାକୁ ସ୍ୱାଗତ ସମ୍ଭାଷଣ ଜଣାଇଲାବେଳେ ମୁଁ କହିଥିଲି, ''ନିରଞ୍ଜନ ! ମୋତେ ଏକୁଟିଆ ନିଛାଟିଆ ଲାଗୁଥିଲା, ତୁମେ ଆସିଲ ଭଲ ହେଲା । ମୋ ଦିହ କିନ୍ତୁ ସେତେ ଭଲ ରହୁନି । ରାତିରେ ନିଦ ହେଉନି । ପତଳା ନିଦ, ଥରେ ଭାଙ୍ଗିଗଲେ ରାତିଯାକ ଉଜାଗର, ଛଟପଟ । ତା ଛଡ଼ା ମୁଁ ଲେଖାଲେଖି କରେ । ରେଡ଼ିଓ ଜୋରରେ ବଜାଇବ ନାହିଁ । ଖୁବ୍ ପାଟିରେ କଥାବାର୍ତ୍ତା କରିବ ନାହିଁ ।'' ସେ କହିଥିଲା, ''ଆପଣଙ୍କୁ କିଛି ଅସୁବିଧା ହେବନି, ଆମେ ଏଠି ରହିଲେ ।''

କାହିଁକି କେଜାଣି ଏ ଲୋକଗୁଡ଼ାକୁ ଦେଖିଲା ମାତ୍ରେ ମୋର ପ୍ରଥମ ଦର୍ଶନରେ ଘୃଣା ଜାତ ହେଲା । ମନେ ମନେ ମୁଁ ଘରବାଲା ଉପରେ ରାଗୁଥାଏଁ । ସେମାନେ ବଙ୍ଗାଳୀ; ତେଣୁ ଯିମିତି ସ୍ୱଜାତିର ଭଡ଼ାଟିଆ ପାଇଗଲେ ବର୍ଷକୁ ହଜାରେ ଟଙ୍କାରେ ବହୁଦିନ ଧରି ଖାଲି ପଡ଼ି ଉଇହୁଙ୍କା, ସାପ, କଙ୍କଡ଼ା ବିଛାରେ ଭରପୂର ପୁରୁଣା ପରିତ୍ୟକ୍ତ ଗେରେଜଟାକୁ ଦେଇଦେଲେ । ପୁଣି ଘରବାଲା ଭାରି ଧାର୍ମିକ, ତେଣୁ ଯେହେତୁ ଠାକୁର ମୂର୍ତ୍ତି ତିଆରି ହେବ ସେଇଥି ପାଇଁ ପୁଣ୍ୟ ଧର୍ମ ଅର୍ଜନ ଉଦ୍ଦେଶ୍ୟରେ ମଧ୍ୟ ଦେଇ ଥାଇପାରନ୍ତି ଭାବିଲି ।



Digitized by srujanika@gmail.com

ସଂଘର୍ଷ ଯେତେ ଡେରିରେ ହୋଇପାରେ ଭାବିଥିଲି ତାଠୁ ବହୁତ ଆଗରୁ ଘଟିଗଲା । ହୁଏତ ଉଭୟ ପକ୍ଷର ମାନସିକ ଜଟିଳତା, ଆବିଳତା ପାଇଁ ଓ ବୁଝାମଣାର ଅଭାବ ଯୋଗୁଁ ।

କଲିକତା ମିସ୍ତ୍ରୀ ଯେଉଁଦିନ ଗୃହ ପ୍ରବେଶ କଲା ସେ ଦିନ କାନ୍ଥରେ ସିନ୍ଦୂରରେ ଦାଆ ହାତୁଡ଼ି ଚିହ୍ନିଟାଏ ଆଙ୍କିଲା ଯିମିତି ଧର୍ମପ୍ରାଣ ଦୋକାନୀମାନେ ନୂଆ ଦୋକାନ ଖୋଲିଲା ବେଳେ ସିନ୍ଦୁରରେ ସ୍ୱସ୍ତିକ ଚିହ୍ନ ଓ ''ଶୁଭଲାଭ'' ଲେଖନ୍ତି । ଯୁଦ୍ଧର ଏହା ପ୍ରଥମ ଲକ୍ଷଣ ବୋଲି ଧରିନେଲି ଏବଂ ନିଜକୁ ବୁର୍ଜୁଆ ବୋଲି ଭାବିଲି । ନିରଞ୍ଜନର ଶିଳ୍ପାଗାରକୁ ମୁଁ ଗଲିନି ତାର ଭଲ-ମନ୍ଦ ବୁଝିବା ପାଇଁ । ସେମାନଙ୍କ ଚାଲିଚଳନ, ଆଚରଣ, ଭାଷା, ରୂପ କିଛି ମୋତେ ଭଲ ଲାଗିଲାନି । ସେମାନେ ପୂରା କଲିକତୀ ମୁଁ ପରା କଟକୀ । ସେମାନେ କଲିକତା ଷ୍ଟେସନ ଅହୋରାତ୍ର ଶୁଣନ୍ତି, ମୁଁ ଆମ କଟକ ଷ୍ଟେସନ ଶୁଣେ । ମୋର ଡ଼ିଗ୍ରୀ ବହୁତ ବହୁତ, ସେଗୁଡ଼ାକ ନିରକ୍ଷର । ସଂଘର୍ଷ ଅନିବାର୍ଯ୍ୟ । ସାମାନ୍ୟ ଦିଆସିଲି କାଠିରେ ବିସ୍ଫୋରଣ ଘଟିପାରେ ।

ପ୍ରଥମେ କେତେଦିନ ଖୁବ୍ ଅଡୁଆ ଲାଗିଲା । ଆତ୍ମୀୟତା ଓ ସମ୍ମାନ ଦେଖାଇବା ତ ଦୂରର କଥା ସାଧାରଣ ଭଦ୍ରାମିରେ ମଧ୍ୟ ନିରଞ୍ଜନ ଓ ତାର ଦଳବଳ ତ୍ରୁଟି ପ୍ରଦର୍ଶନ କଲେ । ଶୋଇବାଘର ଝରକା ପାଖରେ ଗୁଡ଼ାଏ ଲୋକଙ୍କ ଅଧା ଓଡ଼ିଆ ଅଧା ବଙ୍ଗଳା ଭାଷାରେ ମଫସଲୀଙ୍କ ପରି ଜୋରେ କଥାବାର୍ତ୍ତା, ମଝିରେ ମଝିରେ ଅଶ୍ଳୀଳ କଥା ସାଙ୍ଗକୁ ଅଟ୍ଟହାସ୍ୟ କେଉଁ ଭଦ୍ରଲୋକ ବରଦାସ୍ତ କରିବ ? ଏ ସବୁ ଉପରେ କର୍ଣ୍ଣକଟୁ ଏବଂ କାନଫଟା ଶବ୍ଦ । ମେଢ଼ ପାଇଁ କାଠ ଚିରା ହେଉଛି ଚର୍ ଚର୍ । କଟା ହେଉଛି ଠକ୍ ଠକ୍, ଯୋଡ଼ା ହେଉଛି ଠୁକ୍ ଠୁକ୍ । ବାଉଁଶ ଫାଳ ହେଉଛି ଠୋ ଠା, ପଟାସ ପଟାସ୍ । ପାଳବିଡ଼ା କଟା ହେଉଛି ଚର୍‌ଚାର୍ । ମାଟିକାଦୁଅ ହେଉଛି ପଚ୍‌ପାଚ୍ ଥପ୍‌ଥାପ୍ । ଶିଳ୍ପାଗାରର ଅପର ପାର୍ଶ୍ୱରେ ମଟର ଗେରେଜ । ଢଣ୍ ଢାଣ୍ ଇଞ୍ଜିନର ଘର୍ ଘର୍, ହର୍ଣ୍ଣର ପେଁ ପାଁ । ଏକାବେଳକେ ଅବିକଳ ନାରକୀୟ ଶବ୍ଦ ।

ଆଶ୍ଚର୍ଯ୍ୟର କଥା ଏଇ କୋଳାହଳ କର୍କଶ ଶବ୍ଦ ଭିତରେ ମୋର ଅଲକ୍ଷିତରେ ଧୀରେ ଧୀରେ ଗୁଡ଼ାଏ ସରସ୍ୱତୀ ବା କାଳୀ ମୂର୍ତ୍ତିର କଙ୍କାଳ ବାହାରି ଆସୁଥାନ୍ତି । ମୁଁ କଏଦୀ ପରି ଝରକା ଦେଇ ସେମାନଙ୍କ ଅଲକ୍ଷିତରେ ଶିଳ୍ପାଗାରକୁ ଚାହୁଁଥାଏ ।

ରବିବାର ବା ଛୁଟିଦିନ ଛଡ଼ା ଅନ୍ୟ ଦିନରେ ଦଶଟାରୁ ଚାରିଟା ମୁଁ ଘରେ ନଥାଏ । ତେଣୁ ସେତେବେଳେ ବଜ୍ର ବୋମା ଭୂମିକମ୍ପକୁ ମୋର ଡର ନଥାଏ । କିନ୍ତୁ ଲେଖାଲେଖି



Digitized by srujanika@gmail.com

କରୁଥିଲା ବେଳେ ବିଶେଷତଃ ଯେତେବେଳେ କୁଣ୍ଡେଇ କୁଣ୍ଡେଇ ଚିନ୍ତାଭାବନାକୁ ଅକ୍ଷରରେ ପରିଣତ କରୁଥାଏ, ସେତେବେଳେ ସାମାନ୍ୟତମ ଶବ୍ଦରେ ଅଚେତ ହୋଇଯାଏ ଏବଂ ଇଲେକ୍ଟ୍ରି କରେଣ୍ଟ ବନ୍ଦ ହେବା ଫଳରେ ଅଟାକଳର ଫିତା ଚାଲେ ନାହିଁ, ଅଟାପେଷା ବନ୍ଦ ହୁଏ । ବାଳଛିଣ୍ଡାଇ ମରିବାକୁ ଇଚ୍ଛା ହୁଏ ବା ଏଟମ୍ ବୋମାରେ କଳକାରଖାନାକୁ ଉଡ଼ାଇ ଦେବାକୁ ମନ ହୁଏ ।

ସେ ଦିନ ଥାଏ ଛୁଟି । ଦି'ପହର ଯାକ ନିଦ ନାହିଁ । ଗୁଡ଼ାଏ ଅସୁର ସେନା କିଳିକିଳା ନାଦ କରି ମୋର ଶାନ୍ତି ଓ ସୁସ୍ତିର ଦୁର୍ଗକୁ ଅବରୁଦ୍ଧ କରି ସେଥିରେ ପ୍ରବେଶ କରିବା ପାଇଁ ପ୍ରାଣମୂର୍ଚ୍ଛା ପଣ କରିଛନ୍ତି ବୋଲି ମୋତେ ଲାଗୁଥାଏ । କଲିକତୀ ମିସ୍ତ୍ରୀ ଶୁଣାଇ ଶୁଣାଇ ମୋତେ ଯୁଦ୍ଧଡ଼କରା ଦ୍ୱାରା ବାହାରକୁ ଆଣିବା ପାଇଁ କହୁଥାଏ, କଲିକତା ସହରରେ ଏତେ ଗୋଳମାଳ ଗଣ୍ଡଗୋଳ ଭିତରେ ଲୋକେ ତ ଫେର୍ ବଞ୍ଚୁଛନ୍ତି, କେହି କେବେ ଆପତ୍ତି କରି କହିଛି, ''ଏ ବହୁତ ଶବ୍ଦ ହେଉଛି, ଗୀତଗାନା, କଳକାରଖାନା, ଟ୍ରାମବାସ ବନ୍ଦ କର ।'' ତୁମେ ଲେଖାଲେଖି ପଢ଼ାପଢ଼ି କରିବ ବୋଲି ମେହେନତି ଦୁନିଆଁ ଗୀତ ଶୁଣିବ ନାହିଁ, ହାଡ଼ଭଙ୍ଗା ପରିଶ୍ରମକୁ ଲଘୁ କରିବା ପାଇଁ କଥାବାର୍ତ୍ତା, ହସଖୁସି ହବ ନାହିଁ, ଏକ ରାହାର ଜୀବନରେ ପରିବର୍ତ୍ତନ ଟିକିଏ ଆଣି ପାରିବ ନାହିଁ ମନୋରଞ୍ଜନ କରି ଏ କିମିତି ବିଚାର ? ଫେକ୍ଟ୍ରୀ ଭିତରେ ତ ଲୋକେ ନିଘୋଡ଼ ନିଦରେ ଶୋଉଛନ୍ତି ।

ସେଦିନ ଦିନବେଳେ ଶୋଇ ନଥିବାରୁ ନଅଟା ସମ୍ବାଦ ଶୁଣି ସାରି ଶୀଘ୍ର ଶୋଇବା ବ୍ୟବସ୍ଥା କଲି । କାଳେ ରାତି ଏଗାରଟାରେ ହୋଟେଲରୁ ଖାଇ ଫେରିଲା ବେଳେ ଚିତ୍କାର କରିବେ ଏବଂ ତା ପରେ ଠକ୍ ଠାକ୍ କାମ ଧରିବେ ଯାହା ଫଳରେ ମୋ ନିଦ ଭାଙ୍ଗିଯିବ । ସେଥିପାଇଁ ଝରକା ସବୁ ବନ୍ଦ କରି, କାନରେ ତୁଳା ଜାକି, ଶେଯ ଘୋଡ଼ି ହୋଇ ଶୋଇଗଲି ।

ହଠାତ୍ ନିଦ ଭାଙ୍ଗିଗଲା । କାନ ପାଖରେ କିଏ ଲାଉଡ଼ସ୍ପିକରରେ ଗୀତ ବଜାଉଛି ପରି ଲାଗିଲା । ପୂରା ଚେତା ଆସିଲାରୁ ଜାଣିଲି ରାକ୍ଷସଦଳ ପୂରା ଦମ୍‌ରେ ରେଡ଼ିଓ ଛାଡ଼ି ରାତି ବାରଟାରେ ପାଶ୍ଚାତ୍ୟ ସଙ୍ଗୀତ ଶୁଣୁଛନ୍ତି । ଆଉ ସମ୍ଭାଳି ପାରିଲି ନାହିଁ । ଭୀମର ତୃତୀୟ ଡାକ ଶୁଣି ମାନୀ ଦୁର୍ଯ୍ୟୋଧନ ଯିମିତି ଲକ୍ଷ୍ମୀଙ୍କ କୋଳ ଛାଡ଼ି ପଦ୍ମମୟ ସୁରଭିତ ବ୍ୟାସ ସରୋବରରୁ ବାହାରି ଆସିଲା ମୁଁ ସେମିତି ବାହାରି ଆସିଲି ଆଶ୍ରୟ ଛାଡ଼ି । ଗୋଟାଏ ହାତରେ ଟର୍ଚ୍ଚ ଅନ୍ୟ ହାତରେ ଏଲାର୍ମ ଘଡ଼ିକୁ ଧରି ସିଧା ପଶିଗଲି ଶିକ୍ଷାଗାରକୁ ବାଉଁଶ ତାଟି



Digitized by srujanika@gmail.com

ଉଠାଇ । ଶିକ୍ଷାଗାର ଯିମିତି ସଙ୍ଗୀତମୟ ସିମିତି ଧୂମ୍ରମୟ ବିଡ଼ି ଧୂଆଁରେ । ମେହେନତି ଦୁନିଆ ଶୋଇବା ବ୍ୟବସ୍ଥା କରୁଛି ।

ଇଲେକ୍‌ଟ୍ରି ଆଲୁଅ ତଳେ ଛିଡ଼ା ହୋଇ ଘଡ଼ିଟାକୁ ନିରଞ୍ଜନ ଆଡ଼କୁ ଦେଖାଇ ବଡ଼ ପାଟିରେ କହିଗଲି, ''ନିରଞ୍ଜନ ! ତୁମକୁ କେତେଥର କହିଲିଣି ରାତି ଦଶ ପରେ ରେଡ଼ିଓ ଜୋର ବଜାଇବ ନାହିଁ ବୋଲି । ତୁମେ ଭଦ୍ରାମି ବି ଜାଣିଲ ନାହିଁ ଏଇଠି ଆମ ପଡ଼ିଶା ହୋଇ । ମୁଁ ବାରମ୍ବାର କହିଛି ମୁଁ ବୁଢ଼ାଲୋକ, ରୋଗା, ନିଦ ଅଭାବ ହେଲେ ରୋଗ ବଢ଼ିଯିବ ବୋଲି ଡାକ୍ତର କହିଛି । ଦେଖୁଛି ତୁମର ଦୟାମାୟା ବି ନାହିଁ । ମୁଁ ତ ମନା କରୁନି ରେଡ଼ିଓ ଶୁଣିବାକୁ । ଧୀରେ ବଜାଅ, ମୋର ଆପତ୍ତି ନାହିଁ ।

ମୋର ପ୍ରତ୍ୟେକଟି କଥା ଶୁଣୁଥିବା ଶିକ୍ଷାଗାରର ଅପରପାର୍ଶ୍ୱର ଗେରେଜ୍ ମିସ୍ତ୍ରୀଦଳ ପ୍ରାୟ ସମସ୍ୱରରେ ମୋର କହିବା ସ୍ୱର ଭଙ୍ଗୀ ଓ ଯତିପାତକୁ ବ୍ୟଙ୍ଗକରି ପ୍ରତିଚିତ୍କାର କଲେ, ''ଖବରଦାର ! ରେଡ଼ିଓ ବନ୍ଦ କରିବ ନାହିଁ । କିଏ ଅବଜେକ୍‌ସନ କରୁଛି ? ସେମାନେ ଆରାମରେ ଶୋଇବେ ବୋଲି ଆମେ ଗୀତ ଶୁଣିବୁ ନାହିଁ । ଛାୟାଛବିର ଗାନହଚ୍ଛେ, ଦାଓ ଆର୍ ଏକ୍‌ଟୁ ଜୋରେ । ଆମରା ଶୁନ୍‌ବ । ଆମାଦେର୍ ଗାନ୍ ଦରକାର । କାଜେର ଜନ୍ୟ । ବାଞ୍ଚବାର ଜନ୍ୟ ।''

ମୁଁ ଘଡ଼ି ଟର୍ଚ୍ଚ ଧରି ରାଇଟ ଏବାଉଟ୍ ଟାର୍ଣ୍ଣ କଲି ହର୍ଯ୍ୟକ୍ଷଗୁହାରୁ ଶ୍ୱାନ ଯେପରି ଲାଙ୍ଗୁଳ ଜାକି ପଳାଏ । ଯେଉଁ ନିଦ ପାଇଁ ଏତେକଥା ସେ ନିଦ ଟିକକ ରାତିରେ ମିଳିଲା ନାହିଁ ।

ପରଦିନ ଯାହା ଘଟିଲା ସେଥିରୁ ମୁଁ ଜାଣିଲି କ୍ରିୟା ଓ ପ୍ରତିକ୍ରିୟାର ଅନୁପାତ-ହୀନତା । ମୁଁ ସେକ୍‌ସପିଅର ନାଟକର ଏକ ଟ୍ରେଜିକ୍ ନାୟକ । ମୁଁ ଯେତେ ଅନ୍ୟକୁ ଦଣ୍ଡିଛି ତାଠାରୁ ବହୁ ଗୁଣରେ ମୁଁ ଦଣ୍ଡିତ ହେବାକୁ ଯାଉଛି । ପ୍ରତିପକ୍ଷ ସମସ୍ତ ଶକ୍ତି ସାମାର୍ଥ୍ୟଠୁଳ କରି ମୋତେ ପେଟେଇବାକୁ ପ୍ରସ୍ତୁତ । କଥା ଓ କାମରେ ସେମାନେ ସଂଯମହୀନ ହୋଇ ସୀମା ଲଙ୍ଘନ କଲେ । ନାନା କୁକଥା ଅକଥା କହି ନାନା କୁକର୍ମ ଅକର୍ମ କରି ସେମାନେ ମୋତେ ଅତିଷ୍ଠ କରିବାରେ ଲାଗିଲେ । କବାଟ ଝରକା ବନ୍ଦ କରି ଶବ୍ଦ-ଯୁଦ୍ଧରୁ ଯେତେ ଦୂରରେ ରହିବାକୁ ଚେଷ୍ଟାକଲେ ବି ସବୁ ମନଧ୍ୟାନ ଶିକ୍ଷାଗାର ଗେରେଜ ଉପରେ ରହିବାରୁ ଶବ୍ଦ ଯେତେ ଧୀରେ ପଶିଲେ ବି ଶହେ ଗୁଣ ଜୋର ଶୁଭୁଥାଏ, କଳ୍ପନା ପ୍ରବଣ ମନ ସବୁ ଶବ୍ଦକୁ ବହୁଗୁଣ ବଢ଼ାଇ ନିଦାରୁଣ କ୍ରୂର କରି ଦେଉଥାଏ । ମୁଣ୍ଡ ଭିତରର ଶିରସ୍ନାୟୁ ସବୁ



Digitized by srujanika@gmail.com

ଛିନ୍ନଭିନ୍ନ ହୋଇ ମୋତେ ଯନ୍ତ୍ରଣା ପାଗଳ କରି ଦେଉଥାଏ । ମାରିଦେବାକୁ ଇଚ୍ଛା, କିନ୍ତୁ ନିଷ୍କ୍ରିୟତା ଓ ଅକ୍ଷମତା । ମାରିବାକୁ ଇଚ୍ଛା, କିନ୍ତୁ ପୌରୁଷର ତଥା ଉପାୟର ଅଭାବ ।

ଘରବାଲୀଙ୍କୁ ଭେଟିଲି । ସେ ଏ ଲୋକଗୁଡ଼ାକୁ ବୋଲରେ ରଖିବାର ଦେଖିଛି । ଭଦ୍ରମହିଳା ଚକ୍ଷୁରେ ପଲକ ନ ପକାଇ ମୋ ଅଭିଯୋଗ ଶୁଣି କହିଲେ, ''ଘର ତାଙ୍କୁ ଦେଇ ସାରିଛି, ଭୁଲ ହେଉ ବା ଠିକ୍ ହେଉ, ତାଙ୍କୁ ବର୍ତ୍ତମାନ କିଛି କହି ହବନି । ଅନ୍ୟଥରକୁ ଆପଣଙ୍କ କଥା ମନେ ରଖିବି ।'' ଜଣେ ବନ୍ଧୁ ଓକିଲଙ୍କୁ ଭେଟିଲି । ସେ ରୋକଠୋକ୍ କହିଲେ, ''କିଛି ଲାଭ ନାହିଁ କୋର୍ଟକଚେରୀକି ଯାଇ । ପାଖ ପଡ଼ିଶା ତ କେହି ଆପତ୍ତି କରୁନାହାନ୍ତି । ସହି ଯାଆନ୍ତୁ କେତୁଟା ଦିନ ।'' ମ୍ୟୁନିସିପାଲିଟି ଚେୟାରମେନ୍, ଏକ୍ଜିକ୍ୟୁଟିଭ ଅଫିସର, ଥାନା ଅଫିସର ସମସ୍ତଙ୍କୁ ଜଣକ ପରେ ଜଣକୁ ଭେଟିଲି । ସମସ୍ତେ ନିରୁପାୟ । ଜୀବନର ସବୁଠାରୁ ଅସ୍ୱସ୍ତିକର ଯନ୍ତ୍ରଣାଦାୟକ ଦିନଗୁଡ଼ିକ କଟିବାରେ ଲାଗିଲା ଅନିଦ୍ରା ଓ ପ୍ରାୟ ଅନାହାରରେ ।

ସେମାନଙ୍କ ଆଗକୁ ବାହାରିଲେ ମୋତେ ଅପରାଧୀ ପରି ଜଣାଗଲା । ଏଣେ ଶତ୍ରୁପକ୍ଷର ମେଣ୍ଟ ଆହୁରି ଜୋରଦାର ଜବରଦସ୍ତ ଆକ୍ରମଣାତ୍ମକ ଜଣାଗଲା । ଝରକା କବାଟ ବନ୍ଦକରି ରହୁଥିବାରୁ ନିଃଶ୍ୱାସରୁଦ୍ଧ ହେଲି । ସେମାନେ ଝରକା ଅନ୍ୟ ପଟେ ତଣ୍ଟି ଖାରି ଦାନ୍ତ ଘଷିଲେ । ପରିଶ୍ରା କଲେ । ଯେଉଁମାନେ ତାଙ୍କ ଶିକ୍ଷାଗାର ବା କାରଖାନାକୁ ଆସିଲେ ସେମାନେ ମଧ୍ୟ ଦେଖାଶିଖା ସେଇ କାମ କଲେ । ରାତିରେ ଗେରେଜରେ ଟାୟାର ଜାଳି ଇଲାକାକୁ ଧୂମ୍ରମୟ, ଦୁର୍ଗନ୍ଧମୟ କଲେ । ପାଳ ବାଉଁଶର କଙ୍କାଳସାର ସ୍ୱରସ୍ୱତୀ ମୂର୍ତ୍ତିରୁ କୋଡ଼ିଏ ପଚିଶଟା ପଢ଼ିଆରେ ଛିଡ଼ା କରାଇଦେଲେ । ରାତିରେ ଝରକା ଖୋଲିଲେ ସେଗୁଡ଼ାକ ମକାବାଡ଼ିର ହୁରୁଡ଼ା ବା ମକ୍‌ବେଥର ଡ଼ାହାଣୀ ପରି ଦିଶିଲେ । ବିଭିନ୍ନ ଓରିଏଣ୍ଟେଲ ଭଙ୍ଗୀରେ ଛିଡ଼ା ହୋଇଥିବାରୁ ମୋତେ ଡ଼ର ମାଡ଼ିଲା । କୁକୁରଟିକୁ ସାଙ୍ଗ କରି ରାତିଯାକ ଛଟପଟ ହେଉଥାଏ । ମୁଣ୍ଡହୀନ ମୂର୍ତ୍ତି ଗୁଡ଼ାକ ଦେଖି ସେ କବାଟ ଝରକା ଫାଙ୍କାରେ ଭୁକୁଥାଏ ଥରକୁଥର ।

ନିଷ୍ପତ୍ତି ନେଲି ଅନ୍ୟତ୍ର ଘର ସନ୍ଧାନ କରି ଉଠିଯିବି । ଦୈବକୁ ଘରଟାଏ ମିଳିଗଲା । ଯାହା ଦିନେ ଦି'ଦିନ ଧୈର୍ଯ୍ୟଧରି ରହିଥାନ୍ତି ବଜାରରୁ ଫେରି ଯାହା ଦେଖିଲି ତାହା ଓଟ ପିଠିରେ ଶେଷକୁଟା ପରି କାମଦେଲା । କେଉଁଠି ଅସ୍ଥିଚର୍ମସାର ରୋଗା ବୁଲା କୁତୀର ଛୁଆଟାଏ ଆଣି ଚାରି ପାଞ୍ଚହାତ ରସିରେ ବାନ୍ଧିଛନ୍ତି । କେଁ କେଁ ଶବ୍ଦରେ କାନଅତଡ଼ା ପଡୁଛି । ତାକୁ ନାଆଁ ସେଇଛନ୍ତି ବ୍ଲାକି । ବ୍ଲାକି ମୋ କୁକୁରର ନାଆଁ । ମୋତେ ଜଣାଗଲା



Digitized by srujanika@gmail.com

ସେମାନେ ମୋ ବେକରେ ଫାଶ ଲଗେଇଲେଣି । ଚିପି ମାରିଦେବେ ଯେତେବେଳେ ତାଙ୍କର ଇଚ୍ଛା ହବ ।

ଝରକା ଫାଙ୍କରେ ଦେଖିଲି ନିରଞ୍ଜନ ପେଣ୍ଟଲୁନ୍ ଉପରେ ନୁହେଁ ସାର୍ଟ, ନୁହେଁ ପଞ୍ଜାବୀ, ନୁହେଁ ଆଲଖଲ୍ଲା ପିନ୍ଧି ହାତ ଦୁଇଟାକୁ ପଛପଟେ ଛନ୍ଦି ଘୂରାଫେରା କରୁଛି ଯିମିତି ନିର୍ବାଚନରେ ବିଜୟ ହାସଲ କରିବା ପରେ ଏମ.ଏଲ.ଏ. ମାନେ ନିଜ ଇଲାକାରେ ଛାତି ଫୁଲାଇ ବୁଲନ୍ତି ।

ହାହତୋସ୍ମି ମନୋଭାବ ନେଇ ଆଗରେ ପଡ଼ିଥିବା ଖବର କାଗଜର ପ୍ରଥମ ପୃଷ୍ଠାକୁ ଚାହିଁଦେଲି । ବଡ଼ ବଡ଼ ଅକ୍ଷରରେ ଲେଖାହୋଇଛି -ମାତୃମୂର୍ତ୍ତି ତେରେସାଙ୍କୁ ବିଶ୍ୱଶାନ୍ତି ପୁରସ୍କାର ମିଳିଛି । ବିସ୍ମୟ ଓ ଆଶ୍ଚର୍ଯ୍ୟ ହେଲି ଯୁଗପତ୍ । ଯାଙ୍କୁ କିଏ କେମିତି ଖୋଜି ପାଇଲା । ବୁଢ଼ୀଟିଏ । ଅଥର୍ବ । କୁଷ୍ଠରୋଗୀ ଅନାଥ, ବିଧବାମାନଙ୍କ ସେବା ଥଇଥାନରେ ଜୀବନ କଟାଏ । ସାରା ପୃଥିବୀରେ ଦେଶ ଦେଶ ମଧ୍ୟରେ ଯେଉଁ ସଂଘର୍ଷ, ଯେଉଁ ବିରାଟ ଶକ୍ତି, ସୈନ୍ୟସାମନ୍ତ, ଏଟମ୍ ବୋମା ରହିଛି ସେସବୁ ସହିତ ଟକ୍କର ଦେଇ ଧ୍ୱଂସମୁଖରୁ ଟାଣି ଆଣିବାକୁ ଏ କିଏ ? କିଏ ଜଣେ ପଚାରିଲା ତାକୁ, ''ଏ ପୁରସ୍କାର ପ୍ରାପ୍ତିରେ ଆପଣଙ୍କ ମନୋଭାବ, ପ୍ରତିକ୍ରିୟା କଣ ?'' ସେ କହିଲେ ''ମୁଁ ଖୁସି ଯେ ଦୁନିଆ ଦୁଃସ୍ଥ ନିପଡିତଙ୍କୁ ସମ୍ମାନ ଦେଉଛି ।'' ପୁଣି କିଏ ଅନୁରୋଧ କଲା, ''ଦୁନିଆକୁ ଆପଣଙ୍କ ବାର୍ତ୍ତା କଣ ? ସେ କହିଲେ, 'ଲଭ ଏଣ୍ଡ ବି ଲଭ୍‌ଡ଼'' ଅର୍ଥାତ୍ ପ୍ରେମକର, ପ୍ରେମିକ ହୁଅ, ପ୍ରେମ ଦିଅ, ପ୍ରେମ ନିଅ ।'' ସେଇ ଏକା କଥା ଉପନିଷଦ୍ ବାଇବଲ ସବୁ ଧର୍ମଶାସ୍ତ୍ର ତ ସେଇକଥା କହୁଛି ।

ପରଦିନ ବଡ଼ଦିନ । ଯୀଶୁଙ୍କ ଜନ୍ମଦିନ । କୋହଲା ପାଗ, ଉତୁରା ହାଓ୍ୱା, କଣକଣି ଶୀତ, ପାଟି ଚିମ୍‌ନୀ ପରି ଧୂଆଁ ଛାଡୁଛି । ଝରକାର ଠିକ୍ ପାଖକୁ ଧାଡ଼ି ଧରି ଶିଙ୍ଖାଦଳ ଥରି ଥରି ଦାନ୍ତ ଘଷୁଥାନ୍ତି । ଦାନ୍ତକୁ ଦାନ୍ତ ବାଜି ଠକ୍‌ଠକ୍ ଶବ୍ଦ ହେଉଥାଏ । କଲିକତୀ ମିସ୍ତ୍ରୀ କହିବାର ଶୁଣିଲି, ''ନିରଞ୍ଜନ ଦା, ଆଜ୍ ଯିମିତି ପାଗ ଦେଇଛି ଜଲଖାବାର ଭାତ୍‌ତାତ୍ ମୋର କିଛି ଦରକାର ଥାନ୍ତା ନାହିଁ ଯଦି କଲିକତୀ ଫୁଟପାଥ୍‌ର ଚା ଦୁଇ ତିନିକପ୍ ମିଳି ଯାନ୍ତା । ଘଟ୍‌ଘଟ୍ ପିଇଯାଆନ୍ତି, ଥଣ୍ଡା ଦିନସାରା ଛାଡ଼ି ଯାଆନ୍ତା ।'' ଅନ୍ୟ ମିସ୍ତ୍ରୀମାନେ କହିଲେ, ''ସେ ଭାଗ୍ୟ ଆମାଦେର କାଇଁ ?''

ତେରେସାଙ୍କ ସାମାନ୍ୟ କଥା 'ପ୍ରେମ ଦିଅ, ପ୍ରେମ ନିଅ'ର ଖିଅ ଧରି କଲିକତୀ ମିସ୍ତ୍ରୀର ସାମାନ୍ୟ ଅଭିଳାଷ ଜାଣି କଣ ଭାବିଲି କେଜାଣି ସବୁ ମାନସମ୍ମାନ ଜଳାଞ୍ଜଳି ଦେଇ



Digitized by srujanika@gmail.com

ଘର ବାହାରକୁ ଚାଲିଗଲି ଏବଂ ସମସ୍ତ ଅପମାନ, ତିକ୍ତତା ଏବଂ ଅହଂକୁ ମାରି ପଛକୁ ଫୋପାଡ଼ି ଦେଇ ଖୁବ୍ ନମ୍ର ବିନୀତ ଗଳାରେ କହିଲି, ''ନିରଞ୍ଜନ କାପେ କାପେ ଚା ହେବ ? ଆଜି ଭାରି ଥଣ୍ଡା । ଆସ ସମସ୍ତେ ।'' ଯିମିତି ଅପ୍ରତ୍ୟାଶିତ ସିମିତି ଉଦ୍ଦେଶ୍ୟବିହୀନ ଏ ନିମନ୍ତ୍ରଣରେ ସେମାନେ ପ୍ରଥମେ ପରସ୍ପରକୁ ଜିଜ୍ଞାସୁ ନୟନରେ ମୁହୂର୍ତ୍ତେ ଚାହିଁଲେ ଏବଂ ସମସ୍ୱରରେ ଆନ୍ତରିକତା ସହିତ କହିଲେ ''ଚଲ, ଯାଇ ।'' ପାଖ ଗାଡ଼ିଆରେ ମୁହଁଧୋଇ ଲୁଙ୍ଗି କାନିରେ ପୋଛି ସିଧା ଆସିଗଲେ ମୋର ସୁସଜ୍ଜିତ ବୈଠକଖାନାକୁ ।

କଳାକଳା ଅଧା ଲଙ୍ଗଳା ଲୋକଗୁଡ଼ାକ ସୋଫାରେ ବସିବେ କି ନାହିଁ ତର୍କ କରୁଥାନ୍ତି । ଖୋଲା କଣ୍ଠରେ କହିଲି, ''ନିରଞ୍ଜନ ବସିଯାଅ ସମସ୍ତେ, ଚା'ବିସ୍କୁଟ ଆଣୁଛି ।'' ଯିମିତି ସେମାନେ ବହୁ ପ୍ରତୀକ୍ଷିତ ଅତିଥି ଆତ୍ମୀୟସ୍ୱଜନ । ମୋ କୁକୁରଟା ଥରେ ଭୁକିଥିଲା । ମୁଁ କହିଲି ''ବ୍ଲାକି ! ନା, ନା, ସେମାନେ ଆମ ନିଜ ଲୋକ ପରା, ତୁ କଣ ତାଙ୍କୁ ନୂଆକରି ଦେଖିଛୁ ।'' ସେ ଚୁପ୍‌ହୋଇ ଜଣଜଣଙ୍କ ପାଖକୁ ଗଲା, ସେମାନେ ବି ତାକୁ ଶ୍ରଦ୍ଧାରେ ଆଉଁଷିଲେ । ଅଧଘଣ୍ଟାଏ ଧରି ଟି ପାର୍ଟି ଚାଲିଲା । ଘରଦ୍ୱାର, ଚାଷବାସ, ଖିଆପିଆ, ଛୁଆପିଲା, ନାଚତାମସା କଥା ଆଦାନ ପ୍ରଦାନ ଚାଲିଲା ।

ସେମାନେ ମୋତେ ନମସ୍କାର କରି ଯେତେବେଳେ ଶିକ୍ଷାଗାରକୁ ହସ ହସ ବଦନରେ ଚାଲିଗଲେ ମୋତେ ଜଣାଗଲା ସେମାନେ ବି ମୋରି ପରି ମଣିଷ । ଉଭୟଙ୍କ ଏକା ଆଶା ଅଭିଳାଷ । ପ୍ରେମ ଦେଲେ ପ୍ରେମ ମିଳେ ।

ଦେଖିଲି, ମୋର ସ୍ନେହ ଶ୍ରଦ୍ଧାର ପ୍ରତିଦାନ ସ୍ୱରୂପ ଶିକ୍ଷାଗାରରେ ପଶିଲାମାତ୍ରେ ପ୍ରଥମେ ନିରଞ୍ଜନ କୁକୁର ଛୁଆଟାକୁ ଫାଶରୁ ଫିଟାଇ ଦେଲା । କହିଲା, ''ଯାଆ, ତୋ ମାଆ ପାଖକୁ ଯାଆ, ଦୁଧ ଖାଇବୁ, ସେ ତୋତେ ଖୋଜୁଥିବ । ମାଆ କୋଡ଼ରେ ଯାଇ ଶୋଇପଡ଼ିବୁ । ଉଷୁମ ହବ । ଆଜି ଭାରି ଥଣ୍ଡା ।'' କୁକୁର ଛୁଆଟା ଯିମିତି ମୁକ୍ତି ପାଇଛି ସିମିତି ଫାଟକ ଦେଇ କୁଆଡ଼େ ଅନ୍ତର୍ଦ୍ଧାନ ହୋଇଗଲା । ମୁଁ ମୋ ବେକଟା ଆଉଁଷି ନେଲି, ବନ୍ଧନରୁ ଖଲାସ ପାଇଲା ପରି ।

ମୁଣ୍ଡର ସ୍ନାୟୁ ଶିରଗୁଡ଼ାକ, ଯେଉଁଗୁଡ଼ା ଗତ କେତେଦିନ ଧରି ଠିଆ ଠିଆ ହୋଇ ରହିଥିଲେ, ଶୋଇଗଲେ ଯିମିତି କ୍ରୁଦ୍ଧ ସିଂହର ସଟା ବା ହିଂସ୍ର ଝିଙ୍କପକ୍ଷୀର ପରଗୁଡ଼ାକ ଧୀରେ ଧୀରେ ପୂର୍ବାବସ୍ଥାକୁ ଆସନ୍ତି, କ୍ରୋଧ ଓ ହିଂସାର କାରଣ ସେମିତି ଅପସରି ଗଲେ ।



Digitized by srujanika@gmail.com

ଉତ୍ସାହ ଓ ଆନନ୍ଦରେ ଓପରଓଳି ଗେରେଜର ମିସ୍ତ୍ରୀମାନଙ୍କୁ ବି ଡାକିଲି । ସେମାନେ ବି ଅକୁଣ୍ଠିତ ଚିତ୍ତରେ ଆମନ୍ତ୍ରଣ ରକ୍ଷାକଲେ । ରଙ୍ଗ, ଭାଷା, ଶିକ୍ଷା, ଜାତି, ପେଷାର ତାରତମ୍ୟ ଆମେ ଭୁଲିଗଲୁ ପ୍ରେମ ଆଦାନ ପ୍ରଦାନରେ । ୟା'ପରେ ଅବସ୍ଥାର ସମ୍ପୂର୍ଣ୍ଣ ପରିବର୍ତ୍ତନ ହେଲା । ସବର୍ତ୍ର ଶାନ୍ତି, ଉଭୟ ଭିତର ଓ ବାହାର । ନୀରବ ନିସ୍ତବ୍ଧ ଇଲାକାଟା । ଏତେଗୁଡ଼ାଏ ଲୋକ ଏକତ୍ର ଅବସ୍ଥାନ କରୁଛନ୍ତି ବିଶ୍ୱାସ କରି ହେବନି । କୁକରର କେଁ କାଁ ନାହିଁ । ରେଡ଼ିଓର ଶବ୍ଦ ପ୍ରାୟ ଶୁଭେନାହିଁ । ଜୋର କଥାବାର୍ତ୍ତା ନାହିଁ, ଅଟହାସ୍ୟ ନାହିଁ । ମୁଁ ଯେତେବେଳେ ଘରେ ନଥାଏ ସେତେବେଳେ ସେମାନେ କକର୍ଶ ବା କର୍ଣ୍ଣକଟୁ ଶବ୍ଦର କାମଗୁଡ଼ାକ ସାରି ଦିଅନ୍ତି । ରାତି ଦଶ ବାଜିଲେ ସହରସ୍ଥଳୀଟା ମଧ ସଫସଲର ଶୀତରାତି ପରି ଲାଗିଲା ।

ଆଶ୍ଚର୍ଯ୍ୟ କଥା, କୋଳାହଳ ଜୀବନର ଲକ୍ଷଣ ବୋଲି ଉପଲବ୍ଧି କଲି । ଭଲ ଗୀତଟିଏ ରେଡ଼ିଓରୁ ପାଇଲେ ମୁଁ ଜୋରକରି ବଜାଏ ଯିମିତି କାରିଗର ଓ ମିସ୍ତ୍ରୀମାନେ ଶୁଣିବେ । ବିଚାରାଏ ଦିନରାତି ଖଟୁଛନ୍ତି, ଘରଦ୍ୱାର ଛୁଆପିଲାଙ୍କଠୁଁ ଦୂରରେ ରହି । ସେମାନେ ବି ମୋତେ ଆରାମ ଓ ଆଶ୍ୱସ୍ତିରେ ରଖିବା ପାଇଁ କେହି କେବେ ଗଣ୍ଡଗୋଳ କଲେ ତାଙ୍କୁ ଚୁପକରି ଦିଅନ୍ତି । ଅବାଞ୍ଛିତ ବ୍ୟକ୍ତି ବା ଜୀବଙ୍କୁ ପ୍ରଶ୍ରୟ ଦିଅନ୍ତି ନାହିଁ । କହନ୍ତି, ''ସାର୍‌ଙ୍କର ଡ଼ିସ୍‌ଟର୍ବ ହବ ।''

ମୁଁ ଥରକୁ ଥର ଶିଳ୍ପାଗାରକୁ ଯାଏ । ତଦାରଖ କରେ କାମର ଅଗ୍ରଗତି । କେତେବେଳେ ଶିଳ୍ପକଳାର ତାରିଫ କଲେ ସେମାନେ ଆଖିରେ କୃତଜ୍ଞତା ଦେଖାନ୍ତି । ଯାହା ଯେତେବେଳେ ସୂଚନା ଦିଏ ତାହା ମୁଣ୍ଡପାତି ଗ୍ରହଣ କରନ୍ତି, ଆନନ୍ଦାଶ୍ରୁ ବିସର୍ଜନ କରନ୍ତି । ଡାହାଣୀ ବା ହୁରୁଡ଼ା ପରି ମୂର୍ତ୍ତିଗୁଡ଼ାକ କ୍ରମେ ମୋ ଆଖିରେ ଆରାଧ୍ୟା ସରସ୍ୱତୀ ମୂର୍ତ୍ତିପରି ଦିଶିଲେ; ଦାଆ ହାତୁଡ଼ି ବୀଣାପରି ଜଣାଗଲା, କଳା କଳା ମୃତଶିଳ୍ପୀମାନେ ବିଶ୍ୱକର୍ମା ପରି ଦିଶିଲେ ।

କଞ୍ଚନ ଫୁଲର ରଙ୍ଗ, କୋଇଲିର କୁହୁ ନେଇ, ବସନ୍ତ ପଞ୍ଚମୀ ଆସିଲା । ମଳୟର ହିଲ୍ଲୋଳରେ ବୀଣା ବଜାଇ ବଜାଇ ସରସ୍ୱତୀ ମୂର୍ତ୍ତିମାନେ ପୂଜାମଣ୍ଡପମାନଙ୍କୁ ଚାଲିଗଲେ । ସଞ୍ଜବେଳକୁ ଶିଳ୍ପାଗାର ଶୂନଶାନ, ଫାଙ୍କା, ନିଛାଟିଆ । ଗେରେଜ ବି ବନ୍ଦ । ନିରଞ୍ଜନ ଓ ଦଳଲୋକେ ରାତି ଗାଡ଼ିରେ ଘରକୁ ଯିବାକୁ ପ୍ରସ୍ତୁତ ହେଲେ ।

ନିରଞ୍ଜନ ବିଦାୟ ନେବାକୁ ଆସୁଛି ଭାବି ଦାଣ୍ଡ ଦରଜାରେ ଛିଡ଼ା ହୋଇଥାଏ । ସେ ଆସି କହିଲା, ''ସାର୍, ଦୟାକରି ଆସିବେ ଦଣ୍ଡେ ଆମ ଶିଳ୍ପାଗାରକୁ ।'' ମୁଁ



Digitized by srujanika@gmail.com

ଯାଇ ଦେଖେ, ଶିଳ୍ପାଗାର ଏବଂ ଗେରେଜର ସବୁ ମିସ୍ତ୍ରୀ ଓ କାରିଗର ଉପସ୍ଥିତ, ଘରବାଲା ଘରବାଲୀ ମଧ୍ୟ ।

ପାଖ ଚା' ଦୋକାନରୁ ଗୋଟିଏ ବଡ଼ କଳାକେଟିଲି ଆସିଥିବା ଚା' ଛୋଟ ଛୋଟ ଅଧା ଗିଲାସରେ ଢ଼ଳା ହେଲା । ଖୁବ୍ ସନ୍ତର୍ପଣରେ ନିରଞ୍ଜନ ପ୍ରଥମ ଗ୍ଲାସଟା ମୋ ହାତକୁ ବଢ଼ାଇ ଦେଇ ଅନ୍ୟ ଗ୍ଲାସଗୁଡ଼ାକୁ ସାଙ୍ଗସାଥୀମାନଙ୍କୁ ଧରାଇ ଦେଲା । ଟି ପାର୍ଟି ଶେଷରେ ଜଣ ଜଣ କରି ମୋତେ ଜୁହାର ହେଲେ । ମୁଁ ଜଣ ଜଣ କରି କୁଣ୍ଢାଇଲି ।

ଉତ୍ସବ ଶେଷରେ କଲିକତୀ ମିସ୍ତ୍ରୀ ଜଣକ କଣର ଛୋଟ ଅନ୍ଧାରିଆ କୋଠରୀ ଭିତରକୁ ଯାଇ ଅତୀବ ଆକର୍ଷଣୀୟ ଛୋଟ ସରସ୍ୱତୀ ମୂର୍ତ୍ତିଟିଏ ଆଣି ମୋ ହାତକୁ ବଢ଼ାଇ ଦେଇ କହିଲା, ''ସାର୍, ଆମାଦେର ମେହେନତୀ ଦୁନିଆଁର ଏକଟି ଛୋଟ ଉପହାର ଆପନାର ଜନ୍ୟ ।'' ମୂର୍ତ୍ତିଟିକୁ ହାତକୁ ନେଲାବେଳେ ମୋତେ ଜଣାଗଲା ଯିମିତି ମୁଁ ଅସ୍‌ଲୋର ଏକ ଉତ୍ସବରେ ତେରେସାଙ୍କ ତରଫରୁ ଶାନ୍ତି ପୁରସ୍କାର ନେଉଛି ।

ସରସ୍ୱତୀ ଆସିଲେ, ଗଲେ । ମୁଁ ଉପର ଘରବାଲୀକୁ ଦିନେ ଦି'ଦିନରେ ପଚାରେ, ''ବଉଦି । ନିରଞ୍ଜନ ଆବାର କବେ ଆସବେ ?''



Digitized by srujanika@gmail.com

# ଗପ ନୁହେଁ ଗାନ୍ଧୀ ଦର୍ଶନ

ଅନାଚାର ଓ ଦୁର୍ନୀତି, ଅସତ୍ୟ ଓ ହିଂସା ପରିପୁଷ୍ଟ ଜାତିର ନେତୃତ୍ୱବୃନ୍ଦ ମଧ୍ୟ ତ୍ୟାଗପୂତ ଜୀବନର ଆଦର୍ଶ ଭୁଲି ଭୋଗସମ୍ଭୋଗ ବିଳାସବ୍ୟସନର ବୈଜୟନ୍ତୀ ଉଡ଼ାଇ ନିଜକୁ ଗୌରାବାନ୍ୱିତ ମନେ କରନ୍ତି, କିନ୍ତୁ ଯେଉଁ କତିପୟ ଚକ୍ଷୁଷ୍ମାନ ଜାତିର କ୍ଷୟିଷ୍ଣୁ ଆଧ୍ୟାତ୍ମିକତା ଓ ଆଦର୍ଶବାଦିତା ଲକ୍ଷ୍ୟ କରୁଛନ୍ତି ସେମାନେ ନିଜକୁ ପରେଡ଼ ପଡ଼ିଆର ବୁଟ୍ ଜୋତାର ନିନାଦରୁ, ପ୍ରଚାରର ଲାଉଡ଼ସ୍ପିକର ବା ଅନ୍ତଃସାର ଶୂନ୍ୟ ବକ୍ତୃତାର ବିରକ୍ତିକର ଆଡ଼ମ୍ବରରୁ ଦୂରରେ ରଖି କାତର କ୍ଷୀଣ କଣ୍ଠରେ ଜାତିର ଜନକଙ୍କୁ ପ୍ରାର୍ଥନା କରି କହନ୍ତି, ''ସତ୍ୟପଥେ ଧର୍ମପଥେ ଘେନିଯାଅ ମୋତେ'' ଅଥବା 'Lead kindly Light Lead', ପୁଣି ଯେଉଁମାନେ ସମୂହକଲ୍ୟାଣ ରୂପୀ ମାୟାମୃଗ ପଛରେ ନ ଗୋଡ଼ାଇ ନିଜର ମଙ୍ଗଳ ସାଧନରେ ବ୍ରତୀ, ସେମାନେ ନିଜ ଅତୀତ ଅଭିଜ୍ଞତାର କେତେଗୁଡ଼ିଏ ଘଟଣା ମନେ ପକାଇ ନିଜକୁ ପୂତ ପବିତ୍ର କରିବାର ଚେଷ୍ଟା କରନ୍ତି ।

୧୯୩୪ ସାଲ । ଭୂମିକମ୍ପରେ ବିହାର ଧ୍ୱସ୍ତବିଧ୍ୱସ୍ତ । ଏହି ଭୂମିକମ୍ପ ଉପରେ ଗାନ୍ଧିଜୀଙ୍କ ମନ୍ତବ୍ୟ ଦେଶବାସୀଙ୍କ ମନରେ ଅନ୍ୟ ଭୂମିକମ୍ପ ଆଣି ଦେଇଥାଏ । ସେ କହିଥାନ୍ତି, ''ଅସ୍ପୃଶ୍ୟତା ଯୋଗୁଁ ଏ ପ୍ରାକୃତିକ ବିପର୍ଯ୍ୟୟ ।'' ଆଶ୍ଚର୍ଯ୍ୟ କଥା । କାଶ୍ମୀରରୁ କନ୍ୟାକୁମାରୀ ସର୍ବତ୍ର ଜାତିଭେଦ । ବିହାର ଉପରେ ଏତେ ବଡ଼ ମାଡ଼, ବିପତ୍ତି କାହିଁକି ? ଗାନ୍ଧିଜୀଙ୍କ ଦର୍ଶନ ଲୋକଙ୍କ ପକ୍ଷରେ ଅବୋଧ ଥିଲେ ମଧ୍ୟ ସେକାଳର ଲୋକେ ଗାନ୍ଧିଜୀଙ୍କ ଦର୍ଶନ ପାଇଁ ବଡ଼ ବ୍ୟାକୁଳ ଓ ଆଗ୍ରହୀ ଥିଲେ । ବିଶେଷକରି ଓଡ଼ିଶାର ଲୋକେ । କାରଣ ଓଡ଼ିଶାର ଦୁର୍ଗତି ଗାନ୍ଧିଜୀଙ୍କ ପ୍ରାଣକୁ ସ୍ପର୍ଶ କରିଥିଲା ଓ ସେ ଓଡ଼ିଶାକୁ ଭାରି ଭଲ ପାଉଥିଲେ । ତା'ଛଡ଼ା ଅନ୍ୟାନ୍ୟ ପ୍ରାନ୍ତ ଅପେକ୍ଷା ଓଡ଼ିଶାପ୍ରାନ୍ତର ଲୋକେ ତାଙ୍କୁ ଦେଖିବାକୁ ସୁବିଧା ସଚରାଚର ପାଉ ନ ଥିଲେ ।

ସେତେବେଳେ ବିହାରରେ ଭୂମିକମ୍ପ ହେଲେ କଟକର ପିଲାଙ୍କ ମଧ୍ୟ ପରୀକ୍ଷା ଘୁଞ୍ଚି ଯାଉଥାଏ । ଫେବୃଆରୀର ପରୀକ୍ଷା ଜୁନରେ ହେବାର କଥା । ମଇ ମାସ । କୋଡ଼ିଏ ପଚିଶ ଜଣ ପିଲା କଲେଜରେ ପ୍ରାଚୀ ଛାତ୍ରାବାସରେ କଟକର ଖରାତାତି ସହି ପଡ଼ିଥାଉଁ ସେହି ବିଚାର ଦିବସ ଅପେକ୍ଷାରେ ।

ହଠାତ୍ ଖବର ପାଇଲୁଁ (ଲୋକମୁଖରୁ) ଗାନ୍ଧୀ କଟକ ଦେଇ ପୁରୀ ଯିବେ । ଅପୂର୍ବ ସୁଯୋଗ । ଅନୁଗୁଳରୁ ଡାକଚେର ଗାଡ଼ିରେ ଆସିବେ ସେ ସମୟରେ କଟକରେ ଢେଙ୍କାନାଳ



Digitized by srujanika@gmail.com

ତାଳଚେର କଥା ବରାବର ପଡୁଥାଏ । ଚାକରବାକର, କୁଲି ମଜୁରିଆ, ରିକ୍ସା (ମଣିଷଟଣା) ବାଲା ଅଧିକାଂଶ ଏ ଦୁଇ ଗଡ଼ଜାତରୁ ଆସୁଥିଲେ; ଆଜିକାଲି ଯିମିତି ଧୋବା, ହୋଟେଲବାଲା, ରିକ୍ସାବାଲା ଅଧିକାଂଶ ଦକ୍ଷିଣରୁ ଆସୁଛନ୍ତି ।

ସମସ୍ତଙ୍କ ମୁହଁରେ ସେଇ ଏକ କଥା, ଗାନ୍ଧୀଜି ଆସୁଛନ୍ତି, କିନ୍ତୁ ତାଙ୍କୁ ଦେଖିବାକୁ ଯିବା ଛାତ୍ରଙ୍କ ପକ୍ଷରେ ସହଜ କଥା ନୁହେଁ । ପାଞ୍ଚବର୍ଷ ପୂର୍ବେ ଗାନ୍ଧୀଜିଙ୍କ ଗିରଫର ପ୍ରତିବାଦ ସ୍ୱରୂପ ସ୍କୁଲରେ ଧର୍ମଘଟ କରିବାର ଚେଷ୍ଟା କରି ଯଥେଷ୍ଟ ନିର୍ଯ୍ୟାତନା ପ୍ରଧାନ ଶିକ୍ଷକଙ୍କ ଠାରୁ ପାଇଥିଲି । 'ଜନ୍ମାଷ୍ଟମୀ' ବୋଲି କବିତାଟିରେ ବ୍ରିଟିଶ୍ ସରକାରଙ୍କୁ କଂସ ସହିତ ତୁଳନା କରିଥିଲି ବୋଲି ହାତଲେଖା ପତ୍ରିକାଟି ବାଜ୍ୟାପ୍ତ ହୋଇଥିଲା; ମାତ୍ର କେତେ ମାସ ଆଗେ କଲେଜଛକରେ ଚାରି ପାଞ୍ଚଜଣ ଛୋଟ ପିଲାଙ୍କ ଉପରେ ଯେଉଁ ନିର୍ମମ ପ୍ରହାର ବସିଥିଲା ତାହା ନିଜ ଆଖିରେ ଦେଖିଛି । ସେମାନଙ୍କ ଅପରାଧ ବିଲାତୀ ଲୁଗାଗାଣ୍ଠିଟିଏ ବୋଝେଇ କରି ନେଉଥିବା ବଳଦଗାଡ଼ି ଆଗରେ ଶୋଇ ଅଟକାଉ ଥିଲେ । ମୁମୂର୍ଷୁ ପିଲାଟିକୁ ପାଣି ଗିଲାସେ ଯାଚି ପାନଦୋକାନୀଟା ମଧ୍ୟ ନିସ୍ତୁକ ଛେଚାଟାଏ ଖାଇଥିଲା । ବ୍ରିଟିଶ୍ ରାଜତ୍ୱର ତାହା ମଧ୍ୟାହ୍ନ କାଳ, ବ୍ରିଟିଶ୍ ସାମ୍ରାଜ୍ୟରେ ସେତେବେଳେ ସୂର୍ଯ୍ୟଦେବ ଅସ୍ତ ଯାଉ ନ ଥିଲେ । ଗାନ୍ଧୀଜି କଟକ ଷ୍ଟେସନ ଦେଇ ପୁରୀ ଯାଉଛନ୍ତି ଏକଥା କ'ଣ ପ୍ରିନ୍ସପାଲ ବା ସୁପରିଟେଣ୍ଡେଣ୍ଟଙ୍କୁ ଅଛପା ଥିବ ? ଆମେ ଗାନ୍ଧୀଙ୍କୁ ଦେଖିବାକୁ ଗଲେ ତାଙ୍କ ଚାକିରୀରେ କ'ଣ ବାଧା ଆସିବ ନାହିଁ ? ତଥାପି ଯୁଗେ ଯୁଗେ ସ୍କୁଲ-କଲେଜପିଲାଏ ଅଭିଭାବକ ଓ କର୍ତ୍ତୃପକ୍ଷଙ୍କ ଆଖିରେ ଧୂଳିଦେଇ ଆନନ୍ଦ ପାଇଛନ୍ତି । ସ୍ଥଳେ ସ୍ଥଳେ ଯଶ କୀର୍ତ୍ତି ମଧ୍ୟ ଅର୍ଜନ କରିଛନ୍ତି ମହତ ଉଦ୍ଦେଶ୍ୟରେ ପ୍ରାଣପାତ କରି ।

ସନ୍ଧ୍ୟା ପ୍ରାୟ ଆଠଟା । ମିଞ୍ଜି ମିଞ୍ଜି ଜଳୁଥିବା ଦୁଇ ତିନୋଟି ଲଣ୍ଠନବତୀରେ ଆଲୋକିତ କଟକ ଷ୍ଟେସନ । ଲାଲିଗୋଡ଼ି ବିଛା ହୋଇଥିବା ଅନୁଚ୍ଚ ପ୍ଲାଟଫର୍ମଟି ଯାତ୍ରୀ ଜନସମାଗମ ବିରଳ । ପ୍ରାୟ ନୀରବ ନିସ୍ତବ୍ଧ ଛୋଟ ଷ୍ଟେସନଟି । ଆଜିର ମଞ୍ଚୁରୀରୋଡ଼ ଷ୍ଟେସନ ମଧ୍ୟ ତାଠୁଁ ବଡ଼ ହେବ । ଟାଇଲି ଛାତକୁ ଲାଗି ଦୁଇ ତିନୋଟି ଛୋଟ ଛୋଟ ଗୁଆଗଛ ।

ଗାନ୍ଧୀଜିଙ୍କ ଦର୍ଶନାଭିଳାଷୀଙ୍କ ସଂଖ୍ୟା ଅତିବେଶୀ ହେଲେ ଶହେ ଦେଢ଼ଶହ । ଥାର୍ଡ଼ ବେଲ ବାଜିଲା । ତାଳଚେର ଗାଡ଼ି ପ୍ଲାଟଫର୍ମ ଭିତରେ ପଶୁଁ ନ ପଶୁଣ ସମବେତ ଜନତାର ସ୍ୱତଃ ସ୍ଫୂର୍ତ୍ତ ଜୟଧ୍ୱନି ''ଗାନ୍ଧୀଜି କି ଜୟ'' ନୀରବ ଷ୍ଟେସନଟିକୁ ସ୍ୱଚ୍ଛ ମୁଖରିତ କରିଦେଲା । ଗାଡ଼ି ପୂରାପୂରି ଛିଡ଼ା ହୋଇଛି କି ନାହିଁ ସମସ୍ତେ ଆଗପଛ ଧାଁ ଦଉଡ଼ କରିବାରେ



Digitized by srujanika@gmail.com

ଲାଗିଗଲେ । ଗାନ୍ଧୀଜି ତୃତୀୟ ଶ୍ରେଣୀରେ ଯା'ଆସ କରିବା କଥା ସମସ୍ତଙ୍କୁ ଜଣା । ହଠାତ୍ ଗୋଟିଏ ଡବା ଆଗରେ ତୁହାକୁ ତୁହା ଜୟଧ୍ୱନି ଉଠିବାରୁ ସମସ୍ତେ ସେ ଆଡ଼କୁ ଦଉଡ଼ିଲେ । ଗାନ୍ଧୀଜିଙ୍କ ମୁହଁ ଡବାର ଝରକା ଦେଇ ନ ବାହାରିବାରୁ ସମସ୍ତେ ଆକୁଳ ହୋଇ ଭିତରକୁ ଉଙ୍କିମାରି ଚାହିଁବାକୁ ଲାଗିଲେ । ଭିତରେ ମାଠିଆ, ତୁଳସୀଗଛ, ଛାଞ୍ଚୁଣୀ, ସଉପ ଇତ୍ୟାଦି ଆସବାବ୍‌ପତ୍ର ଯହିଁରୁ ବୈରାଗ୍ୟ, ତ୍ୟାଗ, ଶିବ ଓ ଶ୍ମଶାନର ସୂଚନା ମିଳିଥାଏ ।

ଗାନ୍ଧୀଜିଙ୍କ ସମ୍ବର୍ଦ୍ଧନା ପାଇଁ ଫୁଲମାଳ, ବନ୍ଦାପନା ବା ମାନପତ୍ରର ବ୍ୟବସ୍ଥା ନ ଥିଲା ବା ତୋରଣ ବା ସାଜସଜ୍ଜାର ଆବଶ୍ୟକତା କେହି ଉପଲବ୍‌ଧି କରି ନଥିଲେ । ଲୋକଙ୍କର ନିରବଚ୍ଛିନ୍ନ ଜୟଧ୍ୱନି ଶୁଣି ଗାନ୍ଧୀଜି ଅବଶେଷରେ ଯେତେବେଳ ଝରକାଦେଇ ମୁହଁ ବାହାର କଲେ ସେତେବେଳେ ସମସ୍ତେ ବିହ୍ୱଳ ହୋଇ ଦ୍ୱିଗୁଣିତ ଚିତ୍କାରରେ କହିଲେ 'ଜୟ ମହାତ୍ମା ଗାନ୍ଧୀକି ଜୟ ।' ଜନତାର ଏ ଅଭିନନ୍ଦନର ଉତ୍ତରରେ ଗାନ୍ଧୀଜିଙ୍କ ପ୍ରଥମ ମୁଖନିଃସୃତ ବାଣୀ ହେଲା, ''ରାତ୍ରିକାଳରେ ଗୋଳମାଳ କରିବା ଧର୍ମଶାସ୍ତ୍ରରେ ମନା ଅଛି ।'' ସମସ୍ତେ ଚୁପଚାପ । ସ୍ତୁତି ଓ ଜୟଗାନର ପ୍ରତିଦାନ ମୃଦୁ ଭର୍ତ୍ସନା ବୋଲି କିଏ ଭାବିଥିଲା ? ପ୍ରଶାନ୍ତ ମୁଖମଣ୍ଡଳ, ମନ୍ଦ୍ରଗମ୍ଭୀର ସ୍ୱର । ଦେହ ଅନାବୃତ, କ୍ଷୀଣ ଆଜାନୁଲମ୍ବିତ ବାହୁ । କଟିଦେଶରୁ ପକେଟ-ଘଡ଼ିଟି ଝୁଲୁଥାଏ । ଷ୍ଟିଲଫ୍ରେମର ଚଷମାଭିତରୁ ମଳିନ ଆଲୋକରେ ଦୀପ୍ତି ଫୁଟାଇ ପୁଣି ଗାନ୍ଧିଜୀ କହିଲେ, ''ରାତ୍ରିର ନୀରବତା ଭଙ୍ଗ କରିବା କାହାରି ଅଧିକାର ନାହିଁ ।'' ସମସ୍ତେ ନିଜକୁ ଗୁରୁତର ଅପରାଧୀ ବୋଲି ବିବେଚନା କଲେ ।

ଗାନ୍ଧୀଙ୍କ ନିକଟରେ ଜଣେ ସୁସ୍ଥ ବଳିଷ୍ଠ ସୁଶ୍ରୀ ଯୁବକ ଛିଡ଼ା ହୋଇ (ପରେ ତାଙ୍କୁ ରାଜକୃଷ୍ଣ ବୋଷ ବୋଲି ଜାଣିଲି) ତାଙ୍କର ସରଳ ହିନ୍ଦୀର ଓଡ଼ିଆ ତର୍ଜମା କରିଦେଉଥାନ୍ତି ।

ପ୍ଲେଟଫର୍ମ୍‌ର ବତୀଖୁଣ୍ଟଠାରୁ ଦୂରରେ ଡବାଟି ଛିଡ଼ା ହୋଇଥିବାରୁ କ୍ଷୀଣ ଆଲୋକରେ ଗାନ୍ଧୀଙ୍କ ମୁହଁ ଅସ୍ପଷ୍ଟ ଦିଶୁଥାଏ । ତେଣୁ କେହି କର୍ମୀ ଗୋଟାଏ ଲମ୍ବା ବାଡ଼ିରେ ଲଣ୍ଠନଟିଏ ଗାମୁଛାରେ ବାନ୍ଧି ତାଙ୍କ ମୁହଁ ପାଖରେ ଟେକି ଧରିଲେ । କିରୋସିନୀର ତୀବ୍ର ଗନ୍ଧ ବା ଆଲୁଅର ଜ୍ୟୋତି ଗାନ୍ଧୀଙ୍କୁ ବିଚଳିତ କଲା ପରି ଜଣା ନାହିଁ ।

ଗାନ୍ଧୀଜି କହିଲେ, ''ମୁଁ ଅସ୍ପୃଶ୍ୟତା ନିବାରଣଲାଗି ପୁରୀ ଯାଉଛି, ପୁଣି ଫେରିବି ଏଇ ବାଟଦେଇ । ବର୍ତ୍ତମାନ ମୁଁ ହରିଜନ ପାଣ୍ଠିପାଇଁ ଅର୍ଥ ସଂଗ୍ରହ କରୁଛି । ଓଡ଼ିଶା ବଡ଼ ଗରିବ ଦେଶ । ଓଡ଼ିଶାବାସୀଙ୍କଠାରୁ ମୁଁ ଟଙ୍କା ଅଧୁଲି ସୁକି ଦୋଅଣୀ କିଛି ଚାହେଁ ନାହିଁ । ସେମାନଙ୍କୁ ମୁଁ ମାଗୁଛି ପଇସା, ଅଧଲା ପାହୁଲା, ଛଦାମ୍ ।



Digitized by srujanika@gmail.com

ଏତକ କହି ଲମ୍ବା ହାତଟାକୁ ଝରକା ଦେଇ ପଦାକୁ ବାହାର କରି ପାପୁଲି ମେଲା କରି ଛିଡ଼ା ହେଲେ । ଯାହା ପାଖରେ ଯାହା ଥିଲା ତାହା ଦେବା ପାଇଁ ସମସ୍ତେ ଚଞ୍ଚଳ ହୋଇ ଉଠିଲେ । ଠେଲା ପେଲାରେ ବାଡ଼ି ଅଗରେ ଝୁଲିଥିବା ଲଣ୍ଠନଟି ତଳେ ପଡ଼ି ଚୂରମାର ହୋଇଗଲା । ଭଙ୍ଗାକାଚ ଗୋଟାଇ ନେଇ କର୍ମୀମାନେ ସତର୍କତାର ସହିତ ଶୃଙ୍ଖଳା ଆଣି ଜଣ ଜଣ କରି ଲୋକ ଗାନ୍ଧୀଙ୍କ ପାଖକୁ ଛାଡ଼ିଲେ । ଏ ଅବସରରେ ଜଣେ କିଏ ଟର୍ଚ୍ଚଲାଇଟ୍ ଫୋକସ କରି ଗାନ୍ଧୀଙ୍କ ମୁହଁକୁ ପକାଇ ରଖିଥାଏ । ତଥାପି ତାଙ୍କ ମୁହଁରେ ଅସ୍ୱସ୍ତି ବା ବିରକ୍ତିର ଚିହ୍ନ ନାହିଁ ।

ଦେଖିଲି ଜଣକୁ ଜଣ ମହାତ୍ମାଙ୍କ ନିକଟକୁ ଯାଉଛନ୍ତି ଓ ପଇସାପତ୍ର ଦେଇସାରି ତାଙ୍କ ହାତ ସ୍ପର୍ଶ କରି ନିଜକୁ ଧନ୍ୟ ମନେ କରୁଛନ୍ତି । କିଏ ବା ପୂରାପୂରି ହାତକୁ ଆଉଁସି ଯାଉଛି । ଦେଖାଦେଖି ଅନ୍ୟମାନେ ବି ସିମିତି ଆଉଁସିବାକୁ ଲାଗିଲେ । ଗାନ୍ଧୀଜି ନିର୍ବିକାର, ଅବିଚଳିତ ।

ଏମିତି ସୁଯୋଗ ଆସିବ ସେ କଥା ଜାଣିଛି କିଏ ? ମୋ ପାଖରେ ଅଧଲା ଛଦାମ୍ କିଛି ନଥିଲା । ''ରିକ୍ତହସ୍ତେ ନନୋପାୟେଦ୍ ରାଜାନାଂ ଦେବତାଂ ଗୁରୁମ ।'' ଯାହା ପାଖରେ ଯାହା ଥିଲା ତାହା ସେମାନେ ଦେଇ ସାରିଲେଣି । ଗାନ୍ଧୀଙ୍କୁ ଦେଲା ବେଳେ ସର୍ବସ୍ୱ ଦାନ ଛଡ଼ା ଗଣାଗଣି ହିସାବ ନିକାଶର ବେଳ ନଥାଏ ।

ହଷ୍ଟେଲକୁ ଯାଇ କ'ଣ ଫେରିବାର ବେଳ ଥିବ ? ଦଉଡ଼ିଲି ସିଧା ଏକାମୁହାଁ ଅଣନିଶ୍ୱାସୀ ହୋଇ ପଡ଼ିଆଭିତର ମଣିଷଚଲା ରାସ୍ତାରେ । ଧଇଁସଇଁ ହୋଇ ଫାଟକ ପାଖରେ ପହୁଞ୍ଚିଛି ଜଣେ ବନ୍ଧୁଙ୍କ ସହିତ ଦେଖା ହେଲା । ମାଗିଦେଲି, ସେ ଯାହା ଦେଲେ ପକେଟରେ ପୂରାଇ ଚାଉଳିଆଗଞ୍ଜ ପୋଷ୍ଟଅଫିସ ବାଟଦେଇ ଷ୍ଟେସନ ରାସ୍ତାରେ ଦଉଡ଼ିବାକୁ ଲାଗିଲି । ଟ୍ରେନ୍ ଛାଡ଼ିବା ହୁଇସିଲ୍ ଶୁଭିନାହିଁ, ବୋଧହୁଏ ପାଇବି । ପହୁଞ୍ଚିଲି ମୋଡ଼ ଉପରେ । ଟ୍ରେନର ପଛ ଡବା ଦିଶୁଛି । ରାସ୍ତାରେ ଦୁଇ ପାଖରେ ପଥରଗୁଡ଼ାକ ମଣିଷ ପରି ଧାଡ଼ି ଧରି ବସି ଯାଇଛନ୍ତି । ରାସ୍ତା ଭାଙ୍ଗି ଆରପଟକୁ ଯିବା ପାଇଁ ଚେଷ୍ଟା କରୁଛି ଏତିକିବେଳେ ଅକସ୍ମାତ୍ ଅତର୍କିତରେ ଆସି ଜୋରରେ ପହୁଞ୍ଚିଗଲା ଗୋଟିଏ ଘୋଡ଼ାଗାଡ଼ି । ଜୋରରେ ଝୁଣ୍ଟିପଡ଼ିଲି ପଥର ଗୋଟାକରେ । ଘୋଡ଼ା ପିଠିରେ ହାତ ପଡ଼ିଗଲା, ଭରା ଦେଇ ଅଟକିଗଲି, ଘୋଡ଼ାଟା ମଧ୍ୟ ଛିଡ଼ା ହୋଇଗଲା । ଭାଗ୍ୟକୁ ପ୍ରାଣ ପାଇଲି, ନ ହେଲେ ଖୁରା ଓ ଚକତଳେ ଦଳିମକଟି ହୋଇ ଯାଇଥାନ୍ତି ।



Digitized by srujanika@gmail.com

ପ୍ଲେଟଫର୍ମ ଭିତରକୁ ପଶି ଦେଖିଲି ଭିଡ଼ ଆଉ ନାହିଁ । ତେଣେ ସବୁଜ ଆଲୁଅ ଦିଶିଲାଣି । ଗାଡ଼ି ଛାଡ଼ିବାକୁ ଅପେକ୍ଷା । ଗାନ୍ଧୀ କିନ୍ତୁ ସେମିତି ହାତ ପାତି ଛିଡ଼ା ରହିଛନ୍ତି । ଦଉଡ଼ି ଯାଇ ଯାହା ନେଇଥିଲି (ତିନୋଟି ବା ଚାରୋଟି ତମ୍ବା ପଇସା) ହାତରେ ଥୋଇଦେଲି । ତା'ପରେ ସାହସ ବାନ୍ଧି ପାପୁଲିରୁ ବାହୁ ପର୍ଯ୍ୟନ୍ତ ଲମ୍ବା ହାତଟାକୁ ଆଉଁସି ନେଇଗଲି । ବିରକ୍ତି, ଆପତ୍ତି, ଅଭିଯୋଗ ଲେଶମାତ୍ରାରେ ନାହିଁ ପୁଣ୍ୟାତ୍ମାଙ୍କ ଆଖି ମୁହଁରେ ଯେବେ ହାତ ଛୁଇଁ ବା ଆଉଁସି ଲୋକେ ଆନନ୍ଦ ପାଉଛନ୍ତି ତେବେ ବର୍ଷ ବର୍ଷ ଧରି ଲମ୍ବାଇ ରଖିବାରେ ଯିମିତି ତାଙ୍କର କ୍ଳାନ୍ତି ନାହିଁ । କେତେ ମାସ ପୂର୍ବେ ପ୍ରଥମ କରି ଜଗନ୍ନାଥଙ୍କୁ ଦର୍ଶନ ଓ ସ୍ପର୍ଶ କଲାବେଳେ ମନରେ ଯେଉଁ ଅଲୌକିକ ଆନନ୍ଦ ଓ ପୁଲକ ପାଇଥିଲି ସେ ମୁହୂର୍ତ୍ତରେ ଅବିକଳ ମୋର ସେହି ଅନୁଭୂତି ହେଲା । ରୋମାଞ୍ଚକର, ଯାଦୁକାରୀ ସେ ସ୍ପର୍ଶ । ସେହି ସ୍ପର୍ଶ ରୋଗୀଙ୍କୁ ରୋଗମୁକ୍ତ କରେ, ପଥରକୁ ରୋଟି କରେ ।

ଗାନ୍ଧୀ-ଦର୍ଶନଜନିତ ସାତ୍ତ୍ୱିକ ଆନନ୍ଦ ମନରୁ ଜଣା ହୋଇ ନଥାଏ ବା ଜ୍ୟୋତି ମୁହଁରୁ ଲିଭି ନ ଥାଏ; ପହଞ୍ଚିଲି ହଷ୍ଟେଲରେ । ହାତ ଗୋଡ଼ ଧୋଇ ଉପରକୁ ଯିବି ବୋଲି ଏଗାର ନମ୍ବର କୋଠରୀ ପାଖ ପାଣିକଳ ଖୋଲିଲି; କିନ୍ତୁ ବାଁ ଗୋଡ଼ ଓ ଯୋତାରେ ଏତେ ରକ୍ତ କୁଆଡୁ ଆସିଲା ? ଦେଖିଲି ବୁଢ଼ା ଆଙ୍ଗୁଳି ଛେଚି ହୋଇ ନଖଟା ଦି'ଫାଳ ହୋଇଯାଇଛି ରକ୍ତ ପିଚ୍ ପିଚ୍ ବାହାରୁଛି । ଏତେ ସମୟ ଧରି ଯନ୍ତ୍ରଣା ନ ଥିଲା କାହିଁକି ? ମୋତେ ଜଣାଗଲା ଦେହ ଏକାବେଳକେ ମନର ଅଧୀନ । ପ୍ରେମ ଐଶ୍ୱରିକ ବା ମାନୁଷୀ ଯାହାହେଲେ ମଧ୍ୟ ପ୍ରେମାନ୍ୱିତ ମନ ଦେହର ଦାସତ୍ୱ ସ୍ୱୀକାର କରେ ନାହିଁ । ଆଦର୍ଶ ଅନୁପ୍ରାଣିତ ମଣିଷର ଶରୀର ଯନ୍ତ୍ରଣା ବିମୁକ୍ତ ।

ପରେ ନୂଆ ହୋଇ ବୁଢ଼ା ଆଙ୍ଗୁଳିର ନଖ ଉଠିଲା ସିନା; କିନ୍ତୁ ମଝିରେ ଗୋଟିଏ ଫଟା ଦାଗ ସବୁଦିନ ରହିଗଲା । ଯେବେ କେହି ସେ ନଖ କଥା ପଚାରେ ମୁଁ ସେ ରାତିର ଘଟଣାବଳୀ କହେଁ, ସେହି ପୁଣ୍ୟ ସ୍ପର୍ଶରେ ଅନୁଭୂତି ପୁଣି ଫେରିପାଏଁ ।

ପ୍ରାୟ ସପ୍ତାହେ ବିତିଗଲା । ଗାନ୍ଧୀଜି କହି ଯାଇଥିଲେ ପୁଣି କଟକ ଫେରିବେ । ଖବର ଆସୁଥାଏ, ଗାନ୍ଧୀଜିଙ୍କ ବିନା ଅନୁମତିରେ କସ୍ତୁରବା ଜଗନ୍ନାଥ ଦର୍ଶନ କରିବାରୁ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ରାଗରୁଷା ଓ ବଚସା ହେଲା, ଗାନ୍ଧୀଜି ଜଗନ୍ନାଥ ଦର୍ଶନକୁ ଗଲେ ନାହିଁ, ପୁରୀଠାରୁ ପଦଯାତ୍ରା ଆରମ୍ଭ ହେଲା, ଶ୍ରୀମତୀ ମୀରାବେନ୍‌ଙ୍କ ପଦଯାତ୍ରା ଫଳରେ ଗୋଡ଼ରେ ଫୋଟକା ହୋଇଛି ଓ ସେ କନାବାନ୍ଧି ଚାଲୁଛନ୍ତି; ହିନ୍ଦୁ-ମହାସଭା ତରଫରୁ ପଣ୍ଡିତ ଲାଲନାଥ ବୋଲି ଜଣେ ସନାତନୀ ଗାନ୍ଧୀଙ୍କ ପଛେ ପଛେ ଚାଲିଛନ୍ତି, ଇତ୍ୟାଦି ।



Digitized by srujanika@gmail.com

ମଇମାସ ଷୋହଳ ତାରିଖ । ଗାନ୍ଧୀ କାଳିପାଟଣାରେ ପହଞ୍ଚୁଛନ୍ତି । ସେଇଠି କୁଆଡ଼େ ଝିଅଟିଏ ମାନପତ୍ର ସହିତ ନିଜର ସୁନା ଚୁଡ଼ିଟି ମଧ୍ୟ ଗାନ୍ଧୀଜିଙ୍କୁ ଦେଇଦେଇଛି । ବେଳବୁଡ଼କୁ କଟକ ଆସିବେ ଏବଂ ଆସିବା ବାଟରେ କାଠଯୋଡ଼ି ନଈବାଲିରେ ବକ୍ତୃତା ଦେବେ ।

ପୁଣି ଗାନ୍ଧୀ ଦର୍ଶନ ପାଇଁ ଏକ ସୁଯୋଗ । ଆଙ୍ଗୁଳିର ଘାଆ ପାଚିଛି, ପଟି ବନ୍ଧା ହୋଇଛି । ତଥାପି ପ୍ରାୟ ସାଢ଼େ ଚାରିଟାବେଳକୁ ଯାଇ ନଈବାଲିରେ ଉପସ୍ଥିତ । ଖରାର ଟାଣ ନଈପାଣି ଯୋଗୁଁ ଜଣାପଡୁ ନ ଥାଏ ।

ସଭାର ଆୟୋଜନ ବୋଲି କିଛି ନାହିଁ । ଗୋଟାଏ ଅଧେ ଟେବୁଲ୍ ଥୁଆ ହୋଇଛି । ଦଉଡ଼ି ଟାଣି ସ୍ତ୍ରୀ ପୁରୁଷଙ୍କ ପାଇଁ ସ୍ଥାନ ନିର୍ଦ୍ଦିଷ୍ଟ କରାଯାଇଛି । ସର୍ବମୋଟ ଦୁଇ ତିନିଶ ଲୋକ ହେବେ ବୋଧହୁଏ । ପାଖରେ ନିର୍ମଳ ଶୀର୍ଣ୍ଣକାୟା ଅଗଭୀରା କାଠଯୋଡ଼ି, ଦୂରରେ ନୀଳ ନରାଜ; ଅଦୂର ପଠାରେ ଥରଖ ଗଛର ପେଣ୍ଡା ପେଣ୍ଡା ଫୁଲ ।

ଖରା ନରମ ହୋଇ ଆସିଲା । ସମସ୍ତେ ଉଦ୍‌ଗ୍ରୀବ ହୋଇ ଚାହିଁଥାନ୍ତି କାଳିପାଟଣା ଆଡ଼କୁ । ଖରାଦିନିଆ ରାସ୍ତାରେ ଅନୁଚ୍ଚ ନଦୀବନ୍ଧରୁ ତଳକୁ ଗଡ଼ିଆସିଲେ ଛୋଟ ଦଳଟିଏ ଦଶ ପନ୍ଦର ଜଣ ଲୋକ । କିଛି ଦୂର ଆସିଲା ପରେ ଦିଶିଲା ତାଳପତ୍ର ଛତା । ତା'ରି ପାଖରେ ଗାନ୍ଧୀଜି । ଦୂରରୁ ମଧ୍ୟ ତାଙ୍କୁ ସ୍ପଷ୍ଟ ଚିହ୍ନିହୁଏ । ପଦଯାତ୍ରାବେଳେ ପାହୁଣ୍ଡରେ ସମତା ଓ ଛନ୍ଦ ରଖି ଡେଇଁ ଡେଇଁ ପିଲାଭଳି ଚାଲନ୍ତି ସେ । ପ୍ରାୟ ଦଶ ପନ୍ଦର ମିନିଟରେ ଗାନ୍ଧୀଜି ସଭାସ୍ଥଳରେ ପହଞ୍ଚିଗଲେ । ଟେବୁଲ୍ ଉପରେ ଗୋଡ଼କୁ ଗୋଡ଼ ଛନ୍ଦି ହାତଗୋଟିକରେ ଭରା ଦେଇ ବସିଲାରୁ ଛବିରେ ଯେମିତି ତାଙ୍କୁ ଦେଖିଥିଲୁ ଅବିକଳ ସେମିତି ଦିଶିଲେ । ଗାନ୍ଧୀଜି ଆରମ୍ଭ କଲେ ''ଯେ କୌଣସି ଭଲ କାମ କରିବା ପୂର୍ବରୁ ଭଗବାନଙ୍କ ନାମ ନେବା ଉଚିତ ।''

ଏତିକି କହି ସାରିଛନ୍ତି କି ନାହିଁ ନୀରସ ପ୍ରାଣହୀନ ପରିବେଶ ଯେପରି ହଠାତ୍ ଜୀବନ୍ତ ହୋଇ ଉଠିଲା । ସେତେବେଳେ ଜବାକୁସୁମସଙ୍କାଶ ସୂର୍ଯ୍ୟଦେବ ନରାଜ ପାହାଡ଼ ଚୂଳରେ । କାଠଯୋଡ଼ିର ଶୀକରଶୀତଳ ସୁଲୁସୁଲିଆ ପବନ ମଧ୍ୟ ସଞ୍ଚରିବାକୁ ଆରମ୍ଭ କଲା । ବାମାକଣ୍ଠରେ ଗୀତାର ଦ୍ୱିତୀୟ ଅଧ୍ୟାୟ ଶ୍ଳୋକଗୁଡ଼ିକ ଗଗନ-ପବନରେ ତାଳ ଦେଇ ପ୍ରସରି ପ୍ରତ୍ୟେକ ଶ୍ରୋତାର କର୍ଣ୍ଣକୁହରରେ ଆତ୍ମାର ଅବିନଶ୍ୱରତା ତଥା ଆଧ୍ୟାତ୍ମିକତାର ମହିମା ଗାନ କରିଗଲେ । ଋଷି-ଆଶ୍ରମସୁଲଭ ସାନ୍ଧ୍ୟ ବାତାବରଣ ସୃଷ୍ଟି ହେଲା କ୍ଷଣିକ ମଧ୍ୟରେ । ସେ ଦିନର ପବିତ୍ର ସନ୍ଧ୍ୟାର ପାବନୀ ସ୍ପର୍ଶ ଓ ଅନୁଭବ ଜୀବନରେ କମ୍ ମିଳିଛି । ପ୍ରାର୍ଥନା ପରେ ଗାନ୍ଧୀଜି ସ୍ପୃଶ୍ୟ ଅସ୍ପୃଶ୍ୟ ଭେଦ ବିଷୟରେ ପାଞ୍ଚ ଦଶମିନିଟ୍ କହିଲେ । ବକ୍ତୃତାର



Digitized by srujanika@gmail.com

ବିଷୟବସ୍ତୁ ଅପେକ୍ଷା ତାଙ୍କର କହିବାର ବାଗ ଓ ଭଙ୍ଗୀ ବେଶୀ ମନ୍ତ୍ରମୁଗ୍ଧ କରେ ଶ୍ରୋତାଙ୍କୁ । ବକ୍ତୃତା ପରେ ପରେ କର୍ମୀମାନେ ଲୁଗା ଧରି ସଭାଭିତରେ ଦାନ ସଂଗ୍ରହ କଲେ । ଏତେ ଅଳ୍ପ ସମୟରେ ଟଙ୍କା ପଇସାର ଏତେ ଅଭାବ କାଳରେ ଏତେ ଟଙ୍କା ପଇସା ସଂଗ୍ରହ ହେବାର ଦେଖିଲେ ଯେ କେହି ଆଶ୍ଚର୍ଯ୍ୟାନ୍ୱିତ ହେବ । ଗାନ୍ଧୀଙ୍କୁ ଅଦେୟ ବୋଲି କିଛି ନ ଥିଲା ସେକାଳର ଲୋକଙ୍କର ।

ଶେଷରେ ଗାନ୍ଧୀଜି କହିଲେ, ''ପଣ୍ଡିତ ଲାଲନାଥ ଆଜିର ଏ ସଭାରେ ବକ୍ତୃତା ଦେବା ପାଇଁ ମୋର ଅନୁମତି ଚାହିଁଥିଲେ । ମୁଁ ତାଙ୍କୁ ଅନୁମତି ଦେଇଛି । ଆପଣମାନେ ମୋ କଥାକୁ ଯେପରି ଧୀର ସ୍ଥିର ହୋଇ ଶୁଣିଲେ ତାଙ୍କ କଥା ବି ସିମିତି ଶାନ୍ତଶିଷ୍ଟ ହୋଇ ଶୁଣିବେ ବୋଲି ଆଶା କରୁଛି । ସେ ପ୍ରାୟ ଆସିଯିବେଣି ।''

ସତକୁ ସତ ଦେଖିଲୁ ଖଣ୍ଡେ ଦୂରରେ ଲଣ୍ଡିତ ମସ୍ତକ ସନାତନୀ ପଣ୍ଡିତ ଲାଲନାଥ ଓ ତାଙ୍କ ଦଳବଳ । ସଂକୀର୍ତ୍ତନ ଚାଲିଛି । କେତେଗୁଡ଼ିଏ ଲୋକ ଜଳାପତାକା, ଚୂନକଳାରେ ଚିତ୍ରବିଚିତ୍ର ହାଣ୍ଡି, ମୁଣ୍ଡି ଛାଞ୍ଚୁଣିଗୁଡ଼ାଏ ବାଡ଼ିରେ ଲଗାଇ ସଂକୀର୍ତ୍ତନର ତାଳେ ତାଳେ ନାଚି ନାଚି ଆସୁଛନ୍ତି । କି ବିଚିତ୍ର ଧର୍ମ, କି ବିକଟ ନିନାଦ, କି ଅଦ୍ଭୁତ ଉନ୍ମାଦନା !

ପଣ୍ଡିତଜୀ ଦଳବଳ ସହିତ ସଭାସ୍ଥଳରେ ପହୁଂଚିଛନ୍ତି କି ନାହିଁ ଲୋକେ ଉତ୍ତ୍ୟକ୍ତ ହୋଇ ସେମାନଙ୍କ ଆଡ଼କୁ ଭିଡ଼ିଗଲେ ଓ ଆଖିପଲକ ପଡ଼ୁଁ ନ ପଡ଼ୁଣୁଁ ହାଣ୍ଡିକୁଣ୍ଡି ସବୁ ଭାଂଗି ଧୂଳିବାଲି ଫୋପାଡ଼ି ସେମାନଙ୍କୁ ଛିନ୍ନଛତ୍ର କରିଦେଲେ । ପଣ୍ଡିତ ଲାଲନାଥ ମଧ୍ୟ କୁଆଡ଼େ ଗଲେ ଦିଶିଲେ ନାହିଁ ।

ଗାନ୍ଧିଜୀ ବ୍ୟସ୍ତ ହୋଇ ପଡ଼ିଲେ, କର୍ମୀମାନଙ୍କୁ କହିଲେ ସମମ୍ମାନ ପଣ୍ଡିତଜୀଙ୍କୁ ସଭାସ୍ଥଳକୁ ଆଣିବା ପାଇଁ । ଏପରିକି ନିଜେ ଖଣ୍ଡେଦୂର ଯାଇ ତାଙ୍କୁ ପାଛୋଟି ଆଣିଲେ ଓ ଆସନରେ ବସାଇ ବାଲିଧୂଳି ଆଖିମୁହଁରୁ ଝାଡ଼ିଝୁଡ଼ି ଦେଇ ତାଙ୍କୁ ସାଷ୍ଟାମ କଲେ । ତା'ପରେ କହିଲେ, ''ଆପଣମାନଙ୍କୁ ପୂର୍ବରୁ ଅନୁରୋଧ କରିଥିବା ସତ୍ତ୍ୱେ ଅତିଥିଙ୍କୁ ଅପମାନ ଦେଇ ଆପଣମାନେ ଘୋର ଅପରାଧ କରିଛନ୍ତି । ସେଥିପାଇଁ ମୁଁ ଆପଣମାନଙ୍କ ତରଫରୁ ଭଗବାନଙ୍କଠାରେ କ୍ଷମା ପ୍ରାର୍ଥନା କରୁଛି ।'' ମନେ ପଡ଼ିଲା ବାଇବେଲ୍‌ର ''ପରମ ପିତା ! ଏମାନଙ୍କୁ କ୍ଷମା ଦିଅ । ବିଚାରାଏଁ ଜାଣନ୍ତି ନାହିଁ କ'ଣ କରୁଛନ୍ତି ।''

ତା'ପରେ ପଣ୍ଡିତ ଲାଲାନାଥ ହାତ ଟେକି ତାର ସ୍ୱରରେ ସନାତନ ହିନ୍ଦୁଧର୍ମର ମହିମା ଗାନ କଲେ । ବ୍ରୁଟାସ୍, ଏଣ୍ଟୋନିଓଙ୍କୁ ବକ୍ତୃତା କରିବାକୁ ଦେଇ ଯେଉଁ ଭୁଲ କରିଥିଲେ ଆମେ



Digitized by srujanika@gmail.com

ଭାବିଥିଲୁଁ ଗାନ୍ଧୀଜି ସେଇ କଥା କରୁଛନ୍ତି; କିନ୍ତୁ ଲାଲନାଥଙ୍କ ବକ୍ତୃତା ବା ଯୁକ୍ତି କାହାରି ମନଃପୂତ ହେଲା ନାହିଁ ବରଂ ଉଗ୍ର ଓଜସ୍ୱିନୀ ବକ୍ତୃତା ଶ୍ରୋତାଙ୍କ ମନରେ ବିରକ୍ତି ଆଣିଲା ।

ମାଛି ଅନ୍ଧାରବେଳକୁ ସଭା ସରିଲା । ଆଶ୍ଚର୍ଯ୍ୟ ହୋଇ ଦେଖିଲୁଁ ଗାନ୍ଧୀ ଓ ଲାଲନାଥ କାନ୍ଧକୁ କାନ୍ଧ ମିଳାଇ ନଈବାଲିରେ ଚାଲିଛନ୍ତି କଟକ ଆଡ଼କୁ । ଶତ୍ରୁକୁ ଭଲ ପାଇବା, ବିରୁଦ୍ଧ ମତକୁ ସମ୍ମାନ ଦେବା, ଅନ୍ୟକୃତ ପାପ ପାଇଁ ପ୍ରାୟଶ୍ଚିତ୍ତ କରିବା ଗୁଣର ବାସ୍ତବ ପ୍ରୟୋଗ ଆମେ ଆଖି ଆଗରେ ଦେଖିଲୁଁ ।

* * *

ଚଉଦ ବର୍ଷ ପରେ ପୁଣି । ଦେଶ ବିଖଣ୍ଡିତ ହୋଇ ସ୍ୱାଧୀନତା ପାଇଛି । କାର୍ଯ୍ୟାନ୍ତରରେ ଦିଲ୍ଲୀ ଯାଇଥାଏଁ । ପୂଣ୍ୟ ସ୍ମୃତିପୀଠ ରାଜଘାଟରେ ଜାତିର ପିତାଙ୍କ ଉଦ୍ଦେଶ୍ୟରେ ଭକ୍ତି ନିବେଦନ କରିବା ପୂର୍ବରୁ ଯେଉଁ ପୂଣ୍ୟବେଦୀ ଉପରେ ଭାରତର ଜୀବନ-ଦୀପ ନିର୍ବାପିତ ହୋଇଥିଲା ଓ ମହାଜାତିର ହୃଦସ୍ପନ୍ଦନ ସ୍ତବ୍ଧ ହୋଇଥିଲା ସେଠାକୁ ପ୍ରଥମେ ଯିବାର ସମୀଚୀନ ମନେ କଲି ।

ବିରଳାଭବନର ଅଦୂରରେ ପ୍ରାଙ୍ଗଣମଧ୍ୟେ ଶ୍ୟାମଳ ତୃଣାଚ୍ଛାଦିତ ପ୍ରାର୍ଥନା ମଣ୍ଡପଟି । କେତେଦିନ ଧରି ସେଇ ବେଦୀରୁ "ଈଶ୍ୱର ଆଲ୍ଲା ତେରେ ନାମ" ସଙ୍ଗେ ସଙ୍ଗେ "ନ ହନ୍ୟତେ ହନ୍ୟମାନେ ଶରୀରେ" ଧ୍ୱନି କେତେଥର ଉଚ୍ଚାରିତ ହୋଇ ନ ଥିବ ।

୧୯୧୫ ବର୍ଷର ପୂର୍ବେ ଦିନେ ଯେଉଁ ଶୁକ୍ରବାର କାଳସନ୍ଧ୍ୟା ପୃଥିବୀପୃଷ୍ଠକୁ ନଇଁ ଆସିଥିଲା ୧୯୪୮ ଜାନୁଆରୀ ତିରିଶ ସେମିତି କାଳିମାମୟ ଶୁକ୍ରବାର ସନ୍ଧ୍ୟା ଦିଲ୍ଲୀର ଆକାଶରୁ ଆସି ସମଗ୍ର ଭାରତ ତଥା ପୃଥିବୀବକ୍ଷରେ ପ୍ରସରିଗଲା । ପ୍ରତ୍ୟକ୍ଷଦର୍ଶୀ ଜନୈକ ପଥପ୍ରଦର୍ଶକ ସେ ସନ୍ଧ୍ୟାର ବିଶଦ ବିବରଣୀ ଦେଇଯାଉଥାନ୍ତି; ମୁଁ ମାନସପଟରେ ହୃଦୟବିଦାରକ ଶୋକାବହ ଦୃଶ୍ୟାବଳୀ ଦେଖୁଥାଏଁ ।

କାଠଯୋଡ଼ି ନଈବାଲିର କ୍ଷୁଦ୍ର ପ୍ରାର୍ଥନା ସଭାପରି ସେଦିନ ସନ୍ଧ୍ୟାରେ ସେଠାରେ ଚାରି ପାଞ୍ଚଶ ଲୋକ ଗାନ୍ଧୀଜିଙ୍କୁ ଅପେକ୍ଷା କରି ବସିଛନ୍ତି । ଠଙ୍ ଠଙ୍ କରି ବିରଳାଭବନ ଘଣ୍ଟାରେ ପାଞ୍ଚ ବାଜିଲା । ସେମାନେ ଭାବୁଛନ୍ତି କାହିଁକି ପାଞ୍ଚ ଦଶମିନିଟ ଡେରି ହେଲା, କେବେ ତ ଡେରି ହୁଏନା । ସେମାନେ ଅବା କିମିତି ଜାଣନ୍ତେ ଗାନ୍ଧୀଜି ସର୍ଦ୍ଦାର ପଟେଲଙ୍କ ସହିତ ଗୁରୁତର ବିଷୟ ମନ୍ତ୍ରଣା କରୁଛନ୍ତି ବୋଲି । ଅବଶେଷରେ ଗାନ୍ଧିଜୀ ଆଭା ମନୁଙ୍କୁ



Digitized by srujanika@gmail.com

ଯଷ୍ଟି କରି ଘର ଭିତରୁ ବାହାରି ଖଣ୍ଡେ ଦୂର ଆସନ୍ତେ ଜଣେ ଅନୁଚର ଆସି କହିଲା କାଠିଆବାଡ଼ରୁ ଦି'ଜଣ ଲୋକ ତାଙ୍କୁ ଭେଟିବାକୁ ଚାହାନ୍ତି । ଗାନ୍ଧୀଜି କହିଲେ, 'ପ୍ରାର୍ଥନାସଭା ପରେ ସେମାନଙ୍କୁ ଭେଟିବାକୁ କହ, ଯଦି ସେତେବେଳେ ବଞ୍ଚିଥାଏ ତେବେ ଦେଖା ହବ ।' ତା' ପରେ ଆସୁଁ ଆସୁଁ ଥଟ୍ଟାକରି ନାତୁଣୀ ଆଭାକୁ ହସି ହସି କହିଲେ, 'ତୁ ଓପରବେଳା ମୋତେ ମୂଳାଗୁଡ଼ାଏ ଖାଇବାକୁ ଦେଲୁ ? ସେଗୁଡ଼ିକ ଗୋରୁଖାଦ୍ୟ । ଯେଉଁ ଚିଜକୁ କେହି ପଚାରନ୍ତି ନାହିଁ ମୁଁ ସେ ସବୁ ଆଦର କରେଁ, ନୁହେଁ ?' ମଣ୍ଡପପାଖେ ପହୁଞ୍ଚିଲାବେଳକୁ ରଙ୍ଗରସ ବନ୍ଦ ହୋଇଗଲା । ମୁହଁରେ ଦିବ୍ୟ ଭାବ ଖେଳାଇ ପାହାଚଦେଇ ବେଦୀଉପରକୁ ମହାପୁରୁଷ ଉଠିଲେ । ବସିବା ସ୍ଥାନକୁ ଯିବା ପାଇଁ ଲୋକେ ରାସ୍ତା କରିଦେଲେ ବିନମ୍ର ନମସ୍କାର ଜଣାଇ । ବାରବ୍ରତ ଉପାସରେ ସଞ୍ଜାତ ଓ ପବିତ୍ରୀକୃତ ଶରୀର ଦେଖି ସମସ୍ତେ ଭଗବାନଙ୍କୁ ଧନ୍ୟବାଦ ଜଣାଇଲେ । ପ୍ରତିନମସ୍କାର ଜଣାଇବା ପାଇଁ ଗାନ୍ଧୀଜି ଆଭା ଓ ମନୁଙ୍କ କାନ୍ଧରୁ ହାତଉଠାଇ ଆଣି କରପତ୍ର ଯୋଡ଼ିବାକୁ ଯାଉଛନ୍ତି ସେତିକିବେଳେ ଦକ୍ଷିଣପଟୁ ଭିଡ଼ିଆସି ମନୁର ହାତ ଛିଞ୍ଚାଡ଼ିଦେଇ ସଇତାନର ଦୂତ-ଲାଲନାଥ, ଜାରା, ନାଥୁରାମ ଅବା ଇସ୍କେରିଅଟ୍ -ତାଙ୍କ ଆଗରେ ଦୁଇହାତ ମୁଠାକରି ନଇଁ ପଡ଼ିଲା । ମୁହୂର୍ତ୍ତକ ମଧ୍ୟରେ ପ୍ରତିଧ୍ୱନି ଶୁଭିଲା ସେଇ ପାଖ ଘର କାନ୍ଥରେ ତିନୋଟି ଗୁଳିର ଯେଉଁଠି ମାତ୍ର କେତେଦିନ ତଳେ ବୋମା ପଡ଼ିଥିଲା ।

ପାଖରେ ଥିବା ଲୋକେ ସେଦିନ ଗାନ୍ଧିଜୀଙ୍କ ମୁହଁରୁ ତାଙ୍କରି ସବୁ ପ୍ରାର୍ଥନାର ମୂଳମନ୍ତ୍ର ଦିଓଟି କ୍ଷୀଣ ଅସ୍ପଷ୍ଟ ଶବ୍ଦ 'ହେ ରାମ !' ଅଥବା 'ରାମ, ରାମ !' ହୁଏତ ଶୁଣିଲେ ।

ଯେଉଁମାନେ ପରେ ଆସିଲେ ସେମାନେ ଦର୍ଶନ ନ ପାଇ ଯେଉଁଠି ହିଂସାରାକ୍ଷସ ଆଗରେ ମହାମାନବ ନିଜକୁ ବଳୀଦେଇ ଅହିଂସାର ବୈଜୟନ୍ତୀ ଉଡ଼ାଇଥିଲେ ସେଠାରୁ ଧୂଳିମାଟି ନେଇ ମୁଣ୍ଡରେ ଛୁଇଁଥିବେ ଓ ଗୌରବାନ୍ୱିତ ଦାୟାଦ ବୋଲି ମଣି ଘରକୁ ଫେରିଥିବେ ।

ଯେଉଁ ପୁଣ୍ୟାତ୍ମାଙ୍କ କରର ସ୍ପର୍ଶ କେତେବର୍ଷ ପୂର୍ବେ ଅନିର୍ବଚନୀୟ ସ୍ୱର୍ଗୀୟ ଆନନ୍ଦ ମୋ ପ୍ରାଣରେ ସଞ୍ଚାରିତ କରିଥିଲା ତାଙ୍କରି ରକ୍ତପୂତ ବେଦୀରୁ କଣାଏ ଧୂଳି ମୁଣ୍ଡରେ ଲଗାଇ ପୁଣି ସେହି ପୁଣ୍ୟ ସ୍ପର୍ଶର ପୁଲକ ଅନୁଭବ କରି ରାଜଘାଟ ଅଭିମୁଖେ ଯାତ୍ରା କଲି ।

●



Digitized by srujanika@gmail.com

# କ୍ଲାସିକାଲ କମେଡ଼ି

ଦିନ ଥିଲା, ଯେତେବେଳେ କେହି ତାଙ୍କୁ 'ଡକ୍ଟର ପାଳ' ବୋଲି ସମ୍ବୋଧନ କଲେ ସେ ସଙ୍ଗେ ସଙ୍ଗେ ବୁଲିପଡ଼ି ମୁହଁଟାକୁ ବିଚିକିଚିଆ (ଦୁର୍ଭାଗ୍ୟକୁ ତାଙ୍କ ମୁହଁଟା ଇମିତି ଭଲ ନଥିଲା, ଦୂରରୁ ପୋଡ଼ପିଠା ପରି ଦିଶୁଥିଲା) କରି ବଡ଼ ପାଟିରେ କହୁଥିଲେ, ''କଣ ଆପଣ ଏମିତି ମୋତେ 'ପାଳ' 'ପାଳ' ବୋଲି ଡାକୁଛନ୍ତି ? ଓଡ଼ିଆରୁ କ'ଣ ହଳନ୍ତ ଉଠିଗଲା ? ଅକ୍ସଫୋର୍ଡରେ ମୋତେ ଡକ୍ଟର ଜନ୍‌ସନ୍ 'ପଲ୍' 'ପଲ୍' ବୋଲି ଡାକୁଥିଲେ; କେମ୍ବ୍ରିଜ୍‌ରେ ଡକ୍ଟର ରିଚାର୍ଡ଼ସ ହାସ୍ୟଛଳରେ 'ପୋଲ୍' 'ପୋଲ୍' ବୋଲି ଡାକୁଥିଲେ । କିଛି ନହେଲେ ଆପଣ ମୋତେ 'ପାଲ୍' 'ପାଲ୍' ବା 'ପାଲ୍' 'ପାଲ୍' ଡାକନ୍ତୁ । ସେଇହିଁ ମୋର ଠିକ୍ ନାଆଁ ।

ସେତେବେଳେ ସେ ଥିଲେ ଉଚ୍ଚାରଣ ସର୍ବସ୍ୱ । ଜୀବନ ସେ ସମର୍ପଣ କରି ଦେଇଥିଲେ ଇଂରାଜୀ ଶବ୍ଦର ନିର୍ଭୁଲ ଉଚ୍ଚାରଣ ପାଇଁ । ସବୁବେଳେ ସେ ବି.ବି.ସି. ଷ୍ଟେସନ ଶୁଣନ୍ତି ଏବଂ ଘରେ ଗୁଡ଼ାଏ ଇଂରାଜୀ ରେକର୍ଡ଼ ମଧ୍ୟ ରଖିଛନ୍ତି ନିର୍ଭୁଲ ଉଚ୍ଚାରଣ ଶିଖିବା ପାଇଁ । କେହି 'ବାସ୍'କୁ 'ବସ୍' ବା 'ଆପ୍'କୁ 'ଅପ୍' କହିଲେ ତାଙ୍କ ମୁହଁ ଗୋଟିକଯାକ ଲାଲି ପଡ଼ି ଯାଉଥିଲା । ଷ୍ଟାଫ୍ କମନରୁମ୍‌ରେ ବସିଲାମାତ୍ରେ ସେ ଆରମ୍ଭ କରନ୍ତି, ''ହ୍ୟାଲୋ ପ୍ରଫେସର ଡାସ୍ ! କୁହନ୍ତୁ ତ କେଉଁଟା ଠିକ୍ - ''ଆର୍ଚ୍ଚବିଶପ ନା ଆର୍କବିଶପ ? ଟମାସ ନା ଥୋମାସ୍ ?'' ଏମିତି ଯୁକ୍ତିତର୍କ, ବାଦାନୁବାଦ ଆରମ୍ଭ ହେଲେ କେହି କେହି ଅଧ୍ୟାପକ ତୁରନ୍ତ ଉଠିଯାନ୍ତି, ଆଉ କେହି ତାଙ୍କ ଉଚ୍ଚାରଣ ଅନୁକରଣ କରି ପରେ ଛିଗୁଲାଇ ହେବେ ବୋଲି ଧୈର୍ଯ୍ୟ ଧରି ବସନ୍ତି । ସାମାନ୍ୟ ଉତ୍ସାହ ପାଇଲା ମାତ୍ରେ ଡକ୍ଟର ପାଳ ଛିଡ଼ା ହୋଇ ହାଇସ୍କୁଲରେ ସେ ପଢୁଥିଲା ବେଳେ ଜନୈକ ବଙ୍ଗାଳୀ ମାଷ୍ଟର କିମିତି 'ଜେକଲସ୍' ପାଠଟି ନାଚି ନାଚି ଶବ୍ଦର ଉଚ୍ଚାରଣ ସହିତ ତାଳ ଦେଇ ଅଭିନୟ ସହିତ ପଢ଼ାଉଥିଲେ ତାହା ଦେଖାଇ ଦିଅନ୍ତି । 'ଜେକଥଲସ୍' ନୁହେଁ 'ଜେକ୍ଲସ', 'ନେରୋ' ନୁହେଁ 'ନେର୍‌ରୋ', 'ଟେଳସ୍' ନୁହେଁ 'ଟେଏଲେସ୍', 'ଇଣ୍ଡିଆ' ନୁହେଁ 'ଇଣ୍ଡ୍ୟା' । 'ଲାର୍‌ଜ' ଉଚ୍ଚାରଣ ବେଳେ ମୁହଁ ପୂରା ଆଁ ହବ, 'ବୁଶି' ଉଚ୍ଚାରଣ ବେଳେ 'ଶ' ଉଚ୍ଚାରଣ ହେବ ଏବଂ ଓଠକୁ ଓଠ ମିଶିବ ନାହିଁ ଇତ୍ୟାଦି ଏବଂ ଶେଷରେ 'ଟେଏଲ୍‌ସ' ପରି କେତେଗୁଡ଼ିଏ ସମୋଚ୍ଚାରିତ ଶବ୍ଦ ଯଥା - 'ହେଏଲ୍‌ସ', 'ମେଏଲ୍‌ସ' 'ରେଏଲ୍‌ସ' ସେ କୁଆଡ଼େ ଗାଇ ଯାଉଥିଲେ ।



Digitized by srujanika@gmail.com

ଡକ୍ଟର ପାଳଙ୍କ ସେଦିନ ନାହିଁ । ସେ ପନ୍ଦର ବର୍ଷ ତଳ କଥା । ଯେତେବେଳେ ସେ ଇଣ୍ଡିଆରେ ରହି ମଧ୍ୟ ଇଂଲଣ୍ଡର ପରିସର ଓ ଆବହାଓ୍ବାରେ ରହୁଥିଲେ । ବିଲାତ ଜୀବନ ପୁନଶ୍ଚ ଏଠି ବଞ୍ଚୁଥିଲେ । ଇଂଲଣ୍ଡର ପାଣି ପବନ, ଟେମ୍ସ୍, ଟାଇନ ନଦୀର ବାୟୁମଣ୍ଡଳ, ଲଣ୍ଡନ ସହରର ଆଚାର ବ୍ୟବହାର ରୀତିନୀତି ବିଶେଷ କରି ସାହେବଙ୍କ ଦାମ୍ପତ୍ୟ ଓ ଗାର୍ହସ୍ଥ୍ୟ ଜୀବନ ତାଙ୍କୁ ମନ୍ତ୍ର ମୁଗ୍ଧ କରିଦେଇଥିଲା । ''ପାଶ୍ଚାତ୍ୟ ପଥିକ'' ଓ ''ମୋ ଲଣ୍ଡନ ଜୀବନ'' ନାମକ ଦୁଇଟି ଭ୍ରମଣ କାହାଣୀ ଲେଖି ମଧ୍ୟ ତାଙ୍କ ମନ ମାନି ନ ଥିଲା । ସେ ବସିଲେ, ଖାଇଲେ, ଠିଆ ହେଲେ ଇଂରାଜୀ ଆଦବକାଏଦା ମାନି ଚଳନ୍ତି ଏବଂ ବିଦେଶର କଥା କବିତା କାହାଣୀ ବନ୍ଧୁ (?)ଙ୍କ ଆଗରେ କହି ସୁଖ ପାଆନ୍ତି । ସେକ୍ସପିଅରଙ୍କ କମେଡ଼ି କିମିତି କ୍ଲାସିକାଲ କମେଡ଼ିଠାରୁ ଅଲଗା, ବେନ ଜନ୍‌ସନ୍ କିମିତି କମେଡ଼ି ଲେଖକ ଆକାରରେ ସେକ୍ସପିଅରଙ୍କଠୁଁ ବଡ଼, ତାହା ସେ ଅନର୍ସ ଓ ଏମ୍.ଏ. କ୍ଲାସମାନଙ୍କରେ ବଢ଼ିଆ ପଢ଼ାନ୍ତି, ବୁଝାନ୍ତି କୁଆଡ଼େ ।

କମେଡ଼ି ଚାଲୁ ଚାଲୁ ଜୀବନରେ ଅକସ୍ମାତ୍ ଟ୍ରେଜେଡ଼ି ବି ଆସି ପାରେ । ଡକ୍ଟର ପାଳଙ୍କ ସେଇଆ ହେଲା । ସ୍ୱାମୀଙ୍କର ଭାରତୀୟ ନାରୀ ପ୍ରତି ବିମୁଖତା ଯୋଗୁଁ ହେଉ ବା ତାଙ୍କର ମୁହଁର ପାଇୟୋରିଆ ଦୁର୍ଗନ୍ଧ ଯୋଗୁଁ ବା ନିଜର ହୀନସ୍ୱାସ୍ଥ୍ୟ ଯୋଗୁଁ (ଡକ୍ଟର ପାଳଙ୍କ ଓଜନ ପଞ୍ଚାଶୀ କିଲୋ ସ୍ଥଳେ ତାଙ୍କ ସ୍ତ୍ରୀଙ୍କ ଓଜନ ଥିଲା ପ୍ରାୟ ପଇଁଚାଳିଶ କିଲୋ) ଶ୍ରୀମତୀ ପାଳ ତିନୋଟି ପୁତ୍ର ଓ ଗୋଟିଏ କନ୍ୟା ସନ୍ତାନ ଛାଡ଼ି ଦିନେ ଚାଲିଗଲେ । ତାଙ୍କର ଖୋଜଖବର ନେବା ବି ଦରକାର ପଡ଼ିଲା ନାହିଁ ।

ଡକ୍ଟର ପାଳଙ୍କ ଚରିତ୍ରର କରୁଣ ବିଭାବ ଯାହା ଏତେଦିନ ଲୁକ୍‌କାୟିତ ଥିଲା ତାହା ଫୁଟି ପଡ଼ିଲା । ହଠାତ୍ ତାଙ୍କର ଇଂରେଜ ଓ ଇଂରାଜୀ ସାହିତ୍ୟ ପ୍ରୀତି ଊଣା ପଡ଼ିଗଲା । ପ୍ରିୟା ବିରହ ତାଙ୍କୁ ମୁହ୍ୟମାନ ଓ ବିହ୍ୱଳିତ କରିଦେଲା । ସେ ଖାଲି ଖୋଜି ବସିଲେ କେଉଁଠି ବିରହ ରସ ଅଛି ଯେଉଁଥିରେ ସେ ବୁଡ଼ି ରହିବେ । ଇଂରାଜୀ ସାହିତ୍ୟର ଏପରିକି ସେକ୍ସପିଅରଙ୍କ ବିରହ ରସ ପଢ଼ି ତାଙ୍କର ମନଃପୂତ ହେଲା ନାହିଁ । ତାର କାରଣ ଇଂରେଜମାନେ ଏକପତ୍ନୀ ବ୍ରତ ପାଳନ କରନ୍ତି ନାହିଁ । ସ୍ତ୍ରୀ ମରିବା ସାଙ୍ଗେ ସାଙ୍ଗେ ସେମାନେ ଆଉ ଗୋଟାଏ ଆଣନ୍ତି । ତାଙ୍କର ଛାଡ଼ପତ୍ର ବ୍ୟବସ୍ଥା ଅଛି । ରାଜା ଶିମ୍ବେଲାଇନ ନିଜ ସ୍ତ୍ରୀ ହରାଇ ଯାହାକୁ ବାହା ହୋଇ ରାଣୀ କଲେ ତାଙ୍କର ପ୍ରଥମ ସ୍ୱାମୀ ତରଫରୁ ପୁଅ ଥିଲା । ହେମ୍‌ଲେଟଙ୍କ ମାଆ ନିଜ ସ୍ୱାମୀଙ୍କି ହତ୍ୟା କରାଇ ନିଜ ଦିଅରକୁ ବାହାହେଲେ । ଆଧୁନିକ ଯୁଗରେ ପାଶ୍ଚାତ୍ୟ ଦେଶରେ ରାଷ୍ଟ୍ରପତିଙ୍କ ପତ୍ନୀ ବିଧବା ହୋଇ ପୁତ୍ରସନ୍ତାନଙ୍କୁ ପରିତ୍ୟାଗ



Digitized by srujanika@gmail.com

କରି କୋଟିପତିଙ୍କୁ ବିଭା ହେଉଛନ୍ତି । ପ୍ରେମ କାହିଁ ଯେ ବିରହ ଆସିବ ? ବିରହ କାହିଁ ଯେ ସାହିତ୍ୟରେ ତାର ପ୍ରତିଛବି ପଡ଼ିବ ?

ଦୈବାତ୍ ଡକ୍ଟର ପାଳ ସାହିତ୍ୟ ସମ୍ରାଟ ଉପେନ୍ଦ୍ରଭଞ୍ଜଙ୍କ ପ୍ରତି ଆକୃଷ୍ଟ ହେଲେ । ଆମର ଏ ମହାକବିଟି ଏକପତ୍ନୀ ବ୍ରତ ପାଳନ କରିଥିଲେ ଏବଂ ପ୍ରଚାର ମଧ୍ୟ କରିଥିଲେ । ତେଣୁ ଡକ୍ଟର ପାଳ ପଢ଼ିଲେ ବୈଦେହୀଶ ବିଳାସ, ବିଶେଷ କରି ରାମଙ୍କ ବିରହ ସୀତାଙ୍କୁ ରାବଣ ଅପହରଣ କରି ନେଇଗଲା ପରେ । ପୁଣି ପଢ଼ିଲେ ସଂସ୍କୃତ ସାହିତ୍ୟରୁ ଦୁଷ୍ମନ୍ତଙ୍କ ବିରହ । ଉଦୟନଙ୍କ ବିରହ ଏବଂ ରତିବିଳାପ ଆଦି ଏବଂ ରାଶି ରାଶି ଶ୍ଳୋକ ମୁଖସ୍ଥ କରି କ୍ଲାସ୍‌ରେ ଓ ଷ୍ଟାଫ କମନ୍ ରୁମ୍‌ରେ ସୁର ଧରି ଅଶ୍ରୁଳ ନୟନରେ ଗାଇବାକୁ ଓ ବୁଝାଇବାକୁ ଲାଗିଲେ । ଦୟା, ଅନୁକମ୍ପା, ସହାନୁଭୂତି ବିରହୀ ମନ ଚାରିଆଡ଼େ ଖୋଜିବୁଲେ । ଗଛବୁରୁଛ, ଚଢ଼େଇଚଟା, ପାଣିପବନ ସର୍ବତ୍ର । ଉଭୟ ଚେତନ ଅଚେତନରେ । କୁଆଡ଼େ ପାଇଲେ ନାହିଁ । ବିରହୀ ଯକ୍ଷ ଅଚେତନ ମେଘକୁ ସାହା ପାଇଲା ପରି ଡକ୍ଟର ପାଳ ପାଇଲେ କୁଟାକାଠିରୁ ତିଆରି ଖବରକାଗଜରୁ ।

ଷ୍ଟେଟସ୍‌ମ୍ୟାନ କାଗଜଟି କେବଳ ପୁରୁଣା ଜୀବନର ଏକମାତ୍ର ସନ୍ତକ ଓ ସହଚର । ଏ ମୁଣ୍ଡ ସେ ମୁଣ୍ଡ ବିଜ୍ଞାପନ ସହିତ ପ୍ରତିଟି ଅକ୍ଷର ସେ ପଢ଼ନ୍ତି ପ୍ରତିଦିନ । ଏବେ ବିଶେଷ କରି ତାଙ୍କ ମନ ବିଜ୍ଞାପନ ପୃଷ୍ଠାଗୁଡ଼ାକୁ ଯାଉଛି । କାରଣ ରାଜନୈତିକ ଓ ସାମାଜିକ ଖବରଗୁଡ଼ାକୁ ସେ ଘୃଣା କରନ୍ତି; ଦେଶ ଓ ଦଶ ସହିତ ତାଙ୍କର ସମ୍ପର୍କ ପ୍ରାୟ ଥାଉ ନାହିଁ । ପୁଲ୍‌ଆଉଟ୍‌ର ମାଟ୍ରିମୋନିଏଲ ସ୍ତମ୍ଭ ଦେଖିଲେ ସେ ଉଲୁସି ଉଠନ୍ତି ଓ ଆଗ୍ରହର ସହିତ ନିଜ ସାଙ୍ଗମାନଙ୍କ ଓ ପିଲାମାନଙ୍କ ଦୃଷ୍ଟିକୁ ଆଡ଼େଇ ପଢ଼ାନ୍ତି । ସ୍ତ୍ରୀ ଚାଲିଯିବାର ପାଞ୍ଚ ଛଅ ବର୍ଷ ହୋଇଗଲାଣି । କେତେ ଦିନ ଏ ଅଶ୍ୱଜାତୀୟ ପୁରୁଷଟି ଧୈର୍ଯ୍ୟ ଧରି ରହିବେ ?

ଷ୍ଟାଫ କମନରୁମ୍‌ରେ ଏବେ ତାଙ୍କର ଯାବତୀୟ କଥାବାର୍ତ୍ତା ଆଲୋଚନା ଐକକେନ୍ଦ୍ରିକ, ଅଶ୍ଳୀଳ । କେଉଁଠି କିଏ କେତୁଟା ବାହା ହୋଇଛି, କେଉଁଠି କେଉଁ ଖ୍ୟାତନାମା ରାଜନୈତିକ ନେତା ପଚାଶ ବର୍ଷରେ ପ୍ରଥମ ବିବାହ କରି ପ୍ରଧାନମନ୍ତ୍ରୀଙ୍କ ପାଖରୁ ଆଶୀର୍ବାଦ ଆଣିଲେ, ଏ ପ୍ରକାର ସମ୍ବାଦ ପରିବେଷଣରେ ଡକ୍ଟର ପାଳ ଧୁରନ୍ଧର । ତାଙ୍କୁ ଉସୁକାଇବା ପାଇଁ ହରିବାବୁ ଓ ତ୍ରିଲୋଚନବାବୁ କହନ୍ତି, ''ଛୁଆପିଲା ଢେର ଦିନ ଏକୁଟିଆ ସମ୍ଭାଳିଲେଣି, ଏଥର ଯାହାହେଉ ଗୋଟାଏ ବ୍ୟବସ୍ଥା କରନ୍ତୁ । ନ ହେଲେ ଆପଣଙ୍କ ସ୍ୱାସ୍ଥ୍ୟ ଖରାପ ହୋଇଯିବ, ମୁଣ୍ଡ ବିଗିଡ଼ି ଯିବ, ବୁଢ଼ାବେଳକୁ ନିହାତି ଅସହାୟ ହୋଇଯିବେ, ହଇରାଣ



Digitized by srujanika@gmail.com

ହେବେ, ଅନୁତାପ ବି କରିବେ ।'' ଏ ଦୁଇଜଣଙ୍କ ପ୍ରତ୍ୟେକଟି କଥାକୁ ସେ ବିଶ୍ୱାସ କରନ୍ତି, ସମ୍ମାନ ଦିଅନ୍ତି; ଥଟ୍ଟାତାମସା ବ୍ୟଙ୍ଗବିଦ୍ରୂପର ଛିଟା ଆଦୌ ଲକ୍ଷ୍ୟ କରି ପାରନ୍ତି ନାହିଁ ।

ଏ ଦୁହିଁଙ୍କ ପ୍ରରୋଚନାରେ ହେଉ ବା ନିଜ ମନକୁ ହେଉ ଡକ୍ଟର ପାଳ ଷ୍ଟେସନରେ, ବସ୍‌ଷ୍ଟାଣ୍ଡରେ, ବଜାରରେ ଏଣେତେଣେ ଆଖି ପକାଇବାକୁ ଆରମ୍ଭ କଲେଣି । ତାଙ୍କ ମନ କ୍ରମେ ଦ୍ୱିତୀୟ ପତ୍ନୀ ଆଡ଼କୁ ଢଳିବାର ଲକ୍ଷଣ ଆଉ କେହି ହେଉ ନ ହେଉ ହରି-ତ୍ରିଲୋଚନ ଲକ୍ଷ୍ୟ କଲେଣି ।

ଦିନେ ଡକ୍ଟର ପାଳ ଷ୍ଟାଫ୍ କମନ୍ ରୁମ୍‌ରେ ତାଙ୍କ ପାଇଁ ନିର୍ଦ୍ଧାରିତ ସୋଫା ଚେୟାରରେ ଗୋଡ଼ ଟେକି ଚକାମାରି (ଏମିତି ଭଙ୍ଗିରେ ତାଙ୍କର ବସିବାର ଅଭ୍ୟାସ ଯୋଗୁଁ ଅଙ୍ଗପ୍ରତ୍ୟଙ୍ଗର ଚାପରେ ସୋଫାର କିଛି ଅଂଶ ଏଠି ସେଠି ଫାଟି ଇଉଫୋମ୍ ବାହାରି ପଡ଼ିଲାଣି) ବସିଛନ୍ତି, ହରିବାବୁ ଓ ତ୍ରିଲୋଚନବାବୁ ଷ୍ଟେଟ୍‌ସମେନ୍ ଫୁଲଆଉଟ୍‌ଟାକୁ ଦୁହେଁ ଦୁଇପଟୁ ଧରି ତାଙ୍କ ଆଗରେ ଟୋକି ଧରିଲେ ଓ ଆଙ୍ଗୁଳି ଦେଇ ଦେଖାଇ ଦେଲେ ମେଟ୍ରିମୋନିଏଲ ସ୍ତମ୍ଭର ଗୋଟାଏ ଅଂଶ ଏବଂ ଲକ୍ଷ୍ୟ କଲେ ଡକ୍ଟର ପାଳଙ୍କ ମୁହଁରେ ତହିଁର ପ୍ରତିକ୍ରିୟା ।

ଡକ୍ଟର ପାଳ ଗୁଣୁଗୁଣୁ ହୋଇ ପଢ଼ିଲେ, "Wanted a retired gentleman for a rich and highly educated widow aged around fortyfive without encumbrances. Apply to Post Box etc." ତାଙ୍କର ଆଖିର ତାରା ହଠାତ୍ ଉଜ୍ଜ୍ୱଳ ହୋଇ ଆସିଲା ଓ ବହଳ ଓଠରେ ସାମାନ୍ୟ ସ୍ମିତ ଧୀରେ ଦେଖା ଦେଇ ହଠାତ୍ ଉଭେଇ ଗଲା । ଶୁଣେଇ ଶୁଣେଇ ସେ କହିଲେ, ''ଆଉ କାହିଁକି ? ଏତେ ଦିନ ଚାଲିଗଲାଣି, ଆଉ କେତୁଟା ବର୍ଷ ... ... ତାଛଡ଼ା ଛୁଆପିଲା ବଡ଼ ହୋଇଗଲେଣି ।'' ସେମାନେ ଦୁହେଁ ସମସ୍ୱରରେ ପାଟିକରି କହିଲେ, ''ଡକ୍ଟର ପାଳ, ଏ ସୁଯୋଗ ଛାଡ଼ନ୍ତୁ ନାହିଁ, ଏ ବ୍ୟବସ୍ଥା ଉଭୟ ଆପଣଙ୍କ ଓ ପିଲାମାନଙ୍କ ହିତ ପାଇଁ । ଭାବନ୍ତୁ, ଦେଖନ୍ତୁ; ଏ ଚାନ୍‌ସ ଆଉ ମିଳିବ ନାହିଁ ।

ଡକ୍ଟର ପାଳ ଭାବି ସାରିଥିଲେ ଏପରିକି ନିଷ୍ପତ୍ତି କରି ସାରିଥିଲେ ବହୁତ ଦିନ ହେଲା । ମଉକା ମିଳୁ ନ ଥିଲା, ସିମିତି ଯୋଗ୍ୟ ପାତ୍ରୀ ବି ପାଉ ନ ଥିଲେ । ନିଷ୍ପତ୍ତି କରିଥିଲେ ଯେ ବୟସ୍କା ସ୍ତ୍ରୀଟିଏ ଗ୍ରହଣ କରିବେ । ବିଧବା ବା ପରିତ୍ୟକ୍ତା ହେଲେ ବି ଚଳିବ । ବିଜ୍ଞାପନର 'ଉଇଡ଼ୋ' କଥାଟା ତାଙ୍କ ମନକୁ ଭାରି ପାଇଲା । ପଦବୀ ବା ପଇସା ବଳରେ ଅବିବାହିତା ଯୁଆଁଳି ଝିଅଟିକୁ ଆଣି ମଝିନଈରେ ତାକୁ ବୁଡ଼ାଇ ମାରିବା ବ୍ୟବସ୍ଥା ସେ ପସନ୍ଦ କରୁ ନ



Digitized by srujanika@gmail.com

ଥିଲେ । ତାଛଡ଼ା ବଡ଼ପୁଅର ବୟସ ଓ ଦୁର୍ଗୁଣ ଯୋଗୁଁ ଅଳ୍ପବୟସ୍କା ପତ୍ନୀ ଗ୍ରହଣ କରିବା ଅସମୀଚୀନ ହେବ ବୋଲି ଭାବୁଥିଲେ ।

ବିଜ୍ଞାପନଟି ଘରେ ତିନି ଚାରି ଥର ପଢ଼ିଲେ । ଭାବିଲେ, ପଇଁଚାଳିଶ ହେଲେ ବଡ଼ପୁଅର ପ୍ରାୟ ମା' ପରି ଦିଶିବ । ଧନୀ ଓ ଉଚ୍ଚଶିକ୍ଷିତା କଥାକୁ 'ଅଧିକନ୍ତୁ' ବୋଲି ଧରିନେଲେ । ତାଙ୍କର ନିଜର ଯେତିକି ଧନ ଓ ଶିକ୍ଷା ଅଛି, ସେଥିରେ ସ୍ୱାମୀ ସ୍ତ୍ରୀ ଉଭୟଙ୍କ ସେଇ ଏକ ପାଣିରୁ ଚଳିଯିବ । ବଡ଼କଥା ହେଲା ତାଙ୍କ ନିଜର ଯୋଗ୍ୟତା । ସବୁ ଠିକ୍ ଖାପ୍ ଖାଇଯାଉଛି । ପାତ୍ର 'ରିଟାୟାର୍ଡ଼' ବା ଅବସରପ୍ରାପ୍ତ ହେବା ଦରକାର । ଆଉ ବର୍ଷେ ପରେ ତ ସେ ରିଟାୟାର କରିବେ । କଥାବାର୍ତ୍ତା ଚାଲୁ ଚାଲୁ ଛ'ମାସ ଚାଲିଯିବ । ଦ୍ୱିତୀୟ ଯୋଗ୍ୟତା ହେଲା ପାତ୍ର ଭଦ୍ରଲୋକ ହୋଇଥିବେ । ଭଦ୍ରଲୋକ ! ସେ ଯଦି ଭଦ୍ରଲୋକ ନ ହେବେ ତେବେ ଭାରତରେ ଆଉ କିଏ ଭଦ୍ରଲୋକ ଅଛି ? ଏତେଗୁଡ଼ାଏ ବର୍ଷ ବିଲାତରେ କଟାଇ ସେ ଖାଣ୍ଟି ଇଂରାଜୀ ଧରଣର ଭଦ୍ରଲୋକ ବନି ଯାଇଛନ୍ତି । ତୃତୀୟ କଥା, ପିଲାଝିଲା ବୋଝ ନ ଥିବ । ସେ କଥାଟା ପାତ୍ର ପକ୍ଷରେ ବା ପାତ୍ରୀ ପକ୍ଷରେ ପ୍ରଯୁଜ୍ୟ ଦଣ୍ଡେ ତର୍ଜମା କରି ବୁଝିଲେ ଯେ ହୁଏତ ତାହା ପୁରୁଷ ପକ୍ଷରେ ପ୍ରଯୁଜ୍ୟ ନୁହେଁ ।

ସେଇଦିନ ରାତି ଦରଖାସ୍ତଟାଏ ଡ୍ରାଫ୍ଟ କଲେ । ସେଥିରେ ସେ ଲେଖିଥିଲେ, ତେର ମାସ ପରେ ସେ ରିଟାୟାର କରୁଛନ୍ତି, ତାଙ୍କଠାରେ ଭଦ୍ରଲୋକର ସମସ୍ତ ଗୁଣ ପୂର୍ଣ୍ଣମାତ୍ରାରେ ରହିଛି ଏବଂ ସେ ବିଲାତୀ ଆଦବକାଇଦା ସବୁ ଜାଣନ୍ତି । ସେ ଫ୍ରାନ୍ସ, ଜର୍ମାନୀ ଓ ଇଟାଲି ମଧ୍ୟ ବୁଲିଛନ୍ତି ତାଙ୍କ ବିଲାତ ରହଣି କାଳ ମଧ୍ୟରେ । ବିଲାତୀ ପୋଷାକରେ ଗୃହୀତ ଗୋଟିଏ ଫଟୋ ବି ଦରଖାସ୍ତ ସହିତ ଦେବାକୁ ସେ ନିଷ୍ପତ୍ତି କଲେ ଏବଂ ଚୁପେ ଚୁପେ ଯାଇ ସହରର ସବୁଠାରୁ ଭଲ ଜେମିନି ଷ୍ଟୁଡ଼ିଓରେ ଚୂଳରେ ଲୋମା ଲଗାଇ ଫଟୋଟିଏ ଉଠାଇଲେ । ଦୁଇଟା ସାର୍ଟିଫିକେଟ୍ ଦରକାର । ଗୋଟିଏ ହେଲା ସେ ତେର ମାସ ପରେ ଅବସର ଗ୍ରହଣ କରିବେ ଏବଂ ତାଙ୍କ ତିନି ମାସ ଛୁଟି (ବିବାହ ପାଇଁ ଯଥେଷ୍ଟ !) ପ୍ରାପ୍ୟ ଅଛି । ଅନ୍ୟଟି ହେଲା ଜଣେ ଦୁଇଜଣ ଗେଜେଟେଡ୍ ଅଫିସର ପାଖରୁ ତାଙ୍କର ଭଦ୍ରାମି ସମ୍ବନ୍ଧରେ ସାର୍ଟିଫିକେଟ୍ ।

ଭଦ୍ରାମିର ସାର୍ଟିଫିକେଟ୍ ମିଳିଲା ତାଙ୍କ ବନ୍ଧୁଦ୍ୱୟ ହରି, ତ୍ରିଲୋଚନଙ୍କ ପାଖରୁ । (ଭାଗ୍ୟକୁ ସରକାର ଅଧ୍ୟାପକମାନଙ୍କୁ ଗେଜେଟେଡ୍ ଅଫିସର ବୋଲି ଘୋଷଣା କରିଛନ୍ତି) ସେମାନେ ଲେଖିଲେ, ଭଦ୍ରାମିରେ ଏ ମହାତ୍ମା ସାର୍ ଫିଲିପ୍ ସିଡ଼ନିକୁ ବଳିଯିବେ । ପ୍ରିନ୍ସିପାଲ କିନ୍ତୁ ଟିକିଏ ଗଡ଼ବଡ଼ କଲେ । କହିଲେ, ''ଆପଣ କେଉଁଥିପାଇଁ ସାର୍ଟିଫିକେଟ୍ ଚାହୁଁଛନ୍ତି ତାହା ମୋର ଦରକାର; ବିଜ୍ଞାପନ ନ ଦେଖିଲେ ମୁଁ ଅବସର, ଛୁଟି



Digitized by srujanika@gmail.com

ଆଦି ବିଷୟରେ ସାର୍ଟିଫିକେଟ୍ ଦେଇ ପାରିବି ନାହିଁ ।'' ଅଗତ୍ୟା ପ୍ରିନ୍ସିପାଲଙ୍କୁ ବିଜ୍ଞାପନ ଦେଖାଇବାକୁ ପଡ଼ିଲା । ରେକର୍ଡ଼ପତ୍ର ଦେଖି ସାମାନ୍ୟ ହସି ଅବଶେଷରେ ସେ ସାର୍ଟିଫିକେଟ୍ ଦେଲେ ଏବଂ ଶୁଭ ଓ ସଫଳତାର କାମନା କଲେ ମଧ୍ୟ; କଥାଟା ଗୋପନ ରଖିବେ ବୋଲି ପ୍ରତିଶ୍ରୁତି ଦେଲେ ।

ଡକ୍ଟର ପାଳ ଦରଖାସ୍ତ ପଠାଇଲେ କି ନାହିଁ ଜଣାଗଲା ନାହିଁ । ମାତ୍ର ତାଙ୍କ ମୁହଁ, ଚାଲିଚଳନ ଓ କଥାବାର୍ତ୍ତାରୁ ବୁଝାଗଲା, ସେ କାମ ଚାହାନ୍ତି ।

ଏଥର ପ୍ରସ୍ତୁତି ପର୍ବ ଆରମ୍ଭ ହେଲା । ଅବସର ନେଇଥିବ ଏବଂ ଭଦ୍ରଲୋକ ହୋଇଥିବ, ଏଇ ଦୁଇ ମୁଖ୍ୟ ସର୍ତ୍ତ ଉପରେ ପ୍ରାୟ ପଇଁଚାଳିଶର ବିଧବା ପାଇଁ ସାରା ଦେଶରେ ଜଣେ ଯୋଗ୍ୟ ବ୍ୟକ୍ତି । ସେ ହେଉଛନ୍ତି ଡକ୍ଟର ପାଳ । ଏ ବିବାହ ନିଶ୍ଚିତ, ଅବଶ୍ୟମ୍ଭାବୀ । କ୍ୱାଟର୍ସରେ ଚୂନ ଦେବା କାମ ଆରମ୍ଭ ହୋଇଗଲା । ବେଡ୍ ରୁମ୍‌କୁ ଲାଗି କାମଚଳା ବାଥ୍‌ରୁମ୍ ମଧ୍ୟ ତିଆରି ହେଲା । କେତେଦିନ ହେଲା ରୋଷେୟା ଅଭାବରେ ରୋଷେଇର ବ୍ୟବସ୍ଥା ନ ଥିଲା ମଠରେ । ଚାକର ଟୋକା ଗୋଟାକର ସନ୍ଧାନ କରାଗଲା; ଚୂଲି ନୂଆ କରି ପଡ଼ିଲା ଏବଂ କାଠ ମଧ୍ୟ ଆଣି ରଖାଗଲା ।

ଗ୍ରୀଷ୍ମ ଛୁଟି । ବଡ଼ ପୁଅ ଘରକୁ ଆସିଥାଏ ବୁର୍ଲା ଇଂଜିନିଅରିଂ କଲେଜରୁ । ଆଗାମୀ ପରିସ୍ଥିତିକୁ ପୁଅ ଯିମିତି ମୁକାବିଲା କରିପାରିବ ସେଥିପାଇଁ ତହିଁର ଇଙ୍ଗିତ ବା ସୂଚନା ଦେବାକୁ ଯାଇ ଡକ୍ଟର ପାଳ ପୁଅକୁ ଦିନେ ଏକାନ୍ତେ କହିଲେ -

''ବାପାରେ, ନିଲାମରେ ଯେଉଁ ଆମ୍ବ ଗଛ ଧରିଥିଲି ତାକୁ କଟେଇଲି ।''

ପୁଅ ହୁଁ ଭରିଲା ।

''ବାପାରେ, ସେ ଆମ୍ବ ଗଛର ସବୁ କାଠତକ ଚିରେଇଛି ।''

(ସୁନାରେ ବନଶୀ କରିଛି, ବୋଲେ ହୁଁ ଟି)

''ବାପାରେ, କାଠସବୁ ବୁହାଇ ଘରକୁ ଆଣିଛି ।''

(ମିଛେ ମିଛେ ମାଛ ଧରୁଛି, ବୋଲେ ହୁଁ ଟି)

''ବାପାରେ, ଗଛ ନିଲାମରେ ଧରିଲି, ଗଛ କଟେଇଲି, କାଠ ଚିରେଇଲି, ବୁହେଇ ଘରେ ରଖାଇଲି ...'' ଡକ୍ଟର ପାଳ ଆଉ ଆଗେଇ ପାରିଲେ ନାହିଁ; କଣ୍ଠରେ ଶ୍ଳେଷ୍ମା ଜମିଗଲା । ଦଣ୍ଡେ ରହି ଛେପ ଢୋକି ଭାରି ଗଳାରେ କହିଲେ, ବାପାରେ ରାନ୍ଧିବ କିଏ ?''
ଏବଂ ସଙ୍ଗେ ସଙ୍ଗେ ଭୋ ଭୋ କରି କାନ୍ଦି ପକାଇଲେ ।



Digitized by srujanika@gmail.com

ପୁଅ ବାପ୍ପାଙ୍କର ମତଲବ ବେଶ୍ ବୁଝିଛି । ଅଗ୍ନିଶର୍ମା ହୋଇ ସେ ହୁଙ୍କାରି କହିଲା, "କିଏ ରାନ୍ଧିବ ? ମୋ ସ୍ତ୍ରୀ ରାନ୍ଧିବ । ମେଡ଼ିକେଲ କଲେଜରେ ଜଣେ ତେଲୁଗୁ ନର୍ସ ସହିତ ମୋର ବିବାହ ଠିକ୍ ହୋଇଯାଇଛି । ଗ୍ରୀଷ୍ମଛୁଟିରୁ ଫେରିଲେ ଆମର ବିବାହ ହେବ, ରେଜେଷ୍ଟ୍ରି ମେରେଜ୍ । ତାପରେ ଯାଇ ରନ୍ଧାବଢ଼ା ବ୍ୟବସ୍ଥା, ଆମ୍ବକାଠ ହେଉ ବା କେନ୍ଦୁକାଠ ହେଉ ।

ଡକ୍ଟର ପାଳ ଚମକି ପଡ଼ି ଅପ୍ରତିଭ ହେଲେ । ପରମୁହୂର୍ତ୍ତରେ ପ୍ରକୃତିସ୍ଥ ହୋଇ ଭାବିଲେ, ବେଶ୍ ଭଲ କଥା, ପୁଅ ବି ଯଦି ବାହାହେବ ହେଉ । ପୁତ୍ରଂ ମିତ୍ରବଦାଚରେତ୍ । ଏ ନୂଆକଥା ନୁହେଁ । ଏବେ ପିଲାଏ ମେଟ୍ରିକ୍ୟୁଲେଶନ କ୍ଲାସରୁ ବାହାହୋଇ ପଢୁଛନ୍ତି । ଏ ତ ଆମର ଇଞ୍ଜିନିୟରିଂ ଶେଷବର୍ଷ । ସଂଘର୍ଷର ଅବକାଶ ରହିବ ନାହିଁ । ବାପପୁଅ ଦୁଇଭାଇ ପରି ରହିବା । ସାନଭାଇ ଓ ଭଉଣୀଙ୍କ କଥା ପୁଅ ବହୂ ବୁଝିବେ, ମୁଁ ଜଞ୍ଜାଳ ମୁକ୍ତ ହୋଇ ରିଟାୟାର୍ଡ଼ ଜୀବନକୁ ଜେଣ୍ଟିଲମେନ୍ ପରି ବ୍ୟବହାର ଦେଖାଇ ନୂଆକରି ଗଢ଼ିବି । ଠିକ୍ ଅଛି ।

ପନ୍ଦର କୋଡ଼ିଏ ଦିନ ଚାଲିଗଲା । ଦରଖାସ୍ତ ଯାଇଛି ବୋଲି ଟାଇପିଷ୍ଟ ପାଖରୁ ଜଣା ପଡ଼ିଲା । ହରି-ତ୍ରିଲୋଚନଙ୍କୁ ସବୁ ଭିତିରି ଖବରଅନ୍ତର ଜଣା । ସେମାନେ ରଘୁ ଚପରାଶିକି (ସେ ଡ଼ାକ ଆଣେ) ହାତକରି କହି ରଖିଥାଆନ୍ତି, ଯେବେ ଡକ୍ଟର ପାଳଙ୍କ ଚିଠି ଆସିବ ତେବେ ଖବର ଦେବାପାଇଁ । କିନ୍ତୁ ମାସେ ଚାଲିଗଲା । ଚିଠି ନାହିଁ, ଖବର ନାହିଁ । କଣ ହେଲା ? ଡକ୍ଟର ପାଳ କଣ ଦରଖାସ୍ତ ଦେଇନାହାନ୍ତି ?

ଏଣେ ସମସ୍ତେ ଜାଣିଗଲେଣି ଡକ୍ଟର ପାଳ ପୁଣି ବାହା ହେଉଛନ୍ତି । ତାଙ୍କ ଖୋଦ୍ ପୁତ୍ରରତ୍ନ ପୁରୁଣା ସାଙ୍ଗସାଥି ଆଗରେ କହିଛି ବୁଢ଼ା ବାହାହେବା ମତଲବରେ ଅଛି ବୋଲି ଏବଂ ଆମ୍ବକାଠ ଜଳାଇବା ଉପାଖ୍ୟାନଟି ମଧ୍ୟ ପ୍ରକାଶ କରିଦେଇଛି । ଟାଇପିଷ୍ଟ ତା କାମ କରିଛି ଏବଂ ହରି-ତ୍ରିଲୋଚନଙ୍କୁ ଦରଖାସ୍ତର ବିଷୟବସ୍ତୁ ଅବଗତ କରାଇ ଦେଇଛି । ପ୍ରିନସିପାଲ ମଧ୍ୟ ହରି-ତ୍ରିଲୋଚନ ସହିତ ଏ ଘଟଣାର ଅବତାରଣା କରି ଆମୋଦ ପାଆନ୍ତି । ସହର, ବଜାର, କଲେଜ, ହଷ୍ଟେଲ, କେଣ୍ଟିନ୍ ସର୍ବତ୍ର ସେଇ ଟପିକ୍ । ଜୋରସୋର ଆଲୋଚନା, ଡକ୍ଟର ପାଳ ବାହା ହେଉଛନ୍ତି ।

ପ୍ରାୟ ଦି'ମାସ ଚାଲିଗଲା । ଗ୍ରୀଷ୍ମଛୁଟି ଶେଷ । ବଡ଼ପୁଅ ବୁର୍ଲା ଚାଲିଗଲା । ଆମ୍ବକାଠ ସେମିତି ସାଇତା ରହିଛି । ଚୂଲି ଜଳିନାହିଁ ।



Digitized by srujanika@gmail.com

କଲେଜ ଖୋଲିଲା ଦିନ ସମସ୍ତେ ନୂଆ କଅଁଳ ଦୂବଘାସ ପରି ତାଜା ଓ ସବୁଜ ଦିଶୁଥାନ୍ତି । ଡକ୍ଟର ପାଲ ଏକା ବିମର୍ଷ, ବିଷର୍ଣ୍ଣ ଓ ବିରସ । ତାଙ୍କ ଚୁଳ ବେଶୀ ଠିଆ ଠିଆ ଓ ଅତିମାତ୍ରାରେ ଧଳା । ଗାଲ ଫୁଲା ଫୁଲା, ଆଖି ଈଷଦ୍ ଲାଲ, କୋଟରଗତ । ଛାତି ଭିତରଟା ଯିମିତି ତାଙ୍କର କୋରି ହୋଇଯାଉଛି ।

ବସିଛନ୍ତି ତାଙ୍କ ପୂର୍ବ ନିର୍ଦ୍ଦିଷ୍ଟ ଚେୟାରରେ । ଦୁଇମାସ ହେଲା ପୋଛାପୋଛି ଝଡ଼ାଝଡ଼ି ହୋଇନାହିଁ, ଏ କଥାକୁ ତାଙ୍କର ନଜର ନାହିଁ । ପାଖରେ ମୋଡ଼ାମୋଡ଼ି ହୋଇ ଷ୍ଟେଟସମ୍ୟାନ୍‌ର ଖଣ୍ଡିଏ ପୁଲଆଉଟ୍ ଥୁଆ ହୋଇଛି । କଅଣ ଗୁଡ଼ାଏ ପାଗଳଙ୍କ ପରି ସେ ମୁରୁମୁରୁ ହେଉଛନ୍ତି ଏବଂ ଆଗରେ ଖଣ୍ଡିଏ ସାଦା କାଗଜରେ ଗୁଡ଼ାଏ ଇଂରାଜୀ ଅକ୍ଷର ଲେଖୁଛନ୍ତି ।

ହରି-ତ୍ରିଲୋଚନେର ଏତିକିବେଳେ କମନରୁମରେ ପ୍ରବେଶ କଲେ ଓ ଆତ୍ମୀୟତାସୂଚକ ସ୍ୱରରେ ''ହ୍ୟାଲୋ ଡକ୍ଟର ପଲ'', ''ହ୍ୟାଲୋ ଡକ୍ଟର ପୋଲ୍'' ସମ୍ବୋଧନ କରି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ସବୁଦିନ ପରି ତାଙ୍କ ଦୁଇ ପାଖରେ ବସିଗଲେ ଏବଂ ସମସ୍ୱରରେ ପଚାରିଲେ, ''ଆଉ ଖବର କଣ ? ଏଗୁଡ଼ାକ କ'ଣ ଲେଖିଛନ୍ତି ? କଣ ଆପେ ଆପେ କହୁଛନ୍ତି ?''

ବହୁ କଷ୍ଟରେ ଧୀରେ ଧୀରେ ଡକ୍ଟର ପାଲ କହିଲେ ''ଦେଖନ୍ତୁ ସବୁବେଳେ ଥଟ୍ଟା ତାମସା ଭଲ ନୁହେଁ । ମୋର ମନ ଭଲ ନାହିଁ । ମୁଁ ବର୍ତ୍ତମାନ ଜୀବନର ତୃତୀୟ ଟ୍ରେଜେଡ଼ି ଭିତରେ ଗତି କରୁଛି ।''

''ତୃତୀୟ ଟ୍ରେଜେଡ଼ି ?''

''ହଁ ହଁ ତୃତୀୟ । ଆପଣ ଦୁହିଁଙ୍କୁ ମୁଁ ମୋ ଅନ୍ତରଙ୍ଗ ବନ୍ଧୁ ବୋଲି ଭାବେ । ଆପଣ ଦୁହିଁଙ୍କ ପାଖରେ ମୋର ଗୋପନୀୟ କିଛି ନାହିଁ । ପ୍ରଥମ ଟ୍ରେଜେଡ଼ି ହେଲା ସ୍ତ୍ରୀ ବିଚ୍ଛେଦ, ଦ୍ୱିତୀୟ ଟ୍ରେଜେଡ଼ି ଆସିଲା ସେଇ ଦିନ, ଯେଉଁଦିନ ରାଜେନ୍ଦ୍ର ପ୍ରସାଦଙ୍କ କାଷ୍ଟିଂ ଭୋଟରେ ହିନ୍ଦୀ ଭାରତର ରାଷ୍ଟ୍ରଭାଷା ହେଲା । ଏବେ ତୃତୀୟ ଟ୍ରେଜେଡ଼ି ମଧ୍ୟ ସେଇ ଭାଷାସମ୍ଭୂତ ।''

ପ୍ରଥମ ଦୁଇଟା ବୁଝିଲୁଁ, ମାତ୍ର ତୃତୀୟ ଟ୍ରେଜେଡ଼ି କଥା ଟିକିଏ ବୁଝାଇ ନ କହିଲେ ...'' ହରି-ତ୍ରିଲୋଚନ କହିଲେ ।

''ଆପଣ ଦୁହେଁ ଜାଣନ୍ତି, ମୁଁ କିପରି ଇଂରାଜୀ ଭାଷାର ସଠିକ୍ ଉଚ୍ଚାରଣ ପାଇଁ ମୋର ଜୀବନ ଉତ୍ସର୍ଗ କରିଛି । ଆପଣମାନଙ୍କୁ କେତେ ହଇରାଣ ହରକତ ନ କରିଛି, ଅପମାନ ମଧ୍ୟ ନ ଦେଇଛି । ଏବେ ମୋର ଭ୍ରମ ଭାଙ୍ଗିଗଲା ଇଂରାଜୀ ଲିପି ଯୋଗୁଁ ଓ ମୁଁ ବୁଝିଲି କାହିଁକି



Digitized by srujanika@gmail.com

ବର୍ଣ୍ଣାଡ୍ ଶ ତାଙ୍କର ସମସ୍ତ ସମ୍ପଦ ଏଇ ଲିପି ସଂସ୍କାର ପାଇଁ ଜାତିକୁ ଦେଇ ଯାଇଛନ୍ତି । ଇଂରାଜୀ ଲିପି ବା ଅକ୍ଷରଠୁ ବଳି ଧୋକାବାଜ୍ ଆଉ କେଉଁ ଲିପି ନୁହେଁ । ଇଂରାଜୀ ଶବ୍ଦର ଉଚ୍ଚାରଣରେ ଯିମିତି ବିଭ୍ରାଟ, ତାର ଅକ୍ଷର ଲେଖାରେ ସିମିତି ବିଭ୍ରାଟ ।''

ହରି-ତ୍ରିଲୋଚନ ଭାବିଲେ ଡକ୍ଟର ପାଳଙ୍କ ମୁଣ୍ଡ ଗ୍ରୀଷ୍ମଛୁଟି ଭିତରେ ଟିକିଏ ବେଶୀ ବିଗିଡ଼ି ଯାଇଛି ଓ ସେଥିପାଇଁ ଉଠି ଚାଲି ଯାଉଥିଲେ । କିନ୍ତୁ ଡକ୍ଟର ପାଳ ସେ ଦୁଇଜଣଙ୍କୁ ଜୋର ଜବରଦସ୍ତ ଧରି ବସାଇଲେ ଏବଂ କହିଲେ ''ଏଇ ଦେଖନ୍ତୁ, ସଇତାନୀ ଅକ୍ଷରଗୁଡ଼ାକର ସ୍ୱରୂପ । ଠିକ୍ ଲେଖି ନ ଜାଣିଲେ ବା ଟିକିଏ ଏପଟ ସେପଟ ହେଲେ ସେ ଗୁଡ଼ାକ କିମିତି ମାରାତ୍ମକ ଭ୍ରମସଞ୍ଚାର କରନ୍ତି । ଏଇ ଦେଖନ୍ତୁ, ଏଫ୍, ଏଇଚ୍ ପରି, ଇଉ ଏନ୍ ପରି, ଏନ୍ ଏମ୍ ପରି, ଆର୍ ଏନ୍ ପରି, ଟି ଏଫ୍ ପରି ଦିଶୁଛନ୍ତି ଏବଂ ସେଇ ଲେଖା ଅକ୍ଷର ଟାଇପିଷ୍ଟ ବା କମ୍ପୋଜିଟର୍ ହାତରେ ମୁଦ୍ରାରାକ୍ଷସ ବା ପ୍ରିଣ୍ଟରସ୍ ଡେଭିଲ ରୂପ ପରିଗ୍ରହ ନିଏ । ଏଇ ଦେଖନ୍ତୁ, ହାୟାର ଫାୟାର ପରି, ବାଟ୍ ହାଟ୍ ପରି, ଖାନ୍ ଗାମ୍ ପରି, ଫାୟାର ଫାଇନ୍ ପରି ଦିଶୁଛି । ସେମିତି ହଟ୍ ପଟ୍ ପରି, ବାର୍ଡ଼ ବାଇଣ୍ଡ ପରି, ବାଇଣ୍ଡ ଫାଇଣ୍ଡ ପରି ଏବଂ ଇଣ୍ଟାର୍ନେଲ ଇନଫାର୍ନେଲ ପରି ଅଭାବିତ ଶବ୍ଦ ସୃଷ୍ଟି କରିଦେଉଛି ଏଇ ଇଂରାଜୀ ଲିପି । ମୋର ମତ, ଉଚ୍ଚାରଣ ଓ ଅକ୍ଷରବିଭ୍ରାଟ ଯୋଗୁଁ ଏ ଭାଷା ଏ ଦେଶରୁ ଉଠାଇ ଦେବା ଉଚିତ ।''

ହରି-ତ୍ରିଲୋଚନ ଚକିତ ହୋଇ ଚାହିଁ ରହିଥାଆନ୍ତି । ଡକ୍ଟର ପାଳ କହିଲେ, ''ଏଇ ଦେଖନ୍ତୁ, ମୋ ଜୀବନର ତୃତୀୟ ଟ୍ରେଜେଡ଼ି'' । ଏହା କହି ସେ ମୋଡ଼ା ମୋଡ଼ି ହୋଇ ପଡ଼ିଥିବା ଖବର କାଗଜର ପୁଲ୍‌ଆଉଟ୍‌କୁ ଦିହିଁଙ୍କ ଆଗରେ ମେଲାଇ ଧଇଲେ । ବିବାହ ବିଜ୍ଞାପନର ସଂଶୋଧନୀରେ ଲେଖାଥିଲା "Wanted a refined gentleman not a retired gentleman."

ଗୁରୁଗମ୍ଭୀର ସ୍ୱରରେ ହରି-ତ୍ରିଲୋଚନ କହିଲେ, ''ତେବେ RETIRED REFINED. The devil"

ଏବେ ଡକ୍ଟର ପାଳ ''ଅଂଗ୍ରେଜୀ ହଟାଓ'' ଆନ୍ଦୋଳନର ପୁରୋଧା ।



Digitized by srujanika@gmail.com

# ଏଣ୍ଟି ରୋମାଣ୍ଟିକ

ପ୍ରତିଦିନ ସେ ସେଇଠି ବସେ । ଏକା ଜାଗାରେ । କଚେରୀ ଘଣ୍ଟାରେ ଢଂ ଢଂ କରି ନ'ଟା ବାଜିଲେ ସେ ଆସିଯାଏ । ଛିଣ୍ଡା ଅଖାପଟକୁ ଡିପ ଜାଗାରେ ପାରିଦେଇ ବସି ପଡ଼େ । ପଖାଳଖିଆ ଏଲୁମିନିୟମ ବାଟିଟି ଆଗରେ ଥୁଏ । ଲୁଗାକାନିରୁ କେତୋଟି ନୂଆ ପୁରୁଣା ପଇସା ଓ ଅଚଳ ଅଣି ବାହାର କରି ଠଣ୍ ଠଣ୍ କରି ଟହିଁରେ ପକାଇଦିଏ । ଛୋଟ ବାଉଁଶ ବାଡ଼ିଖଣ୍ଡି ଧରି ଓଡ଼ିଆ-ତେଲୁଗୁମିଶା ଗଳାରେ ଆରମ୍ଭ କରିଦିଏ, ''ଅନ୍ଧପ୍ରାଣୀକୁ ପଇସା ଗୋଟିଏ ଦିଅ ମା !'' କେହି ଶିଖେଇ ଦେଇଥିବା ଏଇ କୋଡୋଟି ଶବ୍ଦ ଦିନସାରା ସାରୀ ମୁହଁରୁ ''ଦିଅ ମା ଭାତ'' ବାହାରିଲା ପରି ତା' ମୁହଁରୁ ବାହାରୁଥାଏ ।

ଅନ୍ଧପ୍ରାଣୀକୁ ତା'ର ଏଇ ଆସ୍ଥାନକୁ ଆଣେ ପାଞ୍ଚଛଅ ବର୍ଷର କାଳୀ ଲଙ୍ଗୁଳୀ ଝିଅଟିଏ । ତୋରାଣୀ ପେଟେ ପିଇ ପେଟକୁ ଛୋଟ ହାଣ୍ଡି ପରି ଫୁଲେଇ ଟିକି ପାଦ ଦୁଇଟା ବଙ୍କେଇ ବଙ୍କେଇ ଝିଅଟି ଯେତେବେଳେ ହାତ ଧରି ତାକୁ ବାଟ କଢ଼ାଇ ଘେନିଆସେ, ତା'ଛାତି ମୁହଁ ଫୁଟାଣିରେ ଫୁଲି ଫାଟି ପଡୁଥାଏ । କଖାରୁଆ ଦେହରେ ଓଠରୁ ତୋରାଣି ଧାରଟିଏ ୯ରି ଛାତି ପେଟକୁ ସମାନ ଦୁଇଫାଳ କରିଦେଇଥାଏ ।

ଅନ୍ଧପ୍ରାଣୀ ତା'କାମ ଆରମ୍ଭକଲେ ଝିଅଟି ବି ନିଜ କାମ ଧରେ । ଧୂଳି ବାଲି ଜମାକରି କୋଠରୀ କୋଠରୀ କରି ଘର କରେ । ଚୁଲ୍ଲୀ କରି ଭାତ ତରକାରୀ ରାନ୍ଧେ । ବରପତ୍ରରେ ସେ ସବୁ ବାଢ଼ି ଚୁକ୍ ଚୁକ୍ କରି ଖାଏ । ମନେପଡ଼ିଯାଏ ପାଖ ଚା ଦୋକାନଟା, ବୁଲାବୁଲି କରି ଖୋଜେ ପତର ଠୁଙ୍ଗାଗୁଡ଼ାକ କାଳେ କେଉଁଠି କିଛି ଖାଇବାର ଲାଗିଥିବ । ଦୋକାନୀ ପାଖକୁ ଯାଇ ଗେହ୍ଲାଇ ହୋଇ ଅନାରକଲି ବିସ୍କୁଟ ମାଗେ । ଦୋକାନୀ କେବେ କିମିତି ପଚା ଶୁଖିଲା ପାଉଁରୋଟି ଟୁକୁରାଏ ଫୋପାଡ଼ିଦିଏ । ନ ହେଲେ କହେ, ''ଯା, ବାଟିରୁ ପଇସା ଆଣିବୁ''। ଚୁପ୍‌ଚାପ୍ ଯାଇ ଅନ୍ଧୁଣୀର ବାଟିରୁ ଚଳ ଅଚଳ ପଇସା ନେଇ ସେ ଦୋକାନୀକୁ ଦିଏ । କେବେ କିମିତି କଉତୁକରେ ଲଙ୍ଗୁଳୀ ଧୀରେ ଧୀରେ ଯାଇ ବାଟିରେ ଗୋଟିଏ ଦୁଇଟା ଛୋଟ ଗୋଡ଼ି ପକାଇଦିଏ । ପଇସା ପଡ଼ିଲା ଭାବି ଅନ୍ଧପ୍ରାଣୀ ହାତରେ ଅଣ୍ଡାଳେ ଓ ଯେତେବେଳେ ଜାଣିପାରେ ଯେ ଗୋଡ଼ି ପଡ଼ିଛି, ସେ ସାଙ୍ଗେ ସାଙ୍ଗେ ବୁଝିପାରେ ଏ କାହା କାମ । ମୁରୁକି ହସି ହାତ ବଢ଼ାଇ ଧରିନିଏ ଝିଅଟିକୁ । ଦୁହେଁ କୁଣ୍ଢାକୁଣ୍ଢି ହସାହସି ହୋଇ ଗଡ଼ିଯାଆନ୍ତି ।



Digitized by srujanika@gmail.com

ଖେଳି ବୁଲି ଥକିଗଲେ, ଖରାରେ ଝାଉଁଳି ପଡ଼ିଲେ ଝିଅଟି ଅନ୍ଧୁଣୀର କୋଳରେ ଆଶ୍ରାନିଏ । ବାଆଁ ଥନଟାକୁ ଗେରୁଆ ଧୂଳିଆ ଲୁଗାଭିତରୁ କାଢ଼ି ବେଣ୍ଟିଟି ଝିଅ ମୁହଁରେ ମା' ପୂରାଇଦିଏ । ଶୁଖିଲା ବେଣ୍ଟିଟିକୁ ଥରେ ଦି ଥର ଟାଣୁ ନ ଟାଣୁ ଝିଅଟି ଶୋଇଯାଏ । ଦେହ, ମୁହଁ, ଆଖି, କାନ, ଚୂଳରେ ହାତ ବୁଲାଇ ବୁଲାଇ କୁନିର ଚେହେରାର ଗୋଟାଏ ମୋଟାମୋଟି ଧାରଣା କରିନିଏ ଏତିକିବେଳେ ଅନ୍ଧପ୍ରାଣୀଟି । ନିଘୋଡ଼ ନିଦରେ ଝିଅ ଶୋଇପଡ଼ିଲେ ବାଟିରୁ କଣାପଇସାଟିଏ ନେଇ ଡାହାଣ ପାଖ ଥନର ଯାଦୁଗୁଡ଼ାକ ଜୋରରେ କୁଣ୍ଡାଇବାକୁ ଲାଗିଯାଏ । ଏଇ ଥନଟା କେବେ ସେ କୁନି ମୁହଁରେ ପୂରାଏ ନାହିଁ । ତା'ଉପରେ କଛାପରି ଯାଦୁ ଏମିତି ଜଡ଼ିଯାଇଛି ଯେ, ଦୂରରୁ ଦେଖିଲେ ଜଣାପଡ଼େ ଯିମିତି ଧଳା ଫୁଟିଫୁଟିକା କନାର ବ୍ଲାଉଜ୍ ତା'ଉପରେ ଢଙ୍କା ହୋଇଛି ।

ହାତ ଏ କାମରେ ଥିଲାବେଳେ ଆଖି ଥାଏ ପଞ୍ଚତପୀ ପାର୍ବତୀଙ୍କ ଆଖିପରି ଲଲାଟତପ୍ତ ସୂର୍ଯ୍ୟଙ୍କ ଉପରେ । ଯେଉଁ ଆଖି ଦି'ଟା ପାଇଁ ପ୍ରଥମ ପ୍ରେମର ସମ୍ଭବ ହୁଏ, ଯେଉଁ ଆଖିପାଇଁ ଦୁନିଆର କାବ୍ୟ କବିତା ଭାରାକ୍ରାନ୍ତ; ସେ ଦୁଇଟି ଆଖି ବିଧାତା ଏଡ଼େ କଦର୍ଯ୍ୟ କରି ଗଢ଼ିପାରେ ? ଅନ୍ଧୁଣୀର ଗୋଟାଏ ଆଖିର ଡ଼ୋଳାଟା ଭିତରକୁ ଚାଲି ଯାଇଛି । କେବଳ ଦୁଇଫାଳ ପରଦା ଯେଉଁ ଗାତକୁ ଢାକିଛି ତାହା ବାଆଁ ଆଖି, କିନ୍ତୁ ଡାହାଣ ଆଖିର ଡ଼ୋଳାଟି ଉପରକୁ ବାହାରିପଡ଼ି ଏମିତି ଓଲଟି ଯାଇଛି ଯେ,କେବଳ ଧଳା ଡୋଳାଟା ଫୁଟି ଦିଶୁଛି ଚୋପାଛଡ଼ା ଲିଚୁଫଳ ପରି । ଏଇ ଡାହାଣ ଆଖିଟି ଗଲା ପଚିଶ ବର୍ଷ ଚାହିଁଲାଣି ସୂର୍ଯ୍ୟ ଆଡ଼କୁ, କାଳେ ସ୍ୱର୍ଗରୁ ''ଲେସାରତୀର'' ଟିଏ ଆସି ଅନ୍ଧୁଣୀକୁ କେବେ ଚକ୍ଷୁଷ୍ମତୀ କରିବ ।

ସକାଳ ନଥଟା । ଏକ ସନ୍ଧିବେଳା, ସ୍କୁଲ କଲେଜ ପିଲା, କଚେରିଆ ମାମଲତକାର, ରୋଗୀ ଭକ୍ତ ସମସ୍ତଙ୍କ ଅନୁକୂଳ ବେଳ, ବହିନି ବେଳ । ଅନ୍ଧୁଣୀ ବି ଏହି ସନ୍ଧି ବେଳରେ ବାହାରେ । ବସେ ବି ଏହି ସନ୍ଧି ସ୍ଥଳରେ ।

କଚେରୀ ଦେଇ ବିଶ୍ୱେଶ୍ୱର ମନ୍ଦିରକୁ ଏଇ ରାସ୍ତା । ମସଜିଦ୍ ଦେଇ ଡ଼ାକ୍ତରଖାନାକୁ ଏଇ ରାସ୍ତା । ଗୀର୍ଜାଦେଇ ଷ୍ଟେସନକୁ ଏଇ ରାସ୍ତା । ସ୍କୁଲ-କଲେଜ ଦେଇ ନୂଆବଜାରକୁ ଏଇ ରାସ୍ତା । ଏଇସବୁ ରାସ୍ତା କବରଖାନା ପାଖରେ ଏକାଠି ହୋଇ ଗୋଟିଏ ରାସ୍ତା ଚାଲିଯାଇଛି ସ୍ୱର୍ଗଦ୍ୱାର ବା ରାଜଘାଟ ବା ନିମତଳାକୁ ।

ଗ୍ରେଣ୍ଡଟ୍ରାଙ୍କ୍ ରୋଡ଼ର ଏଇ ଚୌରଙ୍ଗୀ ଦେଇ ଫଳ, ପନିପରିବା ଶଗଡ଼ ଯାଏ ।



Digitized by srujanika@gmail.com

ଗୋଟାକୁ ଗୋଟା ଏମ୍ବୁଲେନ୍ସ, ସିନେମା ପ୍ରଜ୍ଞାପନୀ ରିକ୍ସା, ଭୋଟ ପ୍ରଚାର ଜିପ୍, ଦୁର୍ଗା, ସରସ୍ୱତୀ ମେଢ଼, ଏପରିକି ବିଶ୍ୱସ୍ୱାସ୍ଥ୍ୟ ଦିବସ ପଟୁଆର ବି ଯିବା ଆସିବା କରେ ।

ହେଲେ ଏଡ଼େ ଛକ ଜାଗାରେ ନାନା କିସମର ଏତେ ଲୋକ ଅହରହ ଯିବା ଆସିବା କଲେ ବି କେହି କ'ଣ ତାକୁ ଚାହାଁନ୍ତି ନା ତା'କଥା ପଦକ ଶୁଣନ୍ତି ? ବାଆଁ ଥନଟା ଛଡ଼ା ତା' ଦେହରେ ଦେଖିବାର କ'ଣ ବା ଅଛି ? କିନ୍ତୁ ଛିଣ୍ଡା ଲୁଗାଭିତରୁ କେତେବେଳେ କିମିତି ବାହାରି ଦିଶୁଥିବା ଥନ ଅପେକ୍ଷା ପାଖ ଗଛର ପତରଲୁଚା ଆମ୍ବଗୁଡ଼ା ଲୋକଙ୍କୁ ଭଲ ଦିଶେ, ତା'ର କର୍କଶ ଗଳାର ଚିତ୍କାର ଅପେକ୍ଷା ନିକଟର ଖଲିଫା ଦୋକାନ ରେଡ଼ିଓରୁ ଭାସି ଆସୁଥିବା ଲତା ମୁଙ୍ଗେସ୍‌କରଙ୍କ ବୀଣାସ୍ୱର ଭଲ ଶୁଭେ ।

ପୁରୁଷଙ୍କ ଭିତରେ ଯେଉଁମାନେ ଧର୍ମାତ୍ମା, ନାରୀମାନଙ୍କ ଭିତରେ ଯେଉଁମାନେ ସତୀ ସ୍ୱାଧ୍ୱୀ ସେଇମାନେ କେବଳ ଅନ୍ଧୁଣୀର ସର୍ବୋଦୟ ପାତ୍ରଟିରେ ନୂଆ ପଇସାଟିଏ ଦେଇ ପୁଣ୍ୟ ଅର୍ଜନ କରନ୍ତି ଯିମିତିକି ପରଜନ୍ମରେ ସେମାନଙ୍କୁ ହାତ ପତାଇବାକୁ ପଡ଼ିବ ନାହିଁ କି ଅନ୍ଧତ୍ୱ ଭୋଗିବାକୁ ହେବ ନାହିଁ ।

ମନ୍ଦିରରୁ ଫେରିବା ବାଟରେ ସ୍ତ୍ରୀ ଲୋକଙ୍କ ଭିତରେ ଆଲୋଚନା ଚାଲେ, ''ଏ ଅଲୋଡ଼ା ଜୀବନକୁ ଫେର୍ କିଏ ରସିଲା ? ଯାର ପୁଣି ଛୁଆ ।'' ବାଞ୍ଝ ବା ପିଲାପିଲି ନ ଥିବା ସ୍ତ୍ରୀ ଲୋକଟିଏ କହେ, 'ଯାକୁ ଭଗବାନ୍ ଦଉଛି । ମୁଁ ବର୍ଷ ବର୍ଷ ଧରି ବେଲପତ୍ର ଦେଲି, ସୁନା ଚମ୍ପା ଦେଲି, ମୋ ପାଇଁ କଣା କୁଜାଟିଏ ବି ରଖିଲା ନାହିଁ ?''

''ଇଏ କାହା ସ୍ତ୍ରୀ ? ଇଏ କାହା ଛୁଆ ?'' ଏଇ ଦୁଇ ପ୍ରଶ୍ନ ମନ୍ଦିର ଫେରନ୍ତା ସ୍ତ୍ରୀଲୋକେ ଯିମିତି ଆଲୋଚନା କରନ୍ତି କଚେରୀ ଫେରନ୍ତା ମାମଲତ୍‌କାର ଟାଉଟର ରାସ୍ତାକଡ଼ର ଫଳନ୍ତି ଆମ୍ବ ଗଛଟାକୁ ଦେଖି ଜାଣିବାକୁ ଚାହାଁନ୍ତି ''ଏ କାହା ଗଛ ? ଏ କାହା ଫଳ ?'' ପଧାନେ କହନ୍ତି, ''ଆମ୍ବ ତୋଟାରେ ଫଳଟାଏ ନାହିଁ, ଏ ଥୁଣ୍ଟା ଗଛଟାରେ ଏତେ ଫଳ ?''

ଅନ୍ଧୁଣୀ ବସିଥିବା ସ୍ଥାନର ପ୍ରାୟ ଶହେ ହାତ ଦୂରରେ ଆମ୍ବଗଛ ମୂଳରୁ ଚିତ୍କାର ଶୁଭେ, ''ପଦୁଆଁ ! ହେଇ ରିକ୍ସା ଆସିଲା ।'' ''ପଛରୁ ମଟର ଆସୁଛି, ଘୁଞ୍ଚି ଯା' ମାଆ ପାଖକୁ ।'' ଝିଅଟି ତରକି ମରକି ଚାହିଁ ଚାଲିଯାଏ ଅନ୍ଧୁଣୀ ପାଖକୁ । ଗଛ ମୂଳର ଲୋକଟା ଓ ଏଇ ଅନ୍ଧୁଣୀ ଭିତରେ ପଦୁଆଁ ଯିମିତି ମହାଶୂନ୍ୟର ଏକ ସେତୁ ।

ଆମ୍ବଗଛଟା ଏବର୍ଷ ଦୁନିଆର ଏକ ବିଶେଷ ଆକର୍ଷଣ ହୋଇଉଠିଛି । ସେ'ଟି ଆଉ ଗଛ ନୁହେଁ । ଅନୁଷ୍ଠାନ ବା ବ୍ୟକ୍ତି ସ୍ତରକୁ ଉଠିଯାଇଛି । କାହିଁ କେଉଁଠି ଆମ୍ବ ନାହିଁ ଅଥଚ ଏହି



Digitized by srujanika@gmail.com

ବୁଢ଼ା ଗଛଟାରେ ଏତେ ଆମ୍ବ । ଗଛଟା କିନ୍ତୁ କେବେ ଫଳୁ ନ ଥିଲା, ଥୁଣ୍ଟା ବି ନ ଥିଲା ।

ଶୀତ ଯାଇଛି କି ନାହିଁ ଝଙ୍କା ଝଙ୍କା ବଉଳ, ମାଇଲ୍ ମାଇଲ୍ ମହୁଆ ମହକ ଓ ଆକାଶେ ଗୁଣୁଗୁଣିଆ ମହୁମାଛି ଗଛଟାରେ ଅଝାଡ଼ି ପଡ଼ିଲେ । ଅହଲ୍ୟାବାଈ ଅମଳର ଗଛଟାରେ ସତରେ ଏତେ ପ୍ରାଣ ଥିଲା ! ବୋଧହୁଏ ଗୁଡ଼ାଏ ଲୋକ ଥୁଣ୍ଟା ଗଛମୂଳରେ ଆଶ୍ରା ନେଲେ ବୋଲି ଛାଇ ସହିତ ଫଳ ଦେବାପାଇଁ ଗଛଟା ଜୀବନର ବାକୀ ଥିବା ସବୁ ଶକ୍ତି ନେଇ ବଉଳି ଉଠିଲା ।

ଫେବୃୟାରୀ-ମାର୍ଚ୍ଚ ମାସ । ସାଲତମାମି ପାଖ । ମଞ୍ଜୁରି ଟଙ୍କା ବାତିଲ ହେବା ଭୟରେ ହଠାତ୍ ଡିପାର୍ଟମେଣ୍ଟମାନେ ତତ୍ପର ହୋଇ ଉଠିଲେ । ପାଣିକଳବାଲା ପାଇପ୍ ନେବେ ବୋଲି ଆମ୍ବଗଛ ମୂଳେ ତଡ଼ା ତଡ଼ି ଆରମ୍ଭ କଲେ । ଅଣ୍ଡରଗ୍ରାଉଣ୍ଡ୍ କେବୁଲ ଯିବ ବୋଲି ଟେଲିଗ୍ରାଫ୍ ବିଭାଗ ଆରପଟେ ତାଡ଼ିଲେ । ସାନବଡ଼ ଚେରଗୁଡ଼ାଏ କଟିଗଲା । ତାରରେ ଡ଼ାଳ ବାଜିଲା ବୋଲି ଇଲେକ୍ଟ୍ରିକ୍‌ବାଲାଏ ପୂର୍ବପଟ ଡାଳ ଛାଣ୍ଟିଦେଲେ । ପଶ୍ଚିମପଟର ଡାଳକୁ ତାରବିଭାଗ ଛେଦିଦେଲେ । ବାକୀ ରହିଲା ସରଗ ଆଡ଼କୁ ଲମ୍ବିଥିବା ଗଛର ମୋଡ଼ା ଡାଳ ଯେଉଁଟା ଛାପଛାପକିଆ ଜହ୍ନ ଆଲୁଅରେ ଦୂରରୁ ଭୂତ ବା ବ୍ରହ୍ମରାକ୍ଷସ ପରି ଦିଶେ । ବାପ୍ଟିଷ୍ଟ ମିସନର ଗୀର୍ଜାଟା ପାଖରେ ଅଛି ବୋଲି ଗଛଟା ବୋଧ ହୁଏ ''ଶତ୍ରୁକୁ ପ୍ରେମକର'' ନୀତିରେ ଏ ବର୍ଷ ବାଦାନ୍ୟ ହୋଇ ଉଠିଛି ।

ଏଇ ଆମ୍ବଗଛକୁ କେନ୍ଦ୍ର କରି ଗଢ଼ିଉଠିଛି ଏଇ କେତେଦିନ ଭିତରେ ଏକ ବିଚିତ୍ର ସାମ୍ୟବାଦୀ ରାଷ୍ଟ୍ର । ଏଠି ସମସ୍ତେ ସମାନ, ସମସ୍ତେ ରୋଗୀ ଓ ଖଣ୍ଡିଆ । ସମସ୍ତେ ଯଥାଶକ୍ତି କାମ କରନ୍ତି, ପ୍ରାପ୍ତି ମତେ ସମାନ ଖାଆନ୍ତି । ହାତ ଥିଲା ବାଲା କାଠ ଆଣେ, ନିଆଁ ଜାଳେ, ରୋଷେଇ କରେ; ଗୋଡ଼ ଥିଲା ବାଲା ପାଣି ଆଣେ । ରାଜ୍ୟର ସମସ୍ତେ ଶୂନ୍ୟଚାରୀ, ଜୀବନଯାକ ସେମାନଙ୍କର ମହାଶୂନ୍ୟରେ କଟେ । ହାତ ବା ଗୋଡ଼ର ଅଙ୍ଗୁଳି ସେମାନେ ବାନ୍ଧିରଖନ୍ତି କାଳେ ମହାଶୂନ୍ୟର ଓଜନ ହୀନତାରେ ସେଗୁଡ଼ାକ ଉଡ଼ିଯିବ । ରାଷ୍ଟ୍ରୀୟର ରୋଷେଇଶାଳାରେ ସକାଳେ ପାଣି ତୋରାଣି ପିଇଲା ପରେ ସେମାନଙ୍କୁ ଏଇ ଲଞ୍ଚ୍ ବେସ୍‌ରୁ ପୂର୍ବକଳ୍ପିତ ସ୍ଥାନମାନଙ୍କୁ ନିକ୍ଷେପ କରାଯାଏ । କକ୍ଷରେ ପରିକ୍ରମା କାଳରେ ସେମାନେ ଗୀତ ଗାଆନ୍ତି, ''ସବୁଥିରୁ ବଞ୍ଚିତ କରି'' ନ ହେଲେ ''କୃପାସିନ୍ଧୁ ବଦନ''। ପରିକ୍ରମା କାଳରେ ସେମାନେ ଅନେକ ଥର ସୂର୍ଯ୍ୟାସ୍ତ ଦେଖନ୍ତି । ପୃଥିବୀ ପର୍ଯ୍ୟଟନ କରି ଫେରିଲେ ଭେଲେଣ୍ଟିନା ମୂଳା ଓ ଗାଜର ଖାଇଲାପରି ସେମାନେ ମଧ୍ୟ ଗୁଡ଼ାଏ ପାର୍ଥିବ ଖାଦ୍ୟ (ଯଥା ମୂଳାଶାଗ ବା ସଜନା ଶାଗ) ଖାଇ ଯାଆନ୍ତି କବ୍ କବ୍ କରି ।



Digitized by srujanika@gmail.com

ଏ ରାଷ୍ଟ୍ରର ସର୍ବମୟ କର୍ତ୍ତାଙ୍କ ଉଭୟ ହାତ ଓ ଗୋଡ଼ ନାହିଁ । କେବଳ ବଡ଼ ବଡ଼ ଆଖି ଦି'ଟା ତାଙ୍କର ବିଶେଷତ୍ୱ । ଗୋଟାଏ କିରୋସିନୀ ବାକ୍ସକୁ ସିଂହାସନ କରି ଆମ୍ବଗଛର ବକଳରଙ୍ଗ ସହିତ ଦେହରଙ୍ଗ ମିଶାଇ ଗଛ ଗଣ୍ଡିକୁ ଆଉଜି ସେ ବସିଥାନ୍ତି । ସୃଷ୍ଟି, ସ୍ଥିତି, ଲୟ ଏଇ ତିନି ରୂପରେ ତାଙ୍କରି ଇଙ୍ଗିତରେ ଦୁନିଆଁ ଚାଲିଛି । ଯାଙ୍କର ଛେରାପହଁରା, ପହୁଣ୍ଡି ବିଜେ, ମଣୋହି ସବୁଭାର ସେହି ଦେବଦାସୀ ଅନ୍ଧୁଣୀ ଉପରେ । ଅନ୍ଧୁଣୀ ଓ ତା'ର ଝିଅଟିର ରାଜ୍ୟର ବାସିନ୍ଦା ହେବାର ଯୋଗ୍ୟତା ନାହିଁ, କାରଣ ସେମାନେ ଏ ପର୍ଯ୍ୟନ୍ତ ରୋଗୀ ବା ଥୁଣ୍ଟା ହୋଇ ନାହାନ୍ତି । ରାଷ୍ଟ୍ରପତିଙ୍କ ସ୍ୱତନ୍ତ୍ର ଫରମାନ୍ ବଳରେ ସେମାନେ ବାସିନ୍ଦା ବୋଲି ଗଣ୍ୟ ହୁଅନ୍ତି ଓ ସମସ୍ତ ଅଧିକାର ଓ ସୁବିଧା ପାଆନ୍ତି । ପ୍ରକୃତରେ ଏଇ ଅନ୍ଧୁଣୀ ହେଉଛନ୍ତି ଏ ରାଜ୍ୟର ''ଫାଷ୍ଟ ଲେଡ଼ି ।''

ରାଷ୍ଟ୍ର ପରିଚାଳନା ଏକ ଗୁରୁଦାୟିତ୍ୱ । ବିଷ୍ଣୁଶର୍ମାଙ୍କ ଗୋଦାବରୀ ନଦୀ କୂଳର ବିଶାଳ ଶାଳ୍ମଳୀ ତରୁରେ ଯେଉଁ ପକ୍ଷୀ ରାଜ୍ୟଟି ଗଢ଼ି ଉଠିଥିଲା ତହିଁର ରକ୍ଷଣଭାର ଥିଲା ଜରଦ୍‌ଗବ ନାମକ ଏକ ବୁଢ଼ା ଶାଗୁଣା ଉପରେ । ଏ ରାଷ୍ଟ୍ରର ଜରଦ୍‌ଗବଙ୍କ କିନ୍ତୁ ସନ୍ତାନ ରକ୍ଷଣ ଛଡ଼ା ହରରଙ୍ଗୀ ଦାୟିତ୍ୱ ରହିଛି । ନିଜ ଦେହକୁ ମାଛିମଶା କବଳରୁ, ଥୁଣ୍ଟା ଡାଳରେ ଝୁଲୁଥିବା କଳାକଳା ହାଣ୍ଡିଡେକ୍‌ଚିଗୁଡ଼ାକୁ କୁଆ ଓ ମୂଷା ଦାଉରୁ, ଆସ୍ଥାନଟିକୁ ବୁଲାଷଣ୍ଢ, ଘୁଷୁରି ଓ କୁକୁରଙ୍କ ଦୌରାତ୍ମ୍ୟରୁ ରକ୍ଷା କରିବା ତାଙ୍କର ମାମୁଲି କର୍ତ୍ତବ୍ୟ । ଏବେ ପଦୁଆଁ ଚଳାବୁଲା ଧାଁ-ଦଉଡ଼ କରିବା ଦିନଠୁଁ ତା'ଉପରେ ଆଖି ରଖିବା ଓ ଥରକୁ ଥର ସତର୍କବାଣୀ ଶୁଣାଇବା ଅଧିକ କାମ ହେଲାଣି; କିନ୍ତୁ ସବୁଠୁଁ ବେଶୀ ଦାୟିତ୍ୱ ଓ କଷ୍ଟସାଧ ବ୍ୟାପାର ହୋଇଛି ଥୁଣ୍ଟା ଗଛର ଫଳ ତାକୁ ସମ୍ଭାଳି ବଡ଼ କରିବା । କାରଣ ଆମ୍ବ ଯେତିକି ଯେତିକି ବଢ଼ି ଚାଲିଛି ସେତିକି ସେତିକି ମସୁଧା ମନ୍ତ୍ରଣା, ମେଣ୍ଟ ଚକ୍ରାନ୍ତ ଗୁପ୍ତ ଆଲୋଚନା ଚାରିଆଡ଼େ ଚାଲିବାରେ ସେ ଦେଖିଲେଣି, ଶୁଣିଲେଣି, ଜାଣିଲେଣି । ସର୍ବଜ୍ଞ ଓ ସର୍ବଦ୍ରଷ୍ଟା ହେବା ବି ଏକ ଅଭିଶାପ । ଚର୍ଚ୍ଚଗେଟ୍ ସ୍କୁଲକୁ ଗଲାବେଳେ ଦୁଇଭାଇ କଥାବାର୍ତ୍ତା କରନ୍ତି ଏଇ ଆମ୍ବ ବିଷୟରେ ।

''ବାପାଙ୍କୁ କହିବା ଛୁରୀଟାଏ ଆଣିଦେବେ ।''

''କାହିଁକି, ମୁଁ କ'ଣ ଥାକରୁ ପୁରୁଣା ବ୍ଲେଡ୍ ଆଣିପାରିବି ନାହିଁ ? ବାକ୍ସରେ ଠିଆହେଲେ ହାତ ଉପରକୁ ପାଇଯିବ ।''

''ଭାଇ, ଲୁଣ ଲଙ୍କାମରିଚ ଗୁଣ୍ଡ ଆଣିବା । କଞ୍ଚାସୁଆଦୀ ଆମ୍ବ ଖଟା ନା ମିଠା ?''



Digitized by srujanika@gmail.com

''ବୋକା, କାକୁଡ଼ି ପରି , ଦାନ୍ତ ମୋଟେ ସିରିସିରି ହେବନି । ତେବେ ଗଛମୂଳରେ ସେ ଲୋକଟାକୁ ଦେଖୁଛ ନା ? ତା ମୁହଁ ଦେଖିଲେ ମୋତେ ଭାରି ଡର ମାଡ଼େ ।''

''ସେ ଦଉଡ଼ି ପାରିବ ନାହିଁ, ଭାଇ ! ତୁ ଗୋଟାଏ ପଥର ମାରିଦେଲେ ପେଣ୍ଡାରୁ ତିନି ଚାରିଟା ଏକା ଥରକେ ଖସିଯିବ । ମୁଁ ଧରି ଦଉଡ଼ି ପଳାଇବି । ଭାଇ, ସୁନ୍ଦରୀ ଆମ୍ବ କଷି ବେଳୁ ଭାଲ, ନୁହେଁ ?''

ପାଖ କୋଠାରେ ଯାହା ଉପର ତିନିରଙ୍ଗ ପତାକା ଉଡ଼େ ତା'ରି ବାରଣ୍ଡାରେ ଛିଡ଼ା ହୋଇ ହାତ ବଢ଼ାଇ ଥଇଥାନ ଅଫିସର ପଚାରନ୍ତି -

''ନାଜର ବାବୁ ! ଆଚାର ହେବ ନା ସେ ଆମ୍ବରେ ? ଟାକୁଆ ହେଲାଣି ?''

''ହଁ ସାର୍ ! ବନି ଗଲାଣି । ଘରେ ରଖିଦେଲେ କୁଟା ଉପରେ ପାଚିଯିବ ଚାରି ପାଞ୍ଚ ଦିନରେ ।''

''କଣ କରିବା ଘରେ କହୁଥିଲେ - । ଏଇଟା ପାଞ୍ଚ ମାସ ଚାଲିଛି, ବଜାରକୁ ବି ମୋଟେ କଞ୍ଚାଆମ୍ବ ଆସୁନି ।''

'ଦେଖିବା ସାର୍ ! ସେଇ ବୁଢ଼ାଟା କେତେବେଳେ ହେଲେ ଛାଡ଼ି ଯାଉନି ପରା !'

ପ୍ରାତଃ ଭ୍ରମଣରେ ଯାଉଁ ଯାଉଁ ଚେୟାରମେନ୍ ସାହେବ ଏକ୍‌ଜିଉକିଟିଭ୍ ଅଫିସରଙ୍କୁ ଗଛମୂଳର ରୋଗୀଗୁଡ଼ାକ ଦେଖାଇ କହନ୍ତି -

''ଜୁଲାଇ ମାସ ପ୍ରଥମ ସପ୍ତାହରେ ଲାଟ ସାହେବ ଆସୁଛନ୍ତି, ସେତେବେଳକୁ ଏଗୁଡ଼ାକୁ ଘଉଡ଼ାଇବାକୁ ପଡ଼ିବ ରାସ୍ତା କଡ଼ଟାରୁ ।''

ମହିମାଗାଦୀରୁ ଯେଉଁ ଦୁଇଟା ନୂଆ ରୋଗୀ ଦଳରେ ଯୋଗ ଦେଇଛନ୍ତି ସେମାନେ ବି ଅନ୍ତର୍ଘାତୀ କାମରେ ବ୍ୟସ୍ତ । ଟିକି ଝିଅଟି ବିଷୟରେ ସେମାନେ ଭାରି ଆଗ୍ରହୀ ।

''ବିସ୍କୁଟ ଦେଲେ ନେଉଛି । ଡାକିଲେ କିନ୍ତୁ ପାଖକୁ ଆସୁନି । କାନ୍ଦି ଉଠୁଛି ଦେହରେ ହାତ ଦେଲେ ।''

'' କଦଳୀ ଦେଲି, ଖାଇଲା । ''ଆ କାଖ ହେବୁ'' କହିବାରୁ ମା' ପାଖକୁ ପଳାଇଲା ।''



Digitized by srujanika@gmail.com

''ଏ ଦିନବେଳ କାମ ନୁହେଁ । ଅନ୍ଧୁଣୀଟା ସାଙ୍ଗରେ ଆସୁ ନ ଆସୁ । ବୁଢ଼ାଟା ଦିନ ନାହିଁ ରାତି ନାହିଁ ଜଗିବସିଛି ଦୁହିଁଙ୍କି ।''

ଯେତିକି ଯେତିକି ଆମ୍ବ ପାଚିଲାବେଳ ହେଲା, ଯେତିକି ଯେତିକି ପଦୁଆଁ କଦଳୀ ବିସ୍‌କୁଟ୍ ନେବାପାଇଁ ଆଗ୍ରହୀ ହେଲା ଜରଦ୍‌ଗବ ସେତେ ବେଶୀ ଚିନ୍ତିତ ହେଲେ ଓ ଦିନ ରାତି ତାଙ୍କୁ ସଜାଗ ସତର୍କ ରହିବାକୁ ପଡ଼ିଲା । ''ଯା ନିଶା ସର୍ବଭୂତାନାଂ ତସ୍ୟାଂ ଜାଗର୍ତ୍ତି ସଂଯମୀ ।''

ଥଇଥାନ ଅଫିସରଙ୍କ ଘରଣୀଙ୍କର ବୋଧହୁଏ ଛଅମାସ ଗଡ଼ିଗଲାଣି । ଏଣେ ଆମ୍ବଗୁଡ଼ାକ ଏମିତି ଲାଲି ଟହ ଟହ ଦିଶିଲାଣି ଯିମିତି ମୂଳରେ କିଏ ବିନ୍ଦୁ ବିନ୍ଦୁ ରକ୍ତ ଢାଳି ଫଳଗୁଡ଼ାକ ବଢ଼ାଉଚି । କୁନିଝିଅ ପଦୁଆଁ ବି ଖେଳିବୁଲି ସୁଆଗ-ଶରଧା ପାଇ ଟିକିଣିଆ ଦିଶିଲାଣି ।

ଆଜି ଗୁଣ୍ଡିଚା । ମହାପୁଣ୍ୟ ଦିବସ । ଆଜି ବ୍ରହ୍ମାଣ୍ଡକର୍ତ୍ତା ଜଗନ୍ନାଥ ରଥରେ ଚଢ଼ି ମାଉସୀ ଘରକୁ ଯିବେ । ସ୍କୁଲ ପିଲା, କଚେରିଆ ସମସ୍ତଙ୍କ ଛୁଟିଦିନ, ଆନନ୍ଦ ଉତ୍ସବ ଦିନ ।

ଆମ୍ବମୂଳିଆଙ୍କର ବି ଆଜି ଉତ୍ସବ । ପୂଣ୍ୟାତ୍ମା ଗୋପବନ୍ଧୁଙ୍କ ଉଦ୍ଦେଶ୍ୟରେ ସହରର କିଏ ଜଣେ ମିଲ୍ ମାଲିକ କାଙ୍ଗାଳ ଭୋଜନର ଢେଙ୍ଗୁରା ଦେଇଛନ୍ତି । ଅନ୍ତେବାସୀମାନେ ପ୍ରଶେସନ୍‌ରେ ବାହାରିବାକୁ ବ୍ୟସ୍ତ । ହାଣ୍ଡିକୁଣ୍ଡି, କନା କନ୍ଥା ଆମ୍ବ ଗଛର ଥୁଣ୍ଟା ଡାଳରେ ଟଙ୍ଗାହୋଇ ସାଇତା ହେଲାଣି ।

ଦୁନିଆଁରେ ଆଜି ସବୁଠୁଁ ବେଶି ଖୁସି ଅନ୍ଧୁଣୀ ଓ ତା' କୁନିଝିଅ ପଦୁଆଁ । ଚାରିପାଞ୍ଚ ବର୍ଷ ପରେ ଅନ୍ଧୁଣୀ ଆଜି ଫେର ବଜାରକୁ ଯିବ । ପୁଣି ପଦୁଆଁ ତାକୁ ବାଟ କଢ଼ାଇବ । ଦିନ ଥିଲା ଖୋଦ୍ ବିଷ୍ଣୁ ତାକୁ ହାତ ଧରି ସାଙ୍ଗରେ ନେଉଥିଲେ, କିନ୍ତୁ ସେ ଅଚଳନ୍ତି ହେବା ଦିନଠୁଁ ଅନ୍ଧୁଣୀକୁ ଢିପ ଜାଗା ଉପରେ ବସି ଦିନଯାକ ଚିତ୍‌କାର କରିବାକୁ ପଡୁଥିଲା । ଏତେ ଦିନ ଯାହାକୁ ଦେହରକ୍ତ ଦେଇ, ଉଷୁମ ଦେଇ ବଢ଼ାଇଛି ସେ ଆଜି ତାକୁ ଭୋଜିକୁ ନେବ ଶୁଭ ଦିନରେ ।

ପଦୁଆଁ ଫ୍ରକ୍ ପିନ୍ଧିଛି । ଚକଚକିଆ ନାଲି ଛିଟର ଫ୍ରକ୍ । ଅନ୍ଧୁଣୀର ସର୍ବୋଦୟ ପାତ୍ରରୁ ସଞ୍ଚିତ ଛଅ ମାସର ଅର୍ଥରେ ଏଇ ଜାମାଟି ତିଆରି । ପୁଣି ଖଲିଫା ସିଲାଇ ପଇସା ଛାଡ଼ି ଦେଇଛି । ନୂଆ ଜାମାଟି ପିନ୍ଧି ପଦୁଆଁ ଖିଲି ଖିଲି ହସି ଗଡ଼ିଯାଉଛି । କାଠ ପଥର ପାଲଟି ଥିବା ପ୍ରତିମାଙ୍କ ଆଖିରୁ ବି ଝରି ଆସିଛି ଆନନ୍ଦରେ ।



Digitized by srujanika@gmail.com

ଶୋଭାଯାତ୍ରା ବାହାରି ପଡ଼ିଲା । ଦଳର ସବା ଆଗରେ "ଲେଡ଼ିସ୍ ଫାଷ୍ଟ" ନୀତିରେ ପଦୁଆଁ ପଛକୁ ରାସ୍ତାର "ଫାଷ୍ଟ ଲେଡ଼ି" । ଧୂଳି ଉଡ଼ାଇ ଉଡ଼ାଇ ଚାଲିଛି କୁନିବାଡ଼ିର ମୁଣ୍ଡ ଧରି । ଆର ମୁଣ୍ଡଟି ଧରିଛି ଅନ୍ନପୂର୍ଣ୍ଣା । ଦୁହିଁଙ୍କର ଆଜି ସମାବର୍ତ୍ତନ ଉତ୍ସବ ।

ବିଷ୍ଣୁ ପ୍ରତିମା ଚାହିଁଥାନ୍ତି । ସେ ଦୁହେଁ ଯେତିକି ଦୂରକୁ ଦୂରକୁ ଯାଉଥାନ୍ତି ତାଙ୍କର ହୃଦତନ୍ତ୍ରୀ ସେତିକି ଲମ୍ୱି ଲମ୍ୱି ଯାଉଥାଏ । କିନ୍ତୁ ବାଉଁଶ ବଣରେ ସେମାନେ ଯେତେବେଳେ ଲୁଚିଗଲେ ସେତେବେଳେ ସେ ବୁଝିଲେ ବିକଳାଙ୍ଗ ଓ ଅକର୍ମଣ୍ୟ ହେଲେ ବି ପ୍ରିୟଜନର ସାନ୍ନିଧ କେତେ ମୂଲ୍ୟବାନ, କେତେ ସନ୍ତାପହାରୀ ।

ସେ ଆଜି ନିଶ୍ଚିନ୍ତ । କାରଣ ସନ୍ଧ୍ୟାରେ ରାଷ୍ଟ୍ରୀୟ ପାକଶାଳା ବନ୍ଦ । ତେଣୁ କିଛିକାଳ ପାଇଁ ତନ୍ଦ୍ରାନ୍ୱିତ ବା ଯୋଗାରୂଢ଼ ହେଲେ । ଯେତିକି ଆମ୍ୱଗୁଡ଼ାକ ଲାଲ ହୋଇଛି ସେତିକି ପରିମାଣରେ ସେ ଫିକା ହଳଦିଆ ହୋଇଛନ୍ତି । ଆଖି ଦୁଇଟା ମେଲା ରଖିବା କ୍ରମେ ତାଙ୍କୁ କଷ୍ଟ ହେଉଛି । ଗଲା ଦୁଇ ତିନି ମାସ "ଆଶଙ୍କା ଭୟ ବିପଦ ନିରନ୍ତର ରାଜମନ" ଅସ୍ଥିର କରିଛି । ସକାଳଯାକ ଗୁଳୁଗୁଳି । ତା'ଛଡ଼ା ଦୂର ସମୁଦ୍ର ବା ମେଘ ବା ପାହାଡ଼ର ଗର୍ଜ୍ଜନ ସେ ଥରେ ଦି'ଥର ସକାଳେ ଶୁଣିଛନ୍ତି । ସମସ୍ତେ ସୁଖରେ ସଞ୍ଜକୁ ଫେରିବେ ତ ?

କଚେରୀ ଘଣ୍ଟାରେ ଦୁଇଟା ବାଜିଲା । ଏଡ଼େ ନିର୍ଜ୍ଜନ ଅପରାହ୍ନ ଯେ ଘଣ୍ଟାର ଶେଷ ସ୍ପନ୍ଦନ ଦି'ଥର ବାୟୁମଣ୍ଡଳକୁ ଆଲୋଡ଼ିତ କରି ଆମ୍ୱ ଗଛର ପତ୍ରରେ ବି କମ୍ପନ ଆଣିଦେଲା ।

ଘିର୍‌ର ଘିର୍‌ର । ଡପ୍ ଡପ୍ ।

ଧ୍ୟାନଭଙ୍ଗରେ ପ୍ରତିମା ଦେଖିଲେ ପିଚୁ ସଡ଼କରେ ନାଲି ଆମ୍ୱଟାଏ ଗଡ଼ି ଗଡ଼ି ଯାଉଛି, ପିଲାଟାଏ ତାକୁ ଧରିବାକୁ ଯାଉଛି । ଆଉ ଗୋଟିଏ ଆମ୍ୱ ନର୍ଦ୍ଦମାରେ ପଡ଼ିଛି ଏବଂ ଆଉ ଗୋଟାଏ ପିଲା ତାକୁ ଗୋଟାଇବାକୁ ଯାଉଛି । ଛୁଟି ଦିନରେ ବାପା ମାଆ ଶୋଇପଡ଼ିବା ପରେ ଲବକୁଶ ବୋଧହୁଏ ବାହାରିଛନ୍ତି ଗୋଲେଇ, ଭଙ୍ଗାଇଟା, ବ୍ଲେଡ଼, ଲୁଣ ଲଙ୍କାମରିଚ ନେଇ ଦିଗ୍‌ବିଜୟରେ ।

"ବେଶ୍ ବେଶ୍, ସେଇ ଗୋଟାକ ନେଇ ଚାଲିଯାଅ । ଖରାରେ ବୁଲ ନାହିଁ, ବାପା ରାଗିବେ । ଘରକୁ ଯାଅ ।" ଖଣ୍ଡିଆ ହାତଟା ସଡ଼କ ଉପରେ ଆମ୍ୱଟା ଆଡ଼କୁ ବଢ଼ାଇ ବିଷ୍ଣୁପ୍ରତିମା ଏଇ କଥାଗୁଡ଼ାକ କହିଲେ । ଫ୍ରେନର କୁଶ ସାଉଁଟିଲା ବେଳକୁ ସେ ଏମିତି ଗୋଟାଏ କଦର୍ଯ୍ୟ ଗଳା ଶବ୍ଦ ବାହାର କଲେ ସେ ପିଲାଟି ଚମକି ପଡ଼ିଲା ଓ ଆମ୍ୱଟି ତାଙ୍କରି



Digitized by srujanika@gmail.com

ଆଡ଼କୁ ଫୋପାଡ଼ି ଦେଇ ଦଉଡ଼ି ପଳାଇଲା । ଭାଇକୁ ଖଣ୍ଡେ ଦୂରକୁ ଯାଇ କହିଲା, "ବାବା ! ଦେଖିଲୁ ନା ଭାଇ, କେଡ଼େ କଦର୍ଯ୍ୟ ଚେହେରା ସେ ଲୋକଟାର" ।

ଦଣ୍ଡେ ପରେ । ପୁଣି ଶୂନ୍‌ଶାନ୍ । ଖଲିଫା ଦୋକାନର କାଠ କବାଟର କେଁ କଟର ସ୍ୱରଟା ପ୍ରସାରିତ ହେଉଁ ହେଉଁ କଚେରୀ ଘଣ୍ଟା ବାଜିଲା ଦୁଇଥର । ପ୍ରଥମରେ ଧୀରେ ପରେ ଖୁବ ଜୋରରେ ଦୋକାନ ଭିତରେ ରେଡ଼ିଓରୁ ଭେରୀ ତୁରୀ ଶବ୍ଦ କଟକ ଷ୍ଟେସନରୁ ଆସି ଆସ୍ଥାନଟିକୁ ଥରାଇ ଦେଲା । ପ୍ରତ୍ୟକ୍ଷଦର୍ଶୀଙ୍କ ବିବରଣୀ ଦୁନିଆଁକୁ ଜଣାଇ ଦେଲା, "ଜଗନ୍ନାଥ ରଥକୁ ବିଜେ କଲେ । ଏଥର ଯାତ୍ରାରମ୍ଭ ।" "ଜୟ ଜଗନ୍ନାଥଙ୍କ ଜୟ ।"

ଆଖି ଫିଟାଇ ଜରଦ୍‌ଗବ ଦେଖିଲେ ନାଜର ବାବୁ ଦୁଇଜଣ ପିଅନ ସହିତ ଉପସ୍ଥିତ । ହାତରେ ଏ.ସି.ସି. ଛାପା ଦିଆ ଯୋଡ଼ିଏ ସିମେଣ୍ଟ ବୋରା । ଚାହୁଁ ଚାହୁଁ ମଧୁକୈଟଭ ସିଂହାସନ ଉପରେ ଗୋଡ଼ ରଖି ରାମଭକ୍ତଙ୍କ ପରି ଗଛକୁ ଉଠିଗଲେ । ନାଜର ବାବୁ ଅଗ ଡାଳର ଲାଲି ଫଳଗୁଡ଼ାକୁ ଦେଖି ଭାବୁଥା'ନ୍ତି, ଏଥର ଥଇଥାନ ହାକିମଙ୍କ ଘରଣୀ ଅଲବତ୍ ପୁଅ ଜନ୍ମ କରିବେ ଏ ସିନ୍ଦୂରୀ ଆମ୍ବର ଆଚାର ଖାଇଲେ ।

ପ୍ରତିମା ଭାବୁଥିଲେ କହିବେ, "ବାବୁ ! ଆମେ କୁଡ଼ିଆଗୁଡ଼ାକ ଅଟକ କରି ରଖିଛୁଁ । ଚିରୁଳେ ଚିରୁଳେ ।"

କିନ୍ତୁ ନାଜର ବାବୁ ଯଦି ଓଲଟି କହନ୍ତି, "ଚୁପ ରହ । ଝଡ଼ ତୋଫାନରେ କଚେରୀ ପିଣ୍ଡାକୁ ଆଶାରଖିବୁ ନାହିଁ । କୂରା ଲଗାଇ ଘଉଡ଼ାଇ ଦେବି, କେଉଁ ବାପା ରଖିବ ସେତେବେଳେ ତୋତେ ଦେଖିବି ।"

ନୀରବ ରହିଲେ ସେ । ତାଙ୍କର ବା ଶକ୍ତି ସାମର୍ଥ୍ୟ କ'ଣ ଅଛି ? ଲୋକେ ମାନନ୍ତି, ବିଶ୍ୱାସ କରନ୍ତି ବୋଲି ଠାକୁର । ନ ମାନିଲେ ? ତାଙ୍କର କଦର୍ଯ୍ୟ ଚେହେରାକୁ, ଭୀଷଣ ଡ଼ିଆଁ ରୋଗକୁ ଯଦି କେହି ନ ଡ଼ରିବେ, ଖାତିର ନ କରିବେ ତେବେ ସେମାନଙ୍କୁ ତଡ଼ିବାର ପରାକ୍ରମ ତାଙ୍କର କାହିଁ ? ସେ ମକାବାଡ଼ିର ଛାର ହୁରୁଡ଼ାଟାଏ ସିନା !

ଆମ୍ବ ଗୋଟାଏ ଡେମ୍ଫରୁ ତୋଳାହେଲେ ପ୍ରତିମା ଶିର ଗୋଟିଏ ଛିଡ଼ି ଯାଉଥାଏ । ଦଶ ମିନିଟ ଭିତରେ ବୋରା ଦୁଇଟି ଭର୍ତ୍ତି ।

ମଢ଼ ପଡ଼ିଲେ ଶାଗୁଣାର ଅଭାବ ନାହିଁ । କିମିତି ଖବର ପାଇଲେ ଦାରୋଗା ବାବୁ, ଆସିଲେ ତିନି ଚାରିଜଣ ମେହେନ୍ତର ଟୋକା ନେଇ ବିଷ୍ଣୁ ପ୍ରତିମା ଭାବିଲେ, କୁକୁରଗୁଡ଼ାକୁ



Digitized by srujanika@gmail.com

ଯିଏ ବିଷ ଦେଇ ମାରେ ସେମାନଙ୍କର ବା ତାଙ୍କ ପ୍ରତି ମମତା କେଉଁଠୁ ଆସିବ ? ସେ ନୀରବ ରହିଲେ ବି ଦାରୋଗା ହସି କହିଲେ, "ଏ ପାଟି ଫିଟାଇବୁ ତ, ମଲେ ଏଇଠି ପଡ଼ିଥିବୁ । ଏମାନେ ମୋତେ ଛୁଇଁବେ ନାହିଁ ତୋତେ । କାଉ କୁକୁର ବି ଖାଇବେ ନାହିଁ ।

ତା'ପରେ ଗଛଟା ସର୍ବସାଧାରଣ ହୋଇଗଲା । ରିକ୍‌ସାବାଲାଏ ରିକ୍‌ସା ଛିଡ଼ା କରି ବାଡ଼ି, ଇଟା, ପଥର ସାହାଯ୍ୟରେ ଯାହା ବାକୀ ଥିଲା ସବୁ ନେଇଗଲେ । କେବଳ ପତରଲୁଚା ଆମ୍ବଟିଏ କେମିତି ଗଣ୍ଡିରେ ଲାଖି ହୋଇ ରହିଗଲା, କେହି ଦେଖିପାରିଲେ ନାହିଁ ।

ମଣିଷର (ପୁରୁଷର ?) ମଣିଷ ପ୍ରତି ଏ ବ୍ୟବହାର ଦେଖି ପ୍ରକୃତି ମଧ୍ୟ ନଖ ମୁହଁ ଲାଲ କରି ଡ୍ରେଗନ ପରି ମାଡ଼ି ଆସିଲା । ଯେମିତି କହୁଥାଏ "ଏଗୁଡ଼ାକୁ ଆଉ ଦୟା ନାହିଁ । ଦୁନିଆଁରେ ଯାଙ୍କ ଚିହ୍ନ ରଖିଦେବି ନାହିଁ । ବର୍ଷା, ବିଜୁଳି, ବଜ୍ର, କୁଆପଥର, ଅଣଚାଶ ସମସ୍ତେ ଯିମିତି ଛୋଟିଆ ମେଘ ଖଣ୍ଡିକରେ ଜାକିଜୁକି ରହିଥିଲେ ଏକାବେଳେକେ ମୁକ୍ତିପାଇ ଧାଁଇଲେ ଆମ୍ବ ଗଛର ଲୁଟତରାଜରେ ଯୋଗଦେବେ ବୋଲି ।

ଜଗନ୍ନାଥ ରଥକୁ ବିଜେ କଲେ । ବର୍ଷା ନ ହୋଇ ଯିବ କୁଆଡ଼େ ? ଖଲିଫାଟି କବାଟ ଅଳ୍ପ ମେଲାକରି ପ୍ରକୃତିର ତାଣ୍ଡବରେ ପଡ଼ୋଶୀ ରାଷ୍ଟ୍ର ଓ ରାଷ୍ଟ୍ରପତିଙ୍କ ଅବସ୍ଥା ଦେଖିବାକୁ ଚେଷ୍ଟା କରିଥିଲା, କିନ୍ତୁ ବିଜୁଳି ଝଲକରେ ଆଖି ତା'ର ଝାପସା ହୋଇଗଲା ।

ସବୁ ସିନ୍ଦୂରୀ ଆମ୍ବର ରଙ୍ଗ ନେଇ ସୂର୍ଯ୍ୟଦେବ ଲୁଚିଗଲେ । ଶୂନ୍ୟଚାରୀଦଳ ବି ଫେରିଲେ ପରିକ୍ରମାରୁ । ଦେଖିଲେ ଡ୍ରେଗନର ଅତର୍କିତ ଆକ୍ରମଣରେ ପଞ୍ଚବାର୍ଷିକ ଯୋଜନାର ଗୋଟାଏ ପର୍ଯ୍ୟାୟ ବିପର୍ଯ୍ୟସ୍ତ ଓ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି । ରାଷ୍ଟ୍ରର ଭଗ୍ନସ୍ତୂପ ଉପରେ ବସିଛନ୍ତି ରାଷ୍ଟ୍ରପତି । ଅନାଇଛନ୍ତି ନିର୍ନିମେଷ ନେତ୍ରରେ ଗୀର୍ଜା ଉପର କ୍ରୁଶକୁ - ଯେଉଁ ପ୍ରଭୁ କେତେ ହସ୍ତପଦହୀନ ଲାଜାରସ୍‌କୁ ସ୍ପର୍ଶମାତ୍ରେ ସୁସ୍ଥ ସବଳ କରିଛନ୍ତି, ତାଙ୍କରି ଚିହ୍ନକୁ ।

ପ୍ରାକ୍ ସୃଷ୍ଟି କାଳର ଅନ୍ଧକାର । ଇଲେକ୍‌ଟ୍ରିକ୍ ବତୀ ନାହିଁ । ତଳ ଓଦା, ଉପର ଓଦା, ଦେହ-ଭିଜି ତିନ୍ତି ଥଣ୍ଡା । ଡରବର ହୋଇ କଚେରୀ ବରଣ୍ଡାକୁ ଚାଲିଲେ ସମସ୍ତେ ।

ପ୍ରତିମା ନିର୍ବାକ ନିସ୍ପନ୍ଦ । କିଏ ବା ତାଙ୍କ କଥା ବୁଝୁଛି ? ନିଜେ ନିଜେ ବଞ୍ଚିଯାଇଛନ୍ତି ଖଣ୍ଡ ପ୍ରଳୟରୁ ଯା ପିଣ୍ଡା ତା ଓଳି ତଳେ ରହି । ଆମ୍ବ ଅଛି କି ନାହିଁ ସେ କାଲିକା କଥା । ପେଟେ ପେଟେ ଖାଇଛନ୍ତି । କଚେରୀ ପିଣ୍ଡାର ମାଙ୍କଡ଼ା ପଥର ଚଟାଣରେ ଦଣ୍ଡକେ ନିଘୋଡ଼ ନିଦରେ ସମସ୍ତେ ଶୋଇଗଲେ । ବଜାରଟା ମୁହଁ-ସଞ୍ଜରେ ଶ୍ମଶାନ ହୋଇଗଲା ।



Digitized by srujanika@gmail.com

ଦରାଣ୍ଡି ଦରାଣ୍ଡି ଅନ୍ଧପ୍ରାଣୀ ଓ କୁନିଝିଅ ପହଞ୍ଚିଲେ ସିଂହାସନ ପାଖରେ । ଛିଣ୍ଡାକନାରୁ ଭାତ ପୁଟୁଳାଟି ବାହାର କରି ପ୍ରତିମା ଆଗରେ ନୈବେଦ୍ୟ ଥୋଇଦେଲେ ।ପ୍ରତିମା ଚଳୁ କରୁନାହାନ୍ତି କାହିଁକି ? କୁନି ଝିଅ ପିଣ୍ଡଟିଏ ମୁହଁ ପାଖରେ ଧରିଦେଲା, ତଥାପି ପାଟି ମେଲା କରୁନାହାନ୍ତି କାହିଁକି ? ଶୋଇଥିବେ ? ହାତ ଦେଇ ଝିଅଟି ହଲାଇଦେଲା । ଦେହ ଏକାବେଳକେ ତୁଳ ପରି ଥଣ୍ଡା ।

ଅନ୍ଧପ୍ରାଣୀ ହାତ ବୁଲାଇ ଜାଣିପାରିଲା । ପ୍ରତିମାଙ୍କ ରଥ ମାଉସୀ ବାଡ଼ିରେ ଲାଗିଗଲା । ଶୁଖିଲା କିରାସିନୀ ପଟା ଦି'ଖଣ୍ଡରେ ଲୁଗାକାନି ପାରି କୁନିକୁ ଶୁଆଇ ଦେଲା । ବିଷ୍ଣୁଙ୍କ ଗୋଡ଼ ପାଖରେ ଯେଉଁ ଆୟଟା ପଡ଼ିଥିଲା ତାକୁ ହାତରେ ଧରି ଶୋଇପଡ଼ିଲା ପଦୁଆଁ ।

ଅନ୍ଧୁଣୀ କାହାକୁ ଡାକିଲା ନାହିଁ କାନ୍ଦିଲା ନାହିଁ । ପ୍ରତିମା ବସିଥିବା ବାକ୍ସରେ ଯେଉଁ ଟିକକ ଜାଗା ଥିଲା ସେଇଠି ବସିପଡ଼ି ମୁର୍ଦ୍ଧାରକୁ କୁଣ୍ଢାଇ ଧରିଲା ଯେମିତି ତା' ଦେହର ଉଷୁମ ଯାଇ ଥଣ୍ଡା ଦେହଟାକୁ ପୁଣି ଗରମ କରିଦେବ । ପାଞ୍ଚ ଛଅ ବର୍ଷ ପୂର୍ବରୁ ଏଇ ବୁଢ଼ାଟା ଦେହରେ କେତେ ପ୍ରାଣ, କେତେ ଉଷୁମ ଥିଲା ଅଥଚ ଆଜି - । ନିଦ ଆସିଲାନି ଅନ୍ଧ ଆଖି ଦି'ଟାରେ । ତୁହାକୁ ତୁହା କୋହ ଆସିଲା ।

ବସି ବସି ଭାବୁଥାଏ ଆଜି ରାତିପରି ପାଞ୍ଚବର୍ଷ ତଳର ଗୋଟାଏ ଅନ୍ଧାର ରାତିର କାହାଣୀ ।

ବର୍ଦ୍ଧମାନ -କୋଠି । ଷ୍ଟେସନ ପାଖରେ - ସେହି ବୁଢ଼ା ବରଗଛଟା ଯାହା ଆଗରେ ଜ୍ଞାନକୋଷ ସଂକଳନ ଚାଲିଛି । ବିରାଟ ଗଛ, ପ୍ରଚୁର ଛାଇ, ପ୍ରଚୁର ଅନ୍ଧାର, ପ୍ରଚୁର ଫଳ । ଚାରି ପାଞ୍ଚ ଦିନ ହବ ସେ ଆନ୍ଧ୍ର ପ୍ରଦେଶରୁ ଆସି ଶୂନ୍ୟଚାରୀଙ୍କ ଦଳରେ ମିଶିଥାଏ ।

ରଜସଂକ୍ରାନ୍ତି । ଆଷାଢ଼ର ପ୍ରଥମ ଦିବସ । ମନ୍ଦକ୍ରାନ୍ତା ଛନ୍ଦର ସେହିଦିନ ପରିପୂର୍ଣ୍ଣତା ଲଭିଥିବା ମେଘଦୂତର ଦିନ । ରଜସ୍ୱଳା ପୃଥିବୀରୁ କେମିତି ଗୋଟାଏ ମଦ ଗନ୍ଧ ବାହାରୁଥାଏ । କର୍ଷଣଟାଏ ଲୋଡ଼ୁଥାଏ ଧରିତ୍ରୀ-ମାତା । ବସୁଧା ଏତେ ଉର୍ବର ଯେ ବୀଜଟାଏ ପଡ଼ିଲା ମାତ୍ରେ ଯିମିତି ଅଙ୍କୁରିତ ହୋଇ ଉଠିବ । ନରାଜ ପାହାଡ଼କୁ ଜାବୁଡ଼ି ଧରିଥାଏ ମେଘଟା, ଦେବଦାରୁ ଗଛର ଲମ୍ବା ଡାଳଗୁଡ଼ାକ ଥରକୁ ଥର ଝଙ୍କା ବରଗଛର ଓସାରିଆ ମେଲା ପତ୍ରଗୁଡ଼ାକୁ ଆଲିଙ୍ଗନ କରୁଥାନ୍ତି ଭ୍ରମର ଶୁଣ୍ଢ ଦେଇ ଫୁଲକୁ ଛୁଇଁଲାପରି ।



Digitized by srujanika@gmail.com

ଅନ୍ଧପ୍ରାଣୀ ଏସବୁ କିଛି ଦେଖିପାରେନି; କିନ୍ତୁ କଦମ୍ବଫୁଲର ପୁଲକ ସେ ଦେହରେ ବେଶ୍ ଅନୁଭବ କରୁଥାଏ କିମିତି ଏକ ଅନାଗତ ଆଶାରେ । କୋଟରଗତ ବାଆଁ ଆଖିର ପତାଟା ବି ହଠାତ୍ ଡେଇଁ ଉଠିଲା । ଡାକବଙ୍ଗଳା ପାଚେରୀ-କାନ୍ଥ ପାଖର ବିଜୁଳିବତୀଟା ବୋଧହୁଏ ସେତେବେଳେ ଲିଭି ଯାଇଥାଏ । ଗଛପତ୍ରର ଅନ୍ଧାର ସାଙ୍ଗକୁ ପୃଥିବୀଯାକର କିଟିମିଟିଆ ଅନ୍ଧାର ଭିତରେ ତା'ର ଅନ୍ଧାରୁଆ ଦେହଟା ଆଡ଼କୁ ଆଉ ଗୋଟାଏ ବହଳିଆ ଅନ୍ଧାରଖଣ୍ଡ ଯିମିତି ଘୁଞ୍ଚିଘୁଞ୍ଚି ଆସି ଜାବୁଡ଼ି ଧରିଲା । ଅନ୍ଧାରଟା ବି ଏତେ ଉଷୁମ, ଏତେ ଆରାମଦାୟକ । ସେହି ଅନ୍ଧାର ପାଖରେ ନିଜକୁ ସମର୍ପଣ କରିଦେଲା, ମିଶାଇ ଦେଲା ଅନ୍ଧୁଣୀ । ସେଇ ଗୋଟିକ ଦିନ ସେ ଜୀବନର ଆଲୋକ ଦେଖିଥିଲା ଅନ୍ଧାର ଭିତରେ । ଆଲୋକ ଅନ୍ଧାରର ଏଇ ଯୁଗପତ୍ ଉପଲବ୍ଧି ଭିତରେ ସେ କେତେ ସମୟ ବୁଡ଼ି ରହିଲା ଜାଣେନି । ଦେବଦାରୁ ଗଛଟାରୁ ଗୁଡ଼ାଏ ଫଳ ଓ ଝଙ୍କା ବରଗଛରୁ ଗୁଡ଼ାଏ ପାଣିଟୋପା ଝଡ଼ଝଡ଼ ହୋଇ ପଡ଼ିଗଲାରୁ ତା'ର ଚେତା ଆସିଲା ।

ସେଇ ଜୀଅନ୍ତା ଉଷୁମ ଅନ୍ଧାରଟା ଆଜି ଏମିତି ପ୍ରାଣହୀନ ଓ ଥଣ୍ଡା । ଆଜିର ଏହି ଭାବନା ଯେଉଁ ଦିନ ବାସ୍ତବ ଥିଲା ତା'ର ଦୁଇତିନି ମାସ ପରେ ସେଇ ବରଗଛଟା କଟାଗଲା ରେଳବାଇ କଲୋନୀର ସମ୍ପ୍ରସାରଣ ପାଇଁ । ଆଜିର ଏଇ ଧ୍ୱଂସସ୍ତୂପରେ ପରିଣତ ରାସ୍ତାର ମୂଳଦୁଆ ତା'ପରଦିନ ଦିଆଯାଇଥିଲା ଏଇ ଆମ୍ବଗଛ ମୂଳରେ । ଗୋଟାଏ ନିଦାରୁଣ ବୈଶାଖ ରାତିରେ କୁମାରୀ ସମ୍ଭବ ହୋଇଥିଲା ଏଇଠି ବିବ୍ ଦାଣ୍ଡରେ ।

ଅନ୍ଧୁଣୀର ଛାଇନିଦ ଚାଉଁକିନା ଭାଙ୍ଗିଗଲା । ହାତ ଅଣ୍ଡାଳି ସେ ଦେଖିଲା, କୁନି ନାହିଁ, ଝିଅ ନାହିଁ । ଥରକୁ ଥର ଡାକିଲା ''ପଦୁଆଁ'' - ''ପଦୁଆଁ'' ବୋଲି । ଜବାବ୍ ନାହିଁ । ଆଶଙ୍କାରେ ବିହ୍ୱଳ ହୋଇ ପ୍ରତିମାକୁ ହଲାଇ ଦେଲା ଜୋର୍‌ରେ । ପ୍ରତିମା ସିଂହାସନରୁ ତଳକୁ ଢଳିପଡ଼ିଲେ ।

ସକାଳ ହେଲା । ଓଦା ଲୁଗାପଟା, ଟିଣଡ଼ବା ହାଣ୍ଡିକୁଣ୍ଡି, ଲୋଟା କମ୍ବଳ ଧରି ପୁଣି ପଟୁଆର ଚାଲିଲା ଷ୍ଟେସନ ଆଡ଼କୁ । କିନ୍ତୁ ପଟୁଆରରେ ସେଇ ଦି'ଜଣ ଢେଙ୍କାନାଳୀ ମହିମାଗାଦୀବାଲା ନ ଥିଲେ । ବୁଢ଼ାଗଛର ଆମ୍ବ ସଙ୍ଗେ ସଙ୍ଗେ ପଦୁଆଁକୁ ବି ସେମାନେ କ'ଣ - ?

ଲାଟ୍ ସାହେବ ଆସିବେ ବୋଲି ସହର ସଫେଇ କାମ ଜୋରସୋର ଚାଲିଛି । ମ୍ୟୁନିସିପାଲିଟି ଟ୍ରକରେ ଦଳଦଳ ହୋଇ ଆସିଗଲେ ଦାରୋଗା । ଚାହୁଁ ଚାହୁଁ ଆମ୍ବଗଛ ମୂଳଟା ସଫା ହୋଇଗଲା । ଚୁଲ୍ଲୀଗୁଡ଼ାକ ଗୋଇଠା ମାରି ସେମାନେ ଭାଙ୍ଗିଦେଲେ ।



Digitized by srujanika@gmail.com

ବିଷ୍ଣୁ ପ୍ରତିମାଙ୍କ ଅଣ୍ଟାରେ ଯେଉଁ ଛାଣିଶୁଣି ବନ୍ଧା ଥିଲା ସେଥିରେ ଶହେ ଆଗ ନୂଆ ପଇସା ଥିଲା । କାପେ କାପେ ଚା ଓ ପାନ ଖଣ୍ଡିଏ ଖଣ୍ଡିଏ ଖାଇ ପାଟି ଲାଲ କରି ନୂଆ ଉତ୍ସାହ ନେଇ ଆସିଲେ ଦାରୋଗାଙ୍କ ଦଳବଳ । ଦଉଡ଼ିରେ ବାନ୍ଧି ଘୋଷାଡ଼ି ଘୋଷାଡ଼ି ଆଖି ପିଛୁଳାକେ ଉଠାଇ ନେଲେ ପ୍ରତିମାଙ୍କୁ ରଥ ଉପରକୁ । ନରମ ପଲ୍ଲବ ଶଯ୍ୟାରେ ଶୋଇ ଶୟନ-ପୂର୍ଣ୍ଣିମା ଆସୁ ନ ଆସୁଣୁ ପ୍ରତିମା ଚାଲିଗଲେ କମ୍ପୋଷ୍ଟ ପଡ଼ିଆକୁ ।

ଅନ୍ଧପ୍ରାଣୀଟି କିଛି ଦେଖିପାରିଲା ନାହିଁ, କେବଳ ଶୁଣିଲା ଗୋଟାଏ ବିରାଟ ଅଟ୍ଟହାସ୍ୟ ପରେ ବୁକୁଫଟା ଚିତ୍କାର ''ହରି ନାମ ସତ୍ୟ ହୈ'', ଆଉ ଟ୍ରକ୍‌ର ଘର୍ ଘର୍ ଶବ୍ଦ ।



Digitized by srujanika@gmail.com

# ଭଡ଼ାଟିଆ

'ସବା ଶେଷରେ ତେବେ ମିଳିଲା, ତୋ ଚିଠି ପଢ଼ି ମୁଁ ମୋତେ ବିଶ୍ୱାସ କରିପାରିଲି ନାହିଁ ଯେ ଘରଟାଏ ମିଳିବ ।''

''ତା କିମିତି କରନ୍ତୁ । ମହାନ୍ତିଙ୍କ 'ଘର' ଗଳ୍ପଟା କ'ଣ ପଢ଼ି ନଥିଲୁ ?''

''ସେଇ ଶାର୍ଦ୍ଦୂଳ ବିକ୍ରୀଡ଼ିତ, ଅନୁଷ୍ଟୁପ୍ ମନ୍ଦାକ୍ରାନ୍ତାଙ୍କ କଥା ତ ? ଆଚ୍ଛା, ଘର କିମିତି ?''

''ତୋର ଭାଗ୍ୟ ଭଲ । ଘର ଏକଦମ ବଢ଼ିଆ । ଦୋ'ତାଲା, ଉପର-ତାଲା ଆମର । ଖୋଲାଜାଗା, ପ୍ରଚୁର କାଠଯୋଡ଼ି ହାଓ୍ୱା, ଇଲେକ୍‌ଟ୍ରିଫାଏଡ୍, ସ୍କୁଲ, ସିନେମା, ଡାକ୍ତରଖାନା ସବୁ ପାଖରେ ।''

''ପାଣି ?''

''ଅଗଣାରେ କୂଅ । ଅସୁବିଧା ସେତିକି । କୂଅ, ବାଥ୍ ତଳେ ।''

''ତଳେ କିଏ ରହେ ?''

''ଖୋଦ୍ ଘରବାଲା ।''

''ଭଡ଼ା ?''

''ଦେଢ଼ଶ' । ଏଡ଼ଭାନ୍‌ସ ପଚାଶ ଟଙ୍କା ।''

''ଏତେ ଭଲ ଘରଟାଏ ଖାଲି ପଡ଼ିଥିଲା କିମିତି ?''

''ଘରର ସେତିକି ବଦ୍‌ନାମ । ସେଠି କେହି ବେଶିଦିନ ତିଷ୍ଠିପାରନ୍ତି ନାହିଁ । ଅନେକ ସମୟରେ ମଝିରେ ମଝିରେ ସେଥିପାଇଁ ଘର ଖାଲିଥାଏ ।''

''ବୁଝିଲି । ଜୀବନର ଅଭିଜ୍ଞତାରୁ ମୁଁ ବୁଝିଛି ଘର ପାଇବା ଯେତେ କଷ୍ଟ ନୁହେଁ, ପର ଘରେ ରହିବା ତାଠୁ ବଳି କଷ୍ଟ । ପର ଘରକୁ ଆମେ ନିଜ ଘର ପରି ବ୍ୟବହାର କରୁନା । ପିଲାଝିଲାଙ୍କୁ ଭଲ ପାଉନା । ଘରବାଲା ଶାଇଲକ୍ ହେଲେ ବି ମୋର କେବେ କୌଣସି ଘରବାଲା ସଙ୍ଗେ ଝଗଡ଼ା ହୋଇନି । ଏ ବିଷୟରେ ମୋର ଦେଢ଼ଶୀଙ୍କ ନିତି ।''



Digitized by srujanika@gmail.com

''ଦେଢ଼ଶୀଳ'' ବୋଲି କିମ୍ଭୂତକିମାକାର ଶବ୍ଦ ଶୁଣି ବନ୍ଧୁଜଣକ ସାଇକେଲଟାକୁ ମହେଶବାବୁଙ୍କ ରିକ୍‌ସା ପାଖେ ପାଖେ ଚଳାଇଲେ । କଥା ଗୁଡ଼ାକ ଯିମିତି ଭଲଭାବରେ ଶୁଣିପାରିବେ ।

ମହେଶବାବୁ ଅନର୍ଗଳ କହୁଥାନ୍ତି, ''ପାରିବାରିକ କ୍ଷେତ୍ରରେ ଦେଢ଼ଶୀଳ, ଜାତୀୟ ସ୍ତରରେ ପଞ୍ଚଶୀଳ, ଏଫ୍ରୋ-ଏସୀୟ କ୍ଷେତ୍ରରେ ବାନ୍ଦୁଙ୍ଗର ଦଶଶୀଳ ।''

ବାଧାଦେଇ ବନ୍ଧୁଜଣଙ୍କ ମନ୍ତବ୍ୟ କଲେ, ''ତୋର ଏ ବିଚିତ୍ର ରାଜନୀତି ବା ଜୀବନଦର୍ଶନ ମୋର ଅବୋଧ । ଅଧ୍ୟାପକ ହେଲେ କ'ଣ ଏମିତି ବକ୍ ବକ୍ ହେବା, ଆଦର୍ଶ ନେଇ କଥାବାର୍ତ୍ତା କରିବା ଅଭ୍ୟାସଗତ ହୋଇଯାଏ ? ଆଚ୍ଛା ଦେଢ଼ଶୀଳଟା କ'ଣ ବୁଝାଇ ଦେ ତ ।''

''ପୃଥିବୀର ଅଭଳ ନମ୍ବର ରାଜନୀତିଜ୍ଞଙ୍କର ନୀତି 'Love thy neighbour' ଅର୍ଥାତ୍ 'ପଡ଼ୋଶୀଙ୍କୁ ଭଲପାଅ' ମୋର ଦେଢ଼ଶୀଳର ପୂରା ଅର୍ଥାତ୍ full ନୀତି । ମଣିଷକୁ ଜାନୁଆର ସ୍ତରରୁ ସାମାଜିକ ସ୍ତରକୁ ଆଣିଲା ଏଇ ନୀତିଟି । 'ବସୁଧୈବ କୁଟୁମ୍ବକମ୍', 'ସର୍ବେ ସୁଖୀନୋ ଭବନ୍ତୁ' 'ମିଛ କୁହ ନାହିଁ' ଇତ୍ୟାଦି ଉପଦେଶାବଳୀ ଏଇ ଶୀଳଟିର ଜ୍ୟାମିତିକ ଅନୁଶୀଳନୀ ବୋଲି ଧରାଯାଇ ପାରେ । ଏଇ ମୋର ଏକଶୀଳ ବାକି ଅଧକ -''

''ସେ ଅଧକ ପରେ ଶୁଣିବି । ଆଗେ ଘରେ ପଶିଯାଅ । ଏଇ ତ ସାମନା ମୋଡ଼ ଉପରେ ଘରଟା ।''

କିଛି ନ ଶୁଣିଲା ପରି ମହେଶବାବୁ ବ୍ୟାଖ୍ୟା କରିବାକୁ ଲାଗିଲେ । ଛୋଟ ଛୋଟ ପିଲାମାନଙ୍କୁ ଆମ ନିକଟକୁ ଆସିବାକୁ ଦିଅ । 'ଛୋଟ ପିଲାଙ୍କ ଅଧା ଟିକଟ । ମୋ ଦେଢ଼ଶୀଳର ବାକୀ ଅଧକ ଏଇଟି । ନିଜ ପିଲାଙ୍କୁ ସମସ୍ତେ ଭଲପାନ୍ତି, ପର ପିଲାଟିକୁ ଶରଧା କରିବା ଦୂରର କଥା, ଅନେକେ ପାଖ ପୂରାଇ ଦିଅନ୍ତି ନାହିଁ ।''

ରିକ୍‌ସାଗୁଡ଼ାକ ଛିଡ଼ାହେଲା । ଜିନିଷପତ୍ର ଉପରକୁ ଉଠିଲା । ଅଧ୍ୟାପକ ମହେଶଚନ୍ଦ୍ର ମହାପାତ୍ର ନୂଆକରି ପ୍ରବେଶ କଲେ ଜୀବନର ଊନପଞ୍ଚାଶତମ ଭଡ଼ାଘରେ ।

ବନ୍ଧୁ ବିଦାୟ ନେଲେ । କହିଲେ, 'Good Luck to Your ଦେଢ଼ଶୀଳ ।'

ଉପର ମହଲାରେ ନୂଆ ହୋଇ ଯେଉଁ ରାଜ୍ୟଟି ପ୍ରତିଷ୍ଠିତ ହେଲା, ତହିଁରେ ସ୍ୱୀକୃତି ଓ ନିଜର ପରିଚୟ ପତ୍ର ନେଇ ପଡ଼ୋଶୀ ରାଜ୍ୟର ରାଷ୍ଟ୍ରଦୂତ ଭାବରେ ଆସିଲା ଛୋଟ



Digitized by srujanika@gmail.com

ଝିଅଟିଏ । ତାର ପରିଚୟ କ୍ଷୀଣ ଘରବାଲୀର ମୀନା । ନୂତନ ରାଷ୍ଟ୍ରର ଶାନ୍ତିଦୂତ ହେଲା ମହେଶବାବୁଙ୍କ କନିଷ୍ଠ ପୁତ୍ର ମୁନୁ । ଦେଢ଼ଶୀଳ ନୀତି ପ୍ରୟୋଗର ଏହା ଅଯମାରମ୍ଭ ।

ସକାଳ ହେଲେ କାଇଞ୍ଚ ଡାଲାଟି ଧରି ଏତେତେଣେ ତରକି ମରକି ଚାହିଁ କୁନି ଝିଅଟି ଉପର ତାଲାରେ ପହଞ୍ଚିଯାଏ । ଡାଲାର ଖେଳନା ସବୁ ଗୋଟି ଗୋଟି କରି ବାହାର କରି ମେଲାଇ ବସିଥାଏ । ମୁନୁ ତା' ମୁହଁକୁ ଚାହିଁ ଖେଳନାଗୁଡ଼ିକୁ ନଜର କରେ ।

ଘରବାଲାର ମୀନା ଆରମ୍ଭ କରେ, ''ମୋର ଘଲ (ର) ।' ମହେଶ ବାବୁଙ୍କ ମୁନୁ ଏଇ 'ଅଛି' ପ୍ରତିଯୋଗିତାରେ ଯୋଗ ଦେଇ ତା' ଖେଳନା ବାକ୍ସରୁ ମଧ ଗୋଟିଏ ଗୋଟିଏ ଜିନିଷ ବାହାର କରୁଥାଏ ଏବଂ ତଳେ ରଖୁଥାଏ ।

ମୀନା ପୁଣି କହେ, 'ମୋ ଘଲ ।'

ମୁନୁ କହେ 'ମୋ ମଟଲ ।'

ପ୍ରତିଯୋଗିତା ବଢ଼ିଚାଲେ । ମୀନା କହେ, 'ମୋ ପୁତୁଲି ।'

ମୁନୁ କହେ, 'ମୋ ବଲ ।'

ମୀନା କହେ, 'ମୋ ଅଜୁ ବାଇ ।'

ମୁନୁ କହେ 'ମୋ ଟୁନୁ ଭାଇ ।'

ଏଥର ମୀନା ହାତରୁ ଟିକ୍‌କା ବାହାର କରି କହେ, 'ମୋ ମାଆ । ମୁନୁର ମାଆ ନାହିଁ ।' ଦେଖେ ହାତରେ ସାହେବଟା ଅଛି । ହାରିଗଲା ଗଳାରେ କୁହେ 'ମୋ ବାପା, ।'

ପ୍ରତିଯୋଗିତା ଶେଷ । ହାରଜିତ ସମାନ । ଏଥର ଖେଳ ଆରମ୍ଭ ହୁଏ । ମୀନା ବାହାର କରେ କଣ୍ଢେଇ, କନା, ଖଟୁଲି, ଟିକି ଟିକି ବାଲଟି, କରେଇ, ରୋଷାଇ ସରଞ୍ଜାମ । ମୁନୁ ଯୋତା ଖୋଳରୁ ବାହାର କରେ କାଚ ଥାଲି, ଚକ୍‌ଖଡ଼ି, ଦିଆସିଲି ବାକ୍ସ ।

କଣ୍ଢେଇଟିଏ ଧରି ମୀନା ପୁଣି ଆରମ୍ଭ କରେ 'ମୁଁ ବଲ(ର)' - 'ନା, ନା, ତୁ କନିଆଁ -' କହି ନପାରି ମୁନୁ କହେ 'ମୁଁ ବର' ମୀନା କହେ, 'ନା , ନା ତୁ କନିଆଁ ପରା ।' ତାରି କଥା ତାକୁ ଫେରାଇ ମୁନୁ କହେ, 'ନା, ନା ତୁ କନିଆଁ ପରା ।'



Digitized by srujanika@gmail.com

ବର କନିଆଁ ମେଳ ହୁଏ । ବାହାଘର ହୁଏ । ଶଙ୍ଖ ହୁଳହୁଳି ବାଜେ । କ୍ଷୀରିପିଠା ବି ହୁଏ । ଭାରି ମିଠା । ଜିଭର ଟକ୍‌ଟାକ୍ ଶବ୍ଦରୁ ତା ଜଣାପଡ଼େ ।

ମହେଶବାବୁ ଖଟରେ ଶୋଇ ଦୁହିଁଙ୍କ ଖେଳ ଦେଖୁଥାନ୍ତି ଏବଂ ଆତ୍ମ ପ୍ରସାଦ ଅନୁଭବ କରୁଥାନ୍ତି । କାରଣ ଦେଙ୍ଗଶୀଳ ନୀତିର ଅଧା ଭାଗକ ତାଙ୍କ ମନଲାଖି କାମ ହେଉଛି । ରାଷ୍ଟ୍ରଦୂତ ପର୍ଯ୍ୟାୟରେ ଯେଉଁ ସୌହାର୍ଦ୍ଦ ପ୍ରତିଷ୍ଠିତ ହେଲା, ରାଷ୍ଟ୍ରନାୟକ ପର୍ଯ୍ୟାୟରେ ସହାବସ୍ଥାନ ପାଇଁ ଅବଶ୍ୟ ଅନୁକୂଳ ପରିବେଶ ଓ ବାତାବରଣ ସୃଷ୍ଟି କରିବ । ଭାବାବେଶରେ ଭାବନ୍ତି ଯେପରି ଘରବାଲୀର ମୀନା ସହିତ ତାଙ୍କ ମୁନୁର ମନର ବିବାହ ହୋଇଯାଇଛି । ଘରବାଲୀ ତାଙ୍କ ସମୁଦୁଣୀ ହେବ ।

ବାକ୍‌ସ ଭିତରୁ ଗ୍ଲାକ୍‌ସୋ ବିସ୍କୁଟ୍ ପେକେଟ ବାହାର କରି ଟିକି ବୋହୂକୁ ଦି'ଟା ଯାଚନ୍ତି । ନୂଆବୋହୂ ଲାଜ କରେ, ମାନ କରେ, ମୁହଁ ଆଡ଼ କରିନିଏ । କିନ୍ତୁ ମୁନୁ ଯେତେବେଳେ କୁହେ, 'ନେ, ଖା, ବାପା ଦଉଛନ୍ତି ।' କନିଆଁ ଟିକି ହାତ ପାତି ନିଏ । ବର ପାଖରେ କନିଆଁର ଲାଜ କେତେ ସମୟ ରହେ କି ?

ଏତିକିବେଳେ ରାଜ୍ୟରକ୍ଷା ବିଭାଗର ଦାୟିତ୍ୱ ନେଇଥିବା ବୁଢ଼ା 'ଜେକ୍'ର ଗହମ ପହଡ଼ ଭାଙ୍ଗେ । ନାଲି ଆଖିରେ ଦେଖେ କେଉଁଠି କଅଣ ଅବା ଟୁକୁରାଏ ପଡ଼ିଥିବ । ଟୁକୁରା ଚାଟି ସାରିଲେ ମୁନୁ ମୀନାର ମୁହଁରେ ଲାଗିଥିବା ଗୁଣ୍ଡକୁ ମଧ ଲମ୍ବା ଜିଭଟା ବାହାର କରି ଚାଟି ସଫା କରିଦିଏ ।

ଖୁବ୍ ମିଠାଗଳାରେ ଘରବାଲି ତଳୁ ଡାକଛାଡ଼େ, ''ମୀନା ଲୋ ! ଭୋଗ ଖାଇବୁ ଆ ।'' ତରବରରେ ଖେଳନା ଯାକ ଗୋଟାଇ ଥଡ଼ବଡ଼ ହୋଇ ମୀନା ଉଠେ । ମୁନୁକୁ ଡାକେ, ''ଆ ଭୋଗ ଖାଇବା ।''

''ଜେକ୍'' ଯାଏ ଉପରତାଲା ରୋଷେଇଘର ଜଗିବାକୁ । ତଳକୁ ସେ ମୋଟେ ଯାଏ ନାହିଁ, ସେଇଟା 'ଛଲି'ର ରାଜ୍ୟ, ସହାବସ୍ଥାନ ନୀତି ସେମାନେ ବି ମାନି ଚଳନ୍ତି । ଘରବାଲା ଗର୍ବ କରେ ଦୁହିଁଙ୍କ ବୋଲକରା ଗୁଣ ଦେଖି । ସେ କହେ, ଦୁହିଁଙ୍କ ଦିହରେ ଆଲ୍‌ସେଶିୟାନ୍ ଛିଟା ଅଛି । ମହେଶବାବୁ କିନ୍ତୁ କୁକୁରଙ୍କ ଜନ୍ମବୃତ୍ତାନ୍ତ ବା ବଂଶାନୁବୃତ୍ତି ଜାଣନ୍ତି ନାହିଁ । ତାଙ୍କ ଆଖିରେ ଦି'ଟା ଯାକ ବୁଲାକୁତ୍ତା, ଖାଣ୍ଟିଦେଶୀ, ଛିଟାଫଟା କଥା ମିଛ । ଘରବାଲୀ ଜେକ୍‌କୁ ଭଲପାଏ । ତାକୁ ବୋଧହୁଏ ସେ ଉପଦେଶ ଦେଇଛି, ଦେଖ୍



Digitized by srujanika@gmail.com

ଜେକ୍, ଯାହା ଦେବେ ଖାଇବୁ, ଯାହା ପାଇବୁ ଖାଇବୁ, ଭିତରକୁ ଯାଇପାରିଲେ ବି ଭଲ କଥା । କିନ୍ତୁ ତଳକୁ ଆସିବୁ ନାହିଁ କି ତଳକୁ ଆଶା ରଖିବୁ ନାହିଁ ।'

ତଳେ 'ଜଲି' ବୋଲି ଯେଉଁ କୁତୀଟା ଅଛି, ସେ ବି ଚରି ବୁଲି ଖାଏ । 'ଜଲି' ଘରବାଲାର ପ୍ରିୟ, ତାର ଆଦେଶରେ ସେ ସାଇପାକର କୁକୁଡ଼ା, ମଲା ଛେଳିର ଚମ, ଗୋରୁହାଡ଼ ଘରକୁ ଆଣେ, ବାରଣ୍ଡାରେ କେତେବେଳେ ବା ରୋଷେଇଘରେ ରଖି ସେ ସବୁ ଖାଏ । ସେଥିରେ ଘର ମାରା ହୁଏ ନାହିଁ । ଘରବାଲା ଜଲିକୁ ଯେମିତି କହିଛି, 'ଦେଖ ଜଲି ! ଉପରବାଲା ତଳ ଗାଧୁଆ ଘରେ ସାବୁନ୍, ତେଲ, ତଉଲିଆ ଛାଡ଼ିଯିବେ, ତୁ ସେ ସବୁ ଛୁଇଁବୁ ନାହିଁ, ନ ହେଲେ ସେମାନେ ଆମକୁ ଚୋର ବୋଲି ଭାବିବେ ଟି ।'

ଜେକ୍ ଓ ଜଲିର ପୃଥକ ଦାୟିତ୍ୱ ଥିଲେ ମଧ ଭାଟଭିଖାରୀ ରିକସାବାଲା ରୂପରେ ଯେତେବେଳେ ବହିଃଶତ୍ରୁ ସୀମାନ୍ତରେ ଦେଖା ଦିଅନ୍ତି, ସେତେବେଳେ ସେମାନଙ୍କୁ ବିତାଡ଼ିତ କରିବାକୁ ମିଳିତ କର୍ତ୍ତବ୍ୟ ବୋଲି ଧରି ନିଅନ୍ତି । ଘରବାଲା ଅକ୍ଳେଶରେ ଶତ୍ରୁ ପୀଡ଼ାରୁ ଅବ୍ୟାହତି ପାଏ ।

ତଳେ ଭୋଗ ବଣ୍ଟା ଯାଉଛି । ମୀନା ଗୋଟିଏ ହାତ ପାତିଲେ ଘରବାଲୀ କୁହେ, 'ଆଞ୍ଜୁଳା କର' । ମୀନାର ଅଞ୍ଜଳି ଭରିଯାଏ କଦଳୀ, ରସଗୋଲା, ନଡ଼ିଆ ଚିରୁଳାରେ । ତଳେ ଯାହା ପଡ଼େ ତାହା ଜଲିର ଭାଗ । ମୁନୁ ବି ଡରି ମରି ହାତ ପାତେ । ଚିରୁଳାଏ ପିଜୁଳି ଆଉ କୋଟୋଚି ଉଖୁଡ଼ା ଖଇ ତା' ହାତରେ ପଡ଼େ । ଏକାଥରକେ ସବୁ ଶେଷ । ଜଲି ବିଚାରି ଚାହିଁ ରହେ । ମୁନୁ ପୁଣି ହାତ ପାତେ । ଘରବାଲୀ - ସମ୍ବେଦନାରେ କହେ, ହାୟ ହାୟ ! ମା' ନ ଥିଲେ ପିଲାଗୁଡ଼ାକ ଏମିତି ବିକଳିଆ, ମାଗିଖିଆ ହୋଇଯାନ୍ତି ।'

ନୀତି ଦୃଷ୍ଟିରୁ ଘରବାଲୀ ଉପରବାଲାର ପିଲାଝିଲାଙ୍କୁ ସ୍ନେହସୋହାଗ ଦେଖାଏ ନାହିଁ । ସେମାନେ ଭଡ଼ା ଦେବେ, ରହିବେ, ଆଜି ଅଛନ୍ତି, କାଲିକି ଚାଲିଯିବେ, କେତେ ଗଲେଣି, କେତେ ଯିବେ । ମାୟାମମତା ଥରେ ଆସିଗଲେ ସେମାନଙ୍କୁ କ'ଣ ତଡ଼ିହେବ ?

ମୁନୁ ମୀନାର ଭୋଗଖିଆ ଶେଷ ହେଲା ବେଳକୁ ମୀନାର ଅଜୁଭାଇ ଓ ମୁନୁର ଟୁନୁଭାଇ ସକାଳ ସ୍କୁଲରୁ ଫେରନ୍ତି । ତଳେ ଭୋଗ, ଉପରେ ମୁଢ଼ି ମୁଠାଏ ନହେଲେ ଦି'ଟା ବିସ୍କୁଟ । ତା'ପରେ ଖେଳ ଚାରି ଜଣଙ୍କ । ଅଜୁ ପଛକୁ ଟୁନୁ, ତା ପଛକୁ ମୁନୁ, ତା ପଛକୁ ମୀନା । ଲମ୍ବା ରେଳ କ୍ୟୁଉ - ହୁଇସିଲ୍ । ହପ୍ ହପ୍ ଛଅ ଛଅ ପଇସା । ତା'ପରେ ଫୁଟବଲ, ତା'ପରେ ଏରୋପ୍ଲେନ୍ ଉଡ଼େଇବା ଖେଳ ।



Digitized by srujanika@gmail.com

ଆସେ ଘରବାଲା ଗଳଦ୍‌ଘର୍ମ ହୋଇ । ବିଲରୁ ନା ବଗିଚାରୁ ନା ବଜାରରୁ କିଏ ଜାଣେ ? ସାଇକେଲ କେରିଆରରୁ ତଳକୁ ଆସେ ପଣସ, ପୋଟଳ, ମାଛ ଏମିତିକି ଘାସ ବୋଝ । ତା'ପରେ ଗାଧୁଆପାଧୁଆ, ଖିଆପିଆ, ଚାଲେ, ଉପରେ ତଳେ । ଖାଇସାରି ଘରବାଲା ଘରବାଲୀ ଘଣ୍ଟାଏ ଅଧେ ବିଶ୍ରାମ ନିଅନ୍ତି କବାଟ ବନ୍ଦ କରି । ମୀନା ଉପରକୁ ଆସିପାରେ ନାହିଁ । ମୁନୁର ନିଦ ହୁଏ ନାହିଁ, କିଏ ବା ତାକୁ କୋଡ଼ରେ ଧରି ଶୋଇବ ? ଦି'ପହରଯାକ ଏଠି ସେଠି, ଠକ୍‌ଠାକ୍, ଖଡ୍‌ଖାଡ୍ କରି ସେ ସମୟ କଟାଏ । କେତେବେଳେ ତଳକୁ ବି ଚାଲିଯାଇ କବାଟରେ ହାତ ମାରି ଧୀର ଗଳାରେ ଡାକେ, 'ମୀନା, ଥା ଖେଳିବା । ଭିତରୁ ବାଘୁଣୀର 'ନା, ନା' ଗର୍ଜନ ଶୁଣି ବିଚାରା ଚମକି ପଡ଼େ । ମୀନା କହେ, 'ମାଆ ! କବାଟ ଖୋଲିଦେ, ମୁନୁ ଭିତରକୁ ଆସୁ ।' ଘରବାଲୀ ଦାନ୍ତ କଡ଼ମଡ଼ କରି ଝିଅ ମୁହଁକୁ ଚାପିଧରେ । ଘରବାଲାର ଭାତକଡ଼ ନିଦ ଭାଙ୍ଗିଯାଏ । ବିରକ୍ତ ହୋଇ କୁହେ, 'ପିଲାଟାର ବାପା ବି କ'ଣ ମଲାଣି ?'

ବେଳପଡ଼ିଲେ ଘରବାଲୀ ପିଲାଝିଲାଙ୍କୁ ଦହିପଖାଳ, ମାଛଭଜା ନହେଲେ ବିରିଚକୁଳି କରି ଖୁଆଏ । ଉପରେ ସୁଜିଘଣ୍ଟା । ମୀନା ଚକୁଳିଟିଏ ଧରି ଉପରକୁ ଆସେ, କୁହେ ନେ ମୁନୁ, ଖାଆ । ତା'ପରେ ଦୁହେଁ ସାଙ୍ଗ ହୋଇ ପଡ଼ିଆକୁ ଯା'ନ୍ତି ଅଜୁଭାଇ ଟୁନୁଭାଇର ରବର ବଲ୍ ଖେଳ ଦେଖିବା ପାଇଁ ।

ଘରବାଲା ପୁଣି କୁଆଡ଼େ ଯାଇଥାଏ । ଫେରେ ସଞ୍ଜବେଳକୁ; ସହଳ ସହଳ ଖାଇଦେଇ ଉପରକୁ ଯାଏ । 'ସିଗାରେଟ୍ ପଠାଅ' ବୋଲି ଚିତ୍କାର କରେ । ତଳୁ କିନ୍ତୁ ସିଗାରେଟ୍ ଆସେ ନାହିଁ । ମହେଶବାବୁ ଗୋଟାଏ ଯାଚିଲେ ନିଏ, ପୁଣି ଗୋଟାଏ ମାଗିକରି ଖାଏ । ବର୍ଣ୍ଣନା କରେ ଆତ୍ମଚରିତ । କିମିତି ନିଜ ଗୋଡ଼ରେ ଠିଆ ହୋଇଛି । ପରିଶ୍ରମର ମର୍ଯ୍ୟାଦା, ଭାଇ କିମିତି ଭଗାରୀ, ମାଟି କିମିତି ମାଆ- ଏଇ ସବୁ କଥା । ଗଲାବେଳେ କହିଯାଏ, ଜଳନ୍ତା କାଠି ବା ସିଗାରେଟ୍ ଖଣ୍ଡିଆ ଚଟାଣରେ ଫୋପାଡ଼ିବେ ନାହିଁ, ଦାଗ ବସିଯିବ ।' ରୋଷେଇ ଘରଟାରେ ଜଞ୍ଜିର ନାହିଁ, ପୂରା ବନ୍ଦ ହେଉ ନାହିଁ ବୋଲି ଆପତ୍ତି କଲେ ସେ ଶୁଣେ ନାହିଁ । କେବଳ ବୁଢ଼ା 'ଜେକ'କୁ ଶରଧା ଡାକଟିଏ ଦେଇ ତା'ମୁହଁକୁ ଟିକିଏ ଆଉଷିଁଦିଏ ।

ତେଣେ ତଳେ ଘରବାଲୀ ବୁଲିବାକୁ ଆସିଥିବା ସାଇପଡ଼ିଶା ମାଇକିନିଆଙ୍କ ଆଗରେ ବଖାଣୁଥାଏ, 'ଯା'ଙ୍କର କ'ଣ କିଛି ଥାନ୍ତା ? ବାପଘର ଟଙ୍କା ଲଗାଇ ଏ ଘରତୋଳା



Digitized by srujanika@gmail.com

କରାଇଛି । ମୋ ନାଆଁରେ ଘର ରଖିଛି ବୋଲି, ନହେଲେ ଭାଇମାନେ ଯା'ଙ୍କୁ ଦାଣ୍ଡର ଭିକାରୀ କରିଦେଇଥାନ୍ତେ, ଆଜିକୁ ଜେଜ୍ ପରି କାହାଘରେ ଅଇଁଠା ଚାଟୁଥାନ୍ତେ । ମୁଁ ବି ଏଇ ଜଳିଟା ପରି - ।' ଦଣ୍ଡେ ରହି ପୁଣି କହେ, 'ହାଡ଼ଭଙ୍ଗା ପରିଶ୍ରମରେ ମୋ ସୁନା ଦେହ ଚୂନା । ତାଙ୍କ ଗୋରାଦିହ କେନ୍ଦୁକାଠ ହୋଇଯାଇଛି ।

ସତରେ ମହେଶବାବୁ ଦେଖନ୍ତି ଭୋରବେଳୁ ଉଠି ଘରବାଲା କାମ ଆରମ୍ଭ କରିଦିଏ । ନର୍ଦ୍ଦମା ପାଣିର ଉର୍ବରାଶକ୍ତି ବେଶି ବୋଲି ତାକୁ ବାଲ୍‌ଟି ବାଲ୍‌ଟି କାଢ଼ି ଗଛପତ୍ରରେ ଦିଏ । ରାତିରେ କାମ ଅଭାବରୁ ତାକୁ ବୋଧହୁଏ ନିଦ ହୁଏ ନାହିଁ । ଘର କାନ୍ଥକୁ ଲାଗି ଯେଉଁ ନେଉଟିଆ ଶାଗପଟାଳି କରିଛି ତାକୁ ଦେଖିଲେ ସରକାରୀ କୃଷି ଗବେଷଣା କେନ୍ଦ୍ରର ଲୋକେ ବି ତଥ୍ୟ ସଂଗ୍ରହ ଓ ଗବେଷଣା କାର୍ଯ୍ୟରେ ଲାଗିଯିବେ । ଦୁଧିଆଳୀ କଳା ଗାଈଟିଏ ଗୁହାଳରେ ଅଛି । ହାତ ମାରିଦେଲେ ପିଠିରେ ଦାଗ ବସିଯିବ । ପାଞ୍ଚସୁକା କିଲୋରେ ଉପରବାଲାଙ୍କୁ ଦୁଧ ବିକେ; କୁହେ-ବିଦେଶୀ ଲୋକ ଦୁଧଟୋପାଏ ପାଇଁ ଦୂରକୁ କାହିଁକି ଯିବେ ? ଗାଈ ମାହାତ୍ମ୍ୟ ବର୍ଣ୍ଣନା କରି କୁହେ, 'ଇମିତି ମାପରେ ମୁଁ ଗାଈକୁ ଖାଇବାକୁ ଦିଏଁ ଯେ ଶାଗପଟାଳିରେ ଛାଡ଼ିଦେଲେ କେରାଏ ବି ମୁହଁକୁ ନେବ ନାହିଁ ।

ତିନି ଚାରିଦିନ ଭିତରେ ମହେଶବାବୁଙ୍କ ଦୃଢ଼ବୋଧ ହେଲା ଯେ ତାଙ୍କ ଦେଢ଼ଶୀଳ ନୀତିର ପ୍ରୟୋଗ ପଞ୍ଚଶୀଳକୁ ଟପିବାକୁ ଯାଉଛି । ପରଦିନ ବାତାବରଣ ସହାବସ୍ଥାନର ଆହୁରି ଅନୁକୂଳ ହେଲା ।

ପରଦିନ ସକାଳେ ମୀନା ମୁନୁଙ୍କର ପୁଣି ସେଇ ଖେଳ । ଆରମ୍ଭ 'ମୋ ଘଲ, ମୋ ମଟଲ'; ଶେଷ, 'ମୋ ମାଆ, ମୋ ବାପା'ରେ । ମହେଶବାବୁ କ'ଣ ଲେଖାଲେଖି କରୁଥିଲେ । ଜଳଖିଆ ଆସିଲା ଗୋଟାଏ ପ୍ଲେଟରେ ଖାଇବାରେ ଅଳ୍ପ ଡେରି ହେବାର ଦେଖି ମୀନା ମହେଶବାବୁଙ୍କ ହାତକୁ ଧରି ହଲାଇ ଦେଇ କହିଲା, 'ବାପା', ଖାଅ, ବାପା' । ନୂଆ ଲାଗିଲା ମୀନାର ଏଇ ବାପା ଡାକ, ଝିଅଟିଏ ନଥିଲା; ଆଜିଯିମିତି ଝିଅଟିଏ ପାଇଲେ । ସେଦିନ ତାକୁ ବୋହୂ କରିପାରିଥିଲେ । ଆଜି ଝିଅ କଲେ । ଦିହିଁଙ୍କି ଜଳଖିଆ ବାଣ୍ଟିଦେଲେ । ଦୁହେଁ ତାଙ୍କ ଚେୟାର କଡ଼ଦେଇ ବୁଲି ବୁଲି ଖାଉଥାନ୍ତି ଓ ନାଚି ନାଚି କହୁଥାନ୍ତି 'ମୋ ବାପା, ମୋ ବାପା ।'

ମୀନାର ଯିମିତି ବାପା ନଥିଲା, ଏବେ ମିଳିଲା, ସେଇ ଭାବ ଦେଖାଇ ମୀନା ବାରଣ୍ଡାକୁ ଯାଇ ତଳକୁ ଚାହିଁ କହିଲା, ମାଆ ! ବାପା ମୋତେ ପିଠା ଦେଲା ।' ଘରବାଲୀ



Digitized by srujanika@gmail.com

ଏକଦମ୍ ଅବାକ୍ । ଉପରେ କୁଆଡ଼େ ବାପାଟାଏ ଅଛି । ଦାନ୍ତ କଡ଼ମଡ଼ କରି ନିଜ ଗାଲରେ ଚାପୁଡ଼ା ମାରିହୋଇ ମୀନାକୁ ଠାରି ବୁଝାଇ ଦେଲା, 'ଆ, ଟଙ୍କୁ, ଦୁଇଗାଲରେ ଦୁଇଟା ଚାପଡ଼ ବସେଇଦେବି ଯେ !''

ଭୋଗବଣ୍ଟା ବେଳ ଆସିଗଲା । ମୀନା ଯିମିତି କହିଛି, 'ମାଆ ଭୋଗ ଦେ ।' ମୁନୁ ବି ତା ସାଙ୍ଗରେ ପାଳି ଦେଇ କହିଲା, 'ମାଆ ଭୋଗ ଦେ ।' ଘରବାଲୀ ରାଗରେ ଥମ୍‌ଥମ୍ ହୋଇ କହିଲା, 'ମୁଁ ଫେର୍ ତୋର ମାଆ କେବେ ହେଲି ?' ପୁଣି କଣ ଭାବିଲା ଚୁପ୍ ଚାପ୍ ମୁନୁ କାନରେ କହିଲା, 'ମା ନୁହେଁ, ମାଉସୀ । ଏଥର ମାଉସୀ ଡାକିବୁ, ବୁଝିଲୁ ।' ମୁନୁ ମାଆ ମାଉସୀର ପାର୍ଥକ୍ୟ ବା କଣ ବୁଝିବ ? ମୀନା ତା ବାପା ଓ ମୁନୁବାପା ଭିତରେ ତଫାତ୍ କଣ କିମିତି ଜାଣିବ ?

ଶୁଣି ଶୁଣି ମହେଶବାବୁ ଭାବନ୍ତି । ଏ ପିଲାଦି'ଟା ମଣିଷକୁ ଅପଦସ୍ତ କରିଦେବେ କେତେବେଳେ । ଘରବାଲୀ ତାଙ୍କଠୁଁ ଏ ବିଷୟ ବେଶି ଭାବେ । ଗୋଟାଏ ଅଶୁଭ ସକାଳରେ ମହେଶବାବୁ ରୋଷେଇ ଘରକୁ ଯାଇ ଦେଖନ୍ତି ଏକ ଭୀଷଣ ଧ୍ୱଂସଲୀଳା, ରୁଟି, ଦୁଧ, ସୁଜି, ମୁଢ଼ି, ଯାହା ଥିଲା ସବୁ ଉଭେଇ ଯାଇଛି । ଚିନି, ଲୁଣ, ଡାଲିର ଠୁଙ୍ଗାସବୁ ଟୁକୁରା ଟୁକୁରା ହୋଇ ଜିନିଷସବୁ ଏକାକାର ଛିନ୍ନଛତ୍ର ହୋଇଛି । ଲଣ୍ଠନ ଦି'ଟାର କାଚ ଭାଙ୍ଗି ଯାଇଛି । ଗୋଟାଏ କୋଣକୁ ଗୁଡ଼ାଏ ବାନ୍ତି ।

ତେବେ କ'ଣ ଏଇ ଜ୍ୟାକ୍‌ଟା ଦୁଷ୍ମନ୍ ? କୁକୁର ନା ଡ୍ରେଗନ୍ ? ଏତେ କାଣ୍ଡ ଘଟାଇ ଜ୍ୟାକ୍ ନିର୍ବିକାର । ଦେଢ଼ଶୀଳ ନୀତିର ବିପର୍ଯ୍ୟୟ ଆଶଙ୍କାରେ ମହେଶବାବୁ ମଧ୍ୟ ନୀରବ, ଅବିଚଳିତ । କିନ୍ତୁ ପିଲାପିଲି ପାଟିତୁଣ୍ଡ ଆରମ୍ଭ କଲେ, ଜ୍ୟାକ୍ ଇମିତି କଲା, ସେମିତି କଲା । ଟଲୁ ସବୁ ଶୁଣିପାରି ଘରବାଲା ଶୁଣାଇ ଶୁଣାଇ କହିଲା, 'ଗୁଡ଼ାଏ ଖାଇବାକୁ ଦଉଛନ୍ତି, ଜ୍ୟାକ୍ କଣ ଦେଶୀ କୁତ୍ତା ହୋଇଛି ଯେ ଗୁଡ଼ାଏ ଖାଇପାରିବ ? ଘରଦ୍ୱାର ବନ୍ଦ ନ କରି ଲୋକେ ଯଦି ଶୋଇବେ; ତେବେ' ତା ଛଡ଼ା କୁକୁର ବା କଣ ବୁଝେ?' ଦଣ୍ଡକ ପରେ ସେ ଆସିଲା ସଙ୍ଗରେ 'ଜଲି'କୁ ନେଇ ଜ୍ୟାକ୍ ଯାହା ଉଦ୍‌ଗାରି ଥିଲା, ଜଲି ତାକୁ ଦଣ୍ଡକେ ଗର୍ଭସ୍ଥ କରିଦେଲା । ଟଙ୍କୁ ଫେରିଯିବା ପୂର୍ବରୁ ଘରବାଲା କ୍ରୋଧର ଛଳକରି 'ଜ୍ୟାକ୍'କୁ ମୃଦୁ ଗୋଇଠାଟାଏ ଦେଲା, ଯିମିତି ସେ ବୁଝିବ ଯେ, ମାଲିକ ତା ଗୁଣର ତାରିଫ୍ କରୁଛନ୍ତି ।

ଦଣ୍ଡକ ପରେ ଟଲୁ ପାଟି ଶୁଭିଲା ଘରବାଲୀର । ମୁନୁ କୁଆଡ଼େ ତା ଲକ୍ଷ୍ମୀପାଦର ଝୋଟିରେ ମୁତିଦେଲା । ହୁରିପାଟିରେ ଘର କମ୍ପିଲା । ବାଲଟି ଗୋବର ପାଣି ଘରେ ସେ



Digitized by srujanika@gmail.com

ଢାକୁଥାଏ । କହୁଥାଏ, 'ଧର୍ମ କର୍ମ ସବୁ ଗଲା । ମୁଁ କେତେଥର କହିଲିଣି , ଘର ଖାଲି ପଡୁ ପଛେ ପିଲାଝିଲା ଥିବା ଲୋକଙ୍କୁ ଘରଭଡ଼ା କେବେ ନ ଦେବାପାଇଁ ।' ମୁନୁ ଉପରକୁ ଆସିଲାରୁ ମହେଶବାବୁ ତାକୁ କହିଲେ, ''ବାପା, ଆଉ ସେ କାମ କରିବୁ ନାହିଁ ।'

ପ୍ରଥମେ ଲଦାଖ, ତାପରେ ନେଫା, ସୀମାନ୍ତ ସଂଘର୍ଷ, ନା ଖୋଲା ଯୁଦ୍ଧ ନା ଶୀତଳ ଯୁଦ୍ଧ ? ଦେଢ଼ଶୀଳର ଅକାଳ ଏବଂ କରୁଣ ପରସମାପ୍ତି ନୁହେଁ ତ ?

ଆଉ ମୁହୂର୍ତ୍ତକ ପରେ ଦାଣ୍ଡରେ ପ୍ରକାଶ୍ୟ ଯୁଦ୍ଧ ଟୁନୁ ଓ ଅଜୁ ଭିତରେ । ଘରବାଲୀ ନିଜ କାନରେ ଶୁଣିଛି । ସେମାନେ ଅକଥା, କୁକଥା କୁହାକୁହି ହେଉଥିଲେ । ଦଉଡ଼ିଯାଇ ଅଜୁର କାନ ଧରି ଦି'ଚାପୁଡ଼ା ବସାଇ ଫଁ ଫଁ ହୋଇ କହୁଥାଏ, ଆଉ ଯଦି ତା ସାଙ୍ଗରେ ଖେଳିବୁ ତ ଦେଖିବୁ । ବଜାରୀ ଛତରା ଟୋକା କେଉଁଠି ଆସି ଜୁଟିଲା, ସାଇଯାକ ପିଲାଙ୍କୁ ନଷ୍ଟ କରିଦେବ ।' ଘରବାଲୀର ଏ ବିଚାର ଦେଖି ମହେଶବାବୁ ମଧ ପିଲାଙ୍କୁ ଦୁଇଚାପଡ଼ ଦେଇ କହିଲେ, 'ଆଉ ସେମିତି ଗାଳିଦେବୁ ତ ତୋର ମୋର -।'

କିନ୍ତୁ କି ଆଶ୍ଚର୍ଯ୍ୟ ! ସିଗାରେଟ୍‌ଟାଏ ଲଗାଇ ବାହାରକୁ ବାହାରି ମହେଶବାବୁ ଦେଖିଲେ ଅଜୁ ଓ ଟୁନୁ ବାଲି ଖେଳୁଛନ୍ତି । ତେବେ କଣ ରାଜ୍ୟର ଲୋକେ ଯୁଦ୍ଧ ଚାହାଁନ୍ତି ନାହିଁ, ଚାହାନ୍ତି ଏହି ରାଷ୍ଟ୍ର ମାଲିକମାନେ !

ଦୁଇରାଷ୍ଟ୍ର ମଧ୍ୟରେ ସମ୍ପର୍କ ତିକ୍ତ ହେଲେ ବଡ଼ ଦ୍ରୁତ ଗତିରେ ତାହା ଖରାପ ଆଡ଼କୁ ଯାଏ । ତହିଁ ଆରଦିନ ବାଥ୍‌ରୁମ୍‌ରୁ ମହେଶବାବୁଙ୍କ ତଉଲିଆ, ସାବୁନ, ଅନ୍ତର୍ଦ୍ଧାନ ହେଲା, ତେଲଶିଶି ଭାଙ୍ଗି ଚୂରମାର । ପୁଣି ଉପରେ ହରିପାଟି । କାଇଞ୍ଚ ଡାଲାରେ ତଉଲିଆ, ସାବୁନ୍ ଦେଖିନେଇ ଘରବାଲୀ ଅପ୍ରତିଭ ହୋଇଗଲା । ମୀନାକୁ 'ଚୋରଣୀ' କହି ଚାପୁଡ଼ାଏ ପକାଇଲା । କିନ୍ତୁ ଦୋଷୀ ପ୍ରକୃତରେ ଜଳି । ଗାଧୁଆଘରୁ ସେ ଏସବୁ ନେଇ ଖେଳ ଖେଳୁଥିଲା ବେଳେ ମୀନା ତା'ଠୁଁ ନେଇ ଡାଲାରେ ରଖିଥିଲା । ଉପରେ ଜେକ୍ ଘରବାଲାର ଉପଦେଶ ମାନିଲା ପରି ତଳେ ଜଳି ଘରବାଲୀର ବୋଲି ମାନୁଛି ।

ସେଇଦିନ ସଞ୍ଜବେଳେ ଘରବାଲୀର ବଂଶଯାକ ବାହାରକୁ ଯାଇଥାନ୍ତି ନିମନ୍ତ୍ରଣ ଖାଇବାକୁ । କୁକୁର ଭୁକିଲା ଓ ବାଡ଼ଭଙ୍ଗା ଶବ୍ଦ ଶୁଣି ଟର୍ଚ୍ଚ ପକାଇ ମହେଶବାବୁ ଦେଖିଲେ କଳା ଗାଈଟାଏ ଶାଗପଟାଳିରେ ପଶି ରଚ୍‌ରଚ୍ ଖାଇଯାଉଛି । ତଳକୁ ଯାଇ ଦେଖନ୍ତି ଘରବାଲାର ଦୁଧିଆଳୀ ଗାଈ 'ଚାନ୍ଦ', ଘରବାଲାର କଥା ଅନୁସାରେ କେରାଏ ଶାଗ ଯେ,



Digitized by srujanika@gmail.com

ଖାଇବା ଢ଼ୀବ ନୁହେଁ । ଗାଈକୁ ଟାଣି ଘୋଷାରି ଦେଇ ଗୁହାଳରେ ଯଥାସ୍ଥାନରେ ବାନ୍ଧିଦେଇ ମହେଶବାବୁ ଶୋଇଲେ । ତା'ପରେ ଆସିଲା ପ୍ରବଳ ବର୍ଷା । ସକାଳେ ଉଭୟ ଘରବାଲା ଓ ଘରବାଲୀ ସରଜମିନ ତଦନ୍ତ କରି ଏଇ ରାୟ ଦେଲେ ଯେ, ବାଡ଼ଭଙ୍ଗା ଚିହ୍ନ ଅଛି । ଗାଈ ଖୁରାଚିହ୍ନ ବା ଦେଖୁଛି କିଏ ? ପୁଣି 'ଚାନ୍ଦ' କଣ ଶାଗ କେରାଏ ହେଲେ ଖାଇବ । ଘରବାଲା କହିଲା, 'ରାତିରେ ଫେରିକି ମୁଁ ଦେଖିଛି ଗାଈ ଯେଉଁଠି ବାନ୍ଧିଥିଲି ସେଇଠି ଶୋଇ ନିଶ୍ୱାସ ମାରୁଛି ।'

ପରଦିନ ଘରବାଲା ଘରବାଲୀ ସବୁବେଳେ ତାଙ୍କ ପିଲାପିଲିଙ୍କୁ ବୁଝାଇବାକୁ ଲାଗିଲେ କିମିତି ଉପରବାଲା ଚୋରୀ କରନ୍ତି, କୁକୁରକୁ ବିଷ ଖୁଆନ୍ତି ବାନ୍ତି କରି ମରିବ ବୋଲି, ଟୁନୁ ମୁନୁଙ୍କୁ ଖରାପ କଥା ଶିଖାନ୍ତି । ତାକିଦ୍ ଧମକ ଦେଇ କହିଲେ, 'ଉପରକୁ ଯିବନି, ସେଗୁଡ଼ାକ ସାଙ୍ଗରେ ଖେଳିବନି । ତୁମେ ବି ଚୋର ହୋଇଯିବ, ବଜାରୀ ହୋଇଯିବ ।

'ଲଭ୍ ଦାଇ ନେବାର' 'ପଡ଼ୋଶୀକୁ ଭଲ ପାଅ ।' କି ବିରାଟ ବିଦ୍ରୁପ ଜୀବନ ପ୍ରତି । ମହେଶବାବୁ ଦେଖିଲେ ଦେଢ଼ଶୀଳ ମେରୁସ୍ତମ୍ଭର ପତନ । ଶତ୍ରୁକୁ ଶ୍ରଦ୍ଧା କରିବା ସହଜ କିନ୍ତୁ ପଡ଼ୋଶୀକୁ ... ?

ମୁନୁ, ମୀନା ପୁଣି ଏକାଠି ନାଚ ଆରମ୍ଭ କରି ଦେଥାନ୍ତି । 'ମାଆ ଆସିବ ଭୋଗ ଖାଇବା ।' 'ମାଆ ଆସିବ ଭୋଗ ଦେବ ।' ହଠାତ୍ କିମିତି ମୀନାର ଗୋଡ଼ ପଡ଼ିଲା ଜଲିର ଘାଆ ଗୋଡ଼ ଉପରେ । ବୁଢ଼ୀଟା ଜୋରରେ ଭୋ ଭୋ କରି ଉଠିଲା, ସାମନାରେ ମୁନୁକୁ ପାଇ ତା ବାହୁରେ ଦାନ୍ତ ବି'ଟା ପୂରାଇ ଦେଲା । ଝର ଝର ହୋଇ ରକ୍ତ ବୋହୁଥାଏ, ମୁନୁ କାନ୍ଦୁଥାଏ, ଡ଼ିଆଁ ମାରୁଥାଏ । ଘରବାଲୀ ଆସିବାମାତ୍ରେ କହିଲା, ''ମାଆ, ଜଲି ମୋତେ କାମୁଡ଼ି ଦେଲା ।'

ଘଟଣା କେତେଦୂର କେଉଁଆଡ଼େ ଯାଉଛି ଭାବିବାର ଅବସର ନପାଇ, ମହେଶବାବୁ ମୁନୁକୁ ସାଇକେଲରେ ଧରି ସିଧା ଡାକ୍ତରଖାନା ଚାଲିଲେ । କୁକୁର ଦେହରେ ଆଲ୍‌ସେଶିଆନ୍ ଛିଟା ଅଛି ବୋଲି କଅଣ ସେଟା ପାଗଳ ହେବ ନାହିଁ ?

ମୀନା ଦୋଷୀଟି ପରି ଛିଡ଼ା ହୋଇ ଘରବାଲୀକୁ କହିଲା, ମାଆ ! ମୁନୁକୁ ଜଲି କାମୁଡ଼ିଲା, ବାପା ନେଇଗଲେ ବଜାରକୁ, 'କାହା ବାପା ବୋଲି ପ୍ରଶ୍ନ ନ ପଚାରି ଭୋଗଥାଳୀ ହାତରେ ଧରିଥାଏ ଏବଂ କହୁଥାଏ 'ଜଲି ପାଞ୍ଚବର୍ଷ ରହିଲାଣି, କିଏ କହିବ ଦିନେ ସେ



Digitized by srujanika@gmail.com

କାହାକୁ କାମୁଡ଼ିଛି ବୋଲି । ମୁନୁ ଭାରି ଖଚଡ଼ା ଟୋକା, ତା ମୁହଁରେ ନିଶ୍ଚୟ ହାତ ପୂରାଇଥିବ, ନହେଲେ ତା ବଥରେ କାଠି ଗୁଞ୍ଜି ଦେଇଥିବ ।

ମୁନୁ ଡାକ୍ତରଖାନାରୁ ଆସିଲା । ହାତରେ ପଟି । ଖଟରେ ଶୋଇ ଥାଏ । ମୀନା ଭାତ ଖାଇସାରି ହାଜର । ସକାଳୁ ଖେଳ ହୋଇ ପାରିନାହିଁ । ମୀନା ଖଟ ଉପରକୁ ଉଠିବାକୁ ଚେଷ୍ଟା କଲା, ପାରିଲା ନାହିଁ, ଇଟା ଦେଇ ଖଟଟାକୁ ଉଚ୍ଚ କରାଯାଇଛି । ପାଖରେ କୋଣକୁ ଯେଉଁ ଭଙ୍ଗା ପେକିଂ ବାକ୍‌ସଟାଏ ଥିଲା ତାକୁ ଘୋଷାଡ଼ି ଆଣି ତା' ଉପରେ ଭରା ଦେଇ ଉଠିବାକୁ ଯାଇଛି ଅକସ୍ମାତ୍ ଗୋଡ଼ ଖସିଗଲା, ପାଦଟା ପଡ଼ିଲା ଗୋଟାଏ ମୁନିଆ କିରୋସିନୀ କଣ୍ଟା ଉପରେ । ପାଦ ଫୁଟି କଣ୍ଟାଟା ତଳିପା ଉପରକୁ ବାହାରି ପଡ଼ିଲା, ଚିତ୍କାର କରି ସେ କାନ୍ଦି ପକାଇଲା । ମୁନୁ ଧଡ଼ପଡ଼ ହୋଇ ଉଠିବସି ପାଟିକଲା, 'ମାଆ । ମୀନା ପଡ଼ିଗଲା ।'

ମହେଶବାବୁ ଧାଇଁଯାଇ ମୀନାକୁ କୋଳକୁ ନେଲେ । କଣ୍ଟାଟିକୁ ସାବଧାନରେ ଗୋଡ଼ରୁ ବାହାର କଲେ । ହାଣ୍ଡିଶାଳରୁ ଦଉଡ଼ି ଯାଇ ଉପରେ ଘରବାଲୀ ଉପସ୍ଥିତ । ଦେଖିଲା ମୀନାର ପାଦ ରକ୍ତରେ ବୁଡ଼ିଯାଇଛି । ପାଟିକରି ଘରବାଲୀ ଡାକିଲା, 'ଦଉଡ଼ି ଆସ, ମାରିଦେଲା ମୀନାକୁ ।'

ଘରବାଲା ସେଇକ୍ଷଣି ଆସି ପହଞ୍ଚିଥାଏ । ଝାଳ ପୋଛି ସାରିଛି କି ନାହିଁ ଆସି ଘଟଣାସ୍ଥଳରେ ଛିଡ଼ାହେଲା, ପଚାରିଲା, କ'ଣ ହେଲା ?'

'ଖଟରୁ ପେଲିଦେଲା, ଆଉ କଅଣ ହବ ?'

'ଏଇ ଭଡ଼ାଟିଆ ?' ତର୍ଜମୀ ମୁନୁ ଆଡ଼କୁ ।

ଏତକ କହି ଘରବାଲୀ ମୀନାକୁ ଭିଡ଼ିନେଲା ମହେଶବାବୁଙ୍କ ପାଖରୁ । ସ୍ୱାମୀ ସ୍ତ୍ରୀ ଦୁହେଁ ଧାଁ ଧଡ଼ପଡ଼ ହୋଇତଳକୁ ଆସିଲେ ।

ଦଣ୍ଡେଯାକ କିଛି ବୁଝି ନପାରି ମହେଶବାବୁ ହାଉଳି ଖାଇ ପଡ଼ିଥିବା ମୁନୁକୁ ପଚାରିଲେ, 'ପେଲି ଦେଲୁକିରେ ବାପା, ମୀନାକୁ ଖଟତଳକୁ ?' କରୁଣ ଦୟନୀୟ ସ୍ୱରରେ ମୁନୁ କହିଲା, 'ନାହିଁ, ବାପା ମୁଁ ପେଲିନି, ସେ ଖଟ ଉପରକୁ ଉଠୁଥିଲା, ପଡ଼ିଗଲା, ବାକ୍‌ସ ଉପରେ ।

ମୁନୁ ନିର୍ଦ୍ଦୋଷ ଏଥିରେ ମହେଶବାବୁ ଆଶ୍ୱସ୍ତ ହେଲେ ସିନା କିନ୍ତୁ ଘରବାଲୀର ସେଇ ଶବ୍ଦଟା କଅଣ କହିଲା, 'ଭଡ଼ାଟିଆ ? ଇଃ କିଏ ଭଡ଼ାଟିଆ ସେ ନିଜେ ନା ମୁନୁ ? କେତେ



Digitized by srujanika@gmail.com

କଦର୍ଯ୍ୟ ସେ ଶବ୍ଦଟା । ସେଦିନ ଫୁଟବଲ ପଡ଼ିଆରେ ଗୋଟାଏ ଦଳକୁ 'ଭଡ଼ାଟିଆ' ବୋଲି କହିବାରୁ ସେମାନଙ୍କୁ ଏତେ ବାଧିଲା ଯେ, ହାପ୍ ଟାଇଁମ୍, ପରେ ଆଉ ନ ଖେଳି ଖେଳ ପଡ଼ିଆ ଛାଡ଼ି ଚାଲି ଯାଇଥିଲେ ।

ମହେଶବାବୁ ଗାଧୋଇଲେ ନାହିଁ, ଖାଇଲେ ନାହିଁ । ସିଧା ବଜାର ଆଡ଼େ ବାହାରିଗଲେ । ଦେଖିଲେ ତାଙ୍କରି ଆଗେ ଆଗେ ଘରବାଲା ମୀନାକୁ ଧରି ଯାଉଛି ଡାକ୍ତରଖାନାକୁ ଠିକ୍ ଯିମିତି ଦଣ୍ଡେ ପୂର୍ବରୁ ସେ ମୁନୁକୁ ନେଇ ଯାଉଥିଲେ ।

ଫେରିଲେ ପ୍ରାୟ ପାଞ୍ଚଟା ବେଳକୁ ମହେଶବାବୁ । ସେତେବେଳକୁ ତଳ ଉପର ସବୁ ଶୂନ୍‌ଶାନ୍ । ସାଇକେଲଟାକୁ ଷ୍ଟାଣ୍ଡ ଉପରେ ରଖି ଭିତରକୁ ପଶିଯାଇଛନ୍ତି ଚାହିଁଦେଲେ ସିଢ଼ି ତଳର ଗୋଟିଏ କୋଣକୁ ଯେଉଁଠି ସାଇକେଲ ଗୁଡ଼ାକ ରଖାଯାଏ, ଦେଖିଲେ ଏକ ବିଚିତ୍ର ଅପୂର୍ବ ଦୃଶ୍ୟ । ଚଟାଣଟାରେ ଶୋଇଛନ୍ତି ମୁନୁ, ମୀନା । ପଟି ବନ୍ଧାହୋଇଛି ଜଣଙ୍କର ବାହୁରେ, ଅନ୍ୟ ଜଣକର ଗୋଡ଼ରେ । ମୁନୁ ବୋଧହୁଏ କେତେବେଳେ ତଳକୁ ଓହ୍ଲାଇଛି ମୀନାକୁ ଦେଖିବ ବୋଲି । ମୀନା ବି ସିମିତି ବୋଧହୁଏ ଭାତକଡ଼ ନିଦ ମା'କୁ ଘାରିଗଲାରୁ ଶୋଇବା ଘରୁ ବାହାରି ଆସିଛି । ଖେଳୁ ଖେଳୁ ଥକି ଶୋଇ ପଡ଼ିଛନ୍ତି ସିମେଣ୍ଟ ଚଟାଣରେ । ମୀନା ଚିତ୍ ହୋଇ ଶୋଇଛି, ତା'ର ପଟିବନ୍ଧା ବାଁ ଗୋଡ଼ଟା ମୁନୁ ଉପରେ, ମୁନୁର ପଟିବନ୍ଧା ହାତଟା ମୀନାର ଛାତି ଉପରେ । ଦୁହିଁଙ୍କି ଦୁଇ ପାଖରେ ଜଗି ଲମ୍ବା ଚୌଡ଼ା ଶୋଇଛନ୍ତି ଜେକ୍ ଓ ଜଲି । ହାତ ଦେଇ ମହେଶବାବୁ ଜାଣିଲେ ଦୁହିଁଙ୍କୁ ଭୀଷଣ ଜ୍ୱର, ତାତିରେ ଦିହରେ ଖଇ ଫୁଟିଯିବ ।

ପାଞ୍ଚଟା ବାଜିଲା, ତିନି ଚାରିଟା ରିକ୍‌ସା ଆସିଲା । ପ୍ରଥମେ କୁକୁର ଦୁଇଟା ଭୋ ଭୋ କରି ଭୁକିଉଠିଲେ । ଘରବାଲା ଘରବାଲୀର ନିଦ ଭାଙ୍ଗିଗଲା ।

ଠିକ୍ ହପ୍ତାଏ ଆଗରୁ ଯେଉଁ ଜିନିଷପତ୍ର ତଳୁ ଉପରକୁ ଉଠିଥିଲା, ପୁଣି ବୁହା ହୋଇ ତଳକୁ ଆସିଲା । ମହେଶବାବୁଙ୍କ ଟୁନୁମୁନୁ ବାପାଙ୍କ ଆଗେ ଆଗେ ଆସିଲେ ।

ଘରବାଲା, ଘରବାଲୀ, ଅଳୁ ଓ ମୀନା ଗୋଟାଏ କୋଣରେ ଛିଡ଼ା ହୋଇ ପ୍ରସ୍ଥାନ ପର୍ବ ଦେଖୁଥାନ୍ତି, ଯିମିତି ପ୍ରବେଶ ଦୃଶ୍ୟ ସାତଦିନ ପୂର୍ବେ ଦେଖୁ ଥିଲେ । ଏକ ସପ୍ତାହ ଭିତରେ ମୁନୁ, ମୀନା, ଅଳୁ, ଟୁନୁ କେତେ ନିକଟରେ କେତେ ପରସ୍ପର ଆପଣାର, ଅଥଚ ଘରବାଲା, ଘରବାଲୀ ଏବଂ ମହେଶବାବୁ ମଧ୍ୟରେ ବ୍ୟବଧାନ କେତେ ସୁଦୂର !



Digitized by srujanika@gmail.com

ମୁନୁକୁ କାଖରେ ଧରି ମହେଶବାବୁ ସିଧା ଚାଲିଗଲେ ଘରବାଲା ପାଖକୁ । ଆଖି ଛଳ ଛଳ କରି କହିଲେ, 'ଆଉ ପାରିଲି ନାହିଁ । ମୁନୁ ମୀନା ଛେକ୍, ଜଲୀ ଯାହା ଶିଖାଇଲେ ଆମେ ସେତିକି ଶିଖିପାରିଲୁ ନାହିଁ । ତେବେ ଏତିକି ମନେରଖିବେ, ମୁଁ ଓ ମୋ ଛୁଆପିଲା ଅସଭ୍ୟ ହୋଇପାରୁ, ଚୋର ହୋଇପାରୁ ଆମ ନିଜ ନିଜର ଇଚ୍ଛାରେ; ମାତ୍ର ଆମେ ସବୁ ନିଜ ଇଚ୍ଛାରେ ଭଡ଼ାଟିଆ ନୋହୁଁ । ଆମର ବି ଆପଣଙ୍କ ଘରଠାରୁ ବଡ଼ଘର ଅଛି, ଭଡ଼ା ଦେଇଛୁଁ । ଆମକୁ ଯେ, ଚାକର କରି ରଖିଛି, ସେ ଆମକୁ ଘର ଦେଇପାରେ ନାହିଁ ବୋଲି ସିନା ଆମେ ଭଡ଼ାଟିଆ ।

ଅଜୁର ହାତଧରି ଟୁନୁ କହିଲା, 'ଆସିବୁ ଅଜୁ ଆମର ନୂଆ ଘରକୁ, ବଲ୍ ଖେଳିବା ।' ଅଜୁ ସକ୍ ସକ୍ ହେଲା ।

ସମସ୍ତେ ରିକ୍‌ସାରେ ବସିଲାରୁ ମୁନୁ କାନ୍ଦିଲା । କହିଲା ମୀନା ଆ' । ମହେଶ ବାବୁଙ୍କୁ ଚାହିଁ ଆପତ୍ତି କଲା, 'ବାପା, ମୀନା ଆସୁନି ।' ଘରବାଲୀକୁ ଚାହିଁ କହିଲା, 'ମାଆ ! ମୀନା ଆସୁନି ।'

ମୀନା ମା' କାଖରେ ଥାଇ କାନ୍ଦୁଥାଏ, କହୁଥାଏ, 'ଛାଡ଼ ମା । ମୁଁ ଯିବି ମୁନୁ ସାଙ୍ଗରେ ।' ରିକ୍‌ସା ଚାଲିବାକୁ ଆରମ୍ଭ କରନ୍ତେ ଆପତ୍ତି କଲା 'ମାଆ, ରିକ୍‌ସା ପଳିଲା, ମୁନୁ ପଳିଲା ।' ପୁଣି କହିଲା, 'ମାଆ ! ବାପା ପଳିଲା ।' ପାଟି କରି ପଛରୁ ଡାକଦେଲା, 'ବାପା ! ମୁନୁକୁ ଛାଡ଼ିଦିଅ ।'

ଛେକ୍ ଓ ଜଲି ଦୁହେଁ ଉପରକୁ ମୁହଁ କରି ଲମ୍ବା କରୁଣ ସ୍ୱର ଛାଡ଼ିବାକୁ ଆରମ୍ଭ କଲେ । ପାଖ ପଡ଼ିଶାରୁ ପିଲାଏ ଖେଳ ବନ୍ଦ କରି ଚାହିଁ ରହିଲେ ଘଟଣା କ'ଣ ଜାଣିବା ପାଇଁ ।

ଆଗ ମୋଡ଼ ପରେ ରିକ୍‌ସା ଅଦୃଶ୍ୟ ହୋଇଗଲା । ଘରବାଲୀ ପଚାରିଲା ଘରବାଲାକୁ, 'ଏଡ଼ଭାନ୍‌ସ ଟଙ୍କା କ'ଣ ଫେରାଇ ଦେଲ ।

'ମୋଟେ ନା, ଏଡ଼ଭାନ୍‌ସ ଟଙ୍କା କେଉଁଠି 'କିଏ' ଫେରସ୍ତ ଦିଏ ? ଦିନେ ରହୁ, ପାଞ୍ଚଦିନ ରହୁ, ୱାପସ ନାହିଁ । ଘର ତ ଫେର୍ କେତେଦିନ ଖାଲି ପଡ଼ିବ, ସେ ସବୁଦିନର ଭଡ଼ା ଦେବ କିଏ ? ସେଇଥିପାଇଁ ତ ଏଡ଼ଭାନସ୍ ନିଆ ଯାଇଥାଏ ।'



Digitized by srujanika@gmail.com

ଘରବାଲା ପଚାରିଲା ଘରବାଲୀକୁ, 'ଆଚ୍ଛା, ତୁମକୁ ମୁନୁ କିମିତି 'ମାଆ' ବୋଲି ଡାକୁଛି, ଆଉ ଆମର ମୀନା ସେ ଲୋକଟାକୁ କିମିତି 'ବାପା' ବୋଲି ଡାକୁଥିଲା ।

ଘରବାଲୀ ଜବାବ ଦେଲା, 'ଏଥର ବୁଝିଲ ତ କିମିତି ଲୋକଙ୍କୁ ଆଣି ଘରେ ପୂରାଉଛ । ମୋର ଧର୍ମକର୍ମ ସବୁ ଗଲା । ଲୋକଟା ଭାରି ଚଲାକ୍ । ଚକୋଲେଟ୍ ବିସ୍କୁଟ ଲାଞ୍ଚ ଦେଇ ମୁନୁ ମୀନାଙ୍କୁ ସେମତି ଡାକିବାକୁ ଶିଖାଇଥିଲା । ଆଉ କେତେଦିନ ଥିଲେ କ'ଣ କରିଥାନ୍ତା କେଜାଣି ! ଲୋକଟାର ଆଖି ଦି'ଟାକୁ ନଜର କରିଛ ନା ? ଠିକ୍ ଯିମିତି ଭୋଖା କୁକୁର ଆଖି । ବୁଝିଲ, ଯିଏ ଭଡ଼ାଟିଆ ସିଏ ଭଡ଼ାଟିଆ ।'



Digitized by srujanika@gmail.com

# ଚାରିଚକ୍ଷୁ

ରାଉରକେଲା କୋଣାର୍କ ଟକିଜ୍ ଆଗରେ ଛିଡ଼ା ହୋଇ ରିକ୍ସାଟାକୁ ଅପେକ୍ଷା କରୁଛି, ହଠାତ୍ ବଡ଼ପାଟିରେ କିଏ ଜଣେ ଡାକିଲା, ''ଶୁଭେନ୍ଦୁ !'' ଚହିଁ ଦେଖିଲି ଆନନ୍ଦରେ ଗଦଗଦ ହୋଇ ଜଗମୋହନ ପୁଣି ଡାକୁଛି, ''ଶୁଭେନ୍ଦୁ ! ମୋତେ ଚିହ୍ନି ପାରୁଛ, ମୁଁ ଜଗମୋହନ ।'' ପାଖକୁ ଗଲି । ପିଲାକିଆ ସ୍ୱଭାବ ପୁରା ଯାଇ ନାହିଁ କିନ୍ତୁ ଚେହେରା ଓ ବୟସରେ ଅନେକ ବଦଳି ଯାଇଛି ।

ଏକା ରାହାରେ ସେ କହିଗଲା, ''ଶୁଭେନ୍ଦୁ ! ଏଇ ମୋର ସ୍ତ୍ରୀ, ଏଇ ମୋର ଦୁଇ ପୁଅ ଆଉ ଇଏ ମୋର - । ସିନେମା ଦେଖିବାକୁ ଆସିଥିଲୁ ।'' ତା'ର ସ୍ତ୍ରୀ ଓ ଶାଳୀ ଟିକିଏ ଅପ୍ରତିଭ ହୋଇ ମୋତେ ନମସ୍କାର କଲେ ଏବଂ ମୁଁ ପ୍ରତିନମସ୍କାର ଜଣାଇଲି ଏବଂ ପୁଅ ଦିହିଁଙ୍କ ଓଠ ଧରି ଶ୍ରଦ୍ଧା ଜଣାଇଲି । ଦେଖିଲି ତା'ର ସ୍ତ୍ରୀ ଅତୀବ ସୁନ୍ଦରୀ, ଦୁଇଟି ପିଲାର ମାଆ ଭଳି ଆଦୌ ଦିଶୁ ନାହାନ୍ତି । ଶାଳୀଟି ପଞ୍ଜାବୀ ବା କାଶ୍ମିରୀ ଝିଅଙ୍କ ପରି ନାଲି ରଙ୍ଗ ଧଳା ଶାଢ଼ୀରେ ତୋରା ପଦ୍ମଫୁଲ ପରି ଦିଶୁଛି । ପୁଅ ଦୁହେଁ ଗୋଲଗାଲ, ଯେ କୌଣସି ଘର ଉଜ୍ଜ୍ୱଳ କରିଦେବେ, ଯେ କୌଣସି ବାପ ଗର୍ବିତ ହେବ । ଜଗମୋହନ ଏକ ଭାଗ୍ୟବାନ ପ୍ରାଣୀ ବୋଲି ମୋର ସଙ୍ଗେ ସଙ୍ଗେ ହୃଦବୋଧ ହେଲା ।

କହିଲା, ''ଶୁଭେନ୍ଦୁ ! ଅନେକ କଥା ଅଛି ତୋ ସାଙ୍ଗରେ । ବହୁଦିନ ହେଲା ଦେଖା ହୋଇନି । ଏଇଠି କେଣ୍ଟିନ୍‌ରେ ଦଣ୍ଡେ ଅପେକ୍ଷା କର । ମୁଁ ଚା' କାପେ ଅର୍ଡ଼ର କରି ଦଉଛି, ପିଉଥା । ମୋ କ୍ୱାର୍ଟର ଏଠାରୁ ଦୁଇ ତିନି ମିନଟ ବାଟ । ମୁଁ ସଙ୍ଗେ ସଙ୍ଗେ ଏମାନଙ୍କୁ ଛାଡ଼ି ଦେଇ ଆସୁଛି । କିଛି ଭାବିବୁ ନାହିଁ ।'' ଜଗମୋହନ ଓ ତା' ପିଲାପିଲିଙ୍କି ଦେଖି ମୁଁ ବାସ୍ତବିକ ବଡ଼ ଖୁସି ହେଲି । ବାଣୀବିହାରରେ ଦୁଇ ବରଷ ପାଖାପାଖି କୋଠରୀରେ ଥିଲୁ । ଅଳ୍ପଦିନ ଭିତରେ ଫକୀରମୋହନ କଲେଜରେ ସେଇ ଆତ୍ମୀୟତା ଆହୁରି ବହୁତ ବଢ଼ି ଯାଇଥିଲା । ଘରକୁ ଶୀଘ୍ର ଫେରିବାର ଇଚ୍ଛା ଓ ଆବଶ୍ୟକତା ଥିଲେ ବି ତା' ସହିତ କଥାବାର୍ତ୍ତା କରିବାର ଆଗ୍ରହ ପ୍ରବଳତର ହେଲା ।ମୋତେ ସେ କେଣ୍ଟିନ ଭିତରକୁ ନେଇ ଗୋଟାଏ କେବିନରେ ବସାଇ ଦେଲା ଏବଂ ଚା ଅର୍ଡ଼ର ଦେଇ ପୁଣି କହିଲା, ''ଶୁଭେନ୍ଦୁ ! ମୁଁ ପାଞ୍ଚମିନିଟ ଭିତରେ ଫେରି ଆସୁଛି, ଛୁଆଦିହିଁଙ୍କି ନିଦ ଘାରିଲାଣି, କିଛି ମନେ କରିବୁନି'', ଏବଂ ତରବର ହୋଇ ବାହାରିଗଲା ।



Digitized by srujanika@gmail.com

ଚା ଆସିବାକୁ ଅପେକ୍ଷା କରି ବସିଥାଏଁ, ଆଉ ଭାବୁଥାଏଁ ଏଇ ଜଗମୋହନ କଥା । ସାତ ବର୍ଷ ତଳେ, ମୋର ମାସେ ପରେ, ସେ ଫକୀରମୋହନ କଲେଜରେ ଯୋଗ ଦେଇଥିଲା ଇଂରାଜୀ ଅଧ୍ୟାପକ ଭାବରେ । ରୋମାଣ୍ଟିକ୍ ଚେହେରା, ଆଖି ଦୁଇଟା ଗିଳିଯିବା ଆଖି । ସେ କବିତା ଲେଖେ, ଲୋକେ ଭଲ କହନ୍ତି । ଅର୍ଥନୀତି ମୋର ପାଠ । ମୋତେ ସେସବୁ ଅଶ୍ଳୀଳ ଓ ଦୁର୍ବୋଧ୍ୟ ବୋଧ ହୁଏ ।

ପ୍ରଥମ ଦିନ ହିଁ ସେ କି ଛାତ୍ର କି ଅଧ୍ୟାପକ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରି ପାରିଥିଲା । ସେଦିନ ଥାଏ କଲେଜର ସଙ୍ଗୀତ ପ୍ରତିଯୋଗିତା । ଆମେ ଦୁହେଁ ପଙ୍କ୍ତାତଳେ ଆଗ ସିଟ୍ ଦୁଇଟାରେ ପାଖାପାଖି ବସିଥାଉଁ । ଶାନ୍ତା ବୋଲି ଝିଅଟି ଗୀତ ଗାଇବାକୁ ଆସିବା ମାତ୍ରେ ପ୍ରକୋଷ୍ଠ କରତାଳିରେ ପ୍ରକମ୍ପିତ ହେଲା । ସେ ସଙ୍ଗୀତରେ କୁଆଡ଼େ ବରାବର ପ୍ରଥମ ପୁରସ୍କାର ପାଏ । ଝିଅଟିର ଚେହେରା ଯିମିତି ସୁନ୍ଦର, ଗଳା ସେହିପରି ମନୋମୁଗ୍ଧ କର । ଯେଉଁ ଗୀତଟି (ଭଙ୍ଗୀ ଚାହାଁ) ଗାଇଲା, ତାହା ଆହୁରି ମନମତାଣିଆ, ତାଳ ଦେବାକୁ ଏପରିକି ନାଚିବାକୁ ରସିକ ଲୋକର ଇଚ୍ଛା ହବ । ପ୍ରଥମ ଧାଡ଼ିରେ ପେଣ୍ଡାଲକୁ ଲାଗି ଆମେ ଦୁହେଁ ବସିଥିବାରୁ ଗୀତ ଗାଇଲା ବେଳେ ଶାନ୍ତାର ଆଖି କେତେବେଳେ ହୁଏତ ଜଗମୋହନ ଉପରେ ପଡ଼ିଯାଇଥିବ । ଆଖିକି ଆଖି ମିଳିଯିବା ମାତ୍ରେ ଜଗମୋହନର ଅଭାବନୀୟ ପରିବର୍ତ୍ତନ ଲକ୍ଷ୍ୟ କଲି । ତା'ର ଆଖି ବିସ୍ତାରିତ ହେଲା, ଦେହ ଘର୍ମାକ୍ତ ହେଲା ଏବଂ ଗୀତର ତାଳେ ତାଳେ ତାଳି ଦେଇ ଏମିତି ଅଙ୍ଗଭଙ୍ଗୀ ଓ ବ୍ୟବହାର ଦେଖାଇଲା ଯେ ଜଙ୍ଘରେ ହାତ ମାରି ତାକୁ ସଚେତ ଓ ସତର୍କ କରିବାକୁ ପଡ଼ିଲା, ନ ହେଲେ ନିଜେ ତ ଅଡୁଆ ଅବସ୍ଥାରେ ପଡ଼ିଥା'ନ୍ତା, ମୋତେ ବି ଖରାପ ଅବସ୍ଥାରେ ପକାଇଥାନ୍ତା ।

ତଥାପି ସେ ଅସ୍ୱାଭାବିକ ପରିସ୍ଥିତିଟିଏ ଏଡ଼ି ପାରିଲା ନାହିଁ । ପ୍ରତିଯୋଗିତାରେ ଶାନ୍ତା ପ୍ରଥମ ସ୍ଥାନ ଅଧିକାର କଲା । ଜଗମୋହନ ଏତେ ଖୁସୀ ହେଲା ଯେ ନିଜକୁ ସମ୍ଭାଳି ନ ପାରି ହଠାତ୍ ଛିଡ଼ା ହୋଇ କହିଲା ''ଦର୍ଶକମାନଙ୍କ ତରଫରୁ ମୁଁ ଅନୁରୋଧ କରିବି ମିସ୍ ଶାନ୍ତା ଆଉ ଗୋଟିଏ ସଙ୍ଗୀତ ପରିବେଷଣ କରନ୍ତୁ । ଦର୍ଶକମାନେ ମଧ୍ୟ ତା'ର ଏ ପ୍ରସ୍ତାବକୁ କରତାଳି ଦେଇ ସମର୍ଥନ ଜଣାଇଲେ । ଅଗତ୍ୟା ଶାନ୍ତା ଆଉ ଗୋଟିଏ ସଙ୍ଗୀତ (ଏ ବେଶ ହୋଇବ ନାହିଁ) ପରିବେଷଣ କଲା । ଅତ୍ୟନ୍ତ ମର୍ମସ୍ପର୍ଶୀ ହେଲା ଏ ଗୀତଟି, ଅନ୍ତତଃ ଜଗମୋହନ ପାଇଁ ।

ତହିଁ ପରଦିନଠୁଁ ଜଗମୋହନ ତନ୍ଦ୍ରାଳୁିତ ଅବସ୍ଥାରେ ରହିଲା । କଣ ହେଲା ବା କଣ କରିବାକୁ ଯାଉଛି ସେ କିଛି ଜାଣି ପାରିଲା ନାହିଁ । ଏକାନ୍ତରେ ମୋତେ କହିଲା, ପ୍ରଥମ



Digitized by srujanika@gmail.com

ଦର୍ଶନରେ ଶାନ୍ତା ସହିତ ତାର ପ୍ରେମ ହୋଇଯାଇଛି । ଶାନ୍ତାର ଆଖି ଯୋଡ଼ିକ ତାକୁ ମନ୍ତ୍ରମୁଗ୍ଧ କରି ଦେଇଛି । ତାର ନିଜର ଚାହାଣି ଅସ୍ୱଚ୍ଛ ଓ ନିଷ୍ପ୍ରଭ ହେଲା, ଚାଲିଚଳନ ଓ ଭାବଭଙ୍ଗୀରେ ଅନ୍ୟମନସ୍କତା ପରିଲକ୍ଷିତ ହେଲା ।

ଆଶ୍ଚର୍ଯ୍ୟ କଥା, ଶାନ୍ତାର ଆଚରଣରେ ମଧ୍ୟ ଅନୁରୂପ ପରିବର୍ତ୍ତନ ତାର ସାଙ୍ଗସାଥୀ କାହିଁକି କଲେଜ ପିଲାଏ ମଧ୍ୟ ଲକ୍ଷ୍ୟକରି ପାରିଲେ । ଗାର୍ଲସ କମନ୍‌ରୁମ୍ ଆଗ ଦେଇ ଜଗମୋହନ ବାରମ୍ବାର ଯିବା ଆସିବା କରିବାର ଯିମିତି ଲକ୍ଷ୍ୟ କରାଗଲା କମନ୍‌ରୁମ ଦରଜା ପାଖରେ ଛିଡ଼ା ରହି ସତୃଷ୍ଣ ନୟନରେ ଜଗମୋହନ ଗତିବିଧିକୁ ଶାନ୍ତା ଲକ୍ଷ୍ୟ କରୁଥିବାର ମଧ୍ୟ ଦେଖାଗଲା । କେତେଦିନ ପରେ ଟିଉଟରିଏଲ ରୁଟିନ ବଦଳ ହେଲା ଏବଂ ଜଗମୋହନ ଶାନ୍ତାର ଯେତିକଯାକ ଟିଉଟରିଏଲ ନେଲା । ଶାନ୍ତାର ସନ୍ଦେହ ମୋଚନ ପାଇଁ ଜଗମୋହନର ଯିମିତି ଆଗ୍ରହ, ସନ୍ଦେହ ଉପସ୍ଥାନ ପାଇଁ ଶାନ୍ତାର ସିମିତି ଔତ୍ସୁକ୍ୟ, କ୍ଲାସରେ ସମସ୍ତେ ନଜର କଲେ । ପିଲାମାନଙ୍କ ଆଖିକୁ କେଉଁ ଝିଅ ବା ଅଧ୍ୟାପକ ଏଡ଼ାଇ ପାରିବ ? ବହି ଆଦାନ ପ୍ରଦାନ ମଧ୍ୟ ଚାଲିଲା ଦୁହିଁଙ୍କ ମଧ୍ୟରେ । ଏପରିକି କଲେଜ ଫେରିବା ବାଟରେ ଦୁହେଁ କେବେ କିମିତି କଥାବାର୍ତ୍ତା କରୁଥିବାର ମଧ୍ୟ ଦେଖାଗଲା ।

ତା'ପରେ ସହରରେ ଯେଉଁଠି ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହେଲା ସେଠାକୁ ଗୀତ ଗାଇବା ପାଇଁ ଶାନ୍ତାକୁ ଡକରା ପଡ଼ିଲା ଏବଂ ଜଗମୋହନ ସେ ସବୁ ଅନୁଷ୍ଠାନରେ ନିଶ୍ଚିତ ଭାବରେ ଉପସ୍ଥିତ ଥିବାର ଦେଖାଗଲା । ତିନିମାସ ଭିତରେ କଥା ଏତେ ଦୂର ଗଲା ଯେ ବ୍ଲାକବୋର୍ଡ଼ କାନ୍ଥ ପାଚେରୀରେ ଦିହିଙ୍କ ନାଆଁ ଯୋଡ଼ା ହୋଇ ଲେଖା ସବୁ ବାହାରିଲା । ଏପରିକି ଅଧ୍ୟକ୍ଷ ଦିହିଙ୍କି ପୃଥକ ପୃଥକ ଡାକି ତାକିଦ୍ କରିଦେଲେ । ହେଲେ ଝିଅ ବା ପୁଅ କାହାରି ଉପରେ ଏ ତାକିଦ୍‌ର କିଛି ପ୍ରଭାବ ପଡ଼ିଲା ନାହିଁ ।

ଦିନେ ମୁଁ ଜଗମୋହନକୁ ରୋକଠୋକ କହିଲି, ''ଜଗମୋହନ । ତୁ ଏ ଧନ୍ଦା ଛାଡ଼ । କୁକୁର ବିରାଡ଼ି ପରି ଦାଣ୍ଡ ଘାଟରେ ପ୍ରେମ କରିବା ଛାଡ଼ି ଦେ । ଯଦି କବିତା ଲେଖିବା ପାଇଁ ନିହାତି ରୋମାଣ୍ଟିକ ପ୍ରେମ ଦରକାର, ତେବେ ତୁ କବିତା ଲେଖା ଛାଡ଼ିଦେ । ଯଦି ଶାନ୍ତାକୁ ବାହା ହେବାର ଇଚ୍ଛା, ତେବେ ବାପାଂକୁ କହ ସେ ବିବାହର ବ୍ୟବସ୍ଥା କରିଦେବେ । ବାଣୀବିହାରରେ ବି ସେମିତି ଝିଅଙ୍କ ପଛରେ ଲାଗିଥିଲୁ ।

ଜଗମୋହନ କହିଲା, 'ମୁଁ ବାପାଙ୍କୁ ଜାଣେ । ସେ ମୋ ପାଇଁ କେଉଁଠି ଏକ ନିପଟ ମଫସଲୀ ଯୋଗାଡ଼ କରୁଥିବେ । ମୁଁ ନିଷ୍ପତ୍ତି କରିଛି ଶାନ୍ତାକୁ ବାହାହେବି, ଏକ କଥା ମୋର - ଶାନ୍ତା ନୁହେଁ ତ ଆଉ କେହି ନୁହେଁ ।



Digitized by srujanika@gmail.com

ଗ୍ରୀଷ୍ମ ଛୁଟି ଆସିଲା । ଏମ୍ବାସାଡ଼ାର କାରଟାଏ ଆସି ଜଗମୋହନକୁ ନେଇଗଲା । କଲେଜ ଥଣ୍ଡା ପଡ଼ିଲା । ଆପାତତଃ କୁହା ଓ ଗୁଜବର ପରିସମାପ୍ତି ହେଲା । ଛୁଟି ପରେ ଜଗମୋହନ ଆଉ କଲେଜକୁ ଫେରି ନାହିଁ । କେହି ତା' କଥା ମନେ ପକାଇଲେ ନାହିଁ । ଛୁଟିରେ ମୋର ବାହାଘର ହେଲା । ନିମନ୍ତ୍ରଣ ପତ୍ରଟାଏ ଦେଇଥିଲି, ସେ ପାଇଲା କି ନାହିଁ ଜାଣିଲି ନାହିଁ । ଏଇ ସାତବର୍ଷ ତା ସାଙ୍ଗରେ ମୋର ସମ୍ପର୍କ ନାହିଁ ।

ଚା' ଚୁମୁକେ ପିଇ ମୁଣ୍ଡଟା ଚା' କପରୁ ଉଠାଇଛି କି ନାହିଁ ଦେଖିଲି ଜଗମୋହନ ବୀର ପରି ପ୍ରବଶେ କରୁଛି । କେବିନ୍‌ର ପରଦାଟା ଟାଣି ଦେଇ ମୋ ସାମନା ଚେୟାରରେ ବସିଗଲା ଓ କ'ଣ ଗୁଡ଼ାଏ ଜଳଖିଆ ବରାଦ ଦେଲା । ଆମେ ଯଥାସମ୍ଭବ ନିରୋଳା ହେଲୁ ଏବଂ ସାତବର୍ଷ ବ୍ୟବଧାନର ଦୁଇମୁଣ୍ଡକୁ ଟାଣିଓଟାରି ଯୋଡ଼ିବାକୁ ଚେଷ୍ଟା କଲୁ ।

ଜଗମୋହନ ପ୍ରଥମେ ଆରମ୍ଭ କଲା, ''ମୁଁ ଗୋଲାର୍ଦ୍ଧ ବୁଲି ଆସିଲି ଏଇ ସାତ ବର୍ଷରେ । ଇଉଲିସିସ୍‌ର ଭ୍ରମଣକାହାଣୀ । ଫକୀରମୋହନରୁ ସୁନ୍ଦରଗଡ଼, ସେଠୁ ସମ୍ବଲପୁର, ତା'ପରେ ବଲାଙ୍ଗୀର ଏବଂ ସେଠୁ ଜୟପୁର ରାଉରକେଲା । ଡ଼ି.ପି.ଆଇ.ଙ୍କ ଦୟା ଥିଲେ ଆଉ ସାତବର୍ଷକୁ ସର୍କଲ ପୁରା ପୂରିଯିବ ।''

''ବୁଲିଲୁଣି ତ ବହୁତ । ଏ ଅନିନ୍ଦ୍ୟ ସୁନ୍ଦରୀ ହେଲେନ୍‌କୁ ଯୋଗାଡ଼ କଲୁ କେଉଁଠୁ ?''

''ମୁଁ ଯୋଗାଡ଼ କରିନାହିଁ । ବାପା ଯୋଗାଡ଼ କରି ଦେଇଛନ୍ତି । ଆମରି ଭୁବନେଶ୍ୱର ପାଖ ଏକ ଗାଁରୁ, ଆମରି ଦୂରସମ୍ପର୍କିତ ଏକ ସାଧାରଣ ପରିବାରରୁ । ପଢ଼ାପଢ଼ି ବି ସେମିତି କମ୍ ।''

''ସେ କେମିତି ସମ୍ଭବ ହେଲା ? ବାପାଙ୍କ ପସନ୍ଦରେ ତୋର ବି ପସନ୍ଦ ! ବିନା ପ୍ରେମ, ରୋମାନ୍‌ସରେ ତୁ ବାହାହେବୁ ଏ ଧାରଣା ମୋର ନ ଥିଲା । ତମେ ସାହିତ୍ୟକ ଦଳ ଏକ ରୋମାଣ୍ଟିକ ଜାତି । ଲାଭ୍ ଏଟ୍ ଫାଷ୍ଟ ସାଇଟ୍, ଆଖୋଁ ଆଖୋଁ ମେ, ଚାରିଚକ୍ଷୁ ମିଳନ ଏମିତି କେତେ କଥା ଅଛି । ପ୍ରଥମେ ଆଖିକୁ ଆଖି, ତା'ପରେ ପ୍ରେମ, ତା'ପରେ ବିବାହ । ବାପା ଯୋଗାଡ଼ କରିବେ, ପୁଅ କିମିତି ବାହା ହେବ ?''

''ସେ ଆଦର୍ଶ ଫକୀରମୋହନ କଲେଜ ପର୍ଯ୍ୟନ୍ତ ଥିଲା । ବାପା ମୋର ସବୁ କାହାଣୀ ଯିମିତି ଶୁଣିଲେ, ସିମିତି ମୋଟର ପଠାଇ ଧରାଇ ନେଲେ ଗ୍ରୀଷ୍ମଛୁଟି ହେବା ଦିନ । ତାପରେ ଯେଉଁ ଗାଳି ଭର୍ତ୍ସନା ।''



Digitized by srujanika@gmail.com

''ବାପାଙ୍କୁ କହିଲୁ ନାହିଁ ତୋର ଇତିବୃତ୍ତ ?''

ମୁଁ କହିଲି ସବୁକଥା ଖୋଲି । କହିଲି, ଝିଅଟି କେଡ଼େ ସୁନ୍ଦରୀ, କେତେ ଗୃହକର୍ମନିପୁଣା, ସଙ୍ଗୀତପ୍ରିୟା ଏବଂ ସଦ୍‌ବଂଶଜା, ପାହିଆ ଅଛି ମଧ୍ୟ ତା ବାପାଙ୍କର । କହିଲି, ବିବାହ ପାଇଁ ମୁଁ ପ୍ରତିଶ୍ରୁତିବଦ୍ଧ । ମୁଁ ବାହା ନ ହେଲେ ସେ ଝିଅ ପାଗିଳୀ ହୋଇଯିବ, ଆତ୍ମହତ୍ୟା କରିପାରେ ମଧ୍ୟ । ବାପା ସବୁ କଥା ଶୁଣିଲେ, ମାତ୍ର ତାଙ୍କଠୁଁ ବଳି ଛିଦ୍‌ଖୋର ପାଷାଣ ହୃଦୟ କେହି ଦୁନିଆରେ ନ ଥିବେ । ଖୁବ୍ ରାଗିଯାଇ ତାଙ୍କୁ କହିଲି, ତୁମେ ପୁରୁଣାକାଳିଆ ମରହଟ୍ଟି ଲୋକ, ପ୍ରେମ ବୋଲି ଚିଜ ତମ ଅମଳରେ ନ ଥିଲା, ନିଜେ ତମେ ବାଲ୍ୟବିବାହ କରିଥିଲ । ତମେ ଜାଣି ପାରିବ ନାହିଁ ଆଧୁନିକ ଯୁଗର ପ୍ରଣୟୀ ହୃଦୟ । କି ଦୁଃଖ କି ଯନ୍ତ୍ରଣା ସେମାନେ ନ ଭୋଗନ୍ତି ଏଇ ପ୍ରେମ ପାଇଁ ।''

''ତୋ ବାପା ଠେଙ୍ଗାରେ ତୋ ମୁଣ୍ଡ ଫଟାଇ ଦେଇ ନାହାନ୍ତି ତ । ଖୁବ୍ ସାହସ ତୋର ଦେଖୁଛି ।''

''ମାଆଙ୍କୁ ମୁଁ କହିଲି, ଯଦି ସେ ଝିଅ ସହିତ ବିବାହରେ ବାପା ରାଜି ନ ହୁଅନ୍ତି ତେବେ ମୁଁ ଘର ଛାଡ଼ି ଚାଲିଯିବି, ନ ହେଲେ କଣ ନା କ'ଣ କରିବସିବି । ମାଆ ବି ବାପାଙ୍କ ପଛରେ ଚାଲିଲେ । ମୁଁ ଏବେ ବି ଆଶ୍ଚର୍ଯ୍ୟ ହେଉଛି ଏ ସବୁ କଥା କିମିତି ସେମାନଙ୍କୁ କହି ପାରିଲି । ମନର ଘୋର ଅନ୍ଧକାରମୟ ଅବସ୍ଥାରେ ମୁଁ କିଂକର୍ତ୍ତବ୍ୟବିମୂଢ଼ ହୋଇ ଯାଇଥିଲି । ମଣିଷ ପ୍ରେମ ନାଆଁରେ ବି.ଏ. ଏମ୍.ଏ. ପଢ଼ି ବି ଏମିତି ପାଗଳଙ୍କ ଭଳି ପ୍ରଳାପ କରିପାରେ ?''

''ସେମାନେ ତୋ ବିବାହ କେଉଁଠି ଠିକ୍ କରି ସାରିଥିଲେ ବୋଧ ହୁଏ ? ନ ହେଲେ ଏମିତି ଏକଜିଦିଆ ହୁଅନ୍ତେ ନାହିଁ ।''

''ମୋତେ ସିମିତି ଜଣାଗଲା । ମୋର ସଂକଳ୍ପର ଦୃଢ଼ତା ଅନୁଭବ କରି ସେମାନେ ଅନନ୍ୟୋପାୟ ହୋଇ ମୋତେ ଗାଡ଼ିରେ ନେଇ ଏକ ଦୂରସମ୍ପର୍କିତା ମାଉସୀ ଘରେ ଛାଡ଼ିଦେଲେ । ମୋର ମନର ଅବସ୍ଥା ସେତେବେଳକୁ କହିଲେ ନ ସରେ । ଚିନ୍ତା ମୋ ଛାତିକୁ କୋରି ଦେଉଥାଏ । ମଉସା ମାଉସୀ ମୋତେ ବହୁତ ବୁଝାଇଲେ ଏବଂ ଯେଉଁ ଝିଅ ସହିତ ମୋର ବିବାହ ସ୍ଥିର ହୋଇଛି ତା'ରି କଥା କହିଲେ । ତାଙ୍କ ମତରେ ବିବାହ ସବୁ ଦୃଷ୍ଟିରୁ କାମ୍ୟ । ଗରିବ ଘର; ହେଲେ ଟଙ୍କା ଆମର କ'ଣ ଦାରକାର ? ମୁଁ ସେମାନଙ୍କ ପ୍ରତି କଥାର ଉତ୍ତରରେ ଶାନ୍ତାର ରୂପ-ଗୁଣର ଉଲ୍ଲେଖ କରୁଥାଏଁ । ଶେଷରେ ସେମାନେ ବି ଉତ୍ୟକ୍ତ



Digitized by srujanika@gmail.com

ହେଲେ ଏବଂ ଘରଛାଡ଼ି ଚନ୍ଦନଯାତ୍ରା ଦେଖିବା ଆଳରେ ପୁରୀ ଚାଲିଗଲେ ମୋତେ ଆଉ ମୋର ସେହି ଦୂର ସମ୍ପର୍କିତା ଭଉଣୀ ରତ୍ନା ସହିତ ଛାଡ଼ି ଦେଇ, ଯାହା ସାଙ୍ଗରେ ସେମାନେ ମୋର ବିବାହ ସ୍ଥିର କରିଥିଲେ ।

''ତା'ପରେ ଚାରିଚକ୍ଷୁର ମିଳନ ?''

''ଥଟ୍ଟା କର ନାହିଁ । ଜୀବନ ମରଣ ସମସ୍ୟା । ସେମାନେ ସେ ଝିଅକୁ ଇଙ୍ଗିତ ଦେଇଥିଲେ ବୋଧହୁଏ । ରତ୍ନା ମୋତେ ସହଜରେ ଜିଣିନେଲା, କିଣିନେଲା । ମଉସା ମାଉସୀ ଫେରିଲାବେଳକୁ ମୁଁ ବିବାହରେ ସମ୍ମତି ଦେଲି ଏବଂ ଦେବସ୍ନାନ ପୂର୍ଣ୍ଣିମାରେ ଆମର ବିବାହ ସମ୍ପନ୍ନ ହେଲା ।''

''ଆଉ ଶାନ୍ତା ଅବଚେତନ ଅଚେତନ ସ୍ତରକୁ ଚାଲିଗଲା । ତୁ ଏମିତି ପ୍ରେମିକ ! ବନ୍ଧୁ ଆକାରରେ ମୋତେ ନିମନ୍ତ୍ରଣ ପତ୍ର ଖଣ୍ଡିଏ ବି ଦେଲୁନି ? ତୁ ଭାରି ସ୍ୱାର୍ଥପର । ଶାନ୍ତାର କ'ଣ ହେଲା ସେ କଥା କେବେ ଜାଣିବାର ଚେଷ୍ଟା ବି କଲୁନି ?''

''ସବୁ କାମ ତରବରରେ ହେଲା, ସେମାନେ ସବୁ ବ୍ୟବସ୍ଥା କଲେ, ମୋର ତହିଁରେ କର୍ତ୍ତୃତ୍ୱ ନ ଥିଲା । ଶାନ୍ତା କଥା ଭାବିଲେ ମୋତେ ଲାଜ ମାଡୁଛି ମୁଁ କିମିତି ଏତେ ଶୀଘ୍ର ତାକୁ ଭୁଲିଗଲି ।''

''ଆଚ୍ଛା ! ତୁ ତୋ ରତ୍ନାକୁ କେବେ ତୋର ଏ ପ୍ରେମକାହାଣୀ କହିଛୁ ? ତୁ କିମିତି ଆତ୍ମହତ୍ୟା କରିବାକୁ ଯାଇଥିଲୁ ; କହି ନ ଥିବୁ ବୋଧହୁଏ ।''

''ସବୁ କହିଛି ଏବଂ ଚପଳତା ପାଇଁ କ୍ଷମା ମଧ୍ୟ ମାଗିଛି ।''

''ତୁ ତେବେ ବେଶ୍ ସୁଖୀ ଅଛୁ ? ଭଲ ଅଛୁ ?''

''ଭଲ ମାନେ ? ମୁଁ ଏକପ୍ରକାର ସ୍ୱର୍ଗରେ ଅଛି । ରତ୍ନା ମୋତେ ରଜା କରି ଦେଇଛି । ମୁଁ ଯେ କୁଆଡ଼େ ଭାସି ଯାଇଥିଲି ।''

''ଜଗମୋହନ ! ତୁ ପରମ ସୌଭାଗ୍ୟବନ୍ତ ଲୋକ । ରତ୍ନା ଭଳି ସ୍ତ୍ରୀ, ଅଶ୍ୱିନୀକୁମାର ପରି ପୁଅ, ପୁଣି ତାଙ୍କ ନାଆଁ ? ଶାଢ଼ୀଙ୍କ ?''

''ପଦ୍ମା ।''



Digitized by srujanika@gmail.com

''ବାଃ ! ପଦ୍ମଫୁଲଟି ତ ! ଦେଖ ଜଗମୋହନ, ଶାନ୍ତାଠି ପ୍ରେମ ଆରମ୍ଭ ହୋଇ ଯିମିତି ଶେଷ ହେଲା, ସିମିତି ରତ୍ନାଠି ଆରମ୍ଭ ହେଇ ପଦ୍ମାଠି ଯିମିତି ଶେଷ ନ ହୁଏ । ତୋର ପ୍ରଥମ ଦର୍ଶନରେ ପ୍ରେମ ଦ୍ୱିତୀୟ ଦର୍ଶନ ବେଳକୁ ନ ଥାଏ ।''

''ଥଟ୍ଟା ଟିକିଏ ବେଶି ହୋଇ ଯାଉଛି । ଛାଡ଼ ବାଜେ କଥା । ସୁନ୍ଦରଗଡ଼ରେ ଆମର ପ୍ରଥମ; ବଲାଙ୍ଗୀରରେ ଦ୍ୱିତୀୟର ଜନ୍ମ ।''

ଜଗମୋହନ ଆଉ କାପେ ଚା' ବରାଦ କଲା । କହିଲା, ମୁଁ ତ ତୁମ୍ଭକରେ ମୋ କଥା ସବୁ କହିଗଲି । ତୋତେ ମନେ ମନେ ମୁଁ ବହୁତ ଖୋଜୁଥିଲି, ଆଜି ପାଇଗଲି । ଛାତି ଉଶ୍ୱାସ ହେଲା । ଆବେଗରେ ଭାସି ଯାଇ ତୋ କଥା କିଛି ପଚାରି ନାହିଁ । ମୋତେ ଆଗ କହ ତୁ ଏଠି କିମିତି ?''

''ମୁଁ ବଦଳି ହୋଇ ଆସିଛି । ଦୁଇଦିନ ହେଲା ଆସିଲି ଏଇ କଲେଜକୁ । ଏ ବର୍ଷ ଏଠି ଆର୍ଟସ ଖୋଲିଛି । ସୋମବାର ଦିନ ଜଏନ୍ କରିବି ।''

''ତୁ କ'ଣ ଏଇ ସାତ ବର୍ଷ ଯାକ ସେଇ ଏଫ.ଏମ୍. ରେ ଥିଲୁ ?''

''ହଁ, ଦଶ ବର୍ଷ ରହିବା ଲୋକ ବି ଅଛନ୍ତି । ଧରାଧରି ...''

''ରହିଛୁ କେଉଁଠି ? ଘର ପାଇଛୁ ? ଏଠି ଘର ପାଇବା ବଡ଼ ମୁସ୍କିଲ ପାଠ । ଯଦି ବା ମିଳେ ଭଡ଼ା ଖୁବ୍ ବେଶି ।''

''ମୁଁ ଜାଣେ । ଏଠି ସାନଭାଇ ଅଛି । ଉଣେଇଶ ନମ୍ବରରେ ।''

''ଘର କଥା ତ କିଛି କହିଲୁ ନାହିଁ ?''

''କହିବାର କ'ଣ ଅଛି ? ସବୁ ମାମୁଲି ।''

'ତଥାପି ।''

''ତଥାପି ଫେର୍ କ'ଣ ? ଜଗମୋହନ, ତୁ ଭଲ କରି ଜାଣିଛୁ ମୁଁ କେମିତି ମଣିଷ । ପୂରାପୂରି ଏଣ୍ଟି ରୋମାଣ୍ଟିକ । ମୋ ଜୀବନରେ ରୋମାନ୍‌ସ ନାହିଁ । ଯାକୁ ଛାଡ଼ି ତାକୁ ଧରି ବିଚାର ନାହିଁ । ପୂରା ଗଦ୍ୟମୟ ମୋ ଜୀବନ । ଜଣେ ସାହେବ ଲୋକ କହିଛି ପ୍ରତି ପଚାଶ ଜଣରେ କେବଳ ଜଣେ ଲୋକ ଜୀବନରେ କେବେ କବିତାର ନାମ ଧରେ ନାହିଁ । ସେ ଜଣକ ହେଉଛି ଅର୍ଥନୀତିର ଅଧ୍ୟାପକ ।



Digitized by srujanika@gmail.com

''ତୁ ନିଜକୁ ଗାଳି ଦେଉଛୁ ନା ମୋତେ ଗାଳି ଦେଉଛୁ ? ଏଥର ଦୟା କରି ଘର କଥା କହ ।''

''ତୋତେ ପ୍ରଥମେ ଆଶ୍ଚର୍ଯ୍ୟ ଲାଗିବ ଏ ଲୋକଟା ପ୍ରେମ ନ କରି କିପରି ବାହାହେଲା । ତେବେ ତୁ ତ ନିଜେ ଜୋରଜବରଦସ୍ତ ବିବାହରେ ଖୁବ୍ ସୁଖୀ ଅଛୁ ବୋଲି କହିଲୁ । ମୋର ବି ବିବାହ ବାପା ମାଆ ବନ୍ଦୋବସ୍ତ କରିଛନ୍ତି । ମୋର ଥିଓରି ହେଲା, ଜଣେ ନାରୀ ଆଉ ଜଣକ ପରି ଭଲ ଅଥବା ଖରାପ । ଭାଗ୍ୟ ସବୁ । ବିନା ଚକ୍ଷୁରେ ତ ଅନ୍ଧ ଅନ୍ଧୁଣୀ ସୁଖୀ । ଆଗ ସେକ୍ସ ତା'ପରେ ପ୍ରେମ ।''

''ତୁ ମୋତେ ଦେଖି ଟିକିଏ ଅଫ୍ ମୁଡ୍ ହୋଇଗଲୁ ବୋଧହୁଏ । ମୁଁ ତୋ ଘରସଂସାର ପିଲାପିଲି କଥା ପଚାରୁଛି ତୁ ମୋତେ ଗାଳି ଦେଇ ଚାଲିଛୁ ।''

''ଶୁଣ ତେବେ । ମୁଁ ବି.ଏ. ପଢୁଥିବା ଗୋଟିଏ ଝିଅକୁ ବାହା ହୋଇଛି । ଦେଖିବାକୁ ତୋ ଆଖିରେ ଖୁବ୍ ରୋମାଣ୍ଟିକ ହେଲେ ବି ମୋ ଆଖିରେ 'ମନ୍ଦ ନୁହେଁ' କିସମର । ଆମର ବି ଦୁଇ ପୁଅ । ହଠାତ୍ ବାହାଘର ହୋଇଗଲା । ଯେଉଁ ଗ୍ରୀଷ୍ମଛୁଟିରେ ଆମେ କଲେଜ ଛାଡ଼ିଲୁ ସେଇ ଛୁଟିରେ । ଶୁଣି ଆଶ୍ଚର୍ଯ୍ୟ ହେବୁ ତୋ ଶାନ୍ତାର ବି ସେଇଦିନ ବାହାଘର ହୋଇଗଲା । ନିମନ୍ତ୍ରଣ ପଠାଇଥିଲି । ଗ୍ରୀଷ୍ମଛୁଟିରେ କିଏ ଫୋପାଡ଼ି ଦେଇଥିବ ।''

''ଶାନ୍ତାର ବାହାଘର ! କେଉଁଠି, କାହାକୁ ବାହା ହେଲା ।

''ପୁରୁଣା ପ୍ରକୃତି ତୋର ଏବେ ବି ଛାଡ଼ି ନାହିଁ । ସେ ବାହା ହେଲାଣି, ପିଲାଝିଲା ଜନ୍ମ କଲାଣି ହୁଏତ ପର ଘରେ ଯାଇ । ତୁ ନିଜେ ଏଡ଼େ ସୁନ୍ଦର ସ୍ତ୍ରୀ ପାଇଛୁ, ଶାଳୀ ପାଇଛୁ, ତଥାପି ଶାନ୍ତା ନାଆଁଟା ଶୁଣିଲା ବେଳକୁ ଏମିତି ଅଧୈର୍ଯ୍ୟ ହେଉଛୁ, ଉଲୁସି ଉଠୁଛୁ ! ଦେଖୁଛି ତାକୁ ପାଇଲେ ଏହିକ୍ଷଣି ନିଜ ସ୍ତ୍ରୀକୁ ଛାଡ଼ି ତାକୁ ବାହା ହୋଇ ପଡ଼ିବୁ ।''

''ଶାନ୍ତାକୁ ମୁଁ ପୂରା ଭୁଲିଯାଇଛି । ସତରେ କେଡ଼େ ଆଶ୍ଚର୍ଯ୍ୟ ।''

''ତେବେ ଆଉ କାହିଁକି ଶାନ୍ତା କଥା ? ନିଜ ସ୍ତ୍ରୀ ପ୍ରତି ଦ୍ରୋହ ଆଚରଣ ହେବ । ଏତିକି ଜାଣିଥା', ସେ ଯେଉଁଠି ଅଛି ରଦ୍ଧା ପରି ଭଲରେ ଅଛି । ତୁ ତ ତାର ସର୍ବନାଶ କରି ଦେଇଥିଲୁ ପ୍ରାୟ । ବାହାହୋଇ ଶାନ୍ତା କ'ଣ ତୋତେ ଆଉ ମନେ ପକାଉଥିବ ଭାବୁଛୁ ? ଏତିକି ହେଉ ତା' ବିଷୟରେ ।''

ତା' ଖିଆ ସରିଲା । ଆମେ ଉଠିଲୁ । ଜଗମୋହନ ଗଲାବେଳେ କହିଲା ''ଆଜି ଏତିକି । କାଲି ଶନିବାର ଅଛି । ଠିକଣାଟା ଦେ । ଦେଖେଁ ଯଦି ତୋ ଘରକୁ ଯାଇ ପାରିବି ।''



Digitized by srujanika@gmail.com

''ପାରିବି କ'ଣ କହୁଛୁ ? ଆସିବୁ ତ । ମିସେସ୍‌କୁ ଧରି କାଲି ପାଞ୍ଚଟାକୁ । ଟା'କୁ ନିମନ୍ତ୍ରଣ ରହିଲା, ସାଲିପୁର ମିଠା ଯେତେ ଖାଇବୁ ଦେବି । ମୁଁ ଅପେକ୍ଷା କରିଥିବି । ମୋର କ୍ୱାଟର ନମ୍ବର ୧୪୭, ଏ ବ୍ଲକ, ସେକ୍ଟର ନାଇନଟିନ ।''

ତହିଁ ପରଦିନ ଠିକ୍ ପାଞ୍ଚଟାରେ ଜଗମୋହନ ଓ ତାର ସ୍ତ୍ରୀ ପହଞ୍ଚିଲେ । ଜଗମୋହନକୁ ମୁଁ ଭର୍ତ୍ସନା କଲି କାହିଁକି ସେ ତା' ଦୁଇ ପୁଅକୁ ସାଙ୍ଗରେ ନ ଆଣିଲା ।

ଡ୍ରଇଁ ରୁମ୍‌ରେ ସେମାନେ ବସିଲେ । ଘର ଭିତରକୁ ପଶିଯାଇ ଟା' ଜଳଖିଆର ବ୍ୟବସ୍ଥା କରି ଆଣିବାକୁ କହି ଆସିଲି ।

କୁଶଳ ମଙ୍ଗଳ ପ୍ରଶ୍ନୋତ୍ତର ପରେ ମୁଁ ଗାମ୍ଭୀର୍ଯ୍ୟର ଛଳ କରି ଆରମ୍ଭ କଲି ରତ୍ନାଦେବୀଙ୍କୁ ଚାହିଁ - ''ଆପଣ ଏ ମୂର୍ତ୍ତିକୁ ଚିହ୍ନିଲେଣି ? ଭଲ କରି ତାକୁ ଜାଣିଲେଣି ?''

ରତ୍ନାଦେବୀ କହିଲେ, ''ସାତ ବର୍ଷରେ ଯାହା ଜାଣିଛି ।''

''କ'ଣ ଜାଣିଛନ୍ତି ? କାଲି କେଣ୍ଟିନ୍‌ରେ ଦେଖା ହେଲାବେଳେ 'ଶାନ୍ତା' 'ଶାନ୍ତା' ଭଜୁଥିଲା । ଶାନ୍ତା କିଏ ଜାଣନ୍ତି ?'

''ଜାଣେ ୟାଙ୍କର ... ...''

''ସେତିକି କ'ଣ ଯଥେଷ୍ଟ ? ତାଙ୍କର ସମସ୍ତ କ୍ରିୟାକାଣ୍ଡ ଜଣାଅଛି ? ୟାକୁ କେବେ ହାତଛଡ଼ା କରିବେନି । ଗଣ୍ଠି ଫିଟିଛି ତ ପାଇବେ ନାହିଁ । ମହା ରୋମାଣ୍ଟିକ୍ ଲୋକ । ଆଖି ଦି'ଟା ସହିତ ଆଉ କେଉଁଠି କେବେ କାହା ଆଖି ମିଳିଛି ତ ରକ୍ଷା ନାହିଁ । ୟାକୁ ନେଇ ଘରସଂସାର କରି ପାରୁଛନ୍ତି ତ । ରୋମାଣ୍ଟିସିଜିମ୍ ଏକ ରୋଗ ।''

''ଜାଣେ । ଏ ଯାକେ ଠିକ୍ ଚାଲିଛି ତ । ପଛକୁ କ'ଣ ହେବ କିଏ କହିବ ?''

''କିମିତି ସମ୍ଭବ ହେଲା ?''

''ଡେଣା କାଟି ଦେଲେ ଚଢ଼େଇ କେତେ ଦୂର ଉଡ଼ିବ ?''

ଜଗମୋହନ ମୋ ଆଡ଼କୁ ସନ୍ଦିଗ୍ଧ ଚକ୍ଷୁରେ ଚାହିଁଲା, ସତେ ଯିମିତି ଚାହୁଁଥିଲା ଏ ସବୁ କଥାର ଅବତାରଣା କାହିଁକି ?

ମୁଁ ପୁଣି ଆରମ୍ଭ କଲି, ''ଆପଣ ଏତିକି ଜାଣିଥାନ୍ତୁ, ଏଇ ଜଗମୋହନ ଦିନେ ଗୋଟିଏ ଜୀବନ ନଷ୍ଟ କରି ଦେଉଥିଲା । ଚାରି ମାସ ଧରି କଲେଜ ହୁଲସ୍ଥୁଲ । ଦିନ ରାତି



Digitized by srujanika@gmail.com

'ଶାନ୍ତା' 'ଶାନ୍ତା' ଭଜି ଆତ୍ମହତ୍ୟା କରିବ ବୋଲି ପ୍ରତିଶ୍ରୁତି ଦେଇଥିଲା । ସେ ଝିଅ ବି କୁଆଡ଼େ ପାଖରେ ଟିକ୍-ଟୁଏଣ୍ଟି ରଖିଥିଲା । ଯେତେ ବୁଝାଇଲେ କେହି କାହାକୁ ଛାଡ଼ିବାକୁ ପ୍ରସ୍ତୁତ ନ ଥିଲେ । ସେ ଝିଅର ବଦନାମ ହୋଇଗଲା । ଏତେ ବଦନାମ ଥିବା ଝିଅକୁ କିଏ ବାହାହେବ ?

''ଆପଣ ତ ଜାଣିଥିବେ ସେ ଝିଅ ବାହା ହେଲାଣି ନା ନାହିଁ ?''

''ବାହା ହେଲା ପରା । କାଲି ଜଗମୋହନକୁ କହିଛି, ମୋ ବାହାଘର ଦିନ ତା'ର ବି ବାହାଘର । ହେଲେ ତା' ବାପାକୁ ନଗଦ ଦଶ ହଜାର ଓ ସ୍କୁଟରଟାଏ ଜୋଇଁକି ଦେବାକୁ ପଡ଼ିଲା ।''

ଜଗମୋହନ ପଚାରିଲା, ''କିଏ ସେ ଜୋଇଁ ? କଣ କରନ୍ତି ?''

''ପୁଣି ଆଗ୍ରହ । ତୋ'ର ଠିକ୍ ଓଲଟା ପ୍ରକୃତିର ଲୋକକୁ ସେ ବାହା ହେବାକୁ ବାଧ୍ୟ ହେଲା । ଦେଖିବାକୁ ଅସୁନ୍ଦର, ନିହାତି ମଫସଲୀ କହିଲେ ଚଳେ । ସିନେମା, ଥିଏଟର, ନାଚ ଗୀତ, ତାମସା କିଛି ସେ ଭଲ ପାଏ ନାହିଁ । ଯାହାକୁ କହନ୍ତି ନିପଟ ପ୍ରୋଜାଇକ୍ । ବିଚାରୀ । ଜୀବନଟା ତାର ନଷ୍ଟ ହୋଇଗଲା ।''

ରତ୍ନାଦେବୀ କହିଲେ, ''ଠିକ୍ ହୋଇଛି । ଝିଅର ଯିମିତି ପ୍ରକୃତି ସେମିତି ଫଳ ସେ ପାଇଛି ।''

ଏତିକିବେଳେ ଚା' ଜଳଖିଆ ନେଇ ମୋ ସ୍ତ୍ରୀ ପ୍ରବେଶ କଲେ । ଯେମିତି ଜଗମୋହନକୁ ଦେଖି ଦେଇଛନ୍ତି, ସେମିତି ସେ ଚମକି ପଡ଼ିଲେ ଏବଂ ସିଙ୍ଗଡ଼ା ଗୋଟାଏ ଦୁଇଟା ତଳେ ପଡ଼ିଗଲା ଓ ଚା' କପରୁ ଉଛୁଳି ପ୍ଲେଟରେ ପଡ଼ିଲା । ଜଗମୋହନ ବି ସେମିତି ଚମକିଲେ ଏବଂ ତାଙ୍କ ପାଟିରୁ ବାହାରି ପଡ଼ିଲା ''ଶାନ୍ତା, ତମେ ?''

ମୁଁ କହିଲି, 'ସେ ଏଠାକୁ ଆସିଛନ୍ତି ।''

ଜଗମୋହନ ପଚାରିଲା, ''ଶାନ୍ତା । ତୁମେ ଏଠି କିମିତି ? କେଉଁଠି ଅଛ ? କିମିତି ଅଛ ?'' ଏମିତି ଏକା ନିଶ୍ୱାସରେ ଗୁଡ଼ାଏ ପ୍ରଶ୍ନ ।

ଶାନ୍ତା କହିଲେ, ''ଯେଉଁଠି ଦେଖୁଛନ୍ତି ସେଇଠି ମୁଁ ଅଛି ଏବଂ ବେଶ୍ ଭଲ ଅଛି ।''

''ଏମାନେ କ'ଣ ସମ୍ପର୍କ ହୁଅନ୍ତି । ଏଠି କ'ଣ କାମ ଥିଲା ?''



Digitized by srujanika@gmail.com

''ଏମାନେ ମୋର ଘନିଷ୍ଠ ସମ୍ପର୍କ । ଏଠି ମୋର ଅନେକ କାମ । ଯା'ଙ୍କରି ପାଖରେ ଥାଏଁ, ଯେଉଁଠାକୁ ବଦଳି ହୁଅନ୍ତି ସେଠାକୁ ଯାଏଁ । ରୋଷେଇବାସେଇ କରେଁ, ଛୁଆ ପିଲା ପାଳେ ।''

ଜଗମୋହନ ପଚାରିଲେ, ''ଆଉ ଗୀତ ଫୀତ ଗାଅ ନାହିଁ ? ପ୍ରୋଜାଇକ୍ ହୋଇଯାଇଛ ବୋଧହୁଏ ।''

''ନା, ନା ଗୀତ ଗାଇ ଦୁଇ ପୁଅଙ୍କୁ ଶୁଆଏଁ । ଯାଙ୍କୁ ବି କେଳେ ବେଳେ ଗୀତ ଗାଇ ଚିଡ଼ାଏଁ, ବିରକ୍ତ କରେଁ । ଗୀତ ତାଙ୍କୁ ଭଲ ଲାଗେ ନାହିଁ ।''

ମୋତେ ଅନାଇ ରତ୍ନାଦେବୀ ପଚାରିଲେ, ''ଆପଣ ଏମିତି ସ୍ତ୍ରୀଙ୍କି ନେଇ ଦିନ କାଟୁଛନ୍ତି କିପରି ? ସିଏ ପରା ଆଉ କାହାପାଇଁ ଆତ୍ମହତ୍ୟା କରିବାକୁ ଯାଇଥିଲେ ? ଯାଙ୍କୁ ସମ୍ଭାଳୁଛନ୍ତି କିପରି ?

'ଡେଣା କାଟି ଦେଇ ଯିମିତି ଆପଣ ସମ୍ଭାଳିଛନ୍ତି ଜଗମୋହନଙ୍କୁ ।''

''ଜୁଲାଇ ମାସରେ ଆପଣ ଆମକୁ ଏପ୍ରିଲ ଫୁଲ୍ କଲେ ଦେଖୁଛି । ଆଚ୍ଛା, ଆପଣ ତ ଜାଣିଥିଲେ ଶାନ୍ତା କିମିତି ପ୍ରକୃତିର ଝିଅ, ତଥାପି ଜାଣିଶୁଣି କିମିତି ବାହାହେଲେ ?''

''ତାଙ୍କ ବାପାଙ୍କ ପାଖରୁ ନଗଦ ଦଶ ହଜାର ଆଉ ସ୍କୁଟରଟାଏ ପାଇଲି ଝିଅର ଦୁଷ୍ଟାମି ଓ ମାଙ୍କଡ଼ାମି ବାବଦ ।''

ଶାନ୍ତା ମୋ ଉପରେ ପଡ଼ି କହିଲେ, ''ମିଛ କହୁଛ । ବାପା ତୁମକୁ କିଛି ଦେଇ ନାହାନ୍ତି ।''

''ତେବେ ସେ ତୁମକୁ କାହିଁକି ବାହାହେଲେ ?''

''ତାଙ୍କୁ ପଚାର ।''

ମୁଁ କହିଲି, ''ଅସଲ କଥା ହେଲା ଯେଉଁ ଝିଅଗୁଡ଼ାକ ପ୍ରଥମ ଜୀବନରେ ଏମିତି ଟିକିଏ ରୋମାଣ୍ଟିକ୍ ବେଆଡ଼ିଆ ହୁଅନ୍ତି, ସେମାନେ ପଛ ଜୀବନରେ ଭାରି ବଢ଼ିଆ ଗୃହିଣୀ ହୁଅନ୍ତି, ବୋଧହୁଏ ନିଜ ଅପକର୍ମର ପ୍ରାୟଶ୍ଚିତ କରିବାକୁ ଯାଇ । ତା'ଛଡ଼ା କେଉଁ ଝିଅ କେବେ କାହାକୁ ଚାହିଁଦେଲା ବା କାହା ସାଙ୍ଗରେ ପଦେ କଥାବାର୍ତ୍ତା ହେଲା ତାକୁ ଦଣ୍ଡ ଦେବା ବ୍ୟବସ୍ଥା



Digitized by srujanika@gmail.com

ମୋ ପରି ପ୍ରୋଜାଇକ୍ ଲୋକ ଦେଇ ହବ ନାହିଁ । ଶାନ୍ତାକୁ ତୁମେ ବାହା ହବ ଜଗମୋହନ ? ମୁଁ ଛାଡ଼ିଦେବାକୁ ପ୍ରସ୍ତୁତ ।''

''ଯାଃ, କଣ ନା କ'ଣ କହୁଛ, ମଥା ଠିକ୍ ଅଛି ତ ?'' ଶାନ୍ତା ମୋତେ କହିଲେ ।

''ମୋର ଆପତ୍ତି ନାହିଁ ।'' ରତ୍ନା କହିଲେ ।

''ଯାଃ ! କ'ଣ ନା କ'ଣ କହୁଛ, ମଥା ଠିକ୍ ଅଛି ତ ?'' ଜଗମୋହନ ଓ ଶାନ୍ତା ପରସ୍ପରକୁ ଚାହିଁଲେ । ଚାରିଚକ୍ଷୁର ପୁଣି ମିଳନ ହେଲା । ମାତ୍ର ସେ ଚାହାଁଣିରେ ପ୍ରେମ ନ ଥିଲା, ଥିଲା ରହସ୍ୟ ଓ ବିସ୍ମୟ ।

ମୁଁ ରତ୍ନା ଦେବୀ ଆଡ଼କୁ ଚାହିଁ ହୋ ହୋ ହସି କହିଲି, 'ଏ ଦୁହେଁ ପରସ୍ପରକୁ ନ ପାଇଲେ କୁଆଡ଼େ ଆତ୍ମହତ୍ୟା କରିବେ ବୋଲି କହୁଥିଲେ !''



Digitized by srujanika@gmail.com

# ମୁଖାଗ୍ନି

ଗଲା କେତେ ଦିନ ହେଲା ବାପାଙ୍କ ମୁଣ୍ଡରେ କ'ଣ ଗୋଟାଏ ଖିଆଲ ପଶିଛି, ଝୁଙ୍କ ଉଠିଛି, ସଞ୍ଜ ହେଲା ମାତ୍ରେ ଖୁବ୍ ଆଦର ଶରଧାରେ କୁଛେଇ କୁଛେଇ ଡ଼ାକିବେ ''ବାପା ବ୍ରଜ ! ଟିକିଏ ପାଖକୁ ଆସିବୁ ?''

ମୁଁ ଜାଣେ ତାଙ୍କର କିଛି ସେମିତି କହିବାର ନାହିଁ, ତଥାପି ବୁଢ଼ାଟା କାହିଁକି ଶେଷବେଳକୁ ମନଦୁଃଖ କରି ବସିବ, ସେଥିପାଇଁ ଯାଏଁ । ଛଅମାସ ହେଲାଣି ପଡ଼ିଛନ୍ତି । ସବୁବେଳେ ଓଃ, ଆଃ, କୁଛ, ଖଣ୍ଡିକାଶ । ନିଦ ପ୍ରାୟ ହୁଏ ନାହିଁ ବୋଧହୁଏ । ମୋର ସବୁବେଳେ ଭୟ, ପାଚିଲା ପତ୍ର, କେତେବେଳେ ଖସିପଡ଼ିବ । ମୁଁ ହୁଏତ ପ୍ରସ୍ତୁତ ନ ଥିବି ।

ଯାଇ ପାଖ ପହଞ୍ଚିଲେ ଛଣ ଦଉଡ଼ି ଖଟଟାରୁ ଗୋଟିଏ କଡ଼କୁ ଟିକିଏ ଘୁଞ୍ଚି ଯିବାର ଅଭିନୟ କରନ୍ତି, କହନ୍ତି ''ବସ୍ ବାପା ବସ୍ ।'' ବସିଲାମାତ୍ରେ ବିକୃତ ମସ୍ତିଷ୍କର ସେଇ ଗୋଟିଏ ଅଦ୍ଭୁତ ଉଦ୍ଭଟ ଉଭଟ ପ୍ରଶ୍ନ - '' ତୁ ମୁଖାଗ୍ନି ଦେବୁ ନା ?''

ମୋତେ ସେଇ ପ୍ରଶ୍ନଟି ଶୁଣି ଶୁଣି ଏତେ ବିରକ୍ତ ଲାଗିଲାଣି ଯେ କହିଦେବା ପାଇଁ ଇଚ୍ଛା ହୁଏ, ''ତୁମେ କାହିଁକି ଏମିତି ବ୍ୟସ୍ତ ହେଉଛ, ମୁଁ ମୁଖାଗ୍ନି ଦେବି କି ତୁମେ ଦବ, ସେକଥା କିଏ କହି ପାରିବ, ବାପ ଆଗ ଯିବ କି ପୁଅ ଆଗ ଯିବ ।''

ଦଣ୍ଡେ ପରେ ମୋଠାରୁ କିଛି ଉତ୍ତର ନ ପାଇ ପୁଣି କହନ୍ତି ''ତୁ ଥଟ୍ଟା ଭାବନି ବାପା ! ମୁଁ ଜାଣିସାରିଲିଣି ମୋର ଆଉ ବେଶି ଦିନ ନାହିଁ । ଏଇ ଭୋଦୁଅରେ ମୋର ମରଣ, ଜ୍ୟୋତିଷ କହିଛି । ତୁ ମତେ ଆଗ କହ ତ , ସବୁ ସଜଡ଼ା ସବୁଡ଼ି ସାଇତାସାଇତି କରି ରଖିଲୁଣି ନା ନାହିଁ ମୁଖାଗ୍ନି ପାଇଁ, ଦାହ ପାଇଁ ?

ମୁଁ ଚିଡ଼ି ଯାଇ ଏଥର କହିଲି, ''ମଣିଷ ଆଗ ମଲେ ଯାଇ ସିନା ସତ୍କାର ବିଧି ବ୍ୟବସ୍ଥା କରାଯାଏ !'' ବଞ୍ଚିଥିଲାବେଳେ, ନାଡ଼ି ଛାତି ଧକ୍‌ପକ୍ ହେଉଥିବା ଯାଏ, କେଉଁ ପୁଅ ବାପାର ମୁଖାଗ୍ନି ବା ଦାହକ୍ରିୟାର ବ୍ୟବସ୍ଥା କରେ ଭଲା ? ତୁମେ ଏବେ ଖାଲି ଅକଥା କୁକଥା କହୁଛ । ତୁମ ମଥା ଖରାପ ହେଲା । ତୁମେ ଚୁପ୍ ରହ । ମୁଁ ପରା ତୁମ କଥାକୁ ମାନି କୁଆଡ଼େ ଯାଉନି, ତୁମ ପାଖେ ପାଖେ ଜଗି ରହିଛି । ଘରେ ଲୁଣ ଅଛି ତ ତେଲ ନାହିଁ, ମୁଢ଼ି ଅଛି ତ ପାଣି ନାହିଁ ।



Digitized by srujanika@gmail.com

''ମୁଁ ତ ସେଇ କଥା କହୁଛି, ବେଳ ଥାଉଁ ଥାଉଁ ସବୁ ବ୍ୟବସ୍ଥା କରି ରଖିଥିଲେ ତୁ ହଇରାଣ ହରକତ ହବୁ ନାହିଁ । ତେଲ, ଲୁଣ, ମୁଢ଼ି, ଭାତ ନ ହେଲେ ଚଳିବ, କିନ୍ତୁ କାଠ ନ ଥିଲେ ? ଅସଲ କଥା ରହିଲା କାଠ ପାଖରେ । ବର୍ଷାଦିନ । କାଠର କି ବ୍ୟବସ୍ଥା କରିଛୁ ମୋତେ ଆଗ କହ ।''

ରାଗ ମୋର ମେଣ୍ଟି ନ ଥାଏ । କହିଲି, ''ମୁଁ ବାପା ତୁମ ପାଇଁ ଚନ୍ଦନ କାଠ ଯୋଗାଡ଼ କରିପାରିବି ନାହିଁ । ସେ କାଳରେ ଲୋକ ଶସ୍ତାରେ ଅଗୁରୁଚନ୍ଦନ ଘରପାଖ ଜଙ୍ଗଲରୁ ପାଉଥିଲେ ବୋଲି ପିତୃପୁରୁଷଙ୍କ ଶବ ସେଥିରେ ଦାହ କରୁଥିଲେ । ଏବେ ପ୍ରକୃତ ଚନ୍ଦନ କାଠ କିଏ ଦେଖିଛି ନା ବଡ଼ ଠାକୁରେ ଗୁଆଘିଅ ଶୁଙ୍ଘିଛନ୍ତି ? ତୁମେ ବାପା ସେ ଘିଅଚନ୍ଦନ ଆଶା ଛାଡ଼ । ଦେଖିବା, ସେତେବେଳେ ଯାହା ମିଳିବ, ଲୋକେ ତ ଫେର୍ ... ...

''ମୁଁ ତ ସେଇ କଥାକୁ ଡରୁଛି ବାପା । ଶ୍ରାବଣ ଭୋଦୁଅରେ ପାପୀମାନେ ମରନ୍ତି । ତାଙ୍କ ଶବ ଝଡ଼ିବର୍ଷାରେ ଭଲ ଦାହ ହୋଇପାରେ ନାହିଁ । ଭଲ ଭସ୍ମ ହୋଇ ନ ପାରି ପ୍ରେତଗୁଡ଼ାକ କାଶୀବଣରେ ଓଲଟା ଝୁଲୁଥାନ୍ତି, ତାଙ୍କର ଆତ୍ମାଗୁଡ଼ାକର ମୋକ୍ଷ ପ୍ରାପ୍ତି ନାହିଁ । ସେଇଥି ପାଇଁ ଦିହଟାକୁ କାଠରେ ଭଲ କରି ପୋଡ଼ି ଭସ୍ମକୁ ଗଙ୍ଗାରେ ବିସର୍ଜନ କରିବାର ବ୍ୟବସ୍ଥା ପୂର୍ବପୁରୁଷେ କରି ଯାଇଛନ୍ତି । ମୁଁ ବର୍ଷାଝଡ଼ି ଦିନରେ ମରିବି, ଭଲ କାଠ ନ ମିଳିଲେ ଦରପୋଡ଼ା ରହିଯିବି । ତୁ ଆଗ କାଠ କଥା କୁଆଡ଼େ ବୁଝାବୁଝି କରି, ଯାହା ଦାମ ହେଉ ଆଣି, ଏଇଠି ଘରପିଣ୍ଡାରେ ରଖିଥା ।''

ମୁଁ କହିଲି, ''କାଠ ଚିନ୍ତା ମୋତେ ଲାଗିଲା ବାପା, ତୁମେ ଧୀର ସ୍ଥିର ହୋଇ ଭଗବାନଙ୍କୁ ଚିନ୍ତାକର । କିଛି ନ ମିଳିଲେ ଢିଙ୍କି , ଢିଙ୍କିଗଡ଼ ଆଉ ମୂଷଳ ତ ଅଛି । ଧାନ କୁଟାକୁଟି ତ କେତେ ବର୍ଷ ହେଲା ନାହିଁ ।''

''ବଂଶନାଶ ବେଳକୁ ଘୋଡ଼ାମୁହାଁ ପୁଅ ଜାତ କଥାଟା ତୁ ପ୍ରଥମେ କରିବୁରେ ବ୍ରଜ । ତିନିପୁରୁଷ ହେଲା ସେ ଢିଙ୍କି ଆମକୁ ଦାନା ଦେଇଛି । ଅସଲ ଶାଳ ମଞ୍ଜର ଢେଙ୍କି, ଗଡ଼ଟା ମହୁଲ ଗଛର ଗଣ୍ଡି, ଏବେ ବି କାଟିଲେ ତେଲ ଚିକିଚିକି ବାହାରିବ । ପୂର୍ବପୁରୁଷଙ୍କ ଚିହ୍ନବର୍ଣ୍ଣ ରଖିବୁନାହିଁ ଜାଳିପୋଡ଼ି ଦେବୁ ?''

ମୁଁ ଲଜ୍ଜିତ ହୋଇ କହିଲି, ''ଦି ଶଗଡ଼ କାଠ ନହେଲେ କ'ଣ ଚଳିବ ? ଦଶଟା ଟଙ୍କା ନ ହେଲେ ... ...''



Digitized by srujanika@gmail.com

ମୋ କଥାକୁ କାଟି ଦେଇ ବାପା କହିଲେ, ଏଗୁଡ଼ାକ କି କାଠ ଆଣିବୁରେ ବୁଢ଼ା, ଦଶ ଟଙ୍କାରେ ଦି ଶଗଡ଼ । ଚାକୁଣ୍ଡା ନା ଅମରୀ ନା ଗବ ? ବାପାକୁ ଶେଷରେ ଏମିତି ଠକେଇବୁ ? ତୋ ପାଇଁ କିଛି ରଖି ପାରିଲି ନାହିଁ । ଗରବ ଭିଖାରୀ ବ୍ରାହ୍ମଣ, ଜମି ଗୋଷ୍ଠଦେ ବି ନାହିଁ, ଯଜନ ଯାଜନ କରି ମା'ଛେଉଣ୍ଡ ଗୋଟିଏ ବୋଲି ପୁଅକୁ ବଡ଼ କରିଚି । ତୁ ବି ତ ମୋ ରାହା ଧରିଲୁ । ହେଲେ କୁଡ଼ିଆ ଖଣ୍ଡେ କରୁଛୁ, ର-ଠ କରି ତିନିତିନିଟା ଛୁଆପିଲାଂକୁ ପାଳୁଛୁ । ବାଉଁଶ ଚାଳ ହେଲେ ବି ପାଞ୍ଚପରାଣି ମୁଣ୍ଡ ଗୁଞ୍ଜିଛୁ ।''

ଦେଖିଲି ବୁଢ଼ା କାନ୍ଦ କାନ୍ଦ ହେଉଛନ୍ତି । କହିଲି - '' ମୁଁ ଚାଲିଲି ବାପା ଏଇ ରାତାରାତି । ତୁମ କଥା ହେଲା, ଯେଉଁଠୁ ହେଉ, ଯାହା ଗଛ ହେଉ, ଆଣି ଏଇଠି ତୁମ ଆଖି ଆଗରେ ରଖିଥିବି । ତୁମ କ୍ରିୟାରେ କିଛି ବିଘ୍ନ ହବନି । ତୁମ ଆତ୍ମାକୁ ଶାନ୍ତି ଦେବି ।''

ମୁଁ ନିଜକୁ ଖୁବ୍ ଅପମାନିତ ଭାବୁଥାଏ । ମରିବା କଥା ଓ ମରଣ ପର କଥା ବାପା ଯିମିତି ଗମ୍ଭୀର ଭାବରେ ମାସ ମାସ ଧରି ଭାବି ଚାଲିଛନ୍ତି, ମୁଁ ମୋ ଜୀବଦ୍ଦଶାର ଚିନ୍ତା ସେତିକି କରିଥିଲେ, ଏତେ ଦୁର୍ଗତି ଆମ ଘରର ହୋଇ ନ ଥାନ୍ତା ।

ବାପା ଜାଣନ୍ତି, ଆମ ଘରର ସମ୍ପଦ କଥା । ଘରେ ଯାହା ଥିଲା ଅର୍ଥାତ୍ ମାଆର ସ୍ତ୍ରୀର ବାଙ୍କୁ, ବଟଫଳ, ଖାଡୁଆ, ଚମ୍ପାକଢ଼ି ସେସବୁ ବାପାଙ୍କ ଚିକିତ୍ସା ଓ ପିଲାଛୁଆଙ୍କ ମୁଢ଼ି ଭାତ ଖର୍ଚ୍ଚରେ ଚାଲିଯାଇଛି ।

ମୁଣ୍ଡତଳୁ ମସିଆ ଅଠାଳିଆ ମୁଣିଟିଏ ବାହାର କରି ବାପା ମୋ ହାତକୁ ବଢ଼ାଇ ଦେଇ କହିଲେ, ''ଏଇଠି କେବେ ଟଙ୍କାଏ ମଣ୍ଡାଏ ରଖିଥାଏଁ । ଦେଖ କେମିତି କେତୁଟା ଟଙ୍କା ଅଧୁଲି ଥିବ । ସେତିକିରେ ଦି' ଶଗଡ଼ କାଠ ହୋଇଯିବ ।''

ବାପା ଏ କଥାଗୁଡ଼ାକୁ କହୁଥିଲାବେଳେ ମୁଁ ଭାବୁଥାଏଁ ''ମୋଠୁ ଅଧମ ପୁଅ ଏ ଦୁନିଆଁରେ କିଏ ଅଛି ? ବାପାଙ୍କ ଟଙ୍କାରେ ବାପାଙ୍କୁ ପୋଡ଼ିବି ?''

ବୁଢ଼ାର ମୋ ପ୍ରତି ଜୀବନରେ ଅଶେଷ ସ୍ନେହ । ମାଇଲ ମାଇଲ ଧରି ଖରାବର୍ଷାରେ ଯାଇ କେଉଁଠୁ ଟୋପାଏ ଦୁଧ ପିଲାପାଇଁ ଆଣିବାଠୁ, ଯାହା ଯେଉଁଠି ମିଳିଛି ତାକୁ ନିଜେ ନ ଖାଇ ମୋ ପାଇଁ ପେଟରୁ କାଟି ସେ ରଖିଥାନ୍ତି । ମୋ ଦିହ ଥଣ୍ଡା ହେଲେ ତାଙ୍କ ଦିହରୁ ଉଷୁମ ଦେଇ ମୋ ଦେହ ଗରମ ହେଲେ ତାଙ୍କ ଦିହରୁ ଥଣ୍ଡା ଦେଇ ମୋତେ ସୁସ୍ଥ ରଖିଛନ୍ତି । କାଳେ ତାଙ୍କ ପାଇଁ ମୁଁ ହଇରାଣ ହେବି, ତଣ୍ଟି ପଡ଼ିଗଲେ କାଳେ ତାଙ୍କ ବୁଢ଼ାପୁଅକୁ କିଛି ଉପଦେଶ



Digitized by srujanika@gmail.com

ଦେଇପାରିବେ ନାହିଁ, ସେଇଥିପାଇଁ ସେ ଆଗରୁ ମୋତେ ସତର୍କ ଓ ପ୍ରସ୍ତୁତ କରିବାରେ ଲାଗିଛନ୍ତି । ପଚାଶ ବର୍ଷ ଧରି ଯାହା ବୁଦ୍ଧି ଦେଲେ, ତାହା ଯଥେଷ୍ଟ ନ ହେବାରୁ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ହିତ ଅହିତ ଶୁଣାଉଛନ୍ତି ।

ଯିମିତି ବାପା ଜାଣିପାରିଲେ ଯେ ତାଙ୍କ ପୁଅ ମେଘ ଅନ୍ଧାର ରାତିରେ କାଠ ପାଇଁ କୁଆଡ଼େ ବାହାରି ବସୁଛି, ସେ ସାଙ୍ଗେ ସାଙ୍ଗେ କହିଲେ, ''ବାପା ! ଥାଉ । କାଲି ସକାଳୁ ଯିବୁ । ଦେଖିବୁ ଯେମିତି ମୁଣ୍ଡା ମୁଣ୍ଡା ଗଣ୍ଡିକାଠ ଆସେ । ଭଲ ଜଳିବ, ବେଶି ସମୟ ନିଆଁ ରହିବ ।''

''କେଉଁ କାଠରେ ତୁମର ମନ, କେଉଁ କାଠକୁ ତୁମର ଲୋଭ ମୋତେ ଆଗରୁ କହିଥାଅ । କଥା ପକେଇଛ ତ ମୁଁ ଅଲାଜୁକ ପରି ତୁମକୁ ପଚାରୁଛି ।''

''ଭଲ କଥା ପଚାରୁଛୁ ବ୍ରଜ ! ମୋତେ ବରଂ ପୋତି ଦବୁ, ନଈ-ନାଳରେ ଫୋପାଡ଼ି ଦବୁ, ତେବେ (ଇଉ)କାଲିପଟାସ ବା (ଆ)କାଶିଆ କାଠରେ ପୋଡ଼ିବୁ ନାହିଁ । କୁହୁଳି କୁହୁଳି ଜଳିବ, ଦୁର୍ଗନ୍ଧ ହବ । ଜୀବନଯାକ ଶାଳ, ଅସନ, ମହୁଲ କାଠରେ ରନ୍ଧା ଭାତ ତିଅଣ ଏ ପେଟ ଖାଇଛି । ଆଜି ସେଇ କାଠ ଛଡ଼ା ଆଉ କେଉଁ କାଠରେ ଯଦି ପୋଡ଼ିବୁ, ମୋର ଅନ୍ତବୁଜୁଳା ପୋଡ଼ିବ ନାହିଁଟି, ସାବଧାନ ! ଲୋକଗୁଡ଼ାକ ପାଗଳ ହେଲେ ନା କ'ଣ ? ଶାଳ ପିଆଶାଳ ଜଙ୍ଗଲକୁ କଲିକତା ପଠେଇ ଗେଣ୍ଡୁ ସୁଦ୍ଧା ତାଡ଼ିଦେଲେ । ସେ ଜାଗାରେ ଲଗାଉଛନ୍ତି ବିଦେଶୀ ଗଛ, ଯାହାର ଛାଇ ନାହିଁ କି ଫଳ ନାହିଁ । ଜୀବଜନ୍ତୁ ଚଢ଼େଇଚଟା କେହି ବସା ବାନ୍ଧନ୍ତି ନାହିଁ । କାହିଁ ଘାସ ବି ନଥିବରେ ବ୍ରଜ, ତୋ ପୁଅଝିଅ ଅମଳକୁ ।''

ପରଦିନ ସକାଳେ ବାହାରି ପଡ଼ିଲି ବାପାଙ୍କ ଟଙ୍କାମୁଣି ଧରି । ସର୍ବମୋଟ ତିନି ଚାରୋଟି କୁଡ଼ିଆ ଘରର ସମାବେଶରେ ଆମର ଏ ଗାଁଟି । ନୂଆଗାଁ । ବାପାଙ୍କ କଥା ନ ମାନି ବଣଜଙ୍ଗଲର ବାଘ ଭାଲୁକୁ ଭୟକରି ଏଇ ଟାଙ୍ଗର ଡୁଙ୍ଗୁରି କଡ଼ରେ ଛୋଟ ନାଳଟିକୁ ଆଶ୍ରାକରି ଆମେ ରହିଲୁଣି ଦଶ କୋଡ଼ିଏ ବର୍ଷ ଧରି ।

କୁଡ଼ିଆଟିର ଦକ୍ଷିଣକୁ ଚାହିଁଲେ ପ୍ରାୟ କୋଡ଼ିଏ ପଚିଶ ମାଇଲ ଦୂରରେ ସହର, ଯେଉଁଠି କାଠଗୋଦାମ ଥାଏ, କୋଇଲା ଥାଏ ଏମିତିକି ଇଲେକ୍ଟ୍ରି ଚୂଲୀ ଥାଏ ମୃର୍ଦ୍ଧାର ପୋଡ଼ିବା ପାଇଁ । ପଶ୍ଚିମକୁ ଚାହିଁଲେ ସିମିତି ପ୍ରାୟ ପଚିଶି ତିରିଶ୍ ମାଇଲ ଦୂରରେ ନୀଳରଙ୍ଗର ପାହାଡ଼ ଯାହା ଭିତରେ କୁଆଡ଼େ ବଡ଼ ବଡ଼ ଶାଳ ପିଆଶାଳ ଥାଏ ଏବଂ ସାହସୀ ଶଗଡ଼ିଆ



Digitized by srujanika@gmail.com

କାଠୁରିଆ ଗାର୍ଡମାନଙ୍କୁ ଅଣ୍ଟାଗୁଞ୍ଜା ଦେଇ ଚୋରାରେ କାଠ ସମତଳକୁ ଆଣି ରାତାରାତି ବେପାର ଶେଷକରନ୍ତି ।

ପୂର୍ବ ଦିଗକୁ ପ୍ରାୟ ମାଇଲିଏ ଦୂରରେ ନାଳଟିଏ, ଯାହା ଖରାଦିନେ ବାଲିଚୁଆ ଝରିଥାରେ ଆମକୁ ପାଣି ଢୋକେ ଢୋକେ ଦିଏ ଏବଂ ଯାହା କୂଳରେ ବାପା ଶୋଇବେ ଏବଂ ମୁଁ ଗଣ୍ଡିକାଠ ତାଙ୍କ ଉପରେ ଥୋଇ ମୁଖାଗ୍ନି ଦେବି ।

ବାପାଙ୍କର କପାଳ ଓ ମୋ ଭାଗ୍ୟ, ଦିନେ ରାତିଅଧରେ ଯୋଡ଼ାଏ ଶଗଡ଼ କାଠ ଆସି ଆମ ଘରେ ପହଞ୍ଚିଗଲା । ଭାରି ବଢ଼ିଆ କାଠ । ଖାଲି ଶାଳ ଓ ମହୁଲ । ଦରପୋଡ଼ା ନୁହେଁ ଫମ୍ପା ନୁହେଁ ବା ଉଇଖିଆ ନୁହେଁ । ଜଙ୍ଗଲଗାର୍ଡ଼ କୁଆଡ଼େ ତା ବାପାଙ୍କ ଦାହକ୍ରିୟା ପାଇଁ ଏ କାଠ ରଖିଥିଲେ । ପଇସା ପ୍ରଲୋଭନରେ ଦେଇଦେଲେ ।

ବାପା ବୋଧହୁଏ ଅପେକ୍ଷା କରିଥିଲେ ଏତେଦିନ ଏଇ କାଠ ପାଇଁ । ଡ଼ିବିରି ଲଣ୍ଠନଟା ଧରି ଉଠି ଆସିଲେ ବାହାରକୁ । ମୁଁ ଆଶ୍ଚର୍ଯ୍ୟ ହେଲି ବାପାଙ୍କ ଏତେ ଶକ୍ତି କେଉଁଠୁ କିମିତି ଆସିଲା । ନିଜେ ଭଲଭାବେ ଦଗ୍‌ଧୀଭୂତ ହେବାର ଆଶାରେ ବି ମଣିଷ ଏତେ ଖୁସି ହୁଏ । ଖୁସି ବୋଲି ଖୁସି, ଜୀବନ ବି ହରାଇ ଦିଏ ଖୁସିରେ ।

ତାଙ୍କର ଛାତିର ଦୁକ୍ ଦୁକ୍ ହଠାତ୍ ବନ୍ଦ ହୋଇଗଲା ନା ସେ ଶଗଡ଼ଟାରେ ଝୁଣ୍ଟିପଡ଼ିଲେ ଠାଏଁ, ପଡ଼ିଗଲେ ଏବଂ ଯୋଉଁ ଡିବିରି-ଲଣ୍ଠନଟି ସେ ଜାକି ରଖିଥିଲେ ତାହା ନିଭିଗଲା । ଘରବାହାର ଅନ୍ଧକାର ହୋଇଗଲା । ଅନ୍ଧାରରେ ଗଙ୍ଗାଜଳ ଖୋଜି ବାହାର କରି ଆଣୁ ଆଣୁ ତଣ୍ଟିପାଟି ବନ୍ଦ ହୋଇଯାଇଥିଲା । ଏତେଦିନ ଜଗିବସି ପାଖରେ ଥାଇ ବି ପୁଅର ପ୍ରଥମ ବଡ଼ କର୍ତ୍ତବ୍ୟ - ପାଟିରେ ପାଣି ଦେବା - କରି ପାରିଲି ନାହିଁ ।

ବାସିମଡ଼ା ଯିମିତି ନ କରେ, ସେଥିପ୍ରତି ବାପା ମୋତେ କଥା ପ୍ରସଙ୍ଗ (ତାଙ୍କର ପ୍ରସଙ୍ଗ ସେଇ ଗୋଟିଏ କିମିତି ତାଙ୍କର ମୁଖାଗ୍ନି ଓ ଶବସଂସ୍କାର ହେବ)ରେ ତାକିଦା କରିଥିଲେ । ନିଜେ ମଧ୍ୟ ସେ କାମରେ ଆଗେଇ ଯାଇଥିଲେ । କାଠ ବ୍ୟବସ୍ଥା କରିବାକୁ ବାରମ୍ବାର କହି ସେ ନିଶ୍ଚିନ୍ତ ହୋଇନଥିଲେ । ମୋ ଅଗୋଚରରେ କେତେବେଳେ ମୋ ସ୍ତ୍ରୀକୁ ଡାକି ଯାହା ଚିଜ ଦରକାର ଗୋଟିକି ଗୋଟି ସଜାଇ ଖଟତଳେ ଅନ୍ଧାରିଆ ଜାଗାରେ ସାଇତି ରଖେଇ ଥିଲେ । ନୂଆଲୁଗାଠୁଁ ଘିଅ ସଳିତା, ଖଇକଉଡ଼ି ଯାକେ । କେତୋଟି ତମ୍ବାପଇସା ମଧ୍ୟ ଗୋଟାଏ ପତ୍ରଠୁଙ୍ଗାରେ ଥିଲା ଯାହା ତାଙ୍କ ଶବ ଆଗରେ ଫୋପଡ଼ାଯିବ, କେହି



Digitized by srujanika@gmail.com

ଗୋଟାଇ ନେବାକୁ ଥାଆନ୍ତୁ ନ ଥାଆନ୍ତୁ । ପାଖରେ କେହି ବ୍ରାହ୍ମଣ ଏସବୁ ଅଶୌଚ କର୍ମର ବିଧିବିଧାନ ଜାଣି ନ ଥିଲେ । ତେଣୁ ତାଳପତ୍ର ପୋଥିଖେଦାର ଠିକ୍ ଜାଗା ମୋ ପାଇଁ ଚିହ୍ନିତ କରି ମନ୍ତ୍ରଯନ୍ତ୍ର ଓ କର୍ମକାଣ୍ଡର ଅନୁଷ୍ଠାନ ବିଷୟରେ ନିଶ୍ଚିନ୍ତ ହୋଇଯାଇଥିଲେ ।

ମୋ ସ୍ତ୍ରୀ ଯେତେବେଳେ ଏସବୁ କଥା କହିଲେ, ମୁଁ ବାପାଙ୍କ ମାହାତ୍ମ୍ୟ ଆହୁରି ଭଲ କରି ବୁଝିଲି । ପୁଅ କଣ ତାଙ୍କର ଏଡ଼େ ଅଯୋଗ୍ୟ । ମଲା ବାପାକୁ ଠିକ୍ ଭାବରେ ପୋଡ଼ି ପୋତି ଜାଣିବନାହିଁ ?

ଆମେ କାନ୍ଦି ସାରିଥିଲୁ ବାପା ଯିବା ଆଗରୁ । ପିଲାଝିଲାଏ ଭାଗ୍ୟକୁ ଶୋଇ ଯାଇଥିଲେ । ଝିଅ ଝିଆଣି ବନ୍ଧୁବାସ କାହାକୁ ଖବର ଦେବାର ନଥିଲା ।

ଶଗଡ଼ରୁ କାଠ ଓହ୍ଲାଇବାର ଦରକାର ପଡ଼ିଲାନାହିଁ । ଶଗଡ଼ିଆଏ କହିଲେ ବାପା କାଠର ସାଇଜ୍ ଓ ଚେହେରା ଆଲୁଅ ଟେକି ଭଲ କରି ଦେଖିଛନ୍ତି । ଯାହା ବାପାଙ୍କୁ ଦେବାର ଥିଲା (ଯାହା ଯାହା ବାପା ନେବେ ବୋଲି ଆଗରୁ ସଜାସଜି କରି ରଖିଥିଲେ) ସେସବୁ ସହିତ ବାପାଙ୍କୁ ଓଲଟ ଖଟରେ ଶଗଡ଼ ଉପରେ ଥୋଇ କହିଲି, ଆସ ବାପା ! ଏଥର ଯିବା ।

ପାହାଡ଼ିଆ ନାଳ । ବର୍ଷା ହେଲେ ହଠାତ୍ ପାଣି ମାଡ଼ିଆସି ଜୁଇରେ ପଶିଯିବ । ସେଇ ଭୟରେ ନଈବାଲିରେ ଗାତ ନ ଖୋଳି କୂଳରେ ଢ଼ିପଜାଗାରେ ଦାହ ବ୍ୟବସ୍ଥା କଲି । ଯେଉଁଠି ଯାହା ବୁଦ୍ଧି ଆସୁ ନଥାଏ ବାପାଙ୍କୁ ପଚାରିଦେବି ବୋଲି ଭାବେଁ । କିନ୍ତୁ ବାପା ଯେ ... ... ...।

ଯାହା ଯିମିତି ମନକୁ ଆସିଲା, ଶଗଡ଼ିଆ ଦୁଇଟା ତାଙ୍କ ଅଭିଜ୍ଞତାରୁ ଯାହା କହିଲେ ସେଇ ଅନୁସାରେ ବାପାଙ୍କୁ ଗାଧୋଇ ପାଧୋଇ ନୂଆଲୁଗା ପିନ୍ଧାଇ ତ୍ରିପୁଣ୍ଡକ କପାଳରେ ଲଗାଇଦେଲି । ତାଙ୍କ ମୁହଁ ଦାଉ ଦାଉ ଦିଶିଲା । ପିଣ୍ଡଟିଏ ଧରାଇଦେଲି ଏବଂ ଆଖିବୁଜି ତାଙ୍କୁ ଧ୍ୟାନକରି ଘିଅ ସଳିତାରେ ମୁଖାଗ୍ନି ଦେଲି ।

ଚାହୁଁ ଚାହୁଁ ଆକାଶ ଧୂମମୟ ହେଲା ଏବଂ ଧୂ ଧୂ ହୋଇ ଅଗ୍ନିଶିଖା ପ୍ରଜ୍ୱଳିତ ହେଲା । କି କାଠ । ବାରୁଦ ପରି ଜଳୁଛି । ଲେଲିହାନ ଅଗ୍ନିଶିଖା ଭିତରେ ବାପାଙ୍କ ହସ ହସ ମୁହଁଟି ଦେଉଁଥାଏ, ତାଙ୍କ ଦେହ ବି ମୁକ୍ତ ଆତ୍ମାଟି ବି ସିମିତି ଅନନ୍ତ ଆକାଶର ଊର୍ଦ୍ଧ୍ୱକୁ ଉଠି ଉଠି ଯାଉଥାଏ ।



Digitized by srujanika@gmail.com

କିନ୍ତୁ ଏ କି ଅଘଟଣ । ବାପା ଚାଲି ଯାଉ ନ ଯାଉଣୁଁ କୁଆଡ଼େ ଥିଲେ ପାହାଡ଼ ପରି ମେଘ । ବଜ୍ରବିଦ୍ୟୁତ ଝଡ଼ଝଞ୍ଜା ସହିତ ପ୍ରଳୟଙ୍କରୀ ବର୍ଷା ତୋଫାନ । ଆମେ ଆତଙ୍କିତ ହେଲୁଁ । ଶଗଡ଼ିଆମାନେ ଗାଡ଼ି ଯୋଚି ଘରମୁହାଁ ଧଇଲେ । ମୁଁ ବି ତରବରରେ ଆଉ ଯେଉଁ ଦୁଇଟା ଗଣ୍ଡିକାଠଥିଲା ତାକୁ ଚିତାରେ ଶୁଆଇ ଦେଇ (ବାପାଙ୍କ ଅନ୍ତଗୁଡ଼ାକ ନିଃଶେଷ ହୋଇପୋଡ଼ିବ ଯିମିତି) ଗାଧୋଇପଡ଼ି ଅଶ୍ୱତ୍‌ଥ ବୃକ୍ଷ କୁଣ୍ଡେଇ ଥରି ଥରି ଘରକୁ ଦଉଡ଼ିଲି ।

ମୁଣ୍ଡରୁ ନାକରୁ ସରସର ପାଣି ଝରିଯାଉଥାଏ । ଘର ଭିତରକୁ ପଶିଛି କି ନାହିଁ ତିନିତିନିଟା ପୁଅଝିଅ ମୋ ଆଡ଼କୁ ଧାଇଁ ଆସିଲେ । ମୁଁ ଭାବିଥିଲି ସେମାନେ ସମସ୍ୱରରେ କହିବେ; ''ଜେଜେ କାହିଁ, ଜେଜେ କୁଆଡ଼େ ଗଲେ, ଜେଜେଙ୍କୁ କେଉଁଠି ଛାଡ଼ିଦେଇ ଆସିଲ ?'' କିନ୍ତୁ ପରିବର୍ତ୍ତରେ ସେମାନେ କହିଲେ ''ବାପା ! ଆମେ କଣ ଖାଇବୁ ?'' ''ଭାରି ଭୋକ'' କାଲି ରାତିରେ ବି କିଛି ଖାଇନାହୁଁ ।'' କିଛି ଉତ୍ତର ନ ଦେଇ ପୋଛିପାଛି ହେଉଥାଏଁ ସ୍ତ୍ରୀ ଆସିଗଲେ । ମୁଁ ଭାବିଥିଲି ସେ ପଚାରିବେ ''ମୁଖାଗ୍ନି ଦେଲ ?'' ତା ପରିବର୍ତ୍ତେ କହିଲେ ''ମୁଁ କଣ କରିବି କହିଲ ? ଏ ଛୁଆଗୁଡ଼ାକ ଭୋର ସକାଳଠାରୁ ମୋତେ କଲବଲ କରୁଛନ୍ତି; ଘରେ ନା ଅଛି ମୁଢ଼ି ନା ଅଛି ଚୁଡ଼ା । ଏ ଛୁଆଙ୍କ ଭୋକକୁ ମୋର ଅଳାକୁକ ପେଟ ବି କେଁକାଁ ହେଉଛି ।'' ସେ ବି କାନ୍ଦିବା ପରି ହେଲେ । ଶଶୁରଙ୍କ ମୃତ୍ୟୁରେ ଯେତେ ଶୋକାକୁଳା ନୁହନ୍ତି ପରିସ୍ଥିତିର ତାଡ଼ନାରେ ।

ମୁଁ ଜାଣେ ତାକୁ ଖୁବ୍ ଭୋକ କରୁଥିବ; ତାଙ୍କ ପେଟରେ ପିଲା ଅଛି, ଗୋଟିଏ ପେଟ ନୁହେଁ ଦୁଇଟା ପେଟକୁ ପୋଷୁଛନ୍ତି ସେ । ମୋତେ ଖୁବ୍ ବିରକ୍ତ ଲାଗିଲା । କଣ କରିବି ଭଲା । ଯେ ମଲା ସେ କହୁଛି ମୋତେ ମୁଖାଗ୍ନି ଦିଅ, ଯେଉଁଗୁଡ଼ାକ ବଞ୍ଚିଛନ୍ତି ସେ ବି କହୁଛନ୍ତି ଆମ ପେଟରେ ନିଆଁ ଜଳୁଛି ମୁହଁରେ କାଠ ଦିଅ, ଯେ ଦୁନିଆକୁ ଆସିବ ଆସିବ ହେଉଛି ସେ ବି କହୁଛି ମୋ ମୁଖରେ ନିଆଁ ହେଉ ପାଣି ହେଉ କିଛି ଦିଅ । ପେଟ ପୋଡୁଛି ।''

ସ୍ତ୍ରୀକୁ ପଚାରିଲି ''କଣ ଅଛି କୁହ । କଣ କରିବା ?'' ସେ କହିଲେ ''କିଛି ନାହିଁ, ଅରୁଆ ଚାଉଳ ଦି'ଗଣ୍ଡା କଳସିରେ ପଡ଼ିଛି, ବାପା କାହା ଶ୍ରାଦ୍ଧରୁ ଆଣିଥିଲେ । ଏ ଯେଉଁ ଝଡ଼ିବର୍ଷା ଚାଲିଛି କାହା ଘରକୁ ଯାଇହେବ ନା କିଏ ଆମକୁ ଅଶୌଚରେ କିଛି ଦବ । ତୁମେ ଦି'ଖଣ୍ଡ କାଠ ଯୋଗାଡ଼ କରନ୍ତ କି ମୁଠେ ଫୁଟେଇ ଦିଅନ୍ତି ଓପରଓଳିକୁ ପିତାଭାତ ଖାଆନ୍ତ । ଦିଆସିଲି ବି ନଥିବ ।''



Digitized by srujanika@gmail.com

ପୁଣି କାଠ । ବାପାଙ୍କ କାଠରୁ ଖଣ୍ଡେ ଦି'ଖଣ୍ଡ ରଖି ଦେଇଥିଲେ ହୋଇଥାନ୍ତା । ମୋର ନିଜ ପେଟ କଥା ଚିନ୍ତା କରିପାରୁ ନାହିଁ । କିଏ ମୋତେ ହାତଧରି ଟାଣି ନେଇଗଲା ବାହାରକୁ କୁରାଢ଼ିଟାଏ କାନ୍ଧରେ ଦେଇ ।

ଦୁଃଖ, ଦୁର୍ଦ୍ଦିନ ଓ ଦୁଶ୍ଚିନ୍ତାରେ ମୋର ଚେତାଚୈତନ୍ୟ ପ୍ରାୟ ବୁଡ଼ି ଯାଇଥାଏ । ମୁଁ ଇ ଏକମାତ୍ର ଜୀବ ଯେ ଏ ପ୍ରକୃତିର ତାଣ୍ଡବର ଦ୍ରଷ୍ଟା । ମୃତ୍ୟୁର ଏ ନୃତ୍ୟ ଶେଷରେ ଯିମିତି ମୁଁ ଆଉ ପ୍ରକୃତିର ଶେଷ ହେବ ।

କାଠ ପାଇଁ ମୁଁ ଏବେ ପାଗଳ । ବାପା ଯେମିତି ଶେଷ ବେଳକୁ ବାୟା ହୋଇ ଯାଇଥିଲେ । ଘର ଛପର ବାଉଁଶ ଓ ପାଳ ଏମିତି ଓଦା ଓ ପଚା ଯେ ସେଥିରେ ନିଆଁ ଧରିବ ନାହିଁ । ବାହାର ଦୁନିଆଁରେ କେଉଁଠି କେମିତି ବେଗୁନିଆଁ ଓ ଅମରୀ ବୁଦାଏ ଦି'ବୁଦା ଅଛି । କେଉଁ ଗଛରେ ଶୁଖିଲା ଡାଳ ନାହିଁ । ତୋଫାନରେ ଚଢ଼ିବ କିଏ ? ଭୂଇଁରେ ବି କେଉଁ ଗଛର ଚେର ଦିଶୁ ନାହିଁ । ଅବିରାମ ବର୍ଷାରେ ଭିଜିବା ଯାହା ସାର । ହା' ହତାଶ ହୋଇ ଘରକୁ ଫେରିବି ଭାବୁଛି, ଦେଖିଲି ଦୂରରେ ଯେଉଁଠି ବାପାଙ୍କୁ ମୁଖାଗ୍ନି ଦେଇଥିଲି ସେଇଠି ନିଆଁ ଦପ୍ ଦପ୍ ହୋଇ ଜଳୁଛି । ସନ୍ଧ୍ୟା ହେବାକୁ ବହୁତ ଡେରି ଥିଲେ ବି ପ୍ରାୟାନ୍ଧକାର ।

ଶ୍ମଶାନରେ ପହଞ୍ଚି ଦେଖିଲି ବାପା ଯେତିକି ନିଆଁ ଖାଇବାର ଖାଇ ସାରିଛନ୍ତି ଏବଂ ନିଆଁ ଯେତିକି ମନ ମନେଇ ବାପାଙ୍କୁ ଖାଇବ ଭାବିଥିଲା ଖାଇ ସାରିଛି । ଉଭୟେ ସନ୍ତୁଷ୍ଟ ଓ ପରିପୂର୍ଣ୍ଣ । ଆସିଲାବେଳେ ଯେଉଁ ଦି'ଖଣ୍ଡ କାଠଗଡ଼ ଜୁଇରେ ଲଦି ଦେଇଥିଲି ତାହା ଅଦ୍ୟାପି ଜଳୁଛି । ବର୍ଷା ଚିତାଗ୍ନିକୁ ଲିଭାଇ ପାରି ନାହିଁ ।

ସେ ଦି'ଖଣ୍ଡ ଅର୍ଦ୍ଧଦଗ୍ଧ ଗଡ଼କୁ ଟାଣି ଆଣିଲି ଏବଂ କେତେ କଳସ ପାଣି ଆଣି ଲିଭାଇଦେଲି ନିଆଁ । ମୁଁ ଜୀବନରେ କେବେ କାଠ ଚିରି ନାହିଁ କିନ୍ତୁ; ବାପା ମୁଠାଏ ମୁଢ଼ି ପାଟିରେ ପକାଇ ଶଗଡ଼େ କାଠ ଚିରି ଦେଇ ପାରୁଥିଲେ ଭାତ ଖାଇବା ଆଗରୁ । ତାଙ୍କର ସେଇ ଅଦ୍ଭୁତ ଶକ୍ତି ମନେ ପକାଇ କାଠ ଚିରି ସଂଗ୍ରହ କରିବାରେ ଲାଗିଲି ଏବଂ କିଛି ଦରପୋଡ଼ା କାଠ ଓ ଉହ୍ଲେଇରୁ କିଛି ଜ୍ୱଳନ୍ତ ଅଙ୍ଗାର ନେଇ ଘରକୁ ଫେରିଲି । ଝଡ଼ିବର୍ଷା କମି ଯାଇଥିଲା ।

ମୋତେ ଏ ରୂପରେ ଦେଖି ସ୍ତ୍ରୀ ହୁଏତ ବାପା ଫେରି ଆସିଲେ ଭାବି ଚମକି ପଡ଼ିବେ; ଭୟ ହେଉଥିଲା; ମାତ୍ର ପିଲାଝିଲାଙ୍କ ପେଟ ଓ ତାଙ୍କ ନିଜ ପେଟ ଚିନ୍ତା ତାଙ୍କୁ ଭୂତ ଭୟର ଊର୍ଦ୍ଧ୍ୱରେ ରଖିଥିଲା ।



Digitized by srujanika@gmail.com

ରୋଷେଇ ଆରମ୍ଭ ହେଲା ଏବଂ ନିଆଁ ଜଳିଲା ପରେ ସ୍ତ୍ରୀଙ୍କୁ ପଚାରିଲି, ''କିମିତି ମଡ଼ା ଗନ୍ଧ ଆସୁଛି ନା ?'' ସେ କହିଲେ ''ଅନେକ ସମୟ ଧରି ମଶାଣୀ ନିଆଁ ପାଖରେ ଥିଲ ଓ ସେଇ ଗନ୍ଧ ନାକରେ ରହି ଯାଇଥିବ ।''

ଖୁସି ଲାଗିଲା ଯେ ସଞ୍ଜ ପୂର୍ବରୁ ଆମେ ସମସ୍ତେ ଏକାଠି ବସି ପିତାଭାତ ଖାଇଲୁଁ, ବାପାଙ୍କ ସଂଗୃହୀତ ଅରୁଆ ଚାଉଳ ମୁଠାରୁ ।

ଚାଉଳିଆ ତତଲା ଭାତ ଚୋବାଇ ଖାଇଲା ବେଳେ ଜୀଅନ୍ତା ଅଙ୍ଗାର କୁଢ଼ରୁ କୁଢ଼ରୁ ଖାଇଲା ପରି ଲାଗୁଥାଏ ।

ବାପାଙ୍କ ମୁଖାଗ୍ନି ପାଇଁ ଯେଉଁ କ୍ଲେଶ ଓ କ୍ଲାନ୍ତି ସହ୍ୟ ଓ ଅନୁଭବ କଲି ତାର ଶେଷରେ ବାପାଙ୍କ ଖାଲି ଖଟିଆରେ ପଡ଼ି କେବଳ ଗୋଟିଏ କଥା ଭାବୁଥାଏ; ମୁଁ ବାପାଙ୍କୁ ମୁଖାଗ୍ନି ଦେଲି ନା ବାପା ମୋତେ ମୁଖାଗ୍ନି ଦେଲେ ।



Digitized by srujanika@gmail.com